ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar



ପ୍ରଥମ ୧୦ ଖେଳାଳି ତାଲିକାରୁ ସିନ୍ଧୁ ବାଦ୍ |୧୧



ଖୁବ୍‌ଶୀଘ୍ର ହୋଇପାରେ ବିବାହ |୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୦୭ Vol. 20 No-07 29 MARCH 2023 WEDNESDAY BHUBANESWAR ବୁଧବାର, ୨୯ ମାର୍ଚ୍ଚ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ପାନ୍-ଆଧାର ଲିଙ୍କ୍ ଅବଧି ବଢିଲା

ନୂଆଦିଲ୍ଲୀ, ୨୮।୩: ପୁଣି ବଢିଲା ଆଧାର କାର୍ଡ ସହ ପାନ୍‌କାର୍ଡ ଲିଙ୍କ୍ ଅବଧି। ଏହାର ଶେଷ ତାରିଖ ପୂର୍ବରୁ ମାର୍ଚ୍ଚ ୩୧ ରହିଥିବାବେଳେ ଏବେ ଏହାକୁ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କରଦାତାମାନେ ଜୁନ୍ ୩୦ ମଧ୍ୟରେ ପାନ-ଆଧାର ଲିଙ୍କ୍ କରିପାରିବେ । ୫ମ ଥରପାଇଁ ଏହି ଅବଧି ବୃଦ୍ଧି କରାଯାଇଛି । ତେବେ ଏଥିପାଇଁ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ।

### ଆଜି ପବିତ୍ର ଅଶୋକାଷ୍ଟମୀ

ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ବୁଧବାର ହେଉଛି ପବିତ୍ର ଅଶୋକାଷ୍ଟମୀ। ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଏହି ଅବସରରେ ଅନୁଷ୍ଠିତ ହେବ । ଏଥିପୂର୍ବରୁ ମଙ୍ଗଳବାର ସପ୍ତମୀ ତିଥିରେ ନେତ ଉତ୍ସବ ଅବସରରେ ରଥ ପ୍ରତିଷ୍ଠା କରାଯାଇଛି । ମହାପ୍ରଭୁ ଲିଙ୍ଗରାଜଙ୍କ ସନ୍ଧ୍ୟା ଆଳତୀ ପରେ ମରିଚି କୁଣ୍ଡରୁ ପ୍ରଥମ ଗରା ପାଣି ଆଣି ପୂଜା କରାଯିବା ସହ ରଥ ପ୍ରତିଷ୍ଠା କରାଯାଇଥିବା ସୂଚନା ମିଳିଛି ।

### ପୁରୀରେ ଟ୍ରେନ୍ ଲାଇନ୍‌ଚ୍ୟୁତ

ପୁରୀ, ୨୮।୩(ଭାସ୍କର ନ୍ୟୁଜ): ପୁରୀ ରେଳଷ୍ଟେସନରେ ପୁରୀ-ଗୁଣପୁର ଟ୍ରେନ୍ ପଛକୁ ଫେରୁଥିବାବେଳେ ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି । ଏହାର ଦୁଇଟି ବଗି ଲାଇନଚ୍ୟୁତ ହୋଇଛି । ତେବେ ସେତେବେଳେ ବଗିରେ କେହି ଯାତ୍ରୀ ନଥିବାରୁ କୌଣସି ଅଘଟଣ ଘଟିନାହିଁ । ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି ।

ସେନ୍‌ସେକ୍ସ: ୫୭,୬୧୩.୭୨
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

**୨୭।୩ର ମତାମତ**

ବିରୋଧୀଦଳ ଏକତା ମୋଦୀ ସରକାର ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ କି ?




**ଆଜିର ପ୍ରସଙ୍ଗ**

ପାନ୍-ଆଧାର ଲିଙ୍କ୍‌ବେଳେ କାର୍ଡଧାରୀଙ୍କୁ ଜରିମାନା ଭରିବା କୁହାଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଆଇଏନ୍‌ଏସ୍ ଚିଲିକାରେ ପ୍ରଥମ ବ୍ୟାଚ୍ ପାସିଂଆଉଟ୍ ପରେଡ୍

# ସାମିଲ ହେବେ ୨୫୯୭ ଅଗ୍ନିବୀର



**ଅଗ୍ନିବୀରଙ୍କ ମଧ୍ୟରେ ୨୭୩ ମହିଳା ସାମିଲ**
**ଦେଶର ସୁରକ୍ଷା ପାଇଁ ଲଢିବାକୁ ଆହ୍ୱାନ**
**ଅଭିବାଦନ ଗ୍ରହଣ କଲେ ନୌସେନା ମୁଖ୍ୟ**
**ଭାରତୀୟ ଅଲିମ୍ପିକ୍ସ ସଂଘ ସଭାପତି ଉପସ୍ଥିତ**

ଚିଲିକା/ଭୁବନେଶ୍ୱର, ୨୮।୩(ଭାସ୍କର ନ୍ୟୁଜ): ସାରା ଦେଶରେ ନୌସେନା ଅଗ୍ନିବୀରଙ୍କ ପ୍ରଥମ ବ୍ୟାଚ୍ ତାଲିମ ଶେଷ ହୋଇଛି । ଏହି କ୍ରମରେ ମଙ୍ଗଳବାର ଆଇଏନଏସ ଚିଲିକାରେ ପ୍ରଥମ ବ୍ୟାଚ୍ ନୌସେନା ଅଗ୍ନିବୀରଙ୍କ ପାସିଂଆଉଟ୍ ସମାରୋହ ଅନୁଷ୍ଠିତ ହୋଇଛି । ଏହି ପାସିଂଆଉଟ ପରେଡରେ ନୌସେନା ମୁଖ୍ୟ ଆଡମିରାଲ ଆର.ହରିକୁମାର ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଦେଶର ସୁରକ୍ଷା କ୍ଷେତ୍ରରେ ନୌସେନାର ଏକ ପ୍ରମୁଖ ଭୂମିକା ରହିଛି । ଏ କ୍ଷେତ୍ରରେ ନୌସେନାରେ ସାମିଲ ହେବାକୁ ଥିବା ଅଗ୍ନିବୀରମାନେ ଦେଶମାତୃକାର ସୁରକ୍ଷା ପାଇଁ ପ୍ରତିବଦ୍ଧ ହେବା ଜରୁରି । ଭାରତ ପାଇଁ ବର୍ତ୍ତମାନ ବିପଦ ସାଜିଛନ୍ତି ଦୁଇ ପଡ଼ୋଶୀ ରାଷ୍ଟ୍ର ଚୀନ୍ ଓ ପାକିସ୍ତାନ । ପାକିସ୍ତାନ ଆତଙ୍କବାଦୀମାନଙ୍କୁ ତାଲିମ ଦେଇ ଭାରତରେ ଜଘନ୍ୟ ହିଂସାକାଣ୍ଡମାନ ଭିଆଉଥିବାବେଳେ ଚୀନ୍ ଭାରତର ସୀମାରେ ଥିବା ଜମିକୁ ନିଜର ବୋଲି ଦାବି କରି ଅଘଟଣ ଘଟାଉଛି । ଏ କ୍ଷେତ୍ରରେ ଦେଶର ସୁରକ୍ଷା ପାଇଁ ସମସ୍ତେ ଜଣେ ଜଣେ ବୀର ଭାବେ ଲଢିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ, • ପୃଷ୍ଠା ୮ ଦେଖନ୍ତୁ

## ଯୁକ୍ତ ଦୁଇ ପରୀକ୍ଷାରେ ବିଭ୍ରାଟ

# ୧୨ ଉତ୍ତର ଖାତା ଗାଏବ !




ବାରିପଦା, ୨୮।୩(ଭାସ୍କର ନ୍ୟୁଜ): ଯୁକ୍ତ ଦୁଇ ପରୀକ୍ଷାର ସାହିତ୍ୟ ବିଷୟର ୧୨ଟି ଉତ୍ତର ଖାତା ଗାଏବ ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି । ଛତ୍ରପୁର ସରକାରୀ ବିଜ୍ଞାନ କଲେଜରୁ ଚିଠି ଆସିବା ପରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଶ୍ରୀମା କଲେଜ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନ ନେଇ ତାରିଖ ଧାର୍ଯ୍ୟ ହୋଇ ନଥିବାବେଳେ ଖାତା ପ୍ୟାକେଟ କିପରି ଖୋଲିଲା। ଏହାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଲାଗି ରହିଛି । ମିଳିଥିବା ସୂଚନାରୁ ପ୍ରକାଶ ଯେ ଶ୍ରୀମା ମହିଳା ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ରୁମ୍ ନଂ-୯ରେ ୨୪ଜଣ ଛାତ୍ରୀ ପରୀକ୍ଷା ଦେଉଥିଲେ । ସେଥିରେ ଶ୍ରୀମା କଲେଜର ୧୨ ଓ ଝାନ୍‌ସୀରାଣୀ କଲେଜର ୧୨ ଛାତ୍ରୀ ସାମିଲ ଥିଲେ। ପରୀକ୍ଷା ସରିବା ପରେ ଖାତା ପ୍ୟାକେଟକୁ ସେଣ୍ଟର ସୁପରିଟେଣ୍ଡେଣ୍ଟ, ଏକ୍‌ଜାମିନେସନ ହେଡ୍, ଅବଜରଭର ଏବଂ ପିଅନଙ୍କ ଉପସ୍ଥିତିରେ ସିଲ କରାଯାଇଥିଲା । ତାପରେ ବାରିପଦାସ୍ଥିତ ଏମପିସି କଲେଜରେ ହୋଇଥିବା ହବ୍‌କୁ ଖାତା ଯାଇଥିଲା । ସେଠାରୁ ଖାତାଗୁଡ଼ିକ ସିଧାସଳଖ ଛତ୍ରପୁର ସରକାରୀ ବିଜ୍ଞାନ କଲେଜକୁ ପଠାଯାଇଥିଲା । ତେବେ ଚଳିତମାସ ୧୭ ତାରିଖରେ ଛତ୍ରପୁର ସରକାରୀ ବିଜ୍ଞାନ କଲେଜରୁ ଶ୍ରୀମା କଲେଜକୁ ଏକ ଚିଠି ଆସିଛି, ଯେଉଁଥିରେ ୧୨ଟି ପରୀକ୍ଷା ଖାତା ଗାଏବ ହୋଇଥିବା ଉଲ୍ଲେଖ କରାଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଗାଇଡଲାଇନ ଅନୁଯାୟୀ ପରୀକ୍ଷା ଖାତାଗୁଡ଼ିକ ଭାଲ୍ୟୁଏସନ ସେଣ୍ଟରକୁ ପଠାଯାଇଥିଲା । ଏହାସତ୍ତ୍ୱେ ଖାତା କିପରି ଗାଏବ ହେଲା ତାକୁ ନେଇ ସନ୍ଦେହ ଉପୁଜିଛି । ପ୍ରଶ୍ନ ଉଠୁଛି, ଯୁକ୍ତଦୁଇ ଖାତା ମୂଲ୍ୟାୟନ ପାଇଁ ତାରିଖ ଘୋଷଣା ହୋଇନାହିଁ କିମ୍ବା ଜୋନାଲ ସୁପରଭାଇଜର ନିଯୁକ୍ତ ହୋଇନାହାନ୍ତି । ତେବେ ପରୀକ୍ଷା ଖାତା ପ୍ୟାକେଟ ଖୋଲିଲା କିଏ ? ଛତ୍ରପୁର ସରକାରୀ ବିଜ୍ଞାନ କଲେଜ କର୍ତ୍ତୃପକ୍ଷ ଖାତା ଗାଏବ ହୋଇଛି ବୋଲି ଜାଣିଲେ କେମିତି ? • ପୃଷ୍ଠା ୮ ଦେଖନ୍ତୁ

## ପୋଷ୍ଟମାଷ୍ଟର ନିଯୁକ୍ତି ପରୀକ୍ଷାରେ ଜାଲିଆତି

# ୬ ନକଲି ପ୍ରମାଣପତ୍ର ଠାବ

ଫୁଲବାଣୀ, ୨୮।୩(ଭାସ୍କର ନ୍ୟୁଜ): ଫୁଲବାଣୀ ଜିଲ୍ଲାରେ ପୋଷ୍ଟମାଷ୍ଟର ପଦବୀ ପାଇଁ ହୋଇଥିବା ଲିଖିତ ପରୀକ୍ଷାରେ ୫୭ଜଣ ଯୋଗ୍ୟତା ହାସଲ କରିଥିବାବେଳେ ସାର୍ଟିଫିକେଟ ଯାଞ୍ଚବେଳେ ସେଥିମଧ୍ୟରୁ ୬ଜଣଙ୍କ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିଛି । ୫ଜଣ ପରୀକ୍ଷାର୍ଥୀ ଆହ୍ଲାବାଦ ବୋର୍ଡ ସାର୍ଟିଫିକେଟ ଓ ଜଣେ ଜାତୀୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଦାଖଲ କରିଥିଲେ । ତେବେ ଯାଞ୍ଚବେଳେ ଏହା ଜଣାପଡ଼ିବାରୁ ଡାକବିଭାଗ ଅଧିକାରୀ ଫୁଲବାଣୀ ଟାଉନଥାନାରେ ଏତଲା ଦେଇଛନ୍ତି । ଘଟଣାର ପର୍ଦ୍ଦାଫାଶ ପରେ ପୋଲିସ ଏହାକୁ ନେଇ ତନାଘନା ଆରମ୍ଭ କରିଛି । ସୂଚନା ଅନୁଯାୟୀ ଫୁଲବାଣୀ ଡାକମଣ୍ଡଳ ପକ୍ଷରୁ ୮୫ଟି ଶାଖାର ପୋଷ୍ଟମାଷ୍ଟର ଓ ସହକାରୀ ପୋଷ୍ଟମାଷ୍ଟର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିପାଇଁ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ ପାସ ରଖାଯାଇଥିଲା । ନିଯୁକ୍ତି ପାଇଁ ସମସ୍ତ ପ୍ରକ୍ରିୟା ଅନଲାଇନରେ କରାଯାଇଥିଲା । ମାଟ୍ରିକ ପରୀକ୍ଷା ମାର୍କ ଭିତ୍ତିରେ ଯୋଗ୍ୟ ପ୍ରାର୍ଥୀ ଚୟନ ପାଇଁ ବ୍ୟବସ୍ଥା ରହିଥିବାବେଳେ ୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ଜଣ କୃତକାର୍ଯ୍ୟ ହୋଇଥିଲେ । ତେବେ ମାର୍କସିଟ୍ ଯାଞ୍ଚ ପରେ ୬ଜଣଙ୍କ ପ୍ରମାଣପତ୍ର ଜାଲ ବୋଲି ଜଣାପଡ଼ିଥିଲା । ସେମାନଙ୍କ ମଧ୍ୟରେ କଳାହାଣ୍ଡିର ପ୍ରମୋଦ ସାହୁ, ଖୋର୍ଦ୍ଧାର ଶୁଭଙ୍କର ବେହେରା, କନ୍ଧମାଳର ମାନିନୀ ମାଝୀ, ପ୍ରମିତ କୁମାର ବେହେରା ଏବଂ ଭଦ୍ରକ ଜିଲ୍ଲାର ନରେନ୍ଦ୍ର ମହାନ୍ତି ଆହ୍ଲାବାଦରୁ ସାର୍ଟିଫିକେଟ ଆଣିଥିବାବେଳେ ଖୋର୍ଦ୍ଧାର ପ୍ରହ୍ଲାଦ ବେହେରା ଜାତୀୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଦାଖଲ କରିଥିଲେ । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଓ ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ଧରା ପଡ଼ିଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଡାକବିଭାଗରେ ୧୫ଟି ଗ୍ରାମୀଣ ଡାକସେବକ ପଦବୀରେ ନିଯୁକ୍ତି ପାଇଁ ଅନଲାଇନରେ ବହୁ ଯୁବକ ଯୁବତୀ ଆବେଦନ କରିଥିଲେ । ମେରିଟ ଲିଷ୍ଟ ପ୍ରକାଶ ପାଇବା ପରେ ଗତ ୨୧ ତାରିଖରେ ଭଦ୍ରକ ଜିଲ୍ଲା ଲୁଣିଆ ଗ୍ରାମର ଅନୀତା ଜେନାଙ୍କୁ ସାର୍ଟିଫିକେଟ • ପୃଷ୍ଠା ୮ ଦେଖନ୍ତୁ

## ନୋଟିସ୍‌ର ଜବାବ ଦେଲେ ରାହୁଲ

# ବିନା ଦ୍ୱିଧାରେ ଛାଡ଼ିଦେବି ଘର



ନୂଆଦିଲ୍ଲୀ, ୨୮।୩: କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ସଂସଦ ସଦସ୍ୟତା ରଦ୍ଦ ହେବା ପରେ ସରକାରୀ ବଙ୍ଗଳା ଛାଡ଼ିବାକୁ ତାଙ୍କୁ ମଙ୍ଗଳବାର ଦିଆଯାଇଥିବା ନୋଟିସ୍‌ର ଉତ୍ତର ରଖିଛନ୍ତି ଶ୍ରୀ ଗାନ୍ଧି। ଆସନ୍ତା ଏପ୍ରିଲ ୨୨ ସୁଦ୍ଧା ଘର ଖାଲି କରିବା ପାଇଁ ସଂସଦ ହାଉସିଂ କମିଟି ପକ୍ଷରୁ ଉଲ୍ଲେଖ କରାଯାଇଥିବା ନୋଟିସ୍ ଉପରେ ଉତ୍ତର ରଖି ରାହୁଲ କହିଛନ୍ତି ଯେ ସେ କମିଟିର ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବେ। ତେବେ ଚିଠି ପାଇବା ପରେ ସେ ଭାବପ୍ରବଣ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା। ଗତ ୪ଟି ସଂସଦ କାର୍ଯ୍ୟକାଳ ମଧ୍ୟରେ ଲୋକସଭା ସାଂସଦ ଭାବେ ଦାୟିତ୍ୱ ସହିତ ଲୋକଙ୍କ ଦାବି ପୂରଣ ପାଇଁ ଏଠାରେ ସମୟ ଅତିବାହିତ କରିବା ପରେ କିଛି ଅମୂଲ୍ୟ ସ୍ମୃତି ରହିଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଏଥିସହ ଲେଖିଛନ୍ତି ଯେ, ସେ ବିନା ଦ୍ୱିଧାରେ ଘର ଛାଡ଼ିଦେବେ। ତେବେ ଘର ଛାଡ଼ିବା ପରେ ସେ ମା' ସୋନିଆ ଗାନ୍ଧିଙ୍କ ଜନପଥ ରୋଡ଼ରେ ଥିବା ବାସଭବନରେ ରହିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କୁ ସରକାରୀ ଘର ଖାଲି କରିବା ପାଇଁ ନୋଟିସ୍ ମିଳିବା ପରେ କଂଗ୍ରେସ ସଭାପତି ମଲ୍ଲିକା ଅର୍ଜୁନ ଖଡ଼୍‌ଗେ ଲୋକସଭାରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ରାହୁଲ ଗାନ୍ଧି ମା'ଙ୍କ ଘରେ ରହି ଦେଶବାସୀଙ୍କ ପାଇଁ ସମସ୍ତ କାମ କରିପାରିବେ। ତାଙ୍କର ସମସ୍ତ ବ୍ୟବସ୍ଥା କରାଯିବ। ଲୋକତନ୍ତ୍ର ପାଇଁ ରାହୁଲ ଗାନ୍ଧିଙ୍କ ଭଳି ରାଜନେତା ବିନା ଘରରେ ୪/୫ ମାସ ବିତାଇଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଏଭଳି ବିଚିତ୍ର ନୀତିକୁ ସେ କଠୋର ଭାଷାରେ ନିନ୍ଦା କରିଥିଲେ। ଅନ୍ୟପକ୍ଷରେ ରାହୁଲ କହିଥିଲେ ଯେ ମୋର ଅଧିକାରକୁ ପକ୍ଷଭୁକ୍ତ ନ କରି ମୁଁ ନିଶ୍ଚିତ ଭାବେ ଆପଣଙ୍କ ଆଦେଶକୁ ପାଳନ କରି ନୋଟିସ୍‌ରେ କୁହାଯାଇଥିବା ସବୁ ପଦକ୍ଷେପ ଗ୍ରହଣ କରିବି। ଜେଡ୍ ପ୍ଲସ୍ ସୁରକ୍ଷା ଭିତରେ ସବୁବେଳେ ଯିବା ଆସିବା କରୁଥିବା ରାହୁଲ ଗାନ୍ଧି ଦିଲ୍ଲୀର ତୋଗଲଅଫ୍ ରେଲ୍ ୧୨ ସ୍ଥିତ ବଙ୍ଗଳାରେ ୨୦୦୫ରୁ ରହି ଆସୁଥିଲେ। କିନ୍ତୁ ତାଙ୍କର ଲୋକସଭା ସଦସ୍ୟ ପଦ ରଦ୍ଦ ହୋଇଥିବାରୁ ତାଙ୍କୁ ସୋମବାର ସରକାରୀ ବଙ୍ଗଳା ଛାଡ଼ିବା ପାଇଁ ନୋଟିସ୍ ହୋଇଥିଲା। ସୂଚନାଯୋଗ୍ୟ ଯେ ଗତ ୨୩ ତାରିଖରେ ସୁରତର ଏକ କୋର୍ଟ ଅପରାଧିକ ମାନହାନୀ କେସ୍‌ରେ ରାହୁଲ ଗାନ୍ଧିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ।

## ଏସ୍‌ସିବି ଆଇସିୟୁରେ

# ପ୍ରଥମ କୋଭିଡ ରୋଗୀ

ଭୁବନେଶ୍ୱର/କଟକ, ୨୮।୩ (ଭାସ୍କର ନ୍ୟୁଜ): ରାଜ୍ୟରେ କରୋନା ସଂକ୍ରମଣ ପୁଣିଥରେ ଆରମ୍ଭ ହୋଇଛି । ପ୍ରତ୍ୟହ ପ୍ରାୟ ୨୦ରୁ ୨୫ କୋଭିଡ ରୋଗୀ ଚିହ୍ନଟ ହେଉଛନ୍ତି । ସେହିପରି ଦେଶରେ ମଧ୍ୟ କରୋନା ପରିସ୍ଥିତି ମୁଣ୍ଡ ଟେକିଛି । ଏହି କ୍ରମରେ ମଙ୍ଗଳବାର ଜଣେ କୋଭିଡ ସଂକ୍ରମିତ ଏସସିବି ମେଡ଼ିକାଲ କଲେଜ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଜଣେ ୭୬ ବର୍ଷୀୟା ମହିଳା ତିନିଦିନ ପୂର୍ବେ ଶ୍ୱାସଜନିତ ସମସ୍ୟା କାରଣରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ତେବେ କୋଭିଡ ଟେଷ୍ଟ କରାଯିବା ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ କଟକ ଏସସିବି ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇ ଆଇସିୟୁରେ ଚିକିତ୍ସା କରାଯାଉଛି । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ସେ ଏନଆଇଭି ସପୋର୍ଟରେ ରହିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି । କୋଭିଡ ସ୍ଥିତିକୁ ଦୃଷ୍ଟିରେ ରଖି ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଭୂଷଣ ସମସ୍ତ ରାଜ୍ୟ ସହ କୋଭିଡ ମୁକାବିଲା ସଂପର୍କରେ ବିସ୍ତୃତ ଆଲୋଚନା କରିବା ସହ କୋଭିଡ ୱାର୍ଡ ଖୋଲିବା ପାଇଁ ପ୍ରସ୍ତୁତି • ପୃଷ୍ଠା ୮ ଦେଖନ୍ତୁ



## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ମାଡ଼ି ଆସୁଅଛି ପୁଣି ମହାମାରୀ
କରୋନା ଦେଖାଏ ତୋଡ଼
ଆଶା ଆଶଙ୍କାରେ ଦେଶବାସୀ ସବୁ
ପୁଣି ଦେବ ଅବା ମାଡ଼
ବହିବ କି ଅବା ଝଡ଼
ଏଥର କରୋନା ଝଡ଼ର ମାଡ଼ରେ
ଭାଙ୍ଗିଯିବ ମେରୁ ହାଡ...।

## ମାଟି ଅତଡ଼ା ଧସି

# ୨ ମହିଳାଙ୍କ ମୃତ୍ୟୁ

ଲମତାପୁଟ, ୨୮।୩(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନନ୍ଦପୁର ମାରଡ଼ା ନଦୀକୁ ମାଟି ଆଣିବାକୁ ଯାଇଥିବା ବେଳେ ହଠାତ୍ ଅତଡ଼ା ଧସି ପଡ଼ିବାରୁ ୨ ମହିଳାଙ୍କ ମୃତ୍ୟୁ ଘଟିଛି । ମାଟି ତଳେ ଚାପି ହୋଇ ରହିଯିବାରୁ ସେମାନେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ମୃତ ୨ ମହିଳା ହେଲେ ଦୈମତ କନ୍ତୀ ଓ ଶୋଷି ହେନ୍ତାଳ । ଉଭୟଙ୍କ ଘର ଗାଗଡ଼ାପଣ୍ଡି ବୋଲି କୁହାଯାଉଛି । ଅନ୍ୟ ୨ ଗୁରୁତରଙ୍କୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମିଳିଥିବା ବିବରଣୀରୁ ପ୍ରକାଶ, ନନ୍ଦପୁର ଥାନା ବାରଡ଼ା ଗାଁର ମହିଳାମାନେ ଚୈତି ପର୍ବ ପାଳନ ପାଇଁ ଘର ଲିପାପୋଛା କରିବା ନିମନ୍ତେ ମାଟି ଆଣିବାକୁ ଯାଇଥିଲେ । ଅତଡ଼ା ଖସି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ଅଗ୍ନିଶମ ବାହିନୀ ଅନ୍ୟ ଦୁଇ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ୨ ମୃତଦେହ ମଧ୍ୟ ମାଟିତଳୁ ଉଦ୍ଧାର କରିଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଦୁଇଦିନିଆ ମାଲକାନଗିରି ଗସ୍ତରେ ୫-ଟି ସଚିବ

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ବାଲିମେଲା/ଖଇରପୁଟ, ୨୮।୩(ଭାସ୍କର ନ୍ୟୁଜ): ଦୁଇଦିନିଆ ମାଲକାନଗିରି ଗସ୍ତରେ ମଙ୍ଗଳବାରଠାରୁ ଯାଇଥିବା ୫-ଟି ସଚିବ ଭି.କେ.ପାଣ୍ଡିଆନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଶ୍ରୀ ପାଣ୍ଡିଆନଙ୍କ ସହ ଉନ୍ନୟନ କମିଶନର ଅନୁ ଗର୍ଗ, ସଚିବ ଆର.ଭିନୀଲକ୍ରିଷ୍ଣା ପ୍ରମୁଖ ମାଥିଲିଠାରେ ପହଞ୍ଚିବା ପରେ ସେଠାରେ ବିଭିନ୍ନ ସଂଗଠନ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର • ପୃଷ୍ଠା ୮ ଦେଖନ୍ତୁ

## ର୍‍ୟାଗିଂ ପାଇଁ ଇଞ୍ଜିନିୟରିଂ ଛାତ୍ରୀଙ୍କ ଆତ୍ମହତ୍ୟା !

# ପରିବାର ଆଣିଲେ ହତ୍ୟା ଅଭିଯୋଗ

ଯାଜପୁର, ୨୮।୩(ଭାସ୍କର ନ୍ୟୁଜ): ଯାଜପୁର ସରକାରୀ ପଲିଟେକ୍‌ନିକ୍‌ର ବିରଜା ହଷ୍ଟେଲରୁ ଜଣେ ମେଧାବୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ସହପାଠୀମାନେ ର୍‍ୟାଗିଂ କରିବାରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ପରିବାରବର୍ଗ ତାଙ୍କୁ ହତ୍ୟା ପରେ ଟାଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି । ମୃତ ଛାତ୍ରୀଙ୍କ ନାମ ରୋଜାଲିନ ପାତ୍ର । ସେ ଇଲେକ୍ଟ୍ରିକାଲ ବିଭାଗର ତୃତୀୟ ବର୍ଷର ଛାତ୍ରୀ ଥିଲେ । ଯାଜପୁର ଜିଲ୍ଲା ଜେନାପୁର ଥାନା ସେଣ୍ଟପୁର ଗାଁର ଅମୂଲ୍ୟ ପାତ୍ରଙ୍କ ଝିଅ ରୋଜାଲିନ ତୃତୀୟ ବର୍ଷରେ ପଢୁଥିଲେ ମଧ୍ୟ ୪ଟି କ୍ୟାମ୍ପସ ପାଇ ସାରିଥିଲେ । ଏନେଇ ସେ ଓ ତାଙ୍କ ପରିବାର ମଧ୍ୟ ବେଶ୍ ଖୁସି ଥିଲେ । ତେବେ ସେ ହଠାତ୍ କାହିଁକି ଏପରି କଠୋର ପଦକ୍ଷେପ ନେଲେ ସେନେଇ କାରଣ ସ୍ପଷ୍ଟ ହୋଇନାହିଁ । ପରିବାର ବର୍ଗ ଅଭିଯୋଗ କରିଛନ୍ତି ଯେ ରୋଜାଲିନ ୪ଟି କ୍ୟାମ୍ପସ ପାଇବା ପରେ ତାଙ୍କ ସହପାଠୀମାନେ ଇର୍ଷା କରିବା ସହ ବିଭିନ୍ନ ଉପାୟରେ ହଇରାଣ କରୁଥିଲେ । ଏପରିକି ଆଉ କୌଣସି କ୍ୟାମ୍ପସରେ ନ ବସିବାକୁ ତାଙ୍କୁ ଧମକ ଦେଉଥିଲେ । ରୋଜାଲିନଙ୍କ ମା' କହିଛନ୍ତି ଯେ ସୋମବାର ଜଣେ ଛାତ୍ର ରୋଜାଲିନଙ୍କୁ ମାଡ଼ ମାରିବା ସହ ତାଙ୍କୁ ଅଶ୍ଳୀଳ ମ୍ୟାସେଜ ପଠାଇଥିଲେ । ଏନେଇ ସେ ପରିବାରବର୍ଗଙ୍କୁ ଅବଗତ କରାଇଥିଲେ । ରୋଜାଲିନଙ୍କ ପରିବାରବର୍ଗ ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ତେବେ ପୋଲିସ ତଦନ୍ତ ଚାଲୁଥିବାରୁ ତଦନ୍ତ ଶେଷ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ବ୍ଲାଷ୍ଟିଂ ବେଳେ ପଥର ଫାଟି ଶ୍ରମିକ ମୃତ

ପୁରୁଷୋତ୍ତମପୁର, ୨୮।୩ (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ବାଲିଛାଇ ଭାଟଖାଲି ପାହାଡ଼ରେ ବ୍ଲାଷ୍ଟିଂ ସମୟରେ ପଥର ଫାଟି ଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲାରେ ବୋଲି ସୂଚନା ମିଳିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗଞ୍ଜାମ କବିସୂର୍ଯ୍ୟନଗର ବାଲିଛାଇ ଭାଟଖାଲି ପାହାଡ଼ରେ ବ୍ଲାଷ୍ଟିଂ ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।




କରଞ୍ଜିଆ (ଭାସ୍କର ନ୍ୟୁଜ୍): ଖଇରୀର ୪୩ତମ ତିରୋଧାନ ଦିବସ ଯଶିପୁର ବ୍ଲକ ଅନ୍ତରଗତ ଧୋବାଡିହା ଖଇରୀ ନିବାସ ଠାରେ ସରପଞ୍ଚ ପ୍ରଦୀପ ମାଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଖଇରୀ ସ୍ମୃତି ପରିଷଦର ସଂଯୋଜକ ମଙ୍ଗଲୁ ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଏସିଫ ଯଦୁମଣି କେରକେଟା, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ରେଞ୍ଜର ସନ୍ତୋଷ କୁମାର ନାଏକ ସମ୍ମାନିତ ବକ୍ତା ଭାବରେ ଶିମିଳିପାଳ ଇକୋ ଟୁରିଷ୍ଟ ଗାଇଡ୍ ସଂଘର ସଭାପତି ଲିକେଶ କୁମାର ପଣ୍ଡା, ଉପସଭାପତି ୱାଜିଦ ହୁସେନ, ସମ୍ପାଦକ ଉଗ୍ରେସନ ନାଏକ, ସହ ସମ୍ପାଦକ ମନ୍ମଥ କୁମାର ବେହେରାଙ୍କ ସମେତ ରାଜେନ୍ଦ୍ର ବେହେରା,ଗିରିଧାରୀ ରଣା, ରଜତ ରାମ,ସୁଦର୍ଶନ ମହାନ୍ତ, ସନାତନ ପାତ୍ର, ମୁନା ସିଂ,ଶିକ୍ଷକ ବିଘ୍ନେଶ୍ୱର ମହାନ୍ତ, ଯୁଧିଷ୍ଠିର ବାରିକ, ପରମେଶ୍ୱର ମହାନ୍ତ ସଂଯୋଜକ ମଙ୍ଗଲୁ ମହାନ୍ତ, ରୁକ୍ମଣୀ ହାଇବ୍ରୁରୁ,ଅର୍ପିତା ମହାନ୍ତି, ଯାଜ୍ଞ ସେନୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଚୋରାମଦ ବେପାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ: ୫ଆହତ, ୨ଗୁରୁତର



ଜଗତସିଂହପୁର(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ସଦର ମହକୁମା ସ୍ଥିତ ବରାଗୋଳ ଗରୁଆଳ ଗ୍ରାମରେ ଖୁଲମଖୁଲା ଚାଲିଛି ଚୋରାମଦ କାରବାର। ଏହି ଚୋରା ମଦ କାରବାରକୁ ନେଇ ଦୀର୍ଘଦିନ ହେବ ଦୁଇ ଚୋରା ମଦ ବ୍ୟବସାୟୀଙ୍କ ମଧ୍ୟରେ ଚାଲିଛି ବିବାଦ। ଯାହାର ଦୁଃଖଦ ପରିଣାମ ଆଜି ଦେଖିବାକୁ ମିଳିଛି। ସୁଚନା ମୁତାବକ ଜଗତସିଂହପୁର ଜିଲ୍ଲା ତରିକୁନ୍ଦ ନିକଟସ୍ଥ ବରାଗୋଳ ଓ ଗରୁଆଳ ଉଭୟ ଗ୍ରାମରେ ଚାଲିଛି ଦୁଇଗୋଷ୍ଠୀ ମଧ୍ୟରେ ଚୋରା ମଦ ବ୍ୟବସାୟ। ବିଭିନ୍ନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ହୋଇଥାଏ। ଯାହାକୁ ନେଇ ପୂର୍ବରୁ ବିଭିନ୍ନ ସମୟରେ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି ଦୁଇ ଗୋଷ୍ଠୀ। ସେହି ଝିମିଟି ଖେଳରୁ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୫ଜଣ ଆହତ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଗରୁଆଳ ଗ୍ରାମର ଯୁଧିଷ୍ଠିର ବେହେରା ଓ ତାଙ୍କ ସାନଭାଇ ଘରେ ଥିବା ବେଳେ ହଠାତ ଅନ୍ୟ ଗୋଷ୍ଠୀର ଲୋକମାନେ ଘରେ ପଶି କଟୁରି ଓ ଖଣ୍ଡାରେ ଆକ୍ରମଣ କରିଥିଲେ। ପ୍ରତି ଆକ୍ରମଣ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ହଣାହଣି ହୋଇ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ଖବରପାଇ ଜଗତସିଂହପୁର ଟାଉନ ଥାନା ପୋଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ କରି ୩ ଜଣଙ୍କୁ ଗିରଫ କରିବା ସହିତ ରାତାରାତି ବରାଗୋଳ ଗ୍ରାମରେ ଚଢ଼ାଉ କରି ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

**‘ରାଜନଗର ପଞ୍ଚାୟତରେ ଦୁର୍ନୀତି ଗନ୍ଧ ଡିଆପାରିରୁ ଆରମ୍ଭ’**

## ଗୋଟିଏ ରାସ୍ତାର ତିନିଟି ଫଳକ ଭାଙ୍ଗିଦେଲେ, ଅର୍ଥ ଲୁଟିନେଲେ




ରାଜନଗର (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକକୁ ପ୍ରବାଦପୁରୁଷ ବିଜୁପଟ୍ଟନାୟକଙ୍କର ଆଶାଆକାଙ୍କ୍ଷା ଥିଲା ଅଞ୍ଚଳର ବିକାଶର ମାନଚିତ୍ର ପରିବର୍ତ୍ତନ। ଏଠାକାର ଉନ୍ନତି ନିମନ୍ତେ ବହୁବିଧ ଯୋଜନାରେ ଗୁରୁତ୍ୱପୂର୍ଣ୍ଣ ବିକାଶ ଶୀଳ କାର୍ଯ୍ୟ କରିଯାଇଛନ୍ତି। ତଥାପି ତାଙ୍କର ଅଧୁରା ସ୍ୱପ୍ନ ସାକାର ହୋଇପାରିନାହିଁ। ଏହା ମଧ୍ୟରେ ତିନିଜଣ ବିଧାୟକଙ୍କର କାର୍ଯ୍ୟକାଳ ବିତିଯାଇଥିଲେ ମଧ୍ୟ ଅଞ୍ଚଳର ଉନ୍ନତି ମୂଳକ କାର୍ଯ୍ୟ କିଛି କରି ଯାଇଛନ୍ତି।ହେଲେ ଚତୁର୍ଥ ପାଳିର ବିଧାୟକ ଧ୍ରୁବ ସାହୁ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ବିଜୁବାବୁଙ୍କ ସୁପୁତ୍ର ତଥା ରାଜ୍ୟର ଜନକଲ୍ୟାଣ କାରି ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ଓ ପ୍ରୋତ୍ସାହନରେ ରାଜନଗର ବ୍ଲକର ରାସ୍ତାଘାଟ, ପାନୀୟ ଜଳ, ଚାଷୋପକରଣ, ସର୍ବପରି ଚାଷପାଇଁ କେନାଲର ସଦୁପଯୋଗ କରିବାକୁ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ଅନୁଦାନ ବିଭାଗୀୟକୁ ଯୋଗାଇ ଦେବାର ସକ୍ଷମ ହୋଇଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାର ଓ ଯନ୍ତ୍ରୀମାନେ ବିକାଶ ବଦଳରେ ବିନାଶ କରିଚାଲିଛନ୍ତି। ଯଦ୍ଵାରା ବିଧାୟକଙ୍କର ଯେଉଁ ଉଦ୍ୟମ ରହିଛି। ଅଞ୍ଚଳକୁ ବିକାଶଶୀଳ କରାଇ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରି ସମସ୍ତଙ୍କୁ ସ୍ୱାବଲମ୍ବି କରିବା ଲକ୍ଷକୁ ଫଳପଦ କରିବାରେ ବାଧକ ସାଜିଛନ୍ତି ଦୁର୍ନୀତି ଖୋର ବିଭାଗୀୟ ଅଧିକାରୀ ଓ ଠିକାଦାର, ଯାହାର ନିଛକ ପ୍ରମାଣ ଅଭିଯୋଗ ପ୍ରକାରେ ଏଠାରେ ଦେଖିବାକୁ ମିଳିଛି। ସରକାରୀ ଅର୍ଥକୁ ହରିଲୁଟ କରିଛନ୍ତି। ଯନ୍ତ୍ରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଠିକାଦାର। ରାଜନଗର ପଞ୍ଚାୟତର ପ୍ରବେଶ ଦ୍ୱାର ଡିଆପାରି ଏଠାରେ ପୂର୍ତ୍ତବିଭାଗ ରାସ୍ତାଠାରୁ ଡିଆପାରି ରାସ୍ତାର ଉନ୍ନତିକରଣ ଜିଆଇ ଏ ଯୋଜନାରେ ୨୦୨୧-୨୨ର ୨ଲକ୍ଷ ଟଙ୍କା। ପୁନଶ୍ଚ ଏହି ରାସ୍ତାର ମରାମତି ପାଇଁ ଏଫଡିଆର ଯୋଜନାରେ ୨୦୨୦-୨୧ର ୬୦ହଜାର। ସେହି ରାସ୍ତାରେ ପୁଣି ୱାଇଏଏସ୍ ଯୋଜନାରେ ରାସ୍ତାର ପୁନର୍ ଉଦ୍ଧାର ପାଇଁ ୬୧ ହଜାର ୨୦୨୧-୨୨ଏପରି ତିନିଟି ଯୋଜନାରେ ମୋଟ ୩ ଲକ୍ଷ ୨୧ହଜାର ଟଙ୍କା ବିନିଯୋଗରେ ଏହି ରାସ୍ତାଟି ଜଣଙ୍କ ବ୍ୟକ୍ତିଗତ ଜାଗାରେ କରାଯାଇଛି। ଲୋକମାନଙ୍କ କହିବା ପ୍ରକାର ମାତ୍ର ୯୦ ହଜାରରୁ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୋଇଛି। ହେଲେ ଗତ ୬ମାସ ମଧ୍ୟରେ ଏହି କାର୍ଯ୍ୟ ସମାପ୍ତ ହୋଇ ଚତୁରତା ସହିତ ତିନିଟି ଯୋଜନାରେ ତିନୋଟି ଫଳକ ମାରି ଅର୍ଥ ଲୁଟି ନେଲେ ଯନ୍ତ୍ରୀ। ଏନେଇ ଗଣମାଧ୍ୟମ ପ୍ରତିନିଧି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାଡାମଙ୍କୁ ପଚାରିବାରୁ ଉତ୍ତରରେ କହିଥିଲେ ବିଲ୍ ବନ୍ଦ ହୋଇଛି। ଏନେଇ ବିଭିନ୍ନ ଗଣମାଧ୍ୟମ ପତ୍ରପତ୍ରିକାରେ ସମ୍ବାଦ ପ୍ରକାଶିତ ହୋଇଥିଲା। ଫଳସ୍ୱରୂପ ‘ମୂଳରୁ ମାରିଲେ ଜିବସରୀ ଦେବଙ୍କ ସଙ୍ଗେ କିମ୍ବା କଳି’ ଏହି ଉକ୍ତିରେ ବର୍ତ୍ତମାନ ସବୁ ଫଳକ ଭାଙ୍ଗି ଦେଲେ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଓ ସହକାରୀ ଯନ୍ତ୍ରୀ ଅର୍ଥ ଲୁଟି ନେଇ ପଟ୍ଟାମୁଣ୍ଡାଇ ବଦଳି ହୋଇଗଲେ। ଏଭଳି ପୁଳା ପୁଳା ଦୁର୍ନୀତି ବିଭାଗୀୟ ଅଧିକାରୀଙ୍କ ପାଇଁ କାର୍ଯ୍ୟରେ ସ୍ୱଚ୍ଛତା ରହୁ ନଥିବାରୁ ଅଞ୍ଚଳରେ ନିମ୍ନମାନର କାର୍ଯ୍ୟ ହେଉଛି। ଯାହାକି ସେହି କାର୍ଯ୍ୟ ଆଠଦିନରେ ଯେମିତି ସେମିତି ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଭିଜିଲାନ୍ସ ଓ କ୍ୱାଲିଟି କଣ୍ଟ୍ରୋଲଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କିଛି ଗଣମାଧ୍ୟମ ପ୍ରତିନିଧିମାନେ ଓ ସମାଜସେବୀ ସାକ୍ଷାତ କରବେ ବୋଲି ପବିତ୍ର ମୋହନ ଦାସ (ବରିଷ୍ଠ ନାଗରିକ) ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ବିଭାଗର ମନମାନୀରେ ଲୋକେ ଅତିଷ୍ଠ

କୁଜଙ୍ଗ (ଭାସ୍କର ନ୍ୟୁଜ୍): ବିଦ୍ୟୁତ ବିଭାଗ କର୍ମଚାରୀଙ୍କର ଫାଇନ ଆଦାୟକୁ ନେଇ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତ ବିଭାଗ ଘରୋଇ କରଣ ହେବା ପରେ ଅଘୋଷିତ ବିଦ୍ୟୁତ କାଟ ଓ ଜୋରଜବରଦସ୍ତ ବିଭିନ୍ନ ଆଳ ଦେଖାଇ ଫାଇନ ଲଦି ଦେବା ଦେଖିବାକୁ ମିଳିଛି। କେତେକ ଅସାଧୁ କର୍ମଚାରୀ ଜୋରଜବରଦସ୍ତ ଫାଇନ କାଟିବା ଏବଂ କିଛି ହାତଗୁଞ୍ଜା ମାଗିବା ଏକ ପ୍ରକାର ପ୍ରହସନ ପାଲଟିଛି। ଫାଇନ ବାବଦରେ ସାଧାରଣ ଲୋକ ଅଭିଯୋଗ କଲେ ମଧ୍ୟ ତାଙ୍କ ଅଭିଯୋଗକୁ ଗ୍ରହଣ ନକରାଯାଇ ବିନା ନୋଟିସରେ ତାଙ୍କ ଘରୁ ଲାଇନ୍ କାଟି ଦେବାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ବିଦ୍ୟୁତ ବିଭାଗର ଖାମଖିଆଲ ମନୋଭାବକୁ ସାଧାରଣରେ ନିନ୍ଦା କରାଯାଇଛି। ଆଇନ ଅନୁସାରେ ଜଣେ ଗ୍ରାହକଙ୍କ ଲାଇନ କାଟିବାର ୭ଦିନ ପୂର୍ବରୁ ନୋଟିସ କରିବା କଥା, ମାତ୍ର ତାହା ନଜଣାଇ ହଠାତ୍ ଲାଇନ କାଟିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ୧୧କେଭି ତାର ବିପଦଜନକ ଅବସ୍ଥାରେ ରହିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆ ନଯିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଏହାକୁ ନେଇ ଉପଭୋକ୍ତା ମାନେ ଆଇନର ଆଶ୍ରୟ ନେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।ସେହିପରି ଚଟୁଆ ବିଦ୍ୟୁତ ସେକ୍ସସନ୍ ଅଧୀନରେ ସକାଳ ସମୟରେ ଲାଇନ୍ କଟ୍ ହେଉଥିବାରୁ ପାନୀୟ ଜଳ ସପ୍ଲାୟରେ ଘୋର ବାଧା ସୃଷ୍ଟି କରୁଛି। ଖରାଦିନ ଚାଲିଥିବାରୁ ପାନୀୟ ଜଳ ସଙ୍କଟ ଥିବା ବେଳେ ଚଟୁଆ ବିଦ୍ୟୁତ ସେକ୍ସସନ୍ ମନମାନୀ ଯୋଗୁ ସାଧାରଣଲୋକ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଲାଇନ୍ ବିଲ୍ ଆଦାୟ କରୁଥିବା ବିଭିନ୍ନ କର୍ମଚାରୀ ସାଧାରଣ ଲୋକଙ୍କୁ ଲାଇନ୍ କାଟିବାର ଭୟଦେଖାଇ ଜୋରଜବରଦସ୍ତ ଆଦାୟ କରିବା ପାଇଁ ଧମକ ଦେଉଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ଏହିଭଳି ଆଦାୟରେ ଥିବା କର୍ମଚାରୀ ମାନେ ଯଦି ନିବୃତ୍ତ ନରୁହନ୍ତି ତେବେ ଆନ୍ଦୋଳନ କରାଯିବ ବୋଲି ଚର୍ଚ୍ଚା ହେଉଛି।

## ଦାଉ ସାଧୁଛି ପଶ୍ଚିମା ଝଡ଼, ଚିନ୍ତାରେ ମୁଗ ଚାଷୀ



ବାଲିପାଟଣା (ଭାସ୍କର ନ୍ୟୁଜ୍): ଦାଉ ସାଧିଚି ପଶ୍ଚିମା ଝଡ଼ । ରବି ଫସଲରୁ ଦୁଇ ପଇସା ରୋଜଗାର ଆଶା ରଖିଥିବା ଚାଷୀର ଆଖିକୁ ଏବେ ନିଦ ଆସୁନି।ସୂଚନା ଅନୁଯାୟୀ ବାଲିପାଟଣା ଅଞ୍ଚଳରେ ପ୍ରାୟ ପ୍ରତିଦିନ ମଧ୍ୟାହ୍ନ ରେ ପ୍ରବଳ ଖରା ଓ ଗୁଳୁଗୁଳି ସାଙ୍ଗକୁ ଅପରାହ୍ନରେ ଝଡ ବର୍ଷା ହେଉଛି, ଫଳରେ ନଷ୍ଟ ହେବାକୁ ବସିଲାଣି ରବି ଫସଲ । ବିଶେଷକରି ପ୍ରତିଦିନ ବର୍ଷା ହେବା ଦ୍ୱାରା ମୁଗ ଚାଷ ବେଶ୍ ପ୍ରଭାବିତ ହୋଇଛି । ବର୍ତ୍ତମାନ ଅମଳ ଋତୁ ଚାଲିଥିବାରୁ ମୁଗ ଗଛ ଗୁଡ଼ିକ ନରମିଯାଇ ବର୍ଷା ରେ ପଡିଯାଉଛି ଫଳରେ ଗଜା ହେବା ନିଶ୍ଚିତ। ମୁଗ ଚାଷୀମାନେ ଅଧା ବତୁରା ମୁଗକୁ ଆଣି ସୁଖାଇବା ପାଇଁ ଚେଷ୍ଟା କରୁଛନ୍ତି କିନ୍ତୁ ପୁଣି ବର୍ଷା ଦାଉ ସାଧୁଛି। ବିଲ ଗୁଡିକରେ ପାଣି ଠିଆ ହୋଇଯାଇଛି। କାଦୁଅରେ ଫସଲ ଉତ୍ପାଦନ କରିବା ମଧ୍ୟ ସହଜ ହେଉନାହିଁ। ଅନ୍ୟପଟେ ଉତ୍ପାଦନ ଖର୍ଚ୍ଚ ସାଙ୍ଗକୁ ଋଣ କରି ଚାଷ ପାଇଁ ଖର୍ଚ୍ଚ କରିଥିବା ଭାଗଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଋଣ ଶୁଝିବା ଚିନ୍ତାରେ ଥିବା ଚାଷୀଙ୍କ ପାଇଁ ଏବେ ସରକାରୀ ସହାୟତା ଏକମାତ୍ର ଭରସା ବୋଲି ଜଣେ ଭାଗଚାଷୀ ପ୍ରକାଶ କରିଛନ୍ତି। କେବଳ ମୁଗ କାହିଁକି ବିରି,କୋଳଥ ସାଙ୍ଗକୁ ଅନ୍ୟାନ୍ୟ ପନି ପରିବା ଚାଷୀମାନେ ସମାନ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳୁଛି। ଏସବୁ ପରେ ଆଗାମୀ ଦିନର ଝଡ ବର୍ଷାକୁ ନେଇ ପ୍ରସାରିତ ପାଣିପାଗ ଖବର ଚାଷୀ ମାନଙ୍କର ନିଦ ହଜେଇ ଦେଇଚି ।

## ଜିଲ୍ଲାସ୍ତରୀୟ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

ଖଇରପୁଟ (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ତରଫରୁ ମାଲକାନଗିରି ମହାବିଦ୍ୟାଳୟରେ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡ଼. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ବିଚାରକ ମଣ୍ଡଳୀ ଡ଼. ହେନେରିତା ମିଶ୍ର, ସମୀର ନାୟକ, ଟୁକୁନା ପ୍ରସାଦ ବଡୁ ଆଦି ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକୁ ସୂଚାରୁ ରୁପେ ସମ୍ପାଦନ କରିଥିଲେ। ବକ୍ତୃତା ପ୍ରତିଯୋଗୀତାରେ ଯଥାକ୍ରମେ ସ୍ନେହଲତା ମହାନ୍ତି , ଅମ୍ରିତା ବରାଳ ଏବଂ ସିସିନି ସ୍ମୃତି ପାତ୍ର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ରେ ପ୍ରିୟଦର୍ଶିନୀ ନାୟକ, ପ୍ରିୟଦର୍ଶିନୀ ପ୍ରଧାନ, ଷ୍ଟେଲିନରାଜ୍ ଖୋସଲା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ଏପ୍ରିଲ ୧ ରେ କୃତୀ ପ୍ରତିଦ୍ୱନ୍ଦିତା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ଉକ୍ତ ପ୍ରତିଯୋଗିତାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହିଥିଲେ । ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଗୋରଙ୍ଗ ସାଜନ କାର୍ତ୍ତିକ ଚନ୍ଦ୍ର ବାରିକ ଆଦି ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହନ କରିଥିଲେ।



## କେସିସି ବ୍ୟାଙ୍କର ବାର୍ଷିକ ସାଧାରଣ ସଭା



ଜୟପୁର (ଭାସ୍କର ନ୍ୟୁଜ୍): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ୭୨ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଜୟପୁର ମୁଖ୍ୟ କାଯ୍ୟାଳୟର ସମ୍ମିଳନି କକ୍ଷରେ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଙ୍କ ସଭାପିତିତ୍ୱରେ ଏହି ବାର୍ଷିକ ସଭା ଅନୁଷ୍ଠିତ ହୋଇଛି । ଉକ୍ତ ସଭାରେ ବ୍ୟାଙ୍କ ଉପ ସଭାପତି ଦୁରୁପୁଦା ଭତ୍ରା, ପରିଚାଳନା ପରିଷଦର ସମସ୍ତ ନିଦ୍ଦେଷକ, ଅବିଭକ୍ତ କୋରାପୁଟ ଜିଲାରୁ ଅସିଥିବା ଅନୁବନ୍ଧିତ ସମବାୟ ସମିତି ମାନଙ୍କର ପ୍ରତିନିଧି ଯୋଗଦେଇଥିଲେ । ବ୍ୟାଙ୍କର ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାନି, ସମସ୍ତ ଅଂଶଦାର ସଭ୍ୟା ସଭ୍ୟ ମାନଙ୍କୁ ସ୍ୱାଗତ ସମ୍ବଦ୍ଧନା ଜ୍ଞାପନ କରିଥିଲେ । ଏବଂ ବ୍ୟାଙ୍କ ମୁଖ୍ୟ କାଯ୍ୟାଳୟର ବରିଷ୍ଠ ପରିଚାଳକ ହରି ହର ତ୍ରିପାଠି, ନିଦ୍ଧାରିତ, ନିଦ୍ଧାରଣ ଅନୁସାରେ ସଭା କାଯ୍ୟ କରିଚାଳନା କରିଥିଲେ । ଉକ୍ତ ସଭାରେ ବ୍ୟାଙ୍କର ଅଡିଟ ରିପୋର୍ଟ ୨୦୨୧-୨୨ ଗ୍ରହଣ କରାଯାଇଥିଲା ବ୍ୟାଙ୍କର ଆୟ ବୟ ଅଟକଳ ଅନୁବନ୍ଧିତ କରାଯାଇଥିଲା । ତଥା ୨୦୨୧-୨୨ ଆର୍ଥିକ ବର୍ଷର ଅଟକଳ କରାଯାଇଥିଲା । ବ୍ୟାଙ୍କର ସଭାପତି ଆଗାମି ଦିନରେ ଓଡିଶାର ସରକାର ଗ୍ରହଣ କରିବାକୁ ଯାଉଥିବା ବିଭିନ୍ନ ଯୋଜନା ମାଧମରେ ସମବାୟ ସମିତିକୁ ଅଧିକ ଲୋକାଭିମୁଖି କରିବା ପାଇ ସମସ୍ତ ଅଶିଂଦାର ସଭ୍ୟା ସଭ୍ୟ ମାନଙ୍କୁ ଅନୁରୋଧ କରିଥିଲେ । ଏହି ସଭାରେ ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇ ତଥା ବୃହତ କାର ବହୁ ମୁଖି ସମବାୟ ସମିତି ମାନଙ୍କୁ ଲାଭବାନ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ପରିଶେଷରେ ତ୍ରିପାଠି ଧନାବାଦ ଦେଇଥିଲେ।

**କ୍ୟାରିଅର ପାୱାର ଆବାସିକ କୋଚିଂ ସେଣ୍ଟରରେ ଛାତ୍ର ହତ୍ୟା ଅଭିଯୋଗ ଘଟଣା**

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସହରର କଜଳାସ୍ଥିତ କ୍ୟାରିଅର ପାୱାର ଆବାସିକ କୋଚିଂ ସେଣ୍ଟରରେ ରହି ପାଠ ପଢୁଥିବା +୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସୁବ୍ରତ ମୁଦୁଲିର ହତ୍ୟା ମାମଲାର ଉପଯୁକ୍ତ ତଦନ୍ତ କରାଯାଉନଥିବା ଅଭିଯୋଗ କରି ତା'ର ପରିବାର ଓ ଗ୍ରାମବାସୀ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିରହିଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଜଳା ନିକଟସ୍ଥ କ୍ୟାରିଅର ପାୱାର ନାମକ ଏକ ବେସରକାରୀ ଆବାସୀକ କୋଚିଂ ସେଣ୍ଟରରେ ରହି +୨ ଦ୍ୱିତୀୟବର୍ଷ ବିଜ୍ଞାନ ପାଠ ପଢୁଥିବା ଛାତ୍ର ତଥା କଂସାର ଗ୍ରାମପଞ୍ଚାୟତର ଫୋରଡ ଗ୍ରାମର ସୁବାଷ ଚନ୍ଦ୍ର ମୁଦୁଲିଙ୍କ ପୁଅ ସୁବ୍ରତ ମୁଦୁଲି(୧୭)ଙ୍କୁ କୋଚିଂ ସେଣ୍ଟରରର ମାଲିକ ଆଶିଷ ସ୍ୱାଇଁ ଓ ଅନ୍ୟ ଦୁଇ ଜଣ ହତ୍ୟା କରିଥିବା ନେଇ ତାଙ୍କ ପିତା ସୁବାଷ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି କେଶ ନମ୍ବର-୨୩୧/୨୦୨୩ରେ ଆଇପିସିର ୩୦୨ ଓ ୩୪ ଦଫାରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତମାନେ ଗୁଣ୍ଡା ଓ ଧନିକ ଶ୍ରେଣୀର ହୋଇଥିବାରୁ ପୋଲିସ ଚାପଗ୍ରସ୍ତ ହୋଇ ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ମୃତ ସୁବ୍ରତଙ୍କ ମା' ତଥା ସୁବାଷଙ୍କ ପତ୍ନୀ ସନ୍ଧ୍ୟାରାଣୀ ମୁଦୁଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ପୋଲିସ ତାଙ୍କ ପୁତ୍ରର ହତ୍ୟା ଘଟଣା ଭଳି ଏକ ସମ୍ବେଦନଶୀଳ ମାମଲାକୁ ଚାପି ଦେବାକୁ ବସିଥିବାରୁ ସେହି ମାମଲାର ତଦନ୍ତ କ୍ରାଇମବ୍ରା ଦ୍ୱାରା କରାଯାଉ ବୋଲି ସନ୍ଧ୍ୟାରାଣୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ତେଣୁ ସେହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ମୃତ ସୁବ୍ରତର ପରିବାର ଓ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିରହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଅନଶନସ୍ଥଳକୁ ଆସିନଥିବା ସୂଚନା ମିଳିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିବା ନେଇ ଅଭିଯୋଗ ପରେବି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଚର୍ତୁପାର୍ଶ୍ୱରେ ଛତୁ ଫୁଟିବା ଭଳି ଖୋଲିଥିବା ବେସରକାରୀ କୋଚିଂ ସେଣ୍ଟର ଗୁଡ଼ିକ ବିରୋଧରେ ପ୍ରଶାସନ ବା'ସରକାରଙ୍କ ପକ୍ଷରୁ କେଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି।

## ଆଦର୍ଶ ବିଦ୍ୟାଳୟର୨୫ ପ୍ରତିଶତ ପିଲା ଖାଉନାହାନ୍ତି ମଧ୍ୟାହ୍ନ ଭୋଜନ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷାର ଉନ୍ନତି ପାଇଁ ପ୍ରତି ବ୍ଲକରେ ଘରୋଇ ବିଦ୍ୟାଳୟ ଢାଞ୍ଚାରେ କୋଟିକୋଟି ଟଙ୍କା ବ୍ୟୟ କରାଯାଇ ଆଦର୍ଶ ବିଦ୍ୟାଳୟମାନ ଖୋଲାଯାଇଛି। ଏଠାରେ ମାଗଣାରେ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ପାଠପଢା ବହି ଓ ରହିବା ଖାଇବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଖୋଲା ଯାଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ବ୍ୟତିକ୍ରମ ପରିଲିକ୍ଷିତ ହୋଇଛି। ୨୫ ପ୍ରତିଶତ ପିଲା ଖାଉ ନାହାନ୍ତି ମଧ୍ୟାହ୍ନ ଭୋଜନ। ଘରୁ ଅବିଭାବକ ଦେଉଥିବା ବ୍ରେଡ୍, ମାଗି ତଥା ଅନ୍ୟାନ୍ୟ ଜଙ୍କ ଫୁଡ ଆଣି ମଧ୍ୟାହ୍ନ ଭୋଜନ ସମୟରେ ଖାଉଛନ୍ତି। ଏ ସମ୍ପର୍କରେ କେତେକ ଅବିଭାବକ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ସ୍ୱାଦହୀନ କହୁଥିବା ବେଳେ ଅନେକ ଏଥିପାଇଁ ଅବିଭାବକମାନଙ୍କ ନିଜ ପିଲାଙ୍କ ପ୍ରତି ଥିବା ଦୁର୍ବଳତାକୁ ଦାୟୀ କରିଛନ୍ତି। ପିଲାଙ୍କୁ ଟିଫିନ ଦେବା ପରମ୍ପରା ଏକ ଟ୍ରେଣ୍ଡ ହୋଇଥିବାରୁ ଅବିଭାବକମାନେ ଏଥିପ୍ରତି ସଚେତନ ହେଉ ନାହାନ୍ତି। ମନ୍ଦିର ସଦୃଶ୍ୟ ପବିତ୍ର ଶିକ୍ଷାଅନୁଷ୍ଠାନରେ ଉଚ୍ଚନୀଚ ଓ ଧନିଗରିବର ଭେଦଭାବକୁ ମୁକ୍ତ କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କ ପାଇଁ ଡ୍ରେସକୋର୍ଡ କରିଛନ୍ତି। ସେହିପରି ମଧ୍ୟାହ୍ନ ଭୋଜନ ସମୟରେ ସମସ୍ତେ ଗୋଟିଏ ସ୍ଥାନରେ ବସି ଭୋଜନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ କେତେକ ଛାତ୍ରୀଛାତ୍ର ସେହି ସ୍ଥାନରେ ଟିଫିନରେ ଆଣିଥିବା ଚଟପଟି ଖାଦ୍ୟ ଖାଇବା ନେଇ ପିଲାଙ୍କ ଉପରେ ପ୍ରଭାବ ପଡୁଥିବାର ଅବିଭାବକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଅପରପକ୍ଷେ ବିଦ୍ୟାଳୟରେ ଦୈନିକ ଉପସ୍ଥାନ ଅନୁଯାଇ ମଧ୍ୟାହ୍ନ ଭୋଜନ କରାଯାଉଥିବାବେଳେ ଯେଉଁମାନେ ଏହାକୁ ଖାଉନାହାନ୍ତି, ସେମାନଙ୍କ ଖାଦ୍ୟ କ'ଣ ହେଉଛି ବୋଲି ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ବିଭୁତି ଭୂଷଣ ଦାଶ କୁହନ୍ତି ଯେ ଦୈନିକ ୧୦/୧୨ ପିଲା ଘରୁ ଟିଫିନ ଆଣୁଥିବାରୁ ଖାଦ୍ୟ ଖାଉନାହାନ୍ତି।ସେମାନଙ୍କୁ ମନାକରାଯିବା ସତ୍ତ୍ୱେ ସେମାନେ ଟିଫିନ ଆଣୁଛନ୍ତି ବୋଲି ଶିକ୍ଷକ ଦାଶ ପ୍ରକାଶ କରିଛନ୍ତି। ସେହିପରି ୫/୭ ଜଣ ପିଲା ଖାଉନଥିବା ଓ ଖାଦ୍ୟ ରୁଚିକର ହେଉଥିବା ସମ୍ପର୍କରେ ବିଦ୍ୟାଳୟର ଅଧକ୍ଷ ହୃଷୀକେଶ ସାହୁ କହିଛନ୍ତି। ଆଗାମୀ ପିଟିଏ ମିଟିଂରେ ଅବିଭାବକଙ୍କୁ ଏଥିପ୍ରତି ସଚେତନ କରାଯିବା ସହ ଆସନ୍ତା ବୁଧବାର ଓ ଶନିବାର ଠାରୁ ପିଲାଙ୍କୁ ସିଝାଅଣ୍ଡା ପରିବର୍ତ୍ତେ ଅଣ୍ଡାକୁ ତେଲରେ ଭାଜି ତରକାରୀ କରି ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।ଯଦି ଅବିଭାବକମାନେ ଏଥିପ୍ରତି ସଚେତନ ହୁଅନ୍ତି ତାହାଲେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା ଆଶାତୀତ ସଫଳ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ମହିଳା ନିଖୋଜ

କଣାସ (ଭାସ୍କର ନ୍ୟୁଜ୍): କଣାସ ଥାନା ଅନ୍ତର୍ଗତ ଅଣ୍ଡାରସିଂହ ଗ୍ରାମ ପଞ୍ଚାୟତ ଜଙ୍ଘାର ଗ୍ରାମର ଛବିରାଣୀ ବେହେରା ୪୮ ବର୍ଷ ଗତକାଲି ଖୋର୍ଦ୍ଧା ବଜାରରେ ନିଖୋଜ ହୋଇଯାଇଥିବା ସଂପର୍କୀୟ ପୁଅ ଅଶୋକ ବେହେରା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଯଦି କୌଣସି ବ୍ୟକ୍ତି ଛବିରାଣୀଙ୍କ ସନ୍ଧାନ ପାଆନ୍ତି ଅଶୋକ ବେହେରା ଗ୍ରାମ-ଜଙ୍ଘାର ପୋ-ତିପୁରି, କଣାସ, ପୁରୀ ମୋ-୮୪୮୦୨୨୯୬୨୬ରେ ଯୋଗେଯାଗ କରିବାକୁ ଅଶୋକ ନିବେଦନ କରିଛନ୍ତି।

## ଭ୍ରାମ୍ୟମାଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଶିବିର

କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ଠାରେ ପ୍ରତଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଳାଚଳସେବା ପ୍ରତିଷ୍ଠାନ ପକ୍ଷରୁ ଗତକାଲି ଗଡସାନପୁଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ସରପଞ୍ଚ ସର୍ମିଷ୍ଠା ଛୁଆଳସିଂହ ଉଦ୍‌ଘାଟନ କରିଥିଲେ। ଡାକ୍ତର ସସ୍ମିତା ସାମନ୍ତ ରାୟ, ଫିଜିଓଥେରାଫିଷ୍ଟ ଶୁଚରିତ୍ରା ରାଉତ, ଫାର୍ମାଷ୍ଟିକ୍ ଅଭିଷେକ ପଟ୍ଟନାୟକ, ଲ୍ୟାବଟେକ୍ନିସିୟାନ ନିହାରିକା ତ୍ରିପାଠୀ, ନର୍ସ ଅର୍ପିତା ସାମଲଯୋଗ ଦେଇ ୬୦ରୁ ଉର୍ଦ୍ଧ୍ୱ ଶତାଧିକ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିମାଗଣାରେ ଔଷଧ ବିତରଣ କରିଥିଲେ। ନିଳାଚଳସେବା ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ସୁଦର୍ଶନ ପରିଡା, ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତି ଏହାକୁ ପରିଚାଳନା କରିଥିଲେ।

## ଏରସମା ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟୱାରୀ ଏରସମା ବ୍ଲକରେ ଯୁଗ୍ମ ଜନ ଶୁଣାଣୀ ଶିବିର ମାଧ୍ୟମରେ ଲୋକମାନଙ୍କ ଅଭିଯୋଗର ଶୁଣାଣୀ କରିଛନ୍ତି।ମୋଟ ୧୦୧ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ବ୍ୟକ୍ତିଗତ ସମସ୍ୟା ଭାବରେ ୪୯ଟି ଅଭିଯୋଗ ଥିବାବେଳେ ୭ଟି ଅଭିଯୋଗ ଆସିଥିଲା। ଗୋଷ୍ଠୀଗତ ସମସ୍ୟା ସଂମ୍ପର୍କିତ। ସେହିଭଳି ବ୍ୟକ୍ତିଗତ ସମସ୍ୟା ମଧ୍ୟରୁ ରେସନ୍ କାର୍ଡ ସଂପର୍କରେ ୧୪ଟି ଆବାସ ଯୋଜନା ସଂମ୍ପର୍କିତ ୫ଟି ଅଭିଯୋଗ ଆସିଥିଲା। ଜମିଜମା ସଂମ୍ପର୍କିତ ୨୨ଟି, ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ୧ଟି, ଭତ୍ତା ସଂମ୍ପର୍କିତ ୭ଟି ଏବଂ ୧୧ଟି ଅନ୍ୟାନ୍ୟ ଅଭିଯୋଗର ଶୁଣାଣୀ କରାଯାଇଥିଲା। ୩୩ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଥିଲା। ଏରସମା ସାମ୍ବାଦିକ ସଂଘ ସମ୍ପାଦକ ନରେଶ ସ୍ୱାଇଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପାରାଦ୍ୱୀପ ପୋର୍ଟଟ୍ରଷ୍ଟ ଦ୍ୱାରା ନିର୍ମାଣ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ସରକାର ବିପଦ ସଂକୁଳ ଦର୍ଶାଇ ବ୍ୟବହାର ଅନୁପଯୋଗୀ ଘୋଷଣା କରିଛନ୍ତି। ସେହି ଆଶ୍ରୟସ୍ଥଳୀ ଗୁଡିକୁ କୌଣସି ଅଘଟଣ ଘଟିବା ପୂର୍ବରୁ ଭାଙ୍ଗି ଦେବାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହି ଜନଶୁଣାଣୀ ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ପି. ଡି. ରୁଦ୍ର ନାରାୟଣ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ସନ୍ଧ୍ୟାଜଳୀ ମାଝି ଏବଂ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପରି ଅଭିଯୋଗର ଶୁଣାଣୀ କରିଥିଲେ।

# ମହାନଗର




କଟକ(ଭାସ୍କର ନ୍ୟୁଜ୍): ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ କାଳ ବାଦାମବାଡି ବସଷ୍ଟେଣ୍ଡ ଅଞ୍ଚଳ ଦୁଇ ପାର୍ଶ୍ୱରେ ଲିଙ୍କରୋଡ ଠାରୁ ଦୋଳମୁଣ୍ଡାଇ ପର୍ଯ୍ୟନ୍ତ ଉଠାଦୋକାନୀ ମାନେ ବସିରହି ଓ ବୁଲାବିକାଳିମାନେ ସାଇକେଲରେ ବେପାରକରି ଆସୁଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ୨୦୧୪ ଓ ରାଜ୍ୟ ସରକାର ୨୦୧୫ରେ ଆଇନ କରିଛନ୍ତି । ବାଦାମବାଡି ଠାରେ ଏଯାବତ ଭେଣ୍ଡି ଜୋନ୍ ହୋଇନାହିଁ । ରାସ୍ତା ଅବରୋଧର ଆଳ ଦେଖାଇ ଟ୍ରାଫିକ ପୋଲିସ ସେମାନଙ୍କ ଉପରେ ଜୁଲମ୍ କରି ସବୁ ସାମଗ୍ରୀ ଫୋପାଡି ଦେବା, ଆଶାଳୀନ ଭାଷାରେ ଗାଳି ଦେବା, ୫୦୦ ଟଙ୍କା ଫାଇନ୍ କାଟିବା ଆଦି ଗରିବ ଉଠାଦୋକାନୀମାନଙ୍କୁ ଅତୀବ କଷ୍ଟ ଦାୟକ ହୋଇଛି । ଏହାକୁ ବନ୍ଦ କରିବାକୁ ଏବଂ ଭେଣ୍ଡି ଜୋନ୍ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ରାସ୍ତା ପାର୍ଶ୍ୱରେ ଟ୍ରାଫିକ ଆଇନ ମାନୀ ବେପାର କରିବାକୁ ଦିଆଯାଉ । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଅମରେନ୍ଦୁ ମହାନ୍ତି, ସଂପାଦକ ଛବି ଖୁଣ୍ଟିଆ, ରଞ୍ଜନ ପରିଡା, ନିତ୍ୟାନନ୍ଦ ନାୟକ, ବସନ୍ତ କୁମାର ତ୍ରିପାଠୀ, ଏବଂ ସଂଘର ଉପଦେଷ୍ଟା ବିନୋଦ ବେହେରା ଓ ଉଦୟ କେଶରୀ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ନବରାତ୍ର ପୂଜାର ୭ମ ଦିବସ


ମା' ବାସନ୍ତୁ ଦୁର୍ଗାଙ୍କ କାଳରାତ୍ରି ବେଶ


ମା' କଟକଚଣ୍ଡୀଙ୍କ ମହାକାଳୀ ବେଶ


ମା' ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ ବେଶ

# ରୁକୁଣା ରଥ ପାଇଁ ପଥ ପ୍ରସ୍ତୁତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରୁକୁଣା ରଥଯାତ୍ରା ପାଇଁ ଏକାମ୍ର କ୍ଷେତ୍ର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରଥ ପଥ ପ୍ରସ୍ତୁତ ରହିଥିବାବେଳେ ଏବେ ସେହି ପବିତ୍ର ମୁହୂର୍ତ୍ତକୁ ଭକ୍ତମାନେ ଚାତକ ପରି ଚାହିଁ ରହିଛନ୍ତି । ତେବେ ଏହାକୁ ଦୃଷ୍ଟିରେ ରଖି ଏକାମ୍ର କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜିବା ପାଇଁ ତୀକ୍ଷ୍ଣ ନଜର ରଖାଯାଇଛି । ଏକାମ୍ର କ୍ଷେତ୍ରରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି । ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଥିବା ବେଳେ ଅନ୍ୟାନ୍ୟ ରୀତିନୀତି ମଧ୍ୟ ସମାପନ ହେବା ଉପରେ ପ୍ରସ୍ତୁତି ଶେଷ ହୋଇଛି । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରରୁ ରୁକୁଣା ରଥ ବାହାରି ମାଉସୀମା' ମନ୍ଦିର ଅଭିମୁଖେ ଯାତ୍ରା କରିବ ବୋଲି ଜଣାପଡ଼ିଛି ।



## ବଦଳି ହେଲେ ମେୟରଙ୍କ ସଚିବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱର ମହାନଗର ନିଗମର (ବିଏମ୍ସି) ଏକାମ୍ର ସଭା ଗୃହରେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ପାଇଛନ୍ତି ଡେପୁଟି କମିଶନର ତଥା ମେୟରଙ୍କ ସଚିବ କମଳାକାନ୍ତ ବେହେରା । ବିଏମ୍ସିରେ ଦୀର୍ଘ ତିନି ବର୍ଷ ଧରି କାର୍ଯ୍ୟ କରିବା ପରେ ସରକାରୀ ପ୍ରକ୍ରୀୟାରେ ତାଙ୍କର ବଦଳି ହୋଇଛି । ଶ୍ରୀ ବେହେରା ଗତ ୨୮-୦୩-୨୦୨୦ରେ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀ ଭାବେ ବିଏମ୍ସିରେ ଯୋଗଦେଇ ବିଭିନ୍ନ ପଦବୀରେ କାର୍ଯ୍ୟକରି ଆସିଥିଲେ । ଏହି ଉଦ୍ଦେଶ୍ୟରେ ତାଙ୍କର ବଦଳି ଜନିତ ବିଦାୟ ସମ୍ବର୍ଦ୍ଧନା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ସମସ୍ତ କର୍ପୋରେଟର ଓ ପଦାଧିକାରୀ ଉପସ୍ଥିତ ଥିଲେ ।

## ମୋ ବସ୍‌ରୁ ୫୦ ହଜାର ଟଙ୍କା ଲୁଟ୍ ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋ ବସରୁ ପୁଣି ଥରେ ଲୁଟ୍ ଲୁଟ୍ ଅଭିଯୋଗ ଆସିଛି । ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି । ଲୁଟର ଶୀକାର ହୋଇଛନ୍ତି ବାଙ୍କୀ ଅଞ୍ଚଳର ରାଜକିଶୋର ଜେନା । ବାହାଘର ପାଇଁ ଲୁଗାପଟା କିଣିବାକୁ ଭୁବନେଶ୍ୱର ଆସିବା ବେଳେ ରାଜକିଶୋର ଲୁଟର ଶୀକାର ହୋଇଛନ୍ତି । ସୂଚନା ଅନୁଯାୟୀ ବାଙ୍କୀ ଥାନା ବିଲୁପଡାର ରାଜକିଶୋର ଜେନା ସପରିବାର ଭୁବନେଶ୍ୱର ଆସିବା ପାଇଁ ତ୍ରିଶୂଳିଆରୁ ୧୮ ନମ୍ବର ବସରେ ବସିଥିଲେ । ଚନ୍ଦ୍ରଶେଖରପୁର ଅଞ୍ଚଳରେ ତାଙ୍କର ୫୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ରାଜକିଶୋର ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏଫଆଇଆର ଦାଖଲ କରିଛନ୍ତି ।


ଭରତପୁର ଠାରେ ଓଡ଼ିଶା ଲୋକାୟୁକ୍ତ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି

### ଢିଙ୍କିଆରେ ଜିନ୍ଦଲ ପ୍ରକଳ୍ପକୁ ଜମି ହସ୍ତାନ୍ତର ପ୍ରସଙ୍ଗ

## ଲିଜ୍ ମାମଲା ଉପରେ ହାଇକୋର୍ଟଙ୍କ ରହିତାଦେଶ

କଟକ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ଢିଙ୍କିଆଠାରେ ଜିନ୍ଦଲ ପ୍ରକଳ୍ପକୁ ଜମି ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାରଙ୍କ ଲିଜ୍ କେସ୍ ଉପରେ ଓଡିଶା ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ହାଇକୋର୍ଟର ବିଚାରପତି ଅରିନ୍ଦମ ସିହ୍ନା ଓ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ରହିତାଦେଶ ଜାରି କରିଛନ୍ତି । ଆବେଦନକାରୀମାନଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ମାମଲା ପରିଚାଳନା କରୁଥିବା ବେଳେ ଜୟନ୍ତୀ ନାୟକ, ଟିଏସ୍ ସ୍ୱରାଜ ଓ ଅନ୍ୟମାନେ ସହାୟତା କରୁଥିଲେ । ଗତ ୨୦୦୫ରେ ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ଏରସମା ତହସିଲର ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଗ୍ରାମ ପଂଚାୟତ ଏବଂ ଆଖପାଖର ଜଙ୍ଗଲ ଜମି ଉପରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ପୋସ୍କୋ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା । ହାଇକୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଜମି ହସ୍ତାନ୍ତର ପ୍ରକ୍ରିୟା ଏବଂ ଉକ୍ତ ସଂମ୍ପର୍କୀୟ ଲିଜ୍ କେସ୍ ଉପରେ ରୋକ ଲଗାଇଛନ୍ତି ।

### ତାଳଦଣ୍ଡା କେନାଲ ପରିଦର୍ଶନ କଲେ ସିଏମ୍ସି କମିଶନର

# ପରିମଳ ବ୍ୟବସ୍ଥା ସୁଧାରିବାକୁ ଗୁରୁତ୍ୱ



କଟକ(ଭାସ୍କର ନ୍ୟୁଜ୍): କଟକ ସହରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆଗେଇ ଚାଲିଥିବାବେଳେ ତାଳଦଣ୍ଡା କେନାଲର ରୂପାନ୍ତରଣ କାର୍ଯ୍ୟ ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଖୁବଶୀଘ୍ର ତାଳଦଣ୍ଡା କଟକ ସହର ପାଇଁ ପର୍ଯ୍ୟଟନର ମୁଖ୍ୟ କେନ୍ଦ୍ର ପାଲଟିବାକୁ ଯାଉଥିବାରୁ ପ୍ରଶାସନ ଏହାର ଉନ୍ନତିକରଣ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛି । ଏହି ପରିପ୍ରେକ୍ଷୀରେ ସିଏମସି କମିଶନର ନିଖିଲ ପଥ୍ୱନ କଲ୍ୟାଣ ତାଳଦଣ୍ଡା ଉପରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ଏହାର ପରିମଳ ବ୍ୟବସ୍ଥା ସୁଧାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ କମିଶନର ଶ୍ରୀ କଲ୍ୟାଣ ରାଣୀହାଟସ୍ଥିତ ତାଳଦଣ୍ଡା କେନାଲ ବନ୍ଧ ପରିଦର୍ଶନ କରି ଉଭୟ ପଟ ରାସ୍ତା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିପରି କରାଯିବ ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସେହିପରି କେନାଲର ଭିତର ପଟ ଯେପରି ପରିଷ୍କାର ପରିଚ୍ଛନ୍ନ ରହିବ ଓ ପ୍ରଦୂଷିତ ନହେବ ସେଥିପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ ସେ ନିଗମର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମାତୃଭବନ ନିକଟରେ ଚାଲିଥିବା ରାସ୍ତା କାମକୁ ଅଧିକ ତ୍ୱରାନ୍ୱିତ କରିବାକୁ କମିଶନର ପରାମର୍ଶ ଦେବା ସହ ଯୋବ୍ରା ନିକଟରେ ଏକ ମାଛ ମାର୍କେଟ ଓ ରାଣୀହାଟ ନିକଟରେ ଏକ ସୁଲଭ ଶୌଚାଳୟ ନିର୍ମାଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ସେହିପରି ଛତ୍ରବଜାର ନିକଟରେ ଥିବା ଅର୍ବାନ ହାଟକୁ ସଂଯୁକ୍ତ ରାସ୍ତା ଶୀଘ୍ର ଶେଷ କରିବା ପାଇଁ ସେ ଉପସ୍ଥିତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ତାଳଦଣ୍ଡା କେନାଲକୁ କଟକର ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଣତ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଥିବାରୁ ସମସ୍ତ ନିର୍ମାଣ କାର୍ଯ୍ୟକୁ ତ୍ୱରିତ୍ ବେଗରେ ଶେଷ କରିବାକୁ ପ୍ରଶାସନିକ ଉଦ୍ୟମ ଜାରି ରହିଛି । ଏଥିପାଇଁ ନିକଟରେ ୫-ଟି ସଚିବ କଟକରେ ପହଁଚି ଉକ୍ତ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ସିଲଭରସିଟି ବୋଟିଂ କ୍ଲବ, ଆମ୍ୟୁଜ୍‌ମେଣ୍ଟ ପାର୍କ, ଫୁଡ୍‌କୋର୍ଟ ଆଦିର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଥିଲା ବେଳେ କେନାଲ ଭିତରକୁ ନିର୍ମାଣ ହେବାକୁ ଥିବା ର୍ୟାମ୍ପ କାର୍ଯ୍ୟକୁ ଖୁବ୍ ଶୀଘ୍ର ଶେଷ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ରାଣୀହାଟ ନିକଟରେ ୱାଚ୍ ଟାୱାର ନିର୍ମାଣ କାର୍ଯ୍ୟ ଶେଷ କରାଯାଇ କେବଳ ଉଦ୍‌ଘାଟନ ଅପେକ୍ଷାରେ ରହିଥିବା ଜଣାପଡ଼ିଛି ।

## ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନେଲେ ନିକୁଞ୍ଜ ଧଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମଙ୍ଗଳବାର ନୂତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ । ଶ୍ରୀ ଧଳ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ, ଶକ୍ତି, ଅବକାରୀ, ଓସ୍‌ଡମା ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ରହି ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରିଛନ୍ତି । ଅନ୍ୟପକ୍ଷରେ ବିଦାୟୀ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ମଙ୍ଗଳବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଶ୍ରୀ ଲୋହାନୀ ସାତଗୋଟି ବିଧାନସଭାର ଉପନିର୍ବାଚନ ସୁରୁଖୁରୁରେ ପରିଚାଳନା କରିଛନ୍ତି । ନିର୍ବାଚନ କାର୍ଯ୍ୟରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିବାରୁ ଶ୍ରୀ ଲୋହାନୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ଫୁଲତୋଡ଼ା ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର ଓଏସ୍‌ଡି ଭବାନୀ ପ୍ରସାଦ ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ବିତ ଅଧିକାରୀ ସଂଜୟ କୁମାର ଲୁଗୁନ, ଅନୁଶାସନ ସଚିବ ଶିବପ୍ରସାଦ ନାୟକଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ଅକ୍ଷୟ ପରିଜାଙ୍କ ବିରୋଧରେ ଟଙ୍କା ଦେଉନଥିବା ଅଭିଯୋଗ ଆଣିଲେ କଳାକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ବିରୋଧରେ ଟଙ୍କା ଦେଉନଥିବା ଅଭିଯୋଗ ଆସିଛି । ଅକ୍ଷୟଙ୍କ ପ୍ରଯୋଜନା ସଂସ୍ଥା ଅଭିନୟ ପାଇଁ ଚୁକ୍ତି କରି ପାରିଶ୍ରମିକ ଦେଉନଥିବା ଅଭିଯୋଗ ଆଣିଛନ୍ତି କଳାକାର । ଭୁବନେଶ୍ୱର କଂଟାବାଡରେ ସୁଟିଂ ଚାଲିଥିବା ବେଳେ କଳାକାରମାନେ ପହଞ୍ଚି ଅକ୍ଷୟ ପରିଜା ପ୍ରଡକ୍ସନ୍ ହାଉସ୍ ସାମ୍ନାରେ ଧାରଣା ଦେଇଛନ୍ତି । ଜଣେ କଳାକାର କହିଛନ୍ତି, ଆମ ସୁଟିଂ ସରିବା ପାଖାପାଖି ଅଢେଇ ମାସ ଟପିଗଲାଣି । ନଭେମ୍ବର, ଡିସେମ୍ବର ଏବଂ ଜାନୁଆରୀ ମାସର ଟଙ୍କା ଏପର୍ଯ୍ୟନ୍ତ ମିଳିପାରିଲାନି । ଦୀର୍ଘ ଦିନ ଅପେକ୍ଷା ପରେ ସୁଦ୍ଧା ଟଙ୍କା ମିଳିଲାନି । ଅପରପକ୍ଷରେ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ଅକ୍ଷୟ କହିଛନ୍ତି, ସେ ଏବେ ବିଦେଶରେ ଅଛନ୍ତି । ତାଙ୍କର ଗୋଟିଏ ବ୍ୟାଙ୍କ ଆକାଉଂଟ ଟେକନିକାଲ ସମସ୍ୟା ଯୋଗୁ ଫ୍ରିଜ ହୋଇଯାଇଥିଲା । କାହାରି ଟଙ୍କା ରଖିବାର ଅଭିପ୍ରାୟ ନାହିଁ ।

## ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ ଦଣ୍ଡାଦେଶ

କଟକ(ଭାସ୍କର ନ୍ୟୁଜ୍): ଜଣେ ପତ୍ନୀହନ୍ତା ସ୍ୱାମୀକୁ କଟକର ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କାର ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ତେବେ ଆସାମୀ ଜରିମାନା ଦାଖଲ କରିବାରେ ବିଫଳ ହେଲେ ତାକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ସେହିପରି ମୃତକଙ୍କ ଦୁଇ ସନ୍ତାନକୁ ପିଡିତ କ୍ଷତିପୂରଣ ଯୋଜନାରେ କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ଗତ ୨୦୧୬ ମସିହା ଏପ୍ରିଲ୍ ୨୧ ତାରିଖ ସଂଧ୍ୟା ୫ଟା ସମୟରେ କଟକ ସଦର ଥାନା ଅଧିନସ୍ଥ ଅରଡ ଅଂଚଳରେ ଘଟଣା ଘଟିଥିଲା । ଆସାମୀ ପ୍ରସନ୍ନ ମଲ୍ଲିକ୍ ନିଜ ପତ୍ନୀ ସରସ୍ୱତୀକୁ ଅତି ବିଭତ୍ସ ଭାବେ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ମୃତକଙ୍କ ଭାଇ ଏତଲା ରୁଜୁ କରିଥିଲେ । ପୁଲିସ୍ ଏହି ଘଟଣାରେ ପ୍ରସନ୍ନକୁ ଗିରଫ କରି ତା ବିରୋଧରେ ଅଭିଯୋଗପତ୍ର ଦାଖଲ କରିଥିଲା । କୋର୍ଟରେ ଶୁଣାଣିବେଳେ ୧୬ ଜଣଙ୍କ ସାକ୍ଷ୍ୟଗ୍ରହଣ ହୋଇଥିଲା ।

## ସରିଲା ଓଡ଼ିଶୀ ସଙ୍ଗୀତ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ 'ଓଡ଼ିଶୀ ସଙ୍ଗୀତ ଉତ୍ସବ' ମଙ୍ଗଳବାର ସନ୍ଧ୍ୟାରେ ଗବେଷଣା କେନ୍ଦ୍ର ପରିସରେ ଥିବା ପ୍ରେକ୍ଷାଳୟ 'ଉତ୍କଳ ରଙ୍ଗମଞ୍ଚ'ରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଗାୟିକା ପଦ୍ମଶ୍ରୀ ଶ୍ୟାମମଣି ଦେବୀ, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉଦ୍‌ଯାପନୀ ଉତ୍ସବର ପ୍ରଥମ ସୋପାନରେ ବରିଷ୍ଠ କଣ୍ଠଶିଳ୍ପୀ ରଘୁନାଥ ପାତ୍ର ଏକାଧାରରେ ତିନୋଟି ଶ୍ରୁତିମଧୁର ପାରମ୍ପରିକ ଓଡ଼ିଶୀ ସଂଗୀତ ଗାୟନ କରିଥିଲେ । ପରେ ବିଶିଷ୍ଟ ଶିଳ୍ପୀ କେ. ରାମାରାଓ ପାତ୍ରଙ୍କ ବୀଣା ବାଦନ କିଛି କ୍ଷଣ ପାଇଁ ଉପସ୍ଥିତ ଦର୍ଶକଙ୍କୁ ଏକାଗ୍ରତାରେ ବାନ୍ଧି ରଖିଥିଲା । କାର୍ଯ୍ୟକ୍ରମର ତୃତୀୟ ସୋପାନରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ସୁକନ୍ୟା ସଙ୍ଗୀତା ପଣ୍ଡା ଓଡ଼ିଶୀ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ବରିଷ୍ଠ ମର୍ଦ୍ଦଳ ବାଦକ ଜଗନ୍ନାଥ କୁଅଁରଙ୍କ ମର୍ଦ୍ଦଳ ବାଦନ ସହିତ ଉତ୍ସବର ସମାପନ ହୋଇଥିଲା । ଏହି ସାଂସ୍କୃତିକ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯଥା-ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟି, ଗୁରୁ ନିରନ୍ ରାଉତ, ଅନେକ ଗାୟକ, ବାଦକ, ନୃତ୍ୟଶିଳ୍ପୀ, ଆଦି ଯୋଗଦାନ କରିଥିଲେ ।

## କ୍ୟାନ୍ସର ରୋଗୀଙ୍କ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଯୁବ ସର୍ଜନଙ୍କର ଏକ ଟିମ୍ ଜଣେ କ୍ୟାନ୍ସର ରୋଗୀଙ୍କର ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାରକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି । ଅଗ୍ନାଶୟ (ପାନକ୍ରିଆସ) କର୍କଟ ରୋଗରେ ପୀଡ଼ିତ ଥିବା ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କର ଏହି ଜଟିଳ ଅସ୍ତ୍ରୋପଚାର କରିଛନ୍ତି ସମ୍ ହସ୍ପିଟାଲ୍‌ର ସର୍ଜିକାଲ୍ ଟିମ୍ । ରୋଗୀଙ୍କ ଶରୀରରେ ସୃଷ୍ଟି ହୋଇଥିବା ଟ୍ୟୁମରଟି ପ୍ରମୁଖ ରକ୍ତ ଧମନୀ ସିଲିଆକ୍ ଟ୍ରଙ୍କକୁ ଆକ୍ରାନ୍ତ କରିଥିଲା ଯାହାକି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସହ ମଧ୍ୟ ଜଡ଼ିତ ଥିଲା । ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏନ୍‌ଟେରୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ଜେନାଙ୍କ ନେତୃତ୍ୱରେ ଏକ ବହୁବିଧ ଟିମ୍ ଏହି ସମସ୍ୟାକୁ ନେଇ ଅନେକ ବିଚାରବିମର୍ଶ କରିବା ପରେ ଅସ୍ତ୍ରୋପଚାର ନିମନ୍ତେ ନିଷ୍ପତି ନେଇଥିଲେ । ଟ୍ୟୁମରଟି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ସିଲିଆକ୍ ଟ୍ରଙ୍କ, ଯକୃତକୁ ରକ୍ତବାହୀ ଧମନୀ, ପାକସ୍ଥଳୀ ଏବଂ ପ୍ଲିହାକୁ ପ୍ରଭାବିତ କରୁଥିବାରୁ ଏହା ଚିନ୍ତାର କାରଣ ଥିଲା । ସିଲିଆକ୍ ଟ୍ରଙ୍କ (ସିଲିଆକ୍ ଧମନୀ) ଯାହାକି ତିନି ଭାଗ ହୋଇ ପାକସ୍ଥଳୀ, ଯକୃତ ଏବଂ ପ୍ଲିହାକୁ ରକ୍ତ ଯୋଗାଇଥାଏ ତାହାକୁ ବାହାର କରିବାର ଆବଶ୍ୟକତା ପଡ଼ିଥିଲା । ତେବେ ଏଭଳି କରିବା ଦ୍ୱାରା ଯକୃତକୁ ରକ୍ତ ସଂଚାଳନ ବନ୍ଦ ହୋଇ ରୋଗୀର ମୃତ୍ୟୁ ହେବାର ଯଥେଷ୍ଟ ସମ୍ଭାବନା ଥିଲା ବୋଲି ଡାକ୍ତର ଜେନା ମଙ୍ଗଳବାର ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ର ଜେନାଙ୍କ ସହିତ ରେଡିଓ-ଡାଏଗ୍ନୋସିସ୍ ବିଭାଗର ପ୍ରଫେସର ଡାକ୍ତର ଏସ୍.ଏସ୍ ମହାପାତ୍ର, ଗ୍ୟାଷ୍ଟ୍ରୋସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ସୁମିତ ମହାନ୍ତି, ମେଡିକାଲ୍ ଅଙ୍କୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ଲଲାଟେନ୍ଦୁ ମହାରଣା, ସିଟିଭିଏସ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ସଂଗ୍ରାମ କେଶରୀ ବେହେରା, ଆନେସ୍ଥେସିଓଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ସସ୍ମିତା ପାଣିଗ୍ରାହୀ ଏବଂ ପାଥୋଲୋଜି ବିଭାଗର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ରୁପନ୍ୱିତା ବିଶ୍ୱାଳ ସାମିଲ ଥିଲେ । ସେହିପରି ଏମ୍‌ସିଏଚ୍ ଛାତ୍ରଛାତ୍ରୀ ଡାକ୍ତର ଉଦୟ ରେଡ୍ଡୀ, ଡାକ୍ତର ହର୍ଷାଲ ଭୋଇ, ଡାକ୍ତର ଏଚ୍. ସ୍ୱାମୀ ରାଜେଶ ଓ ଡାକ୍ତର ରଘୁନାଥ ରାଜା ଏହି ସର୍ଜରୀ ଟିମ୍‌ରେ ସାମିଲ ଥିଲେ ।

### ୧୨ବର୍ଷରେ ୧୬ ପ୍ରାକୃତିକ ବିପର୍ଯ୍ୟୟ



## 'ଜଳବାୟୁ ପରିବର୍ତ୍ତନର ଜ୍ୱାଳା ଭୋଗୁଛି ଓଡିଶା'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଳବାୟୁ ପରିବର୍ତ୍ତନର ଜ୍ୱାଳା ଭୋଗୁଛି ଓଡିଶା । ବିଗତ ୧୨ ବର୍ଷ ମଧ୍ୟରେ ଓଡିଶା ୧୬ଟି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି ବୋଲି ମଙ୍ଗଳବାର ଏଠାରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି । ଅଗ୍ରଣୀ ସାମାଜିକ ସଂଗଠନ ରିଜିଓନାଲ ସେଣ୍ଟର ଫର ଡେଭଲପମେଣ୍ଟ କୋ ଅପରେସନ (ଆର୍‌ସିଡିସି) ଓ କେୟାର ଇଣ୍ଡିଆର ମିଳିତ ପ୍ରୟାସରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଯୋଗଦେଇ ଆର୍‌ସିଡିସିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଦାଶ ସାମୁଦ୍ରିକ ଜୁଆର ବୃଦ୍ଧି କାରଣରୁ ରାଜ୍ୟରେ ବାସଚ୍ୟୁତ ହେଉଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବା ଦିଗରେ ପରାମର୍ଶ ଦେଇଛନ୍ତି । ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଡକ୍ଟର ଅମ୍ବିକା ନନ୍ଦଙ୍କ ପୌରହିତ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ କେୟାର ୟୁଏସ୍ଏ ଭାଇସ ପ୍ରେସିଡେଣ୍ଟ ଦୀପମାଳା ମାହାଲା, ୟୁନିସେଫର ବିପଦ ମୁକାବିଲା ବିଶେଷଜ୍ଞ ଓଁକାର ଓନେଲ ଖାରେ, ୟୁଏନଡିପିର ରାଜ୍ୟ ମୁଖ୍ୟ ଡକ୍ଟର ଆଭା ମିଶ୍ର, ଓଡିଶା ପରିବେଶ କଂଗ୍ରେସ ର ସମ୍ପାଦକ ଡକ୍ଟର ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଆହ୍ୱାନ ଓ କାର୍ଯ୍ୟପନ୍ଥା ବାବଦରେ ଆଲୋକପାତ କରିଥିଲେ ।

# ରାଜ୍ୟ ଖବର





ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସ୍ୱୟଂ ସହାୟକ ତାଲିମ ଗୃହଠାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ପାର୍ବତୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଟୟାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର କଣ୍ଢେଇ ଓ ଖେଳନାର ପ୍ରକଳ୍ପସ୍ତରୀୟ ପ୍ରଦର୍ଶନୀ କରାଯାଇଥିଲା। ବ୍ଲକ୍‌ରେ ଥିବା ସାତଟି ସେକ୍ଟରର ଅଙ୍ଗନାୱାଡ଼ି କର୍ମୀ ଯୋଗ ଦେଇ ବିଭିନ୍ନ ପ୍ରକାରର ମନମୁଗ୍ଧକର ରଙ୍ଗ ବେରଙ୍ଗର ତଥା ବିଷୟ ବସ୍ତୁ ଭିତ୍ତିକ ପିଲାମାନଙ୍କ ସାମାଜିକ ମାନସିକ ବୌଦ୍ଧିକ ଶାରୀରିକ ବିକାଶ ନିମନ୍ତେ ଏକରୁ ଛଅ ବର୍ଷର ପିଲାମାନଙ୍କ ନିମନ୍ତେ ବିଭିନ୍ନ ବର୍ଗର ଖେଳଣା ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା। ଏଇ ସବୁ ବିପଦ ବିହିନ ଖେଳଣାଗୁଡିକ କର୍ମୀମାନେ ନିଜ ହାତରେ ତିଆରି କରିଥିବା ଜଣା ପଡିଛି। ଏହି ପ୍ରଦର୍ଶନୀକୁ କୋରାପୁଟ ଜିଲ୍ଲାପାଳ ମହମଦ୍ ଅବ୍ଦୁର୍ ଅଖତର ଶୁଭ ଉଦ୍‌ଘାଟନ କରିଥିଲା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଗୌରବ ଶିବାଜୀ ଇସଲୱାର, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ବିଦ୍ୟୁତ୍ ଲତା ପାତ୍ର, ବିଡିଓ ପ୍ରୀତିରଞ୍ଜନ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଳଦିପ୍ ଉପସ୍ଥିତ ଥିଲେ। ଏଥିସହ ପୋଷଣ ପକ୍ୱାଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରଦର୍ଶିତ କରାଯିବା ସହ ଜିଲ୍ଲା ଅଧିକାରୀ ଓ ଉପସ୍ଥିତ ଜନ ସାଧାରଣଙ୍କୁ ପରିବେଷଣ ମଧ୍ୟ କରାଯାଇଥିଲା।

## ମଣ୍ଡଳସ୍ତରୀୟ ଶିକ୍ଷଣ ଓ ଶିକ୍ଷାଦାନ ମେଳା ଉଦ୍‌ଘାଟିତ



ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ସମଗ୍ର ଶିକ୍ଷା ପରାମର୍ଶରେ ଓ ବୋଲଗଡ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଅନୁକୂଲ୍ୟରେ ସୋମବାର ଦିନ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ମଣ୍ଡଳସ୍ତରୀୟ ଶିକ୍ଷଣ ତଥା ଶିକ୍ଷାଦାନ ମେଳା ସରକାରୀ ବାମନ ହାଇ ସ୍କୁଲ୍‌ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସକାଳର ଉଦ୍‌ଘାଟନ ଉତ୍ସବରେ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ଡକ୍ଟର ନିରଂଜନ ମହାନ୍ତି ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ସିଦ୍ଧେଶ୍ୱର ସାହୁ ଓ କୈଳାସ ନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିକ୍ଷଣ ଓ ଶିକ୍ଷାଦାନ ମେଳାରେ ୧୨୫ଟି ସ୍କୁଲ୍‌ରୁ ୧୯୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇ ୨୭୬ଟି ସୋହସ୍ତ ସମ୍ବଳିତ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଅପରାହ୍ନର ଉଦ୍‌ଯାପନ ଉତ୍ସବରେ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ତାପସ ନାୟକ, ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ରାଜଶ୍ରୀ ପଟ୍ଟନାୟକ ଓ ସମ୍ମାନୀତ ଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ଡକ୍ଟର ନିରଂଜନ ମହାନ୍ତି, ସହ ଗୋଷ୍ଠି ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା କୈଳାସ ନାଥ ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷକ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଟିଏଲ୍‌ଏମ୍ ସ୍କୁଲ ଭାବେ କାଉଁରୀପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଖଙ୍ଗୁରିଆ ପ୍ରାଥମିକ ବିଦ୍ୟାଳୟ, ହରିରାଜପୁର ପ୍ରାଥମିକ ବିଦ୍ୟାଳୟ, ମଣ୍ଡଳସଂହ ପ୍ରାଥମିକ ବିଦ୍ୟାଳୟ ଓ କୁସୁପଲ୍ଲୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଶ୍ରେଷ୍ଠ ଶିକ୍ଷଣ ଓ ଶିକ୍ଷାଦାନ ପ୍ରମାଣ ପତ୍ର ମୁଖ୍ୟ ଅତିଥି ଶ୍ରୀ ନାୟକ ଓ ମୁଖ୍ୟବକ୍ତା ଶ୍ରୀମତୀ ପଟ୍ଟନାୟକ ପ୍ରଦାନ କରିଥିଲେ। ଦେଉଳି ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ଟାଙ୍ଗୀ ସାହି ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ, ହଳଦୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ କାଉତରା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ମୁଖ୍ୟ ଅତିଥି ନାୟକ ସନ୍ତାନ ମୂଳକ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ପିଲାମାନଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଅଭିବୃଦ୍ଧି ଘଟି ଥାଏ ବୋଲି ମୁଖ୍ୟଅତିଥି ତାପସ ନାୟକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମଗ୍ର ଶିକ୍ଷା କାର୍ଯ୍ୟକ୍ରମକୁ ୧୪ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ତଥା ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ସଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପାଳିଲା ବିଶ୍ୱ ରଙ୍ଗମଞ୍ଚ ଦିବସ




ବରଗଡ଼, (ଭାସ୍କର ନ୍ୟୁଜ୍): ଜଣେ ଅଭିନେତା ପାଇଁ ନିଖୁଣ ଅଭିନୟ କରିବାର ପ୍ରକୃଷ୍ଟ ମଞ୍ଚ ହେଉଛି ରଙ୍ଗମଞ୍ଚ। ରଙ୍ଗ ମଞ୍ଚର ଦର୍ଶକଙ୍କ ରୁଚି ଭିନ୍ନ। ତେବେ ଦର୍ଶକଙ୍କ ରୁଚିକୁ ସମ୍ମାନ ଜଣାଇ ନିଖୁଣ ଅଭିନୟର ଆବଶ୍ୟକତା ରହିଥିବା ଉଲ୍ଲେଖ କରି ମଞ୍ଚ କଳାକାର ବଞ୍ଚିଲେ ରଙ୍ଗ ମଞ୍ଚ ବଞ୍ଚିବ ବୋଲି ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ରଙ୍ଗ ମଞ୍ଚ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ସୋମବାର ରାଜ୍ୟ କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଙ୍ଗ ମଞ୍ଚ ଅଭିନୟକୁ ଶ୍ରେଷ୍ଠ ଅଭିନୟ ବୋଲି କହିବା ସହିତ ରଙ୍ଗମଞ୍ଚକୁ ବଞ୍ଚେଇବାକୁ ପଡିବ ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସାମାଜିକ କର୍ମୀ କଳାକାର ମଞ୍ଚର ସମ୍ପାଦକ ଡଃ ଡୋଲାମଣି ଶତପଥୀ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ ଜିଲ୍ଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ମିଳିତ କଳାକାର ମଞ୍ଚର ସଂଯୋଜକ ପଞ୍ଚାନନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ କଳାକାରମାନଙ୍କ ପାଇଁ ରଙ୍ଗ ମଞ୍ଚର ଭୂମିକା ଉପରେ ଆଲୋକପାତ କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ ଏହି ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମହାସଂଘ ସଦସ୍ୟ ସଦାନନ୍ଦ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟ୍ୟ ଶାସ୍ତ୍ରର ପ୍ରଣେତା ମହର୍ଷି ଭରତ ମୁନିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ବଉଳସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କେବଳ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ମହାନ୍ତି, ସିଆର୍‌ସିସି ନିରାକାର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁଶ ପ୍ରଧାନ, ସହକାରୀ ଶିକ୍ଷକ ନାରାୟଣ ମହାକୁଡ଼ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଢିବା ସହ ସେମାନେ କିପରି ଅଧିକ ଶିକ୍ଷା ଲାଭ କରି ଖ୍ୟାତି ଅର୍ଜନ କରିବେ ତାହା ବର୍ଣ୍ଣନା କରିଥିଲେ। ସେହିପରି ସହକାରୀ ଶିକ୍ଷକ ରାଜୀବ ସାହୁ, ଲିଙ୍ଗରାଜ ତାଣ୍ଡିଆ, ଶୁଶାନ୍ତ ବଣ୍ଡକୀ, ଶିକ୍ଷୟିତ୍ରୀ ଗିତାଞ୍ଜଳୀ ବେହେରା ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷକ କେଶବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଗୁଣପୁର, (ଭାସ୍କର ନ୍ୟୁଜ୍): ଉତ୍କଳ ଦିବସ ପାଳନ ଉପଲକ୍ଷେ ଗୁଣୁପୁର ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର (ପ୍ରଶିକ୍ଷଣ ବିଦ୍ୟାଳୟ)ଠାରେ ଓଡିଶୀ ସଂଗୀତ, ଓଡିଶୀ ନୃତ୍ୟ, ଓଡ଼ିଆ ଶୁଦ୍ଧ ଲିଖନ, ଓଡ଼ିଆ ଶୁଦ୍ଧ ପଠନ, ଚିତ୍ରଙ୍କନ ଆଦି ପ୍ରତିଯୋଗିତା ୨୭ ଓ ୨୮ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଓଡ଼ିଶୀ ସଂଗୀତ, ଚିତ୍ରଙ୍କନ ୨୭ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶୀ ନୃତ୍ୟ, ଓଡ଼ିଆ ପଠନ ଓ ଲିଖନ ୨୮ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଲଳିତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ତତ୍ତ୍ୱାବୋଧାନରେ ପ୍ରତାପ ରାୟ, ଲୋକନାଥ ପାଣିଗ୍ରାହୀ, କୈଳାସ ଦାସ, ନୀଳମାଧବ ଦାସ, କେଦାରନାଥ ବିଶ୍ୱାଳ, ସୁଶ୍ରୀ ସୁଦୀପିତା ରାଜଗୁରୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଆସନ୍ତା ଅପ୍ରେଲ ପହିଲା ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ମାଧ୍ୟମରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ସଭାପତି ଭାବେ ସନନ୍ତ କୁମାର ପ୍ରହରାଜ, ଉପସଭାପତି ସପନ କୁମାର ରାୟ ଓ ନାଗେଶ୍ୱରୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଭାବେ ବିଘ୍ନରାଜ ପାତ୍ର, ପ୍ରେମଚାନ୍ଦ ବିଷୋୟୀ, ପ୍ରମୋଦ କୁମାର ଦଳେଇ, ଚଞ୍ଚଳା ପୂଜାରୀ, ସଂଯୋଜକ ଭାବେ ଜଗନ୍ନାଥ ମାଝୀ, ସଙ୍ଗଠନ ସମ୍ପାଦକ ଭାବେ ହନିନ୍ଦ୍ର ଗାଇନ୍, କୋଷାଧ୍ୟକ୍ଷ ଭାବେ ବୈଦନାଥ ଦାସଙ୍କୁ ମନୋନୀତ କରାଯାଇଥିଲା। ଜିଲ୍ଲା ଉପସଭାପତି ଗୋପୀନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳକୃଷ୍ଣ ମିଶ୍ର ଓ ରତନ ମାଝୀ ଉପସ୍ଥିତଥିଲେ। ଏହି ଅବସରରେ ଜିଲ୍ଲାସ୍ତରୀୟ ଏକ କମିଟି ଗଠନ ହୋଇଥିବା ବେଳେ ପ୍ରତି ବ୍ଲକ୍‌ସ୍ତରରେ ୫ ଜଣ ଲେଖାଁଏ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା।

## ବିଡିଓଙ୍କୁ ତାଲା ମାରିଲେ ଜନତା



ଜୟପୁର, (ଭାସ୍କର ନ୍ୟୁଜ୍): ଜୟପୁର ବ୍ଲକ୍‌ରେ ସରପଞ୍ଚ ଦେଲେ ଧାରଣା। ଏମଏନ୍‌ଆର୍‌ଜିଏ ବାବଦକୁ ଆସିଥିବା ଟଙ୍କା ନ ମିଳିବାକୁ ନେଇ ତାତିଲେ ଜନ ପ୍ରତିନିଧି। ଜୟପୁର୍ ବ୍ଲକ୍‌ର ୨୨ ପଞ୍ଚାୟତରୁ ମାତ୍ର ୨୨ଙ୍କୁ ମିଳିଲା ଟଙ୍କା। ଅନ୍ୟ ୧୦ ପଞ୍ଚାୟତର ଦୋଷ କଣ? ଏମିତି ଅନେକ ପ୍ରସଙ୍ଗକୁ ନେଇ ବିଡିଓଙ୍କୁ ତାଲା ମାରିଲେ ଜନ ପ୍ରତିନିଧି। ବିଗତ ବର୍ଷ ଅନେକ ପଞ୍ଚାୟାତକୁ ଏମ୍‌ଜିଏନ୍‌ଆର୍‌ଜି ଅନେକ କାମ ଆସିଥିଲା ଯାହାକୁ ସ୍ଥାନୀୟ ପଞ୍ଚାୟତରେ କାର୍ଯ୍ୟ କ୍ଷମ ମଧ୍ୟ କରା ଯାଇଥିଲା। କାର୍ଯ୍ୟ ଶେଷ ପରେ ଟଙ୍କା ମାଗିବାରୁ ବିଡିଓ ୬୦ ଓ ଚାଳିଶି ରେସିଓ ଦେଖାଇ ମନା କରିବାରୁ ରାଗିଲେ ସରପଞ୍ଚ। ଟଙ୍କା ନମିଳିବା ଯାଏ ୨୨ଟି ପଞ୍ଚାୟତର ଏମ୍‌ଏନ୍‌ଆର୍‌ଜିଏ କାମ କରିବେ ନାହିଁ ବୋଲି ବିଡିଓଙ୍କୁ ଦେଲେ ଚେତାବନୀ। ଅନ୍ୟପଟେ ଧାରଣାରେ ବସିଥିବା ଲୋକମାନେ ଏହି ରେସିଓ ବିଷୟରେ ବ୍ଲକ୍ ତରଫରୁ ସେମାନଙ୍କୁ କିଛି ସୂଚନା ନଥିବା କଥା ମଧ୍ୟ ପ୍ରକାଶ କରିଛନ୍ତି। ଯଦି ଏହିଭଳି କିଛି ନିୟମ ଥିଲା ତାହେଲେ ବ୍ଲକ୍ ଅଧିକାରୀ ଆମାକୁ ଆଗକୁ ଜଣାଇବାର ଆବଶ୍ୟକତା ଥିଲା। ବର୍ତ୍ତମାନ କାମ ସାରିଲା ପରେ ଆମକୁ ଟଙ୍କା ନ ଦେବା ପାଇଁ ଏହିଭଳି କହୁଥିବା ବିଷୟ କମଳ ଲୋଚନ ଗାଦ ସରପଞ୍ଚ ଡଙ୍ଗର ଛିଞ୍ଚି ସୂଚନା ଦେଇଛନ୍ତି।

## ବିକାଶ ଉଚ୍ଚ ଶିକ୍ଷା କ୍ୟାମ୍ପସରେ ନିଆରା ଢଙ୍ଗରେ 'ଇଣ୍ଡିଆ ଏଟ୍ ଓସ୍କାର୍ସ' ପାଳିତ




ବରଗଡ, (ଭାସ୍କର ନ୍ୟୁଜ୍): ବିକାଶ ହାୟର ଏଜୁକେସନାଲ୍ ଇଂଷ୍ଟିଚ୍ୟୁସନ୍ସ କ୍ୟାମ୍ପସ୍ ପରିସରରେ ଛାତ୍ରଛାତ୍ରୀମାନେ 'ଇଣ୍ଡିଆ ଏଟ୍ ଓସ୍କାର୍ସ୍' ଶୀର୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ଚଳଚିତ୍ର ଜଗତର ଓସ୍କାର ବିଜୟକୁ ଉତ୍ସାହ ସହିତ ନିଆରା ଢଙ୍ଗରେ ପାଳନ କରାଯାଇଛି। ବିକାଶ ହାୟର ଏଜୁକେସନାଲ୍ ଇଂଷ୍ଟିଚ୍ୟୁସନ୍ସ କ୍ୟାମ୍ପସ୍ ଅନ୍ତର୍ଗତ ଖେଳ ପଡିଆରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମାଗମ ହୋଇ ଏସ୍‌ଏସ୍ ରାଜମୌଳିଙ୍କ ନିର୍ଦ୍ଦେଶିତ 'ଆର୍ ଆର୍ ଆର୍' ଚଳଚିତ୍ରରୁ ବିଶ୍ୱବିଖ୍ୟାତ ଏବଂ ଓସ୍କାର୍ ପୁରସ୍କୃତ ନାଟୁ ନାଟୁ ଗୀତର ହୂକ୍ ଷ୍ଟେପ୍‌କୁ ସାମୂହିକ ଭାବରେ ପ୍ରଦର୍ଶିତ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି.ନାଗେଶ୍ୱର ରାଓ, ଡାଇରେକ୍ଟର୍ ଡ. ସମରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ସମୂହ ଇଂ. ଅଜୟ ମହାପାତ୍ର, ଡ.କ୍ଷୀରୋଦ ପ୍ରଧାନ, ଡ. ବି.କେ ଦାସ୍, ପ୍ର. ଷ୍ଟେଲା ସମେତ ଉପାଧ୍ୟକ୍ଷା ଦିପାଳୀ ପଟେଲ ଏବଂ ଅଧ୍ୟାପକ ତଥା କର୍ମଚାରୀଙ୍କ ଉପସ୍ଥିତିରେ ସଂଯୋଜିତ ଏକ ବର୍ଣ୍ଣାଢ୍ୟ ସାମୂହିକ ନୃତ୍ୟ ସମାଗମକୁ ଡ୍ରୋନ୍ ଦ୍ୱାରା ରେକର୍ଡ କରାଯାଇଥିଲା। ସନ୍ଧ୍ୟାରେ 'ଇଣ୍ଡିଆ ଏଟ୍ ଓସ୍କାର୍ସ' ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଚଳଚିତ୍ର ଜଗତରେ ଭାରତୀୟ ଚଳଚିତ୍ର 'ଆର୍ ଆର୍ ଆର୍'ର ନାଟୁ ନାଟୁ ଗୀତକୁ ମିଳିଥିବା ଓସ୍କାର୍ ପୁରସ୍କାର୍ ସମେତ 'ଦ ଏଲିଫେଣ୍ଟ ହ୍ୱିସ୍ୱରର୍' କୁ ମିଳିଥିବା ଓସ୍କାର ସମ୍ମାନ ଉପଲକ୍ଷେ ବିକାଶ ଉଚ୍ଚ ଶିକ୍ଷା କ୍ୟାମ୍ପସ ଉତ୍ସବ ମୁଖର ହୋଇ ପଡିଥିଲା। ଡି. ନାଗେଶ୍ୱର ରାଓ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହା ଆରମ୍ଭ ମାତ୍ର ଏବଂ ଆହୁରି ଅନେକ ଓସ୍କାର ପୁରସ୍କାର ଭାରତୀୟ ଚଳଚିତ୍ର ଜଗତକୁ ଗୌରବ ଆଣିଦେବ ଏବଂ ଏହି ସତ୍‌ତା ଆମ ଭାରତୀୟଙ୍କ ଭିତରେ ଅଛି ବୋଲି ଆଶାବ୍ୟକ୍ତ କରିଥିଲେ। ଡ. ଏସ୍.ଏନ୍ ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିବା ଛାତ୍ର କୋରିଓ ଗ୍ରାଫର୍ ବୃନ୍ଦକୁ ଅଭିନନ୍ଦନ ଜଣାଇଥିଲେ। ପ୍ରତୀକ, ସୁରଭି ଏବଂ ତନିଶାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ କ୍ୟାମ୍ପସର ଶହଶହ ଛାତ୍ରଛାତ୍ରୀ ନାଟୁ ନାଟୁ ନୃତ୍ୟ ପ୍ରଦର୍ଶନ କରିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓପନ୍ ଷ୍ଟେଜ୍‌ରେ ଭାରତ ଏବଂ ଓସ୍କାର ସହିତ ଜଡିତ ବିଭିନ୍ନ ଗୀତ ଆଧାରରେ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ର ବ୍ରଜରାଜ, ଖୁଶି ଗର୍ଗ ଏବଂ ରାକେଶଙ୍କ ଉପସ୍ଥାପନା ଉକ୍ତ କାର୍ଯ୍ୟକ୍ରମକୁ ବେଶ୍ ବିନୋଦାତ୍ମକ କରିପାରିଥିଲା। ଉକ୍ତ କାର୍ଯ୍ୟକ୍ରମର ସଫଳତାରେ ଜିତୁ ଗଣାତ୍ରା ଏବଂ ଶୁଭକାନ୍ତ ତ୍ରିପାଠୀଙ୍କ ସହଯୋଗ ରହିଥିଲା। ଉପାଧ୍ୟକ୍ଷ ଆର୍.ଏସ୍.ଭି କ୍ରୀଷ୍ଣା ଏବଂ ଡ. ପୁର୍ଣ୍ଣେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଅଙ୍କିତା ଏବଂ ପୂଜା ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ।

## ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗର ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ମହାନଦୀ ବନ୍ୟପ୍ରାଣୀ କୁଶଙ୍ଗ ରେଞ୍ଜ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ କାର୍ଯ୍ୟକ୍ରମ କରାଯାଇ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ସୋମବାର ମହାନଦୀ ବନ୍ୟପ୍ରାଣୀ କୁଶଙ୍ଗ ରେଞ୍ଜ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳାକାର ମାନେ ବନାଞ୍ଚଳର ଭାପୁର, ହାତୀଗଡ, ନୂଆପଡା, ଶ୍ରୀପକ୍ଷଜୁ, ଗେରେଣ୍ଡିସାହି, ଅତଲସରା, ମକ୍ଷରଡ଼ା, ଘୁଙ୍ଗୁରୁପଡା, ତଇଳକ୍ଷସାହି, ସାତଖଣ୍ଡ, ମୁତୁରି ବଣିଆ, ବୁଢାଆମ୍ବ ଆଦି ଗ୍ରାମକୁ ଗ୍ରାମ ଯାଇ ବାଘ, ଭାଲୁ ଆଦି ବିଭିନ୍ନ ବନ୍ୟଜନ୍ତୁଙ୍କ ନୃତ୍ୟ ଓ ଗୀତ ମାଧ୍ୟମରେ ସଚେତନତାର ବାର୍ତ୍ତା ପରିବେଷଣ କରିଥିଲେ। ଏଭଳି ଅଭିନବ ଶୈଳୀରେ ପ୍ରଦର୍ଶିତ ହେଉଥିବା ସଚେତନତା କାର୍ଯ୍ୟକ୍ରମ ଦେଖିବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ରେଞ୍ଜର ଫରେଷ୍ଟର ପ୍ରଶାନ୍ତ ଗୁରୁ, ଅଜୟ ସ୍ୱାଇଁ, ଅନ୍ତର୍ଯ୍ୟାମୀ ଯାନୀ, ବ୍ରଜରାଜ ବିଶ୍ୱାଳ, ବିଷ୍ଣୁ ପ୍ରାୟକ୍ଷ ଦେଇ, ସୁରେଶ ଖିଲାରଙ୍କ ସମେତ ଫରେଷ୍ଟ ଗାର୍ଡ, ରୁନୀ ଦଳ ବେହେରା, ରୀନା ନାଏକ ଓ ସ୍କାର୍ଡ କର୍ମଚାରୀମାନେ ସାମିଲ ହୋଇଥିଲେ।

## ବିଶ୍ୱ ନାଟ୍ୟ ଦିବସ ପାଳିତ

ବେଲପାହାଡ, (ଭାସ୍କର ନ୍ୟୁଜ୍): ବେଲପାହାଡର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ମିରର ଥିଏଟର ମଞ୍ଚରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଇଜିପ୍ଟର ବର୍ଷୀୟାନ ଅଭିନେତ୍ରୀ ସମିହା ଆୟୁବଙ୍କ ନାଟ୍ୟ ଦିବସରେ ଦେଇଥିବା ବାର୍ତ୍ତାକୁ ସୌଭାଗ୍ୟ ରଞ୍ଜନ ସାହୁ ପାଠ କରିଥିଲେ। କଳାକାର ସମାଜକୁ ନାଟକ ମାଧ୍ୟମରେ ବାର୍ତ୍ତା ଦେଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଗହଣରେ ପୌର କାଉନସିଲର କହ୍ନେଇ ଚରଣ ସେଠ, ପୂର୍ବତନ କାଉନସିଲର ରଞ୍ଜିତା ବିଶ୍ୱାଳ, ଡା. ଦିଲୀପ ନାଏକ, ସଚ୍ଚିଦାନନ୍ଦ ପଣ୍ଡା, ଶରତ ସାହୁ, ସୁରେନ୍ଦ୍ର ଭୋଇ, ପୀତବାସ ପ୍ରଧାନ, ଗଜେନ୍ଦ୍ର ନାଏକ, ରଘୁନାଥ ନାୟକ, ରର୍ଣ୍ଣରଞ୍ଜନ ମହାନ୍ତି, ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସୌଭାଗ୍ୟ ରଞ୍ଜନ ସାହୁ ଚଳିତ ବର୍ଷର ନାଟ୍ୟ ବାର୍ତ୍ତାକୁ ପଠନ କରିଥିଲେ ଓ ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଆୟୋଜନରେ ସରସ୍ୱତୀ ପ୍ରଧାନ, ସରୋଜ ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ, ମନୋଜ ମେହେର, ଯୁବରାଜ ସିଂ, ଗୋବିନ୍ଦ ପରିଡ଼ା, ବସନ୍ତ ସେଠୀ, ମନୋଜ ବିନ୍ଧାଣୀ, ମନୋରଞ୍ଜନ ନାୟକ, ସୁନନ୍ତ ପଣ୍ଡା, ସଂଯୁକ୍ତା ସାବତ, ବିନୟ ପ୍ରଧାନ, ପଙ୍କଜ ଯାଦବ ପ୍ରମୁଖ ସହଯୋଗ କରିଥିଲେ।

## ବଡଶୋଳ ନଦୀ ପଠାରେ ନଦୀ ଉତ୍ସବ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ବିଭାଗ ପକ୍ଷରୁ ଶୁଳିଆପଦା ବ୍ଲକ୍‌ର ବଡଶୋଳ ନଦୀପଠାରେ ନଦୀ ଉତ୍ସବ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ଜଳ ବିଭାଗର ସିଡବ୍ଲୁସି ଅଶ୍ୱିନି କୁମାର କର, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ସିଡିଇ ଜୟନ୍ତ କୁମାର ବେହେରା ଓ ସମ୍ମାନୀୟ ଅତିଥି ଭାବେ ସମାଜସେବୀ ଭାଗବତ ମାର୍ଣ୍ଡି, ମଣ୍ଡଳ ସଭାପତି ଦିଲ୍ଲୀପ ଦାସ ଓ ପ୍ରଦୀପ ପାଲବାବୁ ପ୍ରମୁଖ ଯୋଗ ଦେଇ ନଦୀ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନଦୀ ଜଳକୁ ଅପରିଷ୍କାର ନକରି, ସଦାସର୍ବଦା ପରିଷ୍କାର ରଖିବା, ବର୍ଷାଜଳକୁ ନଦୀରେ ଅଟକାଇ ଜଳ ସଞ୍ଚୟ କରିବା, ନେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ଜଳ ହିଁ ଜୀବନ, ଜଳ ସଞ୍ଚୟ କରି ଭବିଷ୍ୟତ ଜଳସମ୍ପଦକୁ ଦୂର କରିବାର ପ୍ରୟାସ ଏଥି ନିମନ୍ତେ ବିଭିନ୍ନ କେନ୍ଦ୍ର ଯୋଜନା ବାସ୍ତବିକ୍ ପ୍ରଶଂସନୀୟ ଅଟେ। ବର୍ତ୍ତମାନ ସମୟରେ ଜଳ ସଂରକ୍ଷଣ ଏକ ପ୍ରଧାନ ଦାୟିତ୍ୱ ଓ କର୍ତ୍ତବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଉପସ୍ଥିତ ଥିବା ଜନସାଧାରଣଙ୍କୁ ଏ ଦିଗରେ ସଚେତନ ହୋଇ ଗ୍ରାମାଞ୍ଚଳର ଲୋକଙ୍କୁ ପାଣିର ବ୍ୟବହାର ସମ୍ପର୍କରେ ଅନ୍ୟମାନଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଯୁବ ମୋର୍ଚ୍ଚା ସଭାପତି ବଳରାମ ସାହୁ ସଭା ପରିଚାଳନା କରିଥିଲେ।

## ବାମନଘାଟୀର ଗରଡ଼ାପାଣିକୁ ବିକାଶ ଅପହଞ୍ଚ

# ରାସ୍ତା ନ ଥିବାରୁ ପହଞ୍ଚି ପାରେନି ଆମ୍ବୁଲାନ୍ସ



ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ଆଦିବାସୀ ଅଧ୍ୟୁଷିତ ମୟୁରଭଞ୍ଜ ଜିଲ୍ଲାରେ ବହୁ ସରକାରୀ ଯୋଜନା ବାଡ଼ ହୁଡିଛି। କେଉଁଠି ରାସ୍ତା ନାହିଁ ତ କେଉଁଠି ପିଇବା ପାଣି ସାତ ସ୍ୱପ୍ନ। ଆଉ କେଉଁଠି ସ୍କୁଲ, ଅଙ୍ଗନୱାଡି ନାହିଁ କି ଆମ୍ବୁଲ୍ୟାନ୍ସ ଗାଁକୁ ପହଞ୍ଚିପାରିନି। ସାଇକେଲରେ ମଧ୍ୟ ସେହିସବୁ ଗ୍ରାମକୁ ଯିବା ପାଇଁ ରାସ୍ତା ନାହିଁ। ଏଭଳି ଅନେକ ଗାଁ ଅଛି ଏହି ଭଞ୍ଜଭୂମି ମାଟିରେ। ଆଉ କିଛି ନାହିଁ ନାହିଁରେ ଗାଁ ମଧ୍ୟ ରହିଛି। ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ରାଇରଙ୍ଗପୁର ବ୍ଲକ୍‌ର କୁଲେଇଶିଳା ଗ୍ରାମ ପଞ୍ଚାୟତର ଗରଡାପାଣି ଗାଁ। ଗୋରୁମହିଷାଣୀ ବଜାରଠାରୁ ୮ କିଲୋମିଟର ଯିବା ପରେ ପଡିଥାଏ କଳସୀଭଙ୍ଗା। ସେଠାରୁ ୩ କିମି ପାହାଡ ରାସ୍ତାରେ ଚାଲିଚାଲି ଯିବା ପରେ ପଡ଼ିଥାଏ ଗରଡାପାଣି ଗାଁ। ଗାଁର ମୋଟ ପରିବାର ସଂଖ୍ୟା ୨୨ ଥିବା ବେଳେ ଜନସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ। ଟଙ୍କିକିଆ ଚାଉଳ ଛଡା ସବୁ ସରକାରୀ ଯୋଜନା ଏଠି ଅପହଞ୍ଚ। ଗ୍ରାମର କିଛି ପରିବାରକୁ ଇନ୍ଦିରାବାସ ମିଳିଥିଲେ ସୁଦ୍ଧା ଗାଁକୁ ରାସ୍ତା ନ ଥିବାରୁ ତାହା ସମ୍ପୂର୍ଣ୍ଣ ହୋଇପାରୁନି। ଗାଁରେ ଥିବା ପାଦଚଲା ରାସ୍ତାରେ କେବେ ସାଇକେଲଟିଏ ମଧ୍ୟ ଗଡିନଥିଲା। ତେବେ ଏନେଇ ଖବରକାଗଜରେ 'ଗରୋଡାପାଣିରେ ପାଣି ନାହିଁକି ରାସ୍ତା ନାହିଁ' ଶିର୍ଷକରେ ଖବର ପ୍ରକାଶ ପରେ ପ୍ରଶାସନ ଦଳ ଗରୋଡାପାଣୀ ଗ୍ରାମରେ ପହଞ୍ଚି ତଦନ୍ତ କରିବାପରେ ଗ୍ରାମସଭା ବସିଥିଲା ଏବଂ ଗ୍ରାମର ବିକାଶ ନିମନ୍ତେ ଆଲୋଚନା ହୋଇଥିଲା। ଆଲୋଚନା ପରେ ପ୍ରଶାସନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା ଯେ, ସେହି ଗ୍ରାମରେ ରାସ୍ତା ନିର୍ମାଣ ହେବା ପରେ ବିକାଶର ସ୍ୱାଦ ଗାଁ ଲୋକ ପାଇପାରିବେ। ତେବେ ପରିବାରର କେହି ସଦସ୍ୟ ରୋଗରେ ପଡିଲେ ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଦଉଡ଼ିଆ ଖଟିଆ ହେଉଛି ଏକମାତ୍ର ସାହାଭରସା। ଆଉ ଗାଁର ବହୁ ମହିଳା ଏହି ପାହାଡ ତଳେ ଅଧାବାଟରେ ପ୍ରସବ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଗାଁରେ ଅଙ୍ଗନୱାଡି ନାହିଁ କିମ୍ବା ସ୍କୁଲ ବି ନାହିଁ। ପଢିବା ପାଇଁ ପିଲାଙ୍କୁ ୫ କିମି ଦୂର ଛତ୍ରମଣ୍ଡଳ ଗାଁକୁ ଯିବାକୁ ପଡିଥାଏ। ଫଳରେ ଗାଁର ଲୋକେ ତାଙ୍କ ପିଲାଙ୍କୁ ଭଲ ଭାବେ ପାଠପଢାଇ ପାରୁ ନାହାନ୍ତି। ଗରଡାପାଣି ଗାଁ ପିଲାଙ୍କର ସକାଳରୁ ସଞ୍ଜ ଯାଏ ଅତିବାହିତ ହୁଏ ଜଙ୍ଗଲରେ, କିଏ ଚଢେଇ ଶିକାର କରେ ତ ଆଉ କିଏ ଜଙ୍ଗଲରୁ ଫଳମୂଳ ଆଶାରେ ଦିନତମାମ ବିତାଇ ଥାଏ। ଗାଁକୁ ରାସ୍ତା ନାହିଁ କି ପିଇବା ପାଣିର ବି ସୁବିଧା ନାହିଁ। ଗାଁରେ ଗୋଟିଏ କୂଅ ଆଉ ଛୋଟ ପୋଖରୀ ଅଛି ତାହା ପୁଣି ଖରାଦିନ ନ ହେଉଁଣୁ ଶୁଖିଯାଇଛି। ସରକାରୀ ବାବୁ କି ନେତା କାହାରି ପାଦ ଗରଡାପାଣିରେ ପଡ଼େ ନାହିଁ। ତେବେ ବହୁ ବର୍ଷ ପରେ ଜିଲ୍ଲା ଡେପୁଟି ପ୍ଲାନିଙ୍ଗ ଅଫିସର ସୁକାନ୍ତ କୁମାର ଖୁଣ୍ଟିଆ ଏବଂ ତାଙ୍କ ଟିମ୍ ଏହି ଅଞ୍ଚଳ ବୁଲିବାକୁ ଆସିଥିଲେ ଏବଂ ସମସ୍ୟା ବିଷୟରେ ବୁଝିଥିଲେ। ତଥାପି ଗ୍ରାମବାସୀ ସରକାରୀ ବାବୁଙ୍କୁ ଭରସା କରି ପାରନ୍ତି ନାହିଁ। ଏଣୁ ତୁରନ୍ତ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀର ଅନ୍ଧାରୀମୂଳକ ଗରଡ଼ାପାଣି ଗାଁ ପ୍ରତି ଦୃଷ୍ଟି ଦେଇ ଏହି ଗ୍ରାମର ସମସ୍ୟାର ସମାଧାନ ପାଇଁ ଜନସାଧାରଣରେ ଦାବି ହେଉଛି। ତେବେ ଗାଁଲୋକେ ଅସୁବିଧା ହେତୁ ପାହାଡ କାଟି ଗ୍ରାମବାସୀ ରାସ୍ତା ତିଆରି କରିଥିଲେ, ଯାହାଫଳରେ ଉକ୍ତ ଗ୍ରାମକୁ ସାଇକେଲ ଓ ଅନ୍ୟାନ ୨ ଚକିଆ ଯାନ ଯିବା ଆସିବା କରୁଥିଲା କିନ୍ତୁ ବର୍ଷାରେ ରାସ୍ତା ଧୋଇ ହୋଇଯିବାରୁ କିଛିଦିନ ପରେ ଉକ୍ତ ରାସ୍ତାରେ ସାଇକେଲ ମଧ୍ୟ ଗଡିବା କାଠିକର ପାଠ। ପୂର୍ବରୁ ବନବିଭାଗ ରାସ୍ତା କାର୍ଯ୍ୟ ପାଇଁ ଅନୁମତି ଦେଉନଥିବାରୁ ରାସ୍ତା କାର୍ଯ୍ୟ ହୋଇପାରୁନଥିଲା। ପୂର୍ବରୁ ବନବିଭାଗର ଅନୁମତି ମିଳିବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବାପରେ ଗ୍ରାମବାସୀଙ୍କ ଖୁସିର ଲହରୀ ଖେଳିଯାଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଉକ୍ତ କାର୍ଯ୍ୟରେ ଗ୍ରାମବାସୀ ଅସନ୍ତୁଷ୍ଟ ଥିବାରୁ ଅଭିଯୋଗ ପରେ ରାସ୍ତା କାର୍ଯ୍ୟ ବନ୍ଦ ରହିଲା। ଯାହାଫଳରେ ବର୍ତ୍ତମାନ ଉକ୍ତ ରାସ୍ତାଦେଇ ସାଇକେଲରେ ମଧ୍ୟ ଯିବା ଆସିବା ଅସମ୍ଭବ ହେଉଛି। ତେବେ ଯଥାଶିଘ୍ର ରାସ୍ତା ନିର୍ମାଣପରେ ଗ୍ରାମର ବିକାଶ ଦିଗରେ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ବିଶେଷ କରି ପାଣି ସମସ୍ୟା ଯଥା ଶୀଘ୍ର ଦୂର କରିବା ପାଇଁ ଦାବି ହେଉଛି। ବର୍ତ୍ତମାନର ଡିଜିଟାଲ ଇଣ୍ଡିଆ ଯୁଗରେ ସବୁଠାରୁ ଜରୁରୀକାଳୀନ ମୋବାଇଲ୍ ନେଟ୍‌ୱାର୍କ ଉକ୍ତ ଗ୍ରାମରେ ମଧ୍ୟ ମିଳୁନାହିଁ। ଯାହାଫଳରେ ବର୍ତମାନ ମଧ୍ୟ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ଅଛନ୍ତି। ତେବେ ଜିଲ୍ଲାପାଳ ଓ ରାଜ୍ୟ ସରକାର ଗରଡ଼ାପାଣିକୁ ସମସ୍ତ ପ୍ରକାରର ମୌଳିକ ସୁବିଧାଗୁଡ଼ିକୁ ପହଞ୍ଚାଇବା ଦିଗରେ ହସ୍ତକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଥିବା ଐତିହାସିକ ଦେବଗିରି ପାହାଡ଼ ଉପରେ ଥିବା କୁଣ୍ଡରେ ବେକରେ ଦଉଡ଼ି ସହ ଚୁନିରେ ପଥର ବାନ୍ଧି ଆତ୍ମ ହତ୍ୟା କରିଥିବା ଛାତ୍ରୀର ମୃତଦେହ ଠାବ କରିଛି ପୁଲିସ। ପରିବାର ଲୋକେ କହିବା ଅନୁଯାୟୀ, କାଶୀପୁର ବ୍ଲକ୍ ସୁଙ୍ଗେର ଗ୍ରାମର ଗୋଟିଏ ପରିବାରର ତିନି ଭାଇର ତିନି ଝିଅ କଲ୍ୟାଣସିଂହପୁରରେ ରହି ମହାବିଦ୍ୟାଳୟରେ ଅଧ୍ୟୟନ କରି ଆସୁଥିଲେ। ଦୁଇ ଭଉଣୀଙ୍କୁ ବିରେନ ଗୌଡ଼ଙ୍କ ଝିଅ ଦେବକୀ ଗୌଡ଼ (୨୬) ବୁଧବାର ଦିନ ଦୁଇ ଭଉଣୀଙ୍କୁ ମରିବା ପାଇଁ ଇଛା ହେଉଛି କହିବା ସହ ପରିବାରକୁ ମେସେଜ କରି କହିଥିଲା। ତା'ପର ଗୁରୁବାର ଦିନ ଦେବକୀ ରହିବା ଘରେ ଦେଖା ନ ଯିବାରୁ ପରିବାରକୁ ଜଣାଇ ଥିଲେ। ପରିବାର ଲୋକେ ସବୁ ଆଡେ ଖୋଜା ଖୋଜି କରି ନ ପାଇବାରୁ ଦେବଗିରି ପାହାଡ଼ ଚଢ଼ି ଝିଅକୁ ଖୋଜି ଥିଲେ। ତା'ର ଚପଲ ଦେଖିଥିଲେ କିନ୍ତୁ ତା'ର ଠାବ କରିପାରି ନଥିଲେ। ଆଜି ପୁଣି ପରିବାର ଲୋକମାନେ ଦେବଗିରି ପାହାଡ଼ ଚଢ଼ି ଖୋଜିବାରୁ କୁଣ୍ଡରେ ଝିଅର ଶବ ଭାସୁଥିବା ଦେଖିଥିଲେ। ଏହାକୁ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ମୁକୁନ୍ଦ ଦେବ ନାୟକ, ଏସ୍‌ଆଇ ଶିବ ପ୍ରସାଦ ସାହୁ ଏବଂ ଘଟଣା ସ୍ଥଳରେ ପହଞ୍ଚି ଶବଠାବ କରି ଅଗ୍ନିଶମ ବିଭାଗକୁ ଡାକି ଶବ ଉଦ୍ଧାର କରାଯାଇଛି। ଏହି ଖବରକୁ ନେଇ ଘଟଣା ସ୍ଥଳରେ ରାୟଗଡା ଏସ୍‌ଡିପିଓ ଦେବଜ୍ୟତି ଦାସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।



### ମା'ଚଣ୍ଡେଶ୍ୱରୀ ଲୋକୋତ୍ସବ ଉଦ୍‌ଘାଟିତ

# କୋରାପୁଟ ଢେମସା ନୃତ୍ୟରେ ଝୁମିଲେ ଦର୍ଶକ



ସଇଁତଲା, (ଭାସ୍କର ନ୍ୟୁଜ୍): କଳା ସଂସ୍କୃତି, ପରମ୍ପରା ଦିନକୁ ଦିନ ଲୁଚିବାରେ ଲାଗିଛି। ହଜି ଯାଉଛି ବିଭିନ୍ନ ନୃତ୍ୟ। ତେବେ କିଭଳି ଭାବେ କଳାକାରଙ୍କ ବିଭିନ୍ନ କଳା ନ ଲୁଚି ରହିବ ସବୁବେଳେ ଜୀବିତ ରହି ଦର୍ଶକଙ୍କ ମନକୁ କଳାକାରମାନେ କିଣି ପାରିବେ ସେନେଇ ତୃତୀୟ ବର୍ଷ ଥର ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ସ୍ଥାନୀୟ ଡାକ ବଙ୍ଗଲାଠାରେ ମା' ଚଣ୍ଡେଶ୍ୱରୀ ଲୋକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ଆସିଥିବା ପାରମ୍ପରିକ ଲୋକ କଳା ଓ ଲୋକ ନୃତ୍ୟରେ ଦୁଲୁକୁଛି ମା' ଚଣ୍ଡେଶ୍ୱରୀ ଲୋକୋତ୍ସବ। କୋରାପୁଟରୁ ଆସିଥିବା ଢେମେସା ନୃତ୍ୟରେ ଝୁମିଥିଲେ ହଜାର ହଜାର ଦର୍ଶକ। କମିଟିର ସଭାପତି ଭୀମସେନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଗୁରୁ ଶ୍ରୀ ଘାଶିରାମ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ମଦନଲାଲ ଅଗ୍ରୱାଲ, କମିଟିର ସମ୍ପାଦକ ପ୍ରମୋଦ ବୈଠାରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ। ଲୋକୋତ୍ସବ ଦ୍ୱାରା ବିଲୁପ୍ତ ହୋଇଯାଉ ଥିବା ଲୋକ କଳା, ସଂସ୍କୃତି, ପରମ୍ପରାକୁ ପୁନଃ ଜାଗ୍ରତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ ଦେଇଥିଲେ। ଶେଷରେ ଡ଼ଃ. ବିଶ୍ୱଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେସନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ଯୋଗଦେଇ ଥିବା ବେଳେ ସଇଁତଲା ବ୍ଲକ ଅଧ୍ୟକ୍ଷ ମୋନିକା ସିଂ ଭୋଇ, ଟିଟିଲାଗଡ଼ ପୌରଧ୍ୟକ୍ଷା ମମତା ଦେବୀ ଜୈନ, ସମାଜସେବୀ ନବୀନ ଜୈନ, କମିଟିର ସଭାପତି ଭୀମସେନ ସ୍ୱାଇଁ, କିଶନ ଲାଲ ଅଗ୍ରୱାଲ, ବିଡିସିସି ବ୍ୟାଙ୍କ ଜିଲ୍ଲା ସଭାପତି ସ୍ମାରକ ରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକୁ ସବୁବେଳେ ଜୀବତ କରିବା ସହ କଳା କାରମାନଙ୍କ ପାଇଁ ସରକାର ସହଯୋଗ କରିବାର ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କ୍ଷେତ୍ର ପତି ଜାଲ ଓ ଡ଼ଃ ବିଶ୍ୱଜିତ ମିଶ୍ର ପରିଚଳନା କରିଥିଲେ। ଅନ୍ୟପଟେ ଗୋଟିଏ ମଞ୍ଚରେ ଦୁଇ ଅଧ୍ୟକ୍ଷା ଟିଟିଲାଗଡ଼ ପୌରଧ୍ୟକ୍ଷା ମମତା ଦେବୀ ଜୈନ ଓ ସଇଁତଲା ବ୍ଲକ୍ ଅଧ୍ୟକ୍ଷା ମୋନିକା ସିଂ ଭୋଇଙ୍କ ଉପସ୍ଥିତକୁ ନେଇ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା। ହଜାର ହଜାର ଦର୍ଶକଙ୍କ ଭିଡ଼ ଜମି ଥିଲା।

## ବିଶ୍ୱ ନାଟ୍ୟ ଦିବସରେ ନାଟୁଆ ମେଳା ଆୟୋଜିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିଠାରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି। ପ୍ରଗତିଶୀଳ ନାଟ୍ୟ ସଂସ୍ଥା 'ତରଙ୍ଗ ରଙ୍ଗ' ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ମଞ୍ଚ କଳାକାରମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କ୍ରିଏଟିଭ ଆର୍ଟସ୍ ଓ ତରଙ୍ଗ ରଙ୍ଗ, ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ସହର ମଧ୍ୟରେ ଖାଲି ସ୍ଥାନରେ ଏକ ସ୍ଥାୟୀ ରଙ୍ଗମଞ୍ଚ ବା ସଂସ୍କୃତି ଭବନ ନିର୍ମାଣ ପାଇଁ ଦାବିପତ୍ର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ନିକଟରେ ପ୍ରଦାନ କରାଯାଇଥିଲା। ନାଟ୍ୟ ଦିବସ ଅବସରରେ ଓଡ଼ିଶାର ପ୍ରଥମ ନାଟ୍ୟକାର କବିଚନ୍ଦ୍ର ରଘୁନାଥ ପରିଛାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ପାଇଁ କବିଚନ୍ଦ୍ର ସାହି ଛକଠାରେ ସ୍ଥାନୀୟ କାଉନ୍‌ସିଲର ବାଳକୃଷ୍ଣ ପାତ୍ରଙ୍କ ଦ୍ୱାରା ଶୁଭ ଦିଆ ଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାନୀୟ କବିଚନ୍ଦ୍ର ପାଠାଗାରଠାରେ ନାଟ୍ୟ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନୁଷ୍ଠାନର ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱ ବୈଠକରେ ମୁଖ୍ୟ ଅତିଥି ଭାବରେ ପୌରାଧକ୍ଷା ନିର୍ମଳା ସେଠୀ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ଅଧକ୍ଷ ତଥା କବି ଅଜୟ ତ୍ରିପାଠୀ, କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଓ ବିଭିନ୍ନ ବକ୍ତାମାନେ ଓଡ଼ିଆ ଭାଷାକୁ ତଥା ଓଡ଼ିଶାକୁ ପାରଳା ମାଟି ହିଁ ପ୍ରଥମ ରଙ୍ଗମଞ୍ଚ ଓ ପ୍ରଥମ ନାଟକ ଦେଇଛି। ରଘୁନାଥ ପରିଛା ହିଁ ପ୍ରଥମ ନାଟ୍ୟକାର ବୋଲି ବିଭିନ୍ନ ପୁସ୍ତକରେ ଲେଖା ହୋଇଛି ତେଣୁ ଦକ୍ଷିଣ ଓଡ଼ିଶାର ଏହି ଗୌରବକୁ କେହି କେବେ ଭ୍ରମିତ କରିପାରିବେ ନାହିଁ ବୋଲି ମତ ଉପସ୍ଥାପନା କରିଥିଲେ। ଆଲୋଚନା ପରେ ଶିଶୁ କଳାକାରମାନେ ଅଭିନୟ ସହ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଞ୍ଚ ଅଭିନେତା ଆଦର୍ଶ ଦାସ ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ କରିଥିବା ବେଳେ ମନୋଜ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଏମ୍.ପୃଥିବୀ ରାଜ, ହରିହର ପଟ୍ଟନାୟକ, ଜ୍ଞାନ ରଞ୍ଜନ ଦାସ, ବାଳକୃଷ୍ଣ ପାଣିଗ୍ରାହୀ, ମାତଙ୍ଗିନି ଗୁରୁ, କାମଦେବ ପାଢୀ, ସୁଜିତ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

## ବଡରାଧାକାନ୍ତ ମଠ ପରିସରରେ ବ୍ରାହ୍ମଣ ସମାଜର ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡିରେ ସ୍ଥିତ ବଡରାଧାକାନ୍ତ ମଠ ପରିସରରେ ବ୍ରାହ୍ମଣ ସମାଜର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବ୍ରାହ୍ମଣ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ବ୍ରାହ୍ମଣ ଡ.ଶଙ୍କର ପ୍ରସାଦ ବକ୍ସି, ରାଜେନ୍ଦ୍ର ରଥ, ଅଶ୍ୱିନୀ ପାଢୀ, ପଣ୍ଡିତ ଜଗନ୍ନାଥ ରଥଶର୍ମା ଏବଂ ଦୁର୍ଗା ପ୍ରସାଦ ରଥ ପ୍ରମୁଖ ମଞ୍ଚାସୀନ ହୋଇ ମାର୍ଗଦର୍ଶନ କରିଥିଲେ। ବୈଠକରେ ବ୍ରାହ୍ମଣ ସମାଜର ଉନ୍ନତି ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ଅନେକ ବ୍ରାହ୍ମଣ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥିଲେ। ସଂଘର ପରବର୍ତ୍ତୀ ବୈଠକ ଆସନ୍ତା ଏପ୍ରିଲ୍ ୨୩ ତାରିଖ ସକାଳ ୧୦ଟା ସମୟ ଧାର୍ଯ୍ୟ କରାଯାଇଛି। ବୈଠକରେ ସୀମାଞ୍ଚଳ ତ୍ରିପାଠୀଙ୍କ ସମେତ ଅନ୍ୟ ଯେଉଁମାନେ ନିଜର ମତ ରଖିଥିଲେ ତାହା କେବଳ ବ୍ରାହ୍ମଣମାନଙ୍କ ଏକତା ଏବଂ ସେମାନେ କିଭଳି ନିଜକୁ ନିଜେ ଚିହ୍ନି ପାରିବେ ସେନେଇ ଉପାଦେୟ ମତ ପୋଷଣ କରିଥିଲେ। ବରିଷ୍ଠ ବ୍ରାହ୍ମଣ ବସନ୍ତ କୁମାର ପଣ୍ଡା ଏବଂ ପ୍ରମୋଦ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ବୈଠକ ସଫଳତାର ସହ ଆୟୋଜନ ହୋଇଥିଲା

## ଆଉଟସୋର୍ସିଂ କର୍ମଚାରୀ ମହାସଂଘର ୧୧ ଦଫା ଦାବି

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଓଡ଼ିଶା ସରକାରୀ ଆଉଟସୋରସିଂ କର୍ମଚାରୀ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର ତେନ୍ତୁଳିଖୁଣ୍ଟି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃପାସିନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ୨୦୨୨ ମସିହା ଜୁଲାଇ ୧୩ ତାରିଖ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା ସମସ୍ତ ଆଉଟସୋରସିଂ କର୍ମଚାରୀଙ୍କୁ ନିୟମିତ କରିବା ସହିତ ଆର୍ଥିକ ଅନିୟମିତତା ବ୍ୟତୀତ କର୍ମଚାରୀଙ୍କୁ କାର୍ଯ୍ୟରୁ ନିବୃତ୍ତ ନକରିବା ଅର୍ଥାତ କାର୍ଯ୍ୟ ସୁରକ୍ଷା, ପୂର୍ବରୁ ଯେଉଁମାନଙ୍କୁ କର୍ମ ବିରତ କରାଯାଇଛି ସେମାନଙ୍କୁ ପୁନର୍ବାର କର୍ମରେ ନିଯୋଜିତ କରିବା,



କର୍ମଚାରୀଙ୍କ ବାର୍ଷିକ ପ୍ରଦର୍ଶନ ଅର୍ଥାତ କାର୍ଯ୍ୟ ସମ୍ପାଦନକୁ ଲକ୍ଷ କରି ବାର୍ଷିକ ୧୦ ପ୍ରତିଶତ ଦରମା ଅଭିବୃଦ୍ଧି କରିବା। କର୍ମକ୍ଷେତ୍ରରେ ବରିଷ୍ଠତାକୁ ଲକ୍ଷ କରି ଦରମା ଅଭିବୃଦ୍ଧି କରିବା, ୬ ବର୍ଷ କାର୍ଯ୍ୟ କରିବା ପରେ ଦୁର୍ଘଟଣା ଜନିତ ଅକର୍ମଣ୍ୟ ହେଲେ ୬ ଲକ୍ଷ ଏବଂ ମୃତ୍ୟୁବରଣ କଲେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ, ମୃତ୍ୟୁ ପରେ ମାନବିକତା ଦୃଷ୍ଟିରୁ କର୍ମଚାରୀଙ୍କ ଜଣେ ଉତ୍ତରାଧିକାରୀଙ୍କୁ ଆଉଟସୋରସିଂ ଅବା ଦୈନିକ ହାରରେ କର୍ମ ନିଯୋଜନ କରିବା, ଚାକିରି କାଳ ମଧ୍ୟରେ ମହିଳା କର୍ମଚାରୀଙ୍କୁ ଦୁଇଗୋଟି ମାତୃକା ଛୁଟି ପ୍ରଦାନ ଆଦି ଅଲେଖ ରହିଛି। ଗତ ୨୫ ତାରିଖରୁ ସଂଘ ଭୁବନେଶ୍ୱରଠାରେ ଧାରଣା ଦେବା ସତ୍ତ୍ୱେ ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ କରି ଯଥା ଶୀଘ୍ର ଦାବି ପୂରଣ କରାନଗଲେ ସଂଘ ଆନ୍ଦୋଳନକୁ ତୀବ୍ରତର କରିବା ନେଇ ସଂଘ ଚେତାବନୀ ଦେଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଯୋଧନ ଭୋଇ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଆଉଟସୋରସିଂ କର୍ମଚାରୀ ମହାସଂଘର ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ପ୍ରକାଶ ସୁନା, ସମ୍ପାଦକ ଗୀତାଞ୍ଜଳି ଗଣ୍ଡା, କୋଷାଧକ୍ଷ ଉମା ମାହେଶ୍ୱରୀ, କୁନେଶ ବିଶ୍ୱାଳଙ୍କ ସମେତ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଆଉଟସୋରସିଂ କର୍ମଚାରୀ ଉପସ୍ଥିତ ଥିଲେ।

## ୧୭୦ ବରିଷ୍ଠ ନାରିକଙ୍କ ତୀର୍ଥଯାତ୍ରା

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କ ପାଇଁ ତୀର୍ଥଯାତ୍ରା କରିବା ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଉଛି। ଜିଲ୍ଲା ପ୍ରଶାସନ ତରଫରୁ ୪ଗୋଟି ସ୍ୱତନ୍ତ୍ର ବସ୍ ଯୋଗେ ଜିଲ୍ଲାର ୧୦ଟି ବ୍ଲକ, ଦୁଇଗୋଟି ପୌରପାଳିକାରୁ ୧୭୦ ଜଣ ବରିଷ୍ଠ ନାଗରିକ ରାୟଗଡା ଯାଇ ରାୟଗଡାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ତୀର୍ଥଯାତ୍ରା କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଭେଲୋର, ତିରୁପତି, ଶ୍ରୀକଳାହସ୍ତୀ ଭ୍ରମଣ କାର୍ଯ୍ୟକ୍ରମ ସାରି ଏପ୍ରିଲ ଦୁଇ ତାରିଖରେ ନିଜ ଜିଲ୍ଲାକୁ ଫେରି ଆସିବେ। ଏହି ଅବସରରେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ତୀର୍ଥଯାତ୍ରାରେ ବାହାରି ଥିବା ସମସ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ସମାରୋହରେ ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀ, ଜିଲ୍ଲାପାଳ ଡ.କମଳ ଲୋଚନ ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ତିର୍ଥଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ରହିଥିବା ସ୍ୱତନ୍ତ୍ର ସୁବିଧା ସମ୍ପର୍କରେ ସୂଚନା ଦେଇ ସମସ୍ତ ତୀର୍ଥଯାତ୍ରୀ କିପରି ଭଲରେ ତିର୍ଥ ସାରି ନିଜ ଘରକୁ ଫେରି ଆସିବେ ବୋଲି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତୀର୍ଥଯାତ୍ରୀଙ୍କୁ ନେବା ଆଣିବା ଓ ତାଙ୍କର ସୁବିଧା ଅସୁବିଧା ବୁଝିବା ପାଇଁ ଛଅ ଜଣ ଅଧିକାରୀ ସାଙ୍ଗରେ ଯାଇଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ସ୍କାଉଟ୍ ଓ ଗାଇଡ୍ କର୍ମଶାଳା



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ଶନିବାରଠାରୁ ଭାରତ ସ୍କାଉଟର ୨୦୨୨-୨୩ ବର୍ଷର ୩ ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳା କୋଷାଗୁମୁଡ଼ା ସଦର ହାଇସ୍କୁଲରେ ଶୁଭାରମ୍ଭ ହୋଇଛି। ନବରଙ୍ଗପୁର ଜିଲ୍ଲାରେ ଦ୍ୱିତୀୟ ଥର ପାଇଁ କୋଷାଗୁମୁଡ଼ା ବ୍ଲକ ସଦର ହାଇସ୍କୁଲରେ ଭାରତ ସ୍କାଉଟ୍ ଓ ଗାଇଡ୍ କର୍ମଶାଳା ଅନୁଷ୍ଠିତ ହୋଇଛି। ରବିବାର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମକୁ କୋଷାଗୁମୁଡ଼ା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର ହଲଦାର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲାର ୧୦ଟି ବ୍ଲକ୍‌ର ୩୪ଟି ବିଦ୍ୟାଳୟର ପ୍ରାୟ ୨୬୩ ଜଣ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ସାମାଜିକସ୍ତରରେ ବିଭିନ୍ନ ସମସ୍ୟା ଏବଂ ଆମ ବ୍ୟକ୍ତିତ୍ୱକୁ ଉଚ୍ଚକୋଟୀର କରିବା ସହ ଆତ୍ମ ନିର୍ଭରଶୀଳ ଭାବେ ସମାଜରେ ପରିଚୟ ସୃଷ୍ଟି କରିବା ଉପରେ ଦିଗ୍‌ଦର୍ଶନ ଦିଆଯାଇଛି। ଏହି କର୍ମଶାଳାର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ଯୋଗଦେଇ ଶିକ୍ଷା ଓ ଅଭିଜ୍ଞତାର ପରିପ୍ରକାଶ ଉପରେ ଶିକ୍ଷା ପ୍ରଦାନ ପ୍ରତି ଲକ୍ଷ୍ୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, କୋଷାଗୁମୁଡ଼ା ସରପଞ୍ଚ ଡାଲିମ୍ବ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ତ୍ରିଲୋଚନ ଧାକୋଡ଼, ହରିବନ୍ଧୁ ମାଝୀ, ମୋହନ ମାଝୀ, ସଞ୍ଜୟ ପଟ୍ଟନାୟକ, କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ରାୟ ଅମ୍ଳାଭଟା ଡିସିଏସ୍ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାଶ, କୋଷାଗୁମୁଡ଼ା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର ହଲଦାର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡ଼ା ପଞ୍ଚାୟତ ଅଧିନସ୍ଥ ଡିବାଲପାଡୁ ଗାଁ ଐତିହାସିକ ଜାହାଜ ପଡ଼ିଆଠାରେ ବ୍ଲକ୍‌ସ୍ତରୀୟ ଜୟ ବଜରଙ୍ଗବାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ ହୋଇ ଯାଇଛି। ଆଜିର ପ୍ରଥମ ଦିନର ଖେଳରେ ବାଘଡଙ୍ଗର ଓ କାମଟଣା ମଧ୍ୟରେ ପ୍ରାରମ୍ଭ ହୋଇଥିଲା ଏଥିରେ ବାଘଡଙ୍ଗର ଟିମ୍ ବିଜୟୀ ହୋଇଥିଲେ। ଏହି ଉଦ୍‌ଘାଟନି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଲ୍ୟାଣସିଂହପୁର ବ୍ଲକ 'ଖ' ଜୋନ୍ ଜିଲ୍ଲା ପରିଷଦ ସଦସ୍ୟାଙ୍କ ସ୍ୱାମୀ ତଥା ବରିଷ୍ଠ ବିଜେଡି ନେତା ମାଧବ ରାଓ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଯୋଗେନ୍ଦ୍ର ଓ୍ୱାଡାକା, ଜଣାଶୁଣା କଳାକାର ସୁପ୍ରିତ ସନ୍ତୋଷ ବଛା ଯୁବ କଂଗ୍ରେସ ନେତା ସୁନିଲ ହୁଇକା ଉପସ୍ଥିତ ରହିଥିଲେ। ଏହି ଖେଳ ଦଶ ଓଭର୍ ମଧ୍ୟରେ ହୋଇଥିବା ବେଳେ ସମୁଦାୟ ବତିଶିଟି ଟିମ୍ ଭାଗ ନେଇ ଖେଳିଥିବା ବିଜେତା ଟିମ୍‌କୁ ବାର ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ ଟିମ୍‌ଙ୍କୁ ଦଶ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଆଜିର ପ୍ରଥମ ଦିନ ଖେଳରେ ଏମ୍ପାୟର ଭାବେ ସୁରେଶ ତିଆକା ଓ କାମେଶ ପ୍ରାସ୍କା ରହିଥିବା ବେଳେ କମିଟି ସଦସ୍ୟ କାମ୍ୟା ହିକ୍‌କା, ଇଶାନ୍ତ ହିକ୍‌କା, ରାମଦାସ ହିକକା ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଖେଳ ଦେଖିବାକୁ ଆଖପାଖ ଅଞ୍ଚଳର ଅନେକ କ୍ରୀଡ଼ାପ୍ରେମୀଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା।

## ବିଶ୍ୱ ନାଟକ ଦିବସ ପାଳିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପଠାରେ ଭିନ୍ନ ଢଙ୍ଗରେ ବିଶ୍ୱ ନାଟକ ଦିବସ ପାଳନ ହୋଇ ଯାଇଛି। ଓଡ଼ିଶା ନାଟ୍ୟ ସଂଘର ଜିଲ୍ଲା ସଂଯୋଜକ ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ଅଧରକାରୀ ଘାସି ରାମ ହରିଜନ ମୁଖ୍ୟ ଅତିଥି ଭାବେ ଯୋଗଦାନ ପୂର୍ବକ ସରକାର ଦେଉଥିବା ସୁବିଧାକୁ କଳାକାରମାନେ ଲାଭ ଉଠାଇବା ଦରକାର ବୋଲି କହିଥିଲେ। ଅନ୍ୟତମ ଅତିଥୀ ରୂପେ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତଥା ବିଶିଷ୍ଟ ମଞ୍ଚ ଅଭିନେତା ତ୍ରିପତ ବାଲାଜି ସାହୁ ଯୋଗଦେଇ ମଞ୍ଚ ନାଟକରେ ଯୁବ ପ୍ରତିଭାର ଆବଶ୍ୟକତା ଅଛି ବୋଲି ମତ ବ୍ୟକ୍ତ କରିଥିଲେ। ଅଧ୍ୟାପକ ଦିଲ୍ଲୀପ ହୋତା ଯୋଗଦେଇ ମଞ୍ଚ କଳାକାରର ଏନ୍ତୁଡି ଶାଳ ବୋଲି କହିଥିଲେ। ନିର୍ଦ୍ଦେଶକ ସୁରେଶ ମହାନ୍ତି ସମସ୍ତ କଳାକାର ସକ୍ରିୟ ହୋଇ ମଞ୍ଚମୁହା ହେଲେ ମଞ୍ଚର ପୁରୁଣା ସ୍ମୃତି ଫେରିବାର ଆଭାସ ଦେଇଥିଲା ବେଳେ ନାଟ୍ୟ ନିର୍ଦ୍ଦେଶକ ପ୍ରେମବାନ୍ଦ ପଟ୍ଟନାୟକ ଯୁବ ପିଢିଙ୍କୁ ୟୁଟ୍ୟୁବ ଓ ମୋଇଲଠାରୁ ଛଡାଇ ଆଣି ମଞ୍ଚରେ ଠିଆ କରିବାକୁ ପଡିବ ବୋଲି କହିଥିଲେ। ବରିଷ୍ଠ କଳାକାର ଅଶୋକ ପଣ୍ଡା, ଚିଦା ପଟ୍ଟନାୟକ, ପ୍ରକାଶିନୀ ଚୌଧୁରୀ ମଞ୍ଚ ସୁନ୍ଦର ଅଭିନୟ କରିଥିବା ବେଳେ ସୁରେଶ ମିଶ୍ର ଏକ ନାଟକ ଧର୍ମୀ ସଙ୍ଗୀତ ପରିବେଷଣ କରିଥିଲେ। ସହରର ନାଟ୍ୟ ପ୍ରେମୀ ସତ୍ୟନାରାୟଣ ଖଡଗରାୟ, ବିଶ୍ୱଭୂଷଣ ମହାନ୍ତି, ମନୋଜ ପଟ୍ଟନାୟକ, ଦୁର୍ଗା ପ୍ରଧାନୀ, ପ୍ରଭାସିନୀ ମହାନ୍ତି, ପ୍ରକାଶ ସାମନ୍ତରାୟ, କାର୍ତ୍ତିକ ତୁଳ, ପ୍ରଭାତ ପଟ୍ଟନାୟକ, ରଘୁନାଥ ରଥ, ନରଞ୍ଜନ ବିଶ୍ୱାଳ, ବିଭୁଦତ ସେଠି ପ୍ରମୁଖ ଯୋଗ ଦେଇ ନିଜ ନିଜ ମତାମତ ରଖିଥିଲେ। ଦେବୀ ପ୍ରସାଦ ତ୍ରିପାଠୀ ଶେଷରେ ସମସ୍ତ ଉପସ୍ଥିତ ଥିବା ମଞ୍ଚ ନିର୍ଦ୍ଦେଶକ, ନାଟ୍ୟକାର, ଶ୍ରୋତା, ଦର୍ଶକ ଏବଂ ସମସ୍ତ ପ୍ରଚ୍ଛଦପଟରେ ସାହାଯ୍ୟ ସହଯୋଗ କରିଥିବାରୁ ଧନ୍ୟବାଦ ଦେଇଥିଲେ ଏବଂ ଜଗନ୍ନାଥ ବେହେରା ସଭା ସମାପ୍ତି ଘୋଷଣା କରିଥିଲେ।

## ଗାନ୍ଧୀ ପ୍ରତିମୂର୍ତ୍ତି ସାମ୍ନାରେ ସତ୍ୟାଗ୍ରହ ପାଳିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ରାହୁଲ ଗାନ୍ଧୀଙ୍କୁ ମୋଦି ସରକାରଙ୍କ ଉଦ୍ଦେଶ୍ୟ ମୂଳକ ଭାବରେ କରିଥିବା ମକଦ୍ଦମ ଏବଂ ଦଣ୍ଡାଦେଶ ରୋଧରେ ଗାନ୍ଧୀ ପ୍ରତିମୂର୍ତ୍ତି ସାମ୍ନାରେ ସତ୍ୟାଗ୍ରହ ପାଳନ କରିଥାନ୍ତି। ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ଛକ ନିକଟର ଗୌରହରି ପାଠାଗାରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସତ୍ୟାଗ୍ରହ ପ୍ରତିବାଦ କରାଯାଇଥିଲା। ଏହି ଅବସରରେ ଗତ ଦୁଇ ଦିନ ତଳେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକଳାପ ଉପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଭୀତ ହୋଇ ପଡିଥିଲେ। ରାହୁଲ ଗାନ୍ଧୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ମୋଦି ସରକାର ଭୟଭୀତ ହୋଇ ପଡିଛନ୍ତି ଯାହା କି ଭାରତ ଯୋଡ ଯାତ୍ରା କୁହାଯାଉଛି। ସାଂସଦ ଗୃହରେ ବିଦେଶୀ ସରକାରଙ୍କ ବିରୋଧରେ ଗର୍ଜିଥିଲେ, ଆଦାନୀ ଏବଂ ମୋଦି କାର୍ଯ୍ୟକ୍ରମର ପର୍ଦ୍ଦାଫାଶ ହେଉଥିବା, ପରେ ସାଂସଦରେ ମାଇକ ବନ୍ଦ କରିବା, କୋର୍ଟରେ ଷ୍ଟେ ଥିବା କେସକୁ ପୁଣି ପୁନରାବୃତ୍ତି କରିବା, ଏବଂ ଏହି କେସରେ କୋର୍ଟ ଦୁଇ ବର୍ଷ ଜେଲ ଦଣ୍ଡ ୩୦ ଦିନର ବେଲ୍ ମଧ ଦେଲେ, ଆଉ ମଦି ସରକାର ଦେଶରେ ଆଇନ ଶୃଙ୍ଖଳା ଓ ଗଣତନ୍ତ୍ରକୁ ହତ୍ୟା କରି ଏକ ଛତ୍ର ବାଦ ଶାସନ ଚଳାଇ ଗତ କାଲି ସାଂସଦରେ ପଦ ରଦ୍ଦ କରିଥିବାରୁ ଏହାକୁ ବିରୋଧ କରି ଗତ କାଲି ଠାରୁ ଭାରତରେ ତଥା ସମସ୍ତ ରାଜ୍ୟ ସାରା ମୋଦି ସରକାରଙ୍କୁ ବିରୋଧ କରି ଗତ କାଲି କଲେଜ ଛକ ନିକଟରେ ବିଜେପି ସରକାର ବିରୁଦ୍ଧରେ ନାରା ବାଜି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପୁଣି ଆଜି ସେହିପରି ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସତ୍ୟାଗ୍ରହ ପ୍ରତିବାଦ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ ଗୁମ୍ମା ବ୍ଲକ୍‌ର ଜିଲ୍ଲାପରିଷଦ ସଭ୍ୟ ରେଣୁକା ପାତ୍ର, ରାୟଗଡ଼ା ବ୍ଲକର ମରସଉଦଆ ମଣ୍ଡଳ, ମଫେଲ ସ୍ୱଲସିଂ, ଉଦୟଗିରି ଫଇଲ୍ଲି ମାଳି, ଅଭିମନ୍ୟୁ ପଣ୍ଡା, ବସନ୍ତ ପଣ୍ଡା, ସୂର୍ଯ୍ୟନାରାୟଣ ପାତ୍ର, ଜସ୍ଟିନ ସାହିକ୍ ରାଫି, ରାଜାପାତ୍ର, କୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### 'ମହୁଲ ଫୁଲ'ର ଅଭାବୀ ବିକ୍ରି

# ମଣ୍ଡି ଅଭାବରୁ ଶାଗମାଛ ଦରରେ ବିକୁଛନ୍ତି

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା। ଚାଷ ବ୍ୟତୀତ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଯଥା, ଚାର, ମହୁଲ, ମହୁ ଇତ୍ୟାଦି ସଂଗ୍ରହ କରି ବଜାରରେ ତାକୁ ବିକ୍ରିକରି ବେଶ ଦୁଇ ପଇସା ରୋଜଗାର କରି ତାଙ୍କ ତେଲ, ଲୁଣ ଖର୍ଚ୍ଚ ତୁଲାଇଥାନ୍ତି ଏହି ଅଞ୍ଚଳରେ ବସବାସ କରୁଥିବା ଗରିବ ଆଦିବାସୀ ପରିବାର। ବର୍ଷକର ମୁଖ୍ୟତଃ ମାର୍ଚ୍ଚ, ଅପ୍ରେଲ ଓ ମେ ମାସରେ ମହୁଲ ଗଛରେ ମହୁଲ ଫୁଲ ସବୁ ଫୁଟିଥାଏ। ଏହି ମହୁଲ ଫୁଲକୁ ବୌଦ୍ଧ ଜିଲ୍ଲାର ଗରିବ ଆଦିବାସୀ ମହିଳାମାନେ ସଂଗ୍ରହ କରି ତାକୁ ବିକ୍ରିକରି ବେଶ ଦୁଇ ପଇସା ରୋଜଗାର କରିବାର ଆଶା କରିଥାନ୍ତି। ହେଲେ ମହୁଲ ଫୁଲ ସଂଗ୍ରହ କରୁଥିବା ଏହି ଗରିବ ଆଦିବାସୀ ମହିଳାଙ୍କ ମନରେ ଏବେ ନିରାଶା ଭାବ ଦେଖିବାକୁ ମିଳିଛି। ଉଚିତ ମୂଲ୍ୟ ନ ପାଇ ଦୁର୍ଦ୍ଦିନରେ ରହିଛନ୍ତି ଏହି ମହୁଲ ଗୋଟାଳୀମାନେ। ସଂଗ୍ରହ କରିଥିବା



ମହୁଲକୁ ବିକ୍ରି କରିବା ପାଇଁ କୌଣସି ମଣ୍ଡି ବା ବଜାରର ସୁବିଧା ନ ଥିବାରୁ ଏହାକୁ ଶାଗ ମାଛ ଦରରେ ଦଲାଲ ହାତକୁ ଟେକିଦେବାକୁ ବାଧ୍ୟ ଦେଉଛନ୍ତି ଗୋଟାଳୀମାନେ। ଗରିବ ଆଦିବାସୀ ମହିଳାମାନେ ସକାଳୁ ଭାତ ଧରି ମହୁଲ ଗୋଟେଇବାକୁ ଯାଇ ଦିନ ଗୋଟେ, ଦି'ଟା ବେଳେ ଯେତେବେଳେ ଲୋକେ ଖରାକୁ ମୁହଁ ନ ଦେଇ ଘରେ ଶୋଇ ରହିଥାନ୍ତି। ଦିନ ଯାକ ନିଜ ପିଲାଛୁଆଙ୍କୁ ଛାଡି ଖରାର ତାତିରେ ସିଝି ଯାଉଥିଲେ ମଧ ତେଲ, ଲୁଣର ସଂସାରକୁ ବଞ୍ଚେଇବା ପାଇଁ, ନିଜ ପିଲାଛୁଆଙ୍କ ପେଟକୁ ଦାନା ମୁଠେ ଯୋଗାଇବା ପାଇଁ କଠିନ ପରିଶ୍ରମ କରିଥାନ୍ତି। ଖାଲି ଯେ ବୌଦ୍ଧ ଜିଲ୍ଲାରେ ନୁହେଁ ସାରା ପଶ୍ଚିମ ଓଡ଼ିଶାରେ ଏହି ମହୁଲ ଫୁଲ ପ୍ରଚୁର ମାତ୍ରାରେ ମିଳିଥାଏ। ମହୁଲ ଫୁଲ ଜଣେ ଗରିବ ଲୋକ ପାଇଁ ଦୁଧିଆଳୀ ଗାଇ ସଦୃଶ। ମହୁଲ ଫୁଲ ଗୋଟାଇ ଏହାକୁ ଶୁଖାଇ ବଜାରରେ ବିକ୍ରି କରିବା ଏହି ଅଞ୍ଚଳର ଗରିବ ଆଦିବାସୀଙ୍କ ଅଭ୍ୟାସରେ ପରିଣତ ହୋଇଯାଇଥିବାବେଳେ ଏହାର ବଜାର ସୃଷ୍ଟି କରି ଗୋଟାଳୀଙ୍କ ଭଲ ଦୁଇପଇସା ମିଳିବାର ବ୍ୟବସ୍ଥା ଆଜିଯାଏ ସରକାର କରିପାରି ନ ଥିବା ମହୁଲ ସଂଗ୍ରହକାରୀମାନେ ଅଭିଯୋଗ କରିଛନ୍ତି। ୨୦୦୨ ମସିହାରୁ ସରକାର ମହୁଲଫୁଲର ନିୟନ୍ତ୍ରଣ ତଥା ଦ୍ୱାରା ନିର୍ଧାରଣ ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦେଇଛନ୍ତି। ହେଲେ ଯେବେଠାରୁ ମହୁଲର ବିକ୍ରିବଟା ଦାୟିତ୍ୱ ପଞ୍ଚାୟତକୁ ଦିଆଗଲା ସେବେଠାରୁ ମହୁଲ ଗୋଟାଳୀମାନେ ବେଶୀ ଶୋଷଣର ଶିକାର ହେଲେ। ବୌଦ୍ଧ ଜିଲ୍ଲାରେ ପ୍ରଚୁର ମାତ୍ରାରେ ମହୁଲ ଉତ୍ପାଦନ ହେଉଥିଲେ ମଧ ଏହାର ସଂରକ୍ଷଣ କିମ୍ବା ଏହାକୁ ନେଇ କିଛି ନୂଆ ପ୍ରକଳ୍ପ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସରକାର ଧାନ ପାଇଁ ମଣ୍ଡିର ବ୍ୟବସ୍ଥା କରିଛନ୍ତି ସେହିପରି କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ଫଡିର ବ୍ୟବସ୍ଥା କରିଛନ୍ତି କିନ୍ତୁ ମହୁଲ ସଂଗ୍ରହକରୀମାନଙ୍କ ପାଇଁ କୌଣସି ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କରି ନାହାନ୍ତି। ଏହି ଲଘୁ ବନଜାତ ଦ୍ରବ୍ୟ ପଶ୍ଚିମ ଓଡ଼ିଶାରେ ପ୍ରଚୁର ପରିମାଣରେ ମିଳୁଥିବାରୁ ଓ ଏହାକୁ ନେଇ କେତେକଙ୍କ ଜୀବନ ଜୀବିକା ନିର୍ଭର କରୁଥିଲେ ମଧ ସରକାର ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ମହୁଲରୁ କେବଳ ଯେ ମଦ ପ୍ରସ୍ତୁତ ହୁଏ, ତାହା ନୁହେଁ ଏହି ମହୁଲ ଫୁଲ ଓ ଫଳରୁ ତେଲ, ଜେଲି, ଜାମ, ପରଫ୍ୟୁମ ଆଦି ପ୍ରସ୍ତୁତ ହୁଏ। ଦେଶର ଅନ୍ୟ ରାଜ୍ୟ ଗୁଡିକରେ ଏହି ସବୁ ପ୍ରସ୍ତୁତ କରାଯାଉଥିଲେ ମଧ ଆମ ରାଜ୍ୟର ଶିଳ୍ପ ବିହୀନ ବୌଦ୍ଧ ଜିଲ୍ଲାରେ ଏହି ପରି ଶିଳ୍ପ ପ୍ରତିଷ୍ଠା କଲେ ଏଠିକାର ମହୁଲ ସଂଗ୍ରହକାରୀଙ୍କୁ ଉଚିତ ମୂଲ୍ୟ ମିଳିବା ସହିତ ବହୁ ବେକାର ଯୁବକ ଯୁବତୀଙ୍କୁ ଏଠାରେ କର୍ମ ସଂସ୍ଥାନ ମିଳିପାରନ୍ତା। କିନ୍ତୁ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ତାହା ହୋଇ ପାରୁ ନାହିଁ। ସାଧାରଣ ଗୋଟାଳି ଜଣେ ଅଧିକ ମହୁଲ ରଖିବା ମଧ ଅପରାଧ। ତେଣୁ ବାଧ ହୋଇ ମହୁଲ ଗୋଟାଳୀମାନେ କିଛି ମଦ ବେପାରୀ ଓ ଦଲାଲମାନଙ୍କ ଦ୍ୱାରା କେ.ଜି ପ୍ରତି ୨୦ ରୁ ୩୦ ଟଙ୍କାରେ ବିକ୍ରିକରି ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଯଦି ସରକାର ଧାନ ମଣ୍ଡି ଭଳି ମହୁଲ ମଣ୍ଡି କରିବାର ବ୍ୟବସ୍ଥା କରନ୍ତେ ଓ ମହୁଲର ମୂଲ୍ୟ ନିର୍ଧାରଣ ପାଇଁ କଡାକଡି ନିୟମ ରହନ୍ତା ତାହାହେଲେ ମହୁଲ ଗୋଟାଳୀମାନେ ଭଲ ଦୁଇପଇସା ରୋଜଗାର କରିବା ସହିତ ତାଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ସେପଟେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



"ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରେ, ଯିଏ କୌଣସି ପଦାର୍ଥ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ।"

- ସ୍ୱାମୀ ବିବେକାନନ୍ଦ



"ଯଦି ତୁମେ ଭଗବାନଙ୍କୁ ପ୍ରାର୍ଥନା କରୁନାହଁ, ତାହା ତାଙ୍କ ପାଇଁ କ'ଣ ଏହା କେବଳ ତୁମର ଦୁର୍ଭାଗ୍ୟ।"

-ସାରଦା ଦେବୀ



## ଜଳବାୟୁ ପରିବର୍ତ୍ତନର କୁପରିଣତି

# ଆଗକୁ ପ୍ରକୃତିର ଉଗ୍ରରୂପ

ଜେନେଭାସ୍ଥିତ ବିଶ୍ୱ ପାଣିପାଗ ବିଜ୍ଞାନ ସଂଗଠନ ଦୁଇଦିନ ପୂର୍ବେ ଯେଉଁ ନୂଆ ରିପୋର୍ଟ ପ୍ରକାଶ କରିଛି, ତାହା ଅନେକ ରାଷ୍ଟ୍ରପାଇଁ ଚିନ୍ତାର କାରଣ ହୋଇଛି। ସଂଗଠନର ବୈଜ୍ଞାନିକମାନେ ଦୀର୍ଘ ଦିନର ଅଧ୍ୟୟନ ଓ ଗବେଷଣା ପରେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ସମୁଦ୍ରର ଜଳସ୍ତର ଲଗାତାର ଭାବରେ ବୃଦ୍ଧି ପାଉଛି, ଯାହା ଭବିଷ୍ୟତରେ ମାନବ ଜାତି ପାଇଁ ସଙ୍କଟ ସୃଷ୍ଟି କରିବ। ଏହାର ପ୍ରଭାବରେ ବିଶ୍ୱର ତଳିଆ ଅଞ୍ଚଳରେ ଥିବା ଦେଶଗୁଡ଼ିକ କ୍ରମଶଃ ଜଳମଗ୍ନ ହୋଇ ଦିନେ ନା ଦିନେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବାର ସମ୍ଭାବନା ରହିଛି। ଜାତିସଂଘର ବରିଷ୍ଠ ଅଧିକାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମିଳିତ ହୋଇ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୁରକ୍ଷା ପରିଷଦଙ୍କୁ ଅବଗତ କରାଇଛନ୍ତି। ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ଭାରତ, ଚୀନ, ବଙ୍ଗଳା ଦେଶ ଓ ନେଦରଲ୍ୟାଣ୍ଡକୁ ଏହି ବିପଦ ମାଡ଼ି ଆସିବାର ଅଧିକ ଆଶଙ୍କା ରହିଛି। ସମୁଦ୍ର ଜଳସ୍ତରରେ ବୃଦ୍ଧି ଯୋଗୁଁ ଏହି ସବୁ ଦେଶର ଉପକୂଳବର୍ତ୍ତୀ ସହର ଗୁଡ଼ିକ ସମୁଦ୍ରରେ ବିଲୀନ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ। ସମୁଦ୍ର ଜଳସ୍ତର ବୃଦ୍ଧି ଜନିତ ବିପଦ ମୁଖରେ ଥିବା ପ୍ରଧାନ ସହରଗୁଡ଼ିକ ମଧ୍ୟରେ ଚୀନର ସାଂଘାଇ, ବଙ୍ଗଳାଦେଶର ରାଜଧାନୀ ଢ଼ାକା, ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍, ଭାରତର ମୁଖ୍ୟ ବାଣିଜ୍ୟିକ ନଗରୀ ମୁମ୍ବାଇ ଓ ବ୍ରିଟେନର ରାଜଧାନୀ ଲଣ୍ଡନ ଆଦି ଅନ୍ତର୍ଭୁକ୍ତ। ସେହିପରି ଆମେରିକାର ମୁଖ୍ୟ ନଗରୀ ନ୍ୟୁୟର୍କ ଓ ଲସ୍ଏଞ୍ଜେଲସ୍, ଡ଼େନମାର୍କର ରାଜଧାନୀ କୋପେନ୍‌ହେଗେନ୍ ଓ ଲାଗୋସ୍ ଆଦି ପ୍ରଭାବିତି ହେବାର ସମ୍ଭାବନା ରହିଛି। ବିଶ୍ୱର ତାପାୟନ ବୃଦ୍ଧି ଯୋଗୁଁ ଗ୍ଲାସିୟର୍ସ ତରଳିବା ସମ୍ଭାବ୍ୟ ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ବର୍ତ୍ତମାନ କେତେକ ଦେଶର ତଟବର୍ତ୍ତୀ ଅଞ୍ଚଳରେ ହାରାହାରି ଜଳସ୍ତର ତିନିଗୁଣ ବଢ଼ିଛି, ଯଦ୍ୱାରା ଆଗାମୀ ଦଶନ୍ଧି ଗୁଡ଼ିକରେ ଅନେକ ତଳିଆ ରାଷ୍ଟ୍ର ସମ୍ପୂର୍ଣ୍ଣ ଜଳମଗ୍ନ ହେବାକୁ ଯାଉଛନ୍ତି। ଏହା ଫଳରେ ସମଗ୍ର ବିଶ୍ୱରେ ଗଣପଳାୟନ ଦେଖିବାକୁ ମିଳିବ ଏବଂ ପାନୀୟ ଜଳ, ଜମି ଏବଂ ଅନ୍ୟାନ୍ୟ ସମ୍ବଳ ପାଇଁ ଦେଶଦେଶ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇଯିବ। ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ଚାରିଆଡ଼େ ଲୁଣାପାଣି ମାଡ଼ିଯିବ ଓ ଏହାର ଫଳ ସ୍ୱରୂପ କୃଷି, ମତ୍ସ୍ୟଚାଷ, ପର୍ଯ୍ୟଟନ କ୍ଷେତ୍ର ଅତି ମାତ୍ରାରେ ପ୍ରଭାବିତ ହେବ। ନିଯୁକ୍ତି ଓ ଅର୍ଥ ବ୍ୟବସ୍ଥା ଉପରେ ମଧ୍ୟ ଏହାର ଗୁରୁତର ପ୍ରଭାବ ପଡ଼ିବ ବୋଲି ବୈଜ୍ଞାନିକମାନେ ଚେତାବନୀ ଶୁଣାଇଛନ୍ତି। ବିଶ୍ୱ ପାଣିପାଗ ବିଜ୍ଞାନ ସଂଗଠନ ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଗତ ୧୯୦୦ ମସିହାରୁ ସମୁଦ୍ର ଜଳସ୍ତର ଦ୍ରୁତ ବେଗରେ ବୃଦ୍ଧି ପାଇ ଚାଲିଛି, ଯାହାକି ବିଗତ ତିନି ହଜାର ବର୍ଷ ମଧ୍ୟରେ ସର୍ବାଧିକ। ଏପରିକି ଯଦି ବିଶ୍ୱ ତାପାୟନ ୧.୫ ଡ଼ିଗ୍ରୀରେ ସୀମିତ ରହେ, ତଥାପି ସମୁଦ୍ର ଜଳସ୍ତର ଆଖିଦୃଶିଆ ଭାବରେ ବୃଦ୍ଧି ପାଇବ। କୌଣସି ପରିସ୍ଥିତିରେ ଏହାକୁ ରୋକିହେବ ନାହିଁ ବୋଲି ସେମାନେ ସ୍ପଷ୍ଟ କରି ଦେଇଛନ୍ତି। ମୋଟାମୋଟି ଭାବରେ ସମ୍ଭାବ୍ୟ ବିପର୍ଯ୍ୟୟ ଫଳରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ୯୦ କୋଟି ଲୋକଙ୍କ ପାଇଁ ବିପଦ ସୃଷ୍ଟି ହେବ। ବୈଜ୍ଞାନିକମାନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଜେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଉପସ୍ଥିତ ଥିଲେ। ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ବିଶ୍ୱରେ ଅସ୍ଥିରତା ବଢ଼ିଚାଲିଥିବାର ସେ ଦର୍ଶାଇବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଏହା ବ୍ୟାପକ ରୂପ ନେବ ବୋଲି ସତର୍କବାଣୀ ଶୁଣାଇଥିଲେ। ଜଳବାୟୁ ପରିବର୍ତ୍ତନର ଧାରାକୁ ଦୃଷ୍ଟିରେ ରଖି ବିକଶିତ ଦେଶଗୁଡ଼ିକ ବେଳ ଥାଉଥାଉ ସଚେତନ ହେବା ସହିତ ପ୍ରତିକାରର ପନ୍ଥା ବାହାର କରିବାକୁ ପଡ଼ିବ। ନଚେତ୍ ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା କିଛି ଅସମ୍ଭବ ନୁହେଁ।

## ନୀତିବାଣୀ

ଦୂରେଣ ହ୍ୟବରଂ କର୍ମ ବୃଦ୍ଧିଯୋଗଦ୍ଧନଞ୍ଜୟ।
ବୃଦ୍ଧୌ ଶରଣମନ୍ୱିଚ୍ଛ କୃପଣାଂ ଫଳହେତବଃ।।
-ଶ୍ରୀମଦ୍‌ଭଗବଦ୍ ଗୀତା

# ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଶ୍ୱପ୍ରସିଦ୍ଧ ରୁକୁଣା ରଥର ବିଶେଷତ୍ୱ



ପ୍ରଦୀପ ସେନାପତି
ସାମନ୍ତରାପୁର, ଭୁବନେଶ୍ୱର, ଖୋର୍ଦ୍ଧା
ମୋ-୭୮୪୮୮୯୮୪୫୬

କଳ୍କୀ ଯୁଗରେ ବିଶ୍ୱବିଖ୍ୟାତ ରଥଯାତ୍ରା। ଶ୍ରୀକ୍ଷେତ୍ରର ଗୁଣ୍ଡିଚା ରଥଯାତ୍ରାକୁ ସମସ୍ତେ ଜାଣନ୍ତି। ଏହାର କାରଣ ବାସ୍ତବରେ ଏହି ଯାତ୍ରାରେ ୧୦ଲକ୍ଷ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ। କିନ୍ତୁ ପ୍ରଭୁ ଶ୍ରୀଶ୍ରୀଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରଥର ଉଚ୍ଚତା, ଗୋଲେଇ, ଚକ, ଅଖ, କାଠ ଏବଂ ଓଜନକୁ ତର୍ଜମା କଲେ କୌଣସି ପ୍ରକାର ସମାନତା ଆସେନାହିଁ। ବରଂ ଲିଙ୍ଗରାଜଙ୍କ ରଥର କାରୁକାର୍ଯ୍ୟ ଗୁଣ୍ଡିଚା ରଥଠାରୁ ଢେର ଗୁଣରେ ଅଧିକ। ସେଥିପାଇଁ ଏହାକୁ ବାହୁଡ଼ା ସମୟରେ ଜଗନ୍ନାଥଙ୍କ ରଥଭଳି ବୁଲାଇ ଆଣିବା ବଡ଼ କଠିନ ବ୍ୟାପାର। ବିଶ୍ୱରେ ଏହି ରଥର ଉଚ୍ଚତା, ଚକର ମାନଦଣ୍ଡ ସମସ୍ତ ରଥ ଠାରୁ ବିଶ୍ୱବିଖ୍ୟାତ ବୋଲି କୁହାଯାଇଛି। ଏହି ରଥ ଯେପରି ଭାବରେ ଯାଇଥାଏ ସେହିପରି ଭାବରେ ଅଣଲେଉଟା ଭଳି ଫେରେ। ଏହି ରଥକୁ ରୁକୁଣା ରଥ ଅଣଲେଉଟା ବୋଲି କୁହାଯାଇଛି। ଏହି ରଥର ମାଲିକ ନିଜେ ପ୍ରଭୁ ଶ୍ରୀଲିଙ୍ଗରାଜ ମହାଦେବ। ବିଶ୍ୱର କୋଟି କୋଟି ଲିଙ୍ଗମାନଙ୍କ ମଧ୍ୟରେ ସେ ହେଉଛନ୍ତି ରାଜା (ଲିଙ୍ଗରାଜ) ।

ପ୍ରଭୁ ଲିଙ୍ଗରାଜ ଏହି ରଥରେ ଯାଉଥିବା ରଥର ନିର୍ମାଣ କାର୍ଯ୍ୟ ଦୋଳ ପୂର୍ଣ୍ଣିମା ଠାରୁ ଆରମ୍ଭ ହୁଏ । ରଥର ନିର୍ମାଣ କାର୍ଯ୍ୟ ନେତ୍ରୋତ୍ସବରୁ ସରିଯାଏ । ଏହାର ସବିଶେଷ ବିଶେଷତ୍ୱ, ସବୁବର୍ଷ ଏହି ତିଥିରେ ଖବରକାଗଜରେ ପ୍ରକାଶ କରିଆସୁଛି। ତା'ପରେ କେଦାରଗୌରୀ ପୀଠସ୍ଥଳୀ ମରିଚିକୁଣ୍ଡରୁ ପାଣି ଆସେ ଓ ରଥର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୁଏ। ଗଜପତି ମହାରାଜଙ୍କ ରାଜଗୁରୁଙ୍କ ପୌରୋହିତ୍ୟରେ ଏହାର ସମସ୍ତ ସେବା ପୂଜା କାର୍ଯ୍ୟକ୍ରମ ସମ୍ପନ୍ନ ହୁଏ। ରାଜଗୁରୁ ମରିଚୀ କୁଣ୍ଡର ପାଣିକୁ ରଥର ଉପରେ ସିଞ୍ଚନ କରନ୍ତି । ସମ୍ପୂର୍ଣ୍ଣ ପୂଜା ସରିବା ପରେ ସେହି ରଥ ପାଲଟିଯାଏ ପୃଥିବୀ, ତା'ର ଚକ ପାଲଟିଯାଏ ସୂର୍ଯ୍ୟ, ଚନ୍ଦ୍ର, ପୁରୁଷ ଆଉ ପ୍ରକୃତି। 'ସ୍ୱୟଂ ବ୍ରହ୍ମା' ସେହି ରଥର ସାରଥୀ ହୁଅନ୍ତି। ଋକ୍, ଯଜୁଃ, ସାମ୍ ଓ ଅଥର୍ବ ବେଦ ହିଁ ଅଶ୍ୱ ହୋଇ ଏହି ରଥରେ ଲାଗନ୍ତି। ପ୍ରଥମେ ବୃଷଭକୁ ବାହନର ମାନ୍ୟତା ଦେଇ ରଥାସୀନ କରାଯାଏ। ତା'ପରେ ନେତ ଚଢ଼େ। ନେତ ଲାଗିବା ପରେ ଅନୁଧ୍ୟାନ କରିବା ପାଇଁ ପ୍ରଭୁ ଲିଙ୍ଗରାଜଙ୍କର ବିକଳ୍ପ ପ୍ରତିମା ପଥବକ୍ର ମହାଦେବ ଆସନ୍ତି। ରଥର ସମସ୍ତ



ସଞ୍ଜାକୁ ଜୀବନ୍ତ କରି ସେ ଫେରିଯାନ୍ତି। ଏହାପରେ ଫାଲଗୁନ-ଚୈତ୍ରମାସ ଅଷ୍ଟମୀ ତିଥିରେ (ଅଷ୍ଟମୀ ଦିନ) ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର, ମାତା ଦୁର୍ଗା, ବାସୁଦେବଙ୍କ ପ୍ରତିମାଙ୍କୁ ବିଧିମତେ ପହଣ୍ଡି ଯାତ୍ରା କରାଇ ବାଟ ଗଣେଶଙ୍କ ପାଖରେ ନଡ଼ିଆ ଭାଙ୍ଗି ରଥ ପାଖରେ ପହଞ୍ଚି ଯାଆନ୍ତି। ମନ୍ତ୍ରରେ ଚକ୍ରପୂଜା ସାରି ରଥକୁ ସତ୍ତ୍ୱ, ରଜ, ତମଗୁଣରେ ତିନିଘେରା ପ୍ରଦକ୍ଷୀଣ କରନ୍ତି। ପଶ୍ଚିମପାଖ ସିଡ଼ିରେ ରଥ ଉପରକୁ ବିଜେ ହୋଇ ସିଂହାସନ ଚରିପଟେ ପୁଣି ଅନୁଲୋମ ବିଲୋମ ବିଧିରେ ତମଃ, ରଜଃ ଓ ସତ୍ୟଗୁଣରେ ତିନିଘେରା ପ୍ରଦକ୍ଷୀଣ କରାଯାଇଥାଏ। ଏହାର ଏକ ରହସ୍ୟମୟ କିମ୍ବଦନ୍ତୀ ରହିଛି।

ଏହାପରେ ରଥରେ ସମୁଦାୟ ଏକାଦଶ ରୁଦ୍ରଙ୍କର ଏଗାରଗୋଟି ପୂଜା ସମ୍ପନ୍ନ ହୁଏ। ସାରଥୀ (ବ୍ରହ୍ମା) ଠାକୁରଙ୍କ ଠାରୁ ଆଜ୍ଞାମାଳ ଆଣି ତାଙ୍କର ନିର୍ଦ୍ଧାରିତ ଆସନ ଗ୍ରହଣ କଲାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ। ଏହି ରଥର ଉଚ୍ଚତା ହେଲା ୪୫ଫୁଟ। ଏହି ୪୫ଟି ସଂଖ୍ୟାଟି ରଥର ୪ଟି ଚକ ଓ ୫ ଦିନାତ୍ମକ ଯାତ୍ରାର ଅବଧିକୁ ବୁଝାଏ। ଚକର ବ୍ୟାସ ହେଲା ୮ ଫୁଟ। ଏହା ଅଷ୍ଟମୀ ଦିନ ବା ତିଥି ଥିବାରୁ ଅଷ୍ଟ ପ୍ରକୃତିର ଶକ୍ତିକୁ ବୁଝାଏ। ଚକର ମୋଟେଇ ବା ଚଉଡ଼ା ୧୦ ଇଞ୍ଚ୍ ରୁହେ ଯାହାକି ଶରୀରର ଇନ୍ଦ୍ରୀୟମାନଙ୍କୁ ବୁଝାଇଥାଏ। ୪ଟି ଚକ ପାଇଁ ୨ଟି ଅଖ, ମରିଚୀକୁଣ୍ଡର ସାମ୍ନାରେ ଥିବା ମୁକ୍ତେଶ୍ୱର ମନ୍ଦିର ଗାତ୍ରରେ ଏବେ ମଧ୍ୟ ୨ଟି ମୁଣ୍ଡରେ ୪ଟି ମଣିଷର ଚିତ୍ର ଖୋଦେଇ ହୋଇ ରହିଛନ୍ତି। ଏହି ୨ଟି ଅଖ ହେଲା ବୁଦ୍ଧି ଆଉ ପ୍ରାଣ। ପ୍ରତ୍ୟେକ ଅଖର ଲମ୍ବ ୨୭ ଫୁଟ ଓ ମୋଟେଇ (ଚଉଡ଼ା) ୨୭ ଇଞ୍ଚ୍। ଏହି ୨୭ ନକ୍ଷତ୍ରର ରହସ୍ୟ ମନ୍ଦିର ବେଢାରେ ଅଦ୍ୟାବଧି ଅଛନ୍ତି ଏବଂ ଜୀବକୁ ନବ ଦ୍ୱାରରେ ଜଗିଛନ୍ତି। ଏହି ୨୭ ନକ୍ଷତ୍ରର ଜ୍ଞାନ ବୁଦ୍ଧିକୁ ଆସିଲେ ପ୍ରାଣ ବୁଦ୍ଧିକୁ ମାଧ୍ୟମ କରି ମନକୁ ଅଧିନରେ ରଖିବ। ଚକ ଦୁଇଟିର ମଧ୍ୟବର୍ତ୍ତୀ ଦୂରତ୍ୱ ୯ ଫୁଟ (ନଅଫୁଟ) ଯାହାକି ନବଗ୍ରହଙ୍କର ପ୍ରତୀକ। ପୀତ, ଲୋହିତ ଏବଂ ନିଳରଙ୍କର କପଡ଼ା ଯଥାକ୍ରମେ ପୃଥିବୀ, ସୂର୍ଯ୍ୟ ଓ ଆକାଶର ପ୍ରତିନିଧିତ୍ୱ କରନ୍ତି। ଏହି ରଥ ଯିବ ପ୍ରାୟ ୧.୫ କି. ମିଟରରୁ ଟିକେ ଅଧିକ। ଫେରିବାକୁ ମଧ୍ୟ ସେହି ଦୂରତା। 'ଏ ଯାତ୍ରାର କବାଟ କିଳା ଆଉ ଫିଟାଇବାର ରହସ୍ୟ' କେବଳ ମହାଶିବ ହିଁ ଏ କାବଟକୁ ମହାକାଳ ରୂପେ ଫିଟାଇଛନ୍ତି। ଜୀବ ମଧ୍ୟ ମହାଶକ୍ତି ଶିବଙ୍କର ଅଂଶ ହୋଇଥିବା ସେ ମଧ୍ୟ ଏ କବାଟକୁ ଏ ବନ୍ଧନକୁ ଫିଟାଇ ପାରିବ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଉଭୟ ଅଦ୍ୱୈତ ତତ୍ତ୍ୱର ଆଉ ସେବ୍ୟ-ସେବକର ଦ୍ୱୈତ ତତ୍ତ୍ୱର ରହସ୍ୟକୁ ନେଇ ସଂଗଠିତ ହୁଏ। ଏଥିରେ ପରମ ଆଉ ଚରମର କଥା ରହିଛି। ଏହି ୫ ଦିନାତ୍ମକ ଯାତ୍ରାର ଅବଧିରେ ମାୟା, ଅବିଦ୍ୟା ପ୍ରଭୃତି ପ୍ରତ୍ୟେକଙ୍କର ଅସ୍ତିତ୍ୱ ଅଛି। ରୁକୁଣା ରଥ ଅଣଲେଉଟା ଯାତ୍ରାରେ ଆରୋହଣ ପ୍ରକ୍ରିୟା ଜୀବ ମଧ୍ୟରେ ସଂଗଠିତ ହୁଏ। ଅଶୋକାଷ୍ଟମୀ ଯାତ୍ରାରେ ପ୍ରଭୁ ଲିଙ୍ଗରାଜ ଅଷ୍ଟ ପ୍ରକୃତିକୁ ସାଥୀରେ ନେଇ ଶ୍ରୀ ରାମେଶ୍ୱରଙ୍କ ପୀଠକୁ ଯାତ୍ରା କରନ୍ତି।

ଅଶୋକାଷ୍ଟମୀ ପ୍ରଭୁ ଲିଙ୍ଗରାଜଙ୍କ ଏହି ୫ ଦିନାତ୍ମକ ଯାତ୍ରାରେ ଜୀବ ତା'ର ଭିତରେ ଥିବା ୫ ମହାଭୂତ ଆଉ ତିନି ଗୁଣକୁ ଅନ୍ତଃକରଣର ମନ, ବୁଦ୍ଧି ଆଉ ଅହଂକାରରୁ ମୁକ୍ତ କରି ଚିତ୍ତଶକ୍ତି ବା ଚେତନାର ଆଲୋକିତ ଜ୍ଞାନର ବୋଧରେ ନିଜର ସ୍ୱରୂପକୁ ଅନୁଭବ କରିନିଏ। ଅଷ୍ଟ ପ୍ରକୃତିର ସ୍ପର୍ଶ ତାକୁ ତାଡ଼ନା ନଦେଇ ଶୀତଳତା, ମଧୁରତା ପ୍ରଦାନ କରେ। ଏହା ହିଁ ଅଶୋକାଷ୍ଟମୀ ମହୋତ୍ସବର ଏକ ବଡ଼ ଆଶ୍ୱାସନା। ଅଷ୍ଟ ପ୍ରକୃତି ମହାଶକ୍ତିର ପ୍ରତିନିଧି ରୂପେ ରୁକୁଣା ରଥକୁ ସାଢେ ତିନିଘେରା ବୁଲାଣିରେ ପକାଇ ବଢେଇବାଙ୍କର ବଙ୍କାରୁ ସୁଲଖ ରାସ୍ତାକୁ ନିଅନ୍ତି। ଯାତ୍ରା ସୁରକ୍ଷିତରେ ଅସୁର କିଆରି ଡ଼େଇଁ ଅସୁରମାନଙ୍କ ରାଜା ବିଭୀଷଣ ମହାରାଜଙ୍କ ସମ୍ମାନାର୍ଥେ ଏଠାରେ ପଣାଲାଗି ଭୋଗ କରାଯାଏ। ଦେଢ କି.ମି.ରୁ ଟିକେ ଅଧିକ ରାସ୍ତାକୁ ପାର କରି ଶ୍ରୀ ରାମେଶ୍ୱରୀଙ୍କ ପୀଠରେ ପହଞ୍ଚି ଯାଏ। ରାମେଶ୍ୱରଙ୍କ ଅନତି ଦୂରରୁ ରଥଟି ପ୍ରଭୁ ଲିଙ୍ଗରାଜଙ୍କ ମହାଖୋଲା ମଣ୍ଡପ ଭଳି ଏକ ସ୍ଥାନରେ ଅଟକିଯାଏ। ଏହାକୁ ବିଜୟ ପଡ଼ିଆ ବୋଲି କୁହାଯାଏ। ଏହି ପଡ଼ିଆରେ ମଧ୍ୟ ଏକ ରହସ୍ୟ ରହିଛି। ରଥର ଦଉଡ଼ି ଜଗନ୍ନାଥଙ୍କ ପୀଠରୁ ଆସିଥାଏ। ଦଉଡ଼ି ସହିତ କିଛି ରୋଚକ ଖବର ପଶ୍ୟନ୍ତି ବାଣିରେ ଥାଏ। ଏହା କେବଳ ସାଧୁ ସନ୍ନ୍ୟାସୀମାନଙ୍କ ପାଇଁ ଉଦ୍ଦିଷ୍ଟ। ସାଂକେତିକ ଭାବରେ ଯେଉଁଳି ସନତ କୁମାର ଭ୍ରାତାମାନଙ୍କୁ ବୈକୁଣ୍ଠରେ ପ୍ରଭୁଙ୍କ ଦ୍ୱାରପାଳମାନେ ବିରୋଧ କରିଥିଲେ ଜୟ ଆଉ ବିଜୟ ରୂପରେ। ସେହିଭଳି ଏହି ବିଜୟ ପଡ଼ିଆ ପାଖରେ ରୂପ ଆଉ ଗୁଣ ବିଶ୍ରାମ ନିଅନ୍ତି। ନାମ ଆଗକୁ ବଢେ ସ୍ୱରୂପର ଦର୍ଶନ ପାଇଁ ସୂରପର ଦ୍ୱାରପାଳ ଥାଏ ଜୟ। ଥାଏ ପ୍ରଭୁ ରାମଙ୍କ ପୀଠରେ। ବିଜୟ ପଡ଼ିଆ ପାଖରୁ କେବଳ ବ୍ରହ୍ମ ହିଁ ପହଣ୍ଡି ହୋଇ ରାମେଶ୍ୱର ମନ୍ଦିର ମଧ୍ୟକୁ ଯାଆନ୍ତି। ପ୍ରଭୁ ଆଶୁତୋଷ ମାତା ପାର୍ବତୀଙ୍କୁ ମଧ୍ୟ ସାଙ୍ଗରେ ଆଣନ୍ତି ନାହିଁ। କାରଣ-ମାତା ହେଲେ ଦୃଶ୍ୟ ଜଗତର ନାମ, ରୂପ, ଆଉ ଗୁଣକୁ ଧାରଣ କରିଥିବା ଶକ୍ତି। ଏହିଠାରେ ହିଁ ନାମ, ରୂପ ଆଉ ଗୁଣର ନାନା ରକମର ବିପଣି ଚାଲେ, ଯାତ୍ରା ମେଳଣ ସବୁ ହୁଏ। ଜଗତର ପିତା ଏହି ରାମେଶ୍ୱରଙ୍କ ପୀଠରେ ଜୀବଜଗତ ପାଇଁ ଅନେକ ଆଶୀର୍ବାଦ ତିଆରି କରନ୍ତି।

ରୁକୁଣା ରଥ ହେଲା ଋଗ୍‌ବେଦର ପ୍ରତୀକ। ଜୀବର ଜୀବନ ରଥର ଦର୍ଶନତତ୍ତ୍ୱକୁ ସହଜ ଓ ସରଳ ବାଟରେ ଦୃଶ୍ୟ ପଥକୁ ଆଣିଥାଏ। ଏହି ରଥର ସାମନା ପଟ ଯାହା ପଛପଟ ମଧ୍ୟ ସେଇଆ। ଏହା ହେଲା ଅଦ୍ୱୈତବାଦର ଅଣଲେଉଟା ଯାତ୍ରାର କଥା। ଆହୁରି କିମ୍ବଦନ୍ତୀର ତର୍ଜମା କଲେ ଏଠାରେ ସରିବ ନାହିଁ। ବରଂ ବଢି ବଢି ଚାଲିବ ଯାହା ଖବର କାଗଜରେ ଜାଗାର ଅଭାବ ଥିବାରୁ ଏହାର ବିଶେଷତ୍ୱ ଏଠାରେ ବିସର୍ଜନ କରୁଅଛି।

# ପିତୃତ୍ୱ ଅବକାଶ ପାଇଁ



ସୌମ୍ୟଶ୍ରୀ ପାଣିଗ୍ରାହୀ
ଛାଇ, ଜଗନ୍ନାଥ ବିହାର, ଭଦ୍ରକ
ମୋ: ୯୮୬୧୪୪୮୮୫୫

ଏବେ ଓଡ଼ିଶାର ଠିକା କର୍ମଚାରୀମାନେ ନିଜ ହକ ପାଇଁ ରାଜରାସ୍ତାରେ ଆନ୍ଦୋଳନ ଜାରୀ ରଖିଛନ୍ତି। ହଁ, ଯଦି ସବୁକ୍ଷେତ୍ରରେ ସମାନୁପାତିକ ବ୍ୟବହାରର ଆଶା କରାଯାଏ, ତେବେ ସେମାନଙ୍କୁ ମଧ୍ୟ ନିୟମିତ କର୍ମଚାରୀଙ୍କ ପରି ସୁବିଧା ସୁଯୋଗମାନ ମିଳିବା ଆବଶ୍ୟକ। ଆପଣଙ୍କର ମନେଥିବ, ଅଳ୍ପଦିନ ତଳେ ଏଇ ଠିକା କର୍ମଚାରୀମାନଙ୍କୁ ଭେଦଭାବ ଜନିତ ଏକ ଖବର, ସମ୍ବାଦପତ୍ରର ଶୀରୋନାମା ପାଲଟିଥିଲା। ଚର୍ଚ୍ଚାର ବିଷୟ ଥିଲା, ଠିକାରେ କାମ କରୁଥିବା ଏବଂ ନିୟମିତ ହୋଇନଥିବା ମହିଳାମାନଙ୍କୁ ମାସିକ ଋତୁସ୍ରାବ କାଳୀନ ଛୁଟି ପ୍ରଦାନକୁ ନେଇ। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ଏହି ବିଷୟକୁ ନେଇ ବିଧାନସଭାରେ ହଙ୍ଗାମା ହେବାପରେ ଏବେ ସମସ୍ତ ମହିଳା କର୍ମଚାରୀଙ୍କ ପ୍ରତି ସମାନ ନିୟମ ଲାଗୁ ହେବାର ଦାବି ଆହୁରି ତୀବ୍ର ଓ ଶାଣିତ ହେବାରେ ଲାଗିଛି। ଆପଣ ହିଁ କୁହନ୍ତୁ, ଯଦି ମାସିକ ଋତୁସ୍ରାବ କାଳୀନ କଷ୍ଟ ସମାନ ତେବେ ତା'ର କ୍ଷତିପୂରଣ ମଧ୍ୟ ସମାନୁପାତିକ ହେବା ଉଚିତ୍ କି ନୁହେଁ ? ସେହି ସମୟର ଶାରିରୀକ କଷ୍ଟ ଓ ମାନସିକ ପୀଡ଼ାକୁ ଦୃଷ୍ଟିରେ ରଖି ଯଦି ନିୟମିତ ମହିଳା କର୍ମୀଟିଏକୁ ଗୋଟିଏ ଦିନ ହେଉ ପଛେ, ଛୁଟି ଦିଆଯାଇ ପାରୁଛି, ତେବେ ଠିକାରେ କାମ କରି, ସ୍ୱଳ୍ପ ବେତନ ପାଉଥିବା ମହିଳାଟିଏ ମଧ୍ୟ ସେହି ଅବକାଶର ହକଦାର କାହିଁକି ନ ହେବ ? ଏହା କ'ଣ ଆମର ସାମାଜିକ ବୈଷମ୍ୟକୁ ପ୍ରଦର୍ଶନ କରୁନାହିଁକି ?

ମୋର ସାନ ଭାଇର କନ୍ୟା ରତ୍ନଟିଏ ହୋଇଛି ଏଇ ନିକଟରେ। ଏଣୁ ପ୍ରାୟ ଗତମାସ ଠାରୁ ମୋ ମା'ଯାଇ ସାନ ଭାଇ ପାଖରେ ଅଛନ୍ତି ଏବଂ ଆସନ୍ନପ୍ରସବା ବୋହୂର ଯତ୍ନ ନେଉଛନ୍ତି। କିନ୍ତୁ ମୋ ମା' ଯିବା ପୂର୍ବରୁ ମଧ୍ୟ ମୋ ଜାଣିବାରେ ସାନଭାଇ କିଛିଦିନ ହେବ ନିଜ ଅଫିସ କାର୍ଯ୍ୟ ଘରୁ ଥାଇ କରୁଥିଲା କାରଣ, କେତେବେଳେ କିଛି ବି ଆବଶ୍ୟକତା ପଡିପାରେ । ନିଜର ଗର୍ଭବତୀ ପତ୍ନୀ ପାଖରେ ଅଧିକରୁ ଅଧିକ ସମୟ ବିତେଇ, ତାକୁ ବିଶ୍ରାମ କରିବାରେ ସାହାଯ୍ୟ କରିବା, ଏଥିରେ ସାମାନ୍ୟତମ ଭୁଲ ନାହିଁ। ମାତ୍ର ଆମ ଦେଶରେ ମାତୃତ୍ୱ ଅବକାଶ ପରି ବିଧିବଦ୍ଧ ପିତୃତ୍ୱ ଅବକାଶର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। ମାତୃତ୍ୱ ପାଇଁ

## ବିକଳ୍ପ ବିଚାର-୬୮

ଶିଶୁ ଜନ୍ମରୁ ୬ ସପ୍ତାହ ପୂର୍ବରୁ ଏବଂ ପ୍ରସବ ପରେ ଅନ୍ୟୁନ ୨୦ ସପ୍ତାହ, ଏହିପରି ମୋଟ୍ ୬ ମାସରୁ ସାମାନ୍ୟ ଅଧିକଦିନ ପର୍ଯ୍ୟନ୍ତ ଜଣେ ମା'କୁ ଛୁଟି ମିଳୁଥିବା ବେଳେ, ସ୍ଥଳ ବିଶେଷରେ ଆହୁରି ଅଧିକ ଦିନ ମଧ୍ୟ ମାତୃତ୍ୱ ଅବକାଶର ବ୍ୟବସ୍ଥା ରହିଛି। ମାତ୍ର ନୂଆ କରି ବାପା ହେଉଥିବା ପୁରୁଷଟିକୁ ମଧ୍ୟ ନିଜ ପିତୃତ୍ୱକୁ ମନଭରି ଉପଭୋଗ କରିବା ସହ ନିଜ ପରପୀଢ଼ିର ଆଗମନ ପରେ, ତା'ସହ ସମୟ ବିତେଇବା ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ କିଛି ଦିନର ଅବକାଶ ଲୋଡ଼ା।

ଏବେ ଜାପାନ ସରକାର ଏ ଦିଗରେ ନିର୍ଦ୍ଦିଷ୍ଟ ଭାବେ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଠାରେ 'ଇକୁଜି' ନାମକ ଏକ ସଂସ୍କୃତି ଆଧାରରେ ପୁରୁଷମାନେ ଆଦର୍ଶ ବାପା ହେବାକୁ ଚାହାନ୍ତି। ଫଳରେ ମା'ମାନେ ଘରେ ରହି ଶିଶୁର ପାଳନ ପୋଷଣ କରୁଥିବା ବେଳେ ପୁରୁଷମାନେ ପରିବାର ପାଇଁ ସ୍ଥିର ଆର୍ଥିକ ସ୍ରୋତ ପାଲଟି ଯାଆନ୍ତି। ମା' ମାନେ ଘରର ଯାବତୀୟ ଜଞ୍ଜାଳ ମୁଣ୍ଡେଇ ପିଲାଟିକୁ ଯତ୍ନସହ ବଢ଼ାଉଥିବା ବେଳେ ପୁରୁଷମାନେ ପଇସା ରୋଜଗାରର ଭାର ନିଜ ମୁଣ୍ଡ ଉପରକୁ ଟାଣି ନିଅନ୍ତି। ଯଦିଓ ଜାପାନରେ ସ୍ତ୍ରୀମାନଙ୍କ ପାଇଁ ମାତୃତ୍ୱ ଅବକାଶର ଅବଧି ଖୁବ୍ ଅଧିକ, ତଥାପି ପୁରୁଷମାନଙ୍କ ପାଇଁ ପିତୃତ୍ୱ ଅବକାଶର ବ୍ୟବସ୍ଥା କିଛି ବର୍ଷ ତଳୁ ଆରମ୍ଭ କରାଯାଇଛି। ମାତୃତ୍ୱ ଅବକାଶ ଶିଶୁ ଜନ୍ମର ୬ ସପ୍ତାହ ପୂର୍ବରୁ ଆରମ୍ଭ ହୋଇ ଶିଶୁକୁ ୧ ବର୍ଷ ନହେବା ପର୍ଯ୍ୟନ୍ତ ବଳବତ୍ତର ରହେ ଏବଂ ନୂତନ ଭାବେ ଆରମ୍ଭ ହୋଇଥିବା ପିତୃତ୍ୱ ଅବକାଶର ଅବଧି ପ୍ରାୟ ୪ ସପ୍ତାହ। ମାତ୍ର ଜାପାନୀ ପୁରୁଷମାନେ ନିଜ ଦୃଢ଼ କର୍ମ ସଂସ୍କୃତିରେ ଏପରି ବିଶ୍ୱାସ କରନ୍ତି ଯେ, ସେମାନେ ସେହି ୪ ସପ୍ତାହ ମଧ୍ୟ ବିନିଯୋଗ କରନ୍ତି ନାହିଁ। ଏହାର କାରଣ ନିଜର କର୍ମ ସଂସ୍ଥାନ ପ୍ରତି ଅତ୍ୟଧିକ ଅନୁରକ୍ତି ଏବଂ ସହକର୍ମୀମାନଙ୍କ ନଜରରେ ଦୁର୍ବଳ ବୋଲି ପ୍ରମାଣିତ ହୋଇଯିବାର ଭୟ। ତେଣୁ ସେମାନେ ପରିବାର ଓ ଘର ସଂସାର ଅପେକ୍ଷା ନିଜର ପେଶାକୁ ବେଶୀ ଧ୍ୟାନ ଦିଅନ୍ତି। ଫଳତଃ ଦେଶର ଉତ୍ପାଦନ ବହୁଗୁଣିତ ହୁଏ ଏବଂ ପାରିବାରିକ ସ୍ଥିତି ହୁଏ ବିପର୍ଯ୍ୟସ୍ତ।

ନିକଟ ଅତୀତରେ ଏକ ସାମାଜିକ ପରୀକ୍ଷଣରେ ଜାପାନରେ ୪ ଦିନିଆ ସପ୍ତାହର ପ୍ରଚଳନ ଆରମ୍ଭ ହେଲା, ମାତ୍ର ଅଧିକାଂଶ ଏହାକୁ ଗ୍ରହଣ କରିବାକୁ କୁଣ୍ଠାବୋଧ କଲେ। ପୁଣି ବାର୍ଷିକ ଅନ୍ୟୁନ ଥରେ ସପରିବାର ଭ୍ରମଣର ସୁଯୋଗ ଦିଆଗଲା। ଯଦିଓ ଏହା ସମ୍ପୂର୍ଣ୍ଣ ମାଗଣା ଓ ସମସ୍ତ ବ୍ୟୟ ନିଯୁକ୍ତିଦାତା ବହନ କରୁଥିଲେ । ତଥାପି ଜାପାନୀମାନେ ଏଥି ପ୍ରତି ଆଗ୍ରହ ଦେଖେଇଲେ ନାହିଁ। ଏହା ଏକ ବିରାଟ ସାମାଜିକ ସମସ୍ୟା ଉତ୍ପନ୍ନ କଲା।

ସରକାରଙ୍କ ପକ୍ଷରୁ ଯେତେ ପ୍ରଲୋଭନ ଦେଖେଇଲେ ବି ଫଳ ହେଲା ଓଲଟା। ଜାପାନରେ ପାରିବାରିକ ବନ୍ଧନ ଶୀଥିଳ ହେବାରେ ଲାଗିଲା, ପ୍ରଜନନହାର କମିଚାଲିଲା। ଶିଶୁ ଜନ୍ମହାରରେ ସାଙ୍ଘାତିକ ତାରତମ୍ୟ ଦେଖାଗଲା ଏବଂ ବର୍ଷ କେଇଟା ଭିତରେ ଦେଶର ସମୁଦାୟ ଜନସଂଖ୍ୟାର ମୁଖ୍ୟ ଭାଗ ଅକ୍ତିୟାର କଲେ ପ୍ରୌଢ଼ମାନେ ଏବଂ ଆଜିର ଦିନରେ ଜାପାନରେ ବୃଦ୍ଧମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଉନ୍ନତ ଚିକିତ୍ସା ସୁବିଧା ଯୋଗୁଁ ମୃତ୍ୟୁହାର ଆହୁରି କମିବା ଫଳରେ ଜାପାନ ଏବେ ଏକ ବୁଢ଼ାମାନଙ୍କର ଦେଶ ପାଲଟିବାରେ ଲାଗିଛି। ଜାପାନର ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଶିଶୁ ଜନ୍ମହାର ୨.୧ ହେବାର ଆବଶ୍ୟକତା ଥିବାବେଳେ ଏହା ଆସି ପହଞ୍ଚିଛି ୧.୩ରେ। ତେଣୁ ତ'ଜାପାନର ପ୍ରଧାନମନ୍ତ୍ରୀ କିସିଦା ଶିଶୁ ଜନ୍ମହାର ବଢ଼େଇବା ପାଇଁ ନାନାଦି ପ୍ରୋତ୍ସାହନର ବ୍ୟବସ୍ଥା କରିଛନ୍ତି। ତା'ଠାରୁ ବଡ଼ ସମସ୍ୟା, ବ୍ୟୟବହୁଳ ଜୀବନଶୈଳୀ ଏବଂ ଖର୍ଚ୍ଚ ବହୁଳ ବିବାହକୁ ଡ଼ରି ଏକ ଚତୁର୍ଥାଂଶ ଯୁବାବର୍ଗ ବିବାହ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଏହା ଆମ ସମୟର ଏକ ବିରୋଧାଭାଷ ନୁହେଁ କି ?

ଆପଣ ସଠିକ୍ ମନେପକେଇଲେ, ଶେଷଥର ପାଇଁ ପିଲାଟିଏକୁ ନିଜ ବାପା ସାଙ୍ଗରେ ପାର୍କରେ ଖେଳିବାର କିମ୍ବା ବାପା କାନ୍ଧରେ ବସି ମେଳା କି ଯାତ୍ରା ଦେଖିବାର କେବେ ଦେଖିଥିଲେ ? ବାପାସାଙ୍ଗରେ ହାତଧରି ଚାଲୁଥିବା ଶିଶୁ କିମ୍ବା ବାପା ସାମ୍ନାରେ ସ୍କୁଟରରେ ଛିଡ଼ା ହୋଇ ବଜାର ବୁଲୁଥିବା ପିଲା ବି ଆଜିକାଲି ବିରଳ ହେଇଗଲେଣି ପ୍ରାୟ। ଅବଶ୍ୟ ସେ ଜାଗା ମା'ମାନେ ନେଇଛନ୍ତି ମାତ୍ର ୱେବସିରିଜ "ଦି ଫ୍ୟାମିଲି ମ୍ୟାନ"ର ମନୋଜ ବାଜପେୟୀଙ୍କ ପରି ବାପାଟିଏ କିମ୍ବା ଦୃଶ୍ୟମ୍, ଜାନୱର କିମ୍ବା ଶିବାୟ ନଚେତ୍ ଭୂମି ଆଦି ଚଳଚ୍ଚିତ୍ରର ଆଦର୍ଶ ବାପାଟିଏକୁ ଦେଖିବାକୁ କାହାର ବା ଇଚ୍ଛା ନଥାଏ। ଶିଶୁଟିଏ ପାଇଁ ପରା ତା'ବାପା ହେଉଛି ପ୍ରଥମ ସୁପର ହିରୋ ବା ସୁପରମ୍ୟାନ। କିନ୍ତୁ ଆଦର୍ଶ ପିତୃତ୍ୱ ପ୍ରଦର୍ଶନ ପାଇଁ ବାପାଟିଏକୁ ସୁଯୋଗ ମିଳୁଛି କେଉଁଠି ? ସେଇଥି ପାଇଁ ତ' ଆମର ଦାବି, ଏ ଭେଦଭାବ ଚଳିବ ନାହିଁ। ପିତୃତ୍ୱ ଅବକାଶ ଆମର ଦାବି। ଆମେ ବି ଠିକା ମହିଳା କର୍ମଚାରୀଙ୍କ ନ୍ୟାର୍ଯ୍ୟ ହକ ପାଇଁ ସେମାନଙ୍କ ଲଢ଼େଇରେ ସାମିଲ ହେବୁ। କିନ୍ତୁ ସେମାନେ ଆମ ପୁରୁଷମାନଙ୍କର ଏଇ ଦାବିରେ ଆମକୁ ସମର୍ଥନ କରିବେ ତ ?

# ଦୃଢ଼ ନିଶ୍ଚୟର ମହତ୍ତ୍ୱ



ସନ୍ଥ ରାଜିନ୍ଦର ସିଂ ଜୀ ମହାରାଜ
ମୋ: ୯୪୩୭୮୮୬୪୮୬

ଏଇ ଜୀବନରେ ଯଦି ଆମେ ଆମର ଲକ୍ଷ୍ୟକୁ ପାଇବା ପାଇଁ ଚାହିଁବା ତାହେଲେ ତା' ପଛରେ ଥିବା ସଫଳତାର ରହସ୍ୟ ହେଉଛି ଆମେ ଆମ ରାସ୍ତାରେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ସେଥିରୁ ବିରତ ହେବାନି । ଆଜିକାର ସମାଜରେ ଖେଳ, ବିଜ୍ଞାନ, କଳା ଆଦିରେ ସଫଳତା ପାଇଥିବା ବ୍ୟକ୍ତିମାନଙ୍କୁ ପରଖିଲେ ଜଣାପଡ଼ିବ ଯେ ସେମାନେ ତାଙ୍କ ଲକ୍ଷ୍ୟପ୍ରାପ୍ତି ପାଇଁ ଦୃଢ଼ ନିଶ୍ଚୟ ରଖିଥିବାରୁ ସେମାନେ ସେଥିରେ ଚରମସୀମାକୁ ପହଂଚିପାରିଛନ୍ତି ।

ଆମ ମାନଙ୍କ ମଧ୍ୟରୁ ଯିଏ ମଧ୍ୟ କୌଣସି ଲକ୍ଷ୍ୟ ପାଇବାପାଇଁ କିଛି ନିର୍ଦ୍ଧାରିତ କରିଛି, ତାକୁ ପାଇବା ପାଇଁ ତା ଅନ୍ତରରେ ସେତିକି ତୀବ୍ର ଇଚ୍ଛା, ଲଗ୍ନ ରହିବା ଦରକାର । ଆମକୁ ସେତେବେଳେ ସଫଳତା ମିଳିବ ଯେତେବେଳେ ଆମେ ଆମର ଲକ୍ଷ୍ୟକୁ ପାଇବାପାଇଁ ଆମ ଅନ୍ତରରେ ସେତିକି ବ୍ୟଗ୍ରତା, ଉତ୍ସାହ ରହିବ ।

ଆଜିର ଦୁନିଆରେ କୌଣସି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିବାପାଇଁ ଚାହିଁଲେ ତା'ପ୍ରତି ଏକ ନିଶ୍ଚିତତା ରହିଛି । ସେଇଭଳି ପ୍ରଭୁଙ୍କୁ ଯଦି ଆମେ ପାଇବା ପାଇଁ ଚାହିଁବା ହେଲେ ଆମକୁ ତା'ଠାରୁ ଅଧିକ ବ୍ୟଗ୍ରତାର ଆବଶ୍ୟକତା ଅଛି । ପ୍ରଭୁଙ୍କୁ ପାଇବାର ଇଚ୍ଛା ଏକ ତୃଷା ଅଟେ । ଯଦି ଆମ ଅନ୍ତରରେ ପ୍ରଭୁଙ୍କୁ ପାଇବାପାଇଁ ବ୍ୟଗ୍ରତା ଓ ଲଗ୍ନ ନାହିଁ ତା'ହେଲେ ସେଇ ଉଦ୍ଦେଶ୍ୟକୁ ପୁରା କରିପାରିବା ନାହିଁ ।

ଉଦାହରଣ ସ୍ୱରୂପ ଯେଉଁମାନେ ତୃଷାର୍ତ୍ତ ସେମାନେ ତାଙ୍କର ତୃଷା ମେଣ୍ଟାଇବା ପାଇଁ କିଛି ପାନ କରିବାପାଇଁ ଚାହାନ୍ତି ଯେତେବେଳେ କିଛି ପିଅନ୍ତି ତାଙ୍କ ତୃଷା ମେଣ୍ଟିଥାଏ । ଯଦି ଆମ ଅନ୍ତରରେ ପ୍ରଭୁଙ୍କୁ ପାଇବାପାଇଁ ସେତିକି ତୀବ୍ରତା, ବ୍ୟାକୁଳତା ଅଛି ତା' ହେଲେ ପ୍ରଭୁଙ୍କ ଦୟାରୁ ଆମର ତୃଷା ଜରୁର ମେଣ୍ଟିବ । ସନ୍ଥ ମହାପୁରୁଷମାନେ ଆମକୁ ବୁଝେଇଥାନ୍ତି ଯେ ଏଇ ଭୌତିକ ମଣ୍ଡଳରେ ଆମର ତୃଷା କିଛି ପିଇବା ଦ୍ୱାରା ପୁରା ହୋଇଥାଏ କିନ୍ତୁ ଆମର ଆଧ୍ୟାତ୍ମିକ ତୃଷା କେବଳ ପ୍ରଭୁଙ୍କ ଅମୃତ ପାନରୁ ହିଁ ମେଣ୍ଟିବ । ପ୍ରଭୁଙ୍କ ଜ୍ୟୋତି ଏବଂ ଶ୍ରୁତିର ମିଠାମୃତ ଯାହା ଆମ ଅନ୍ତିରରେ ନିରନ୍ତର ବହି ଚାଲିଛି ତାହା ଆମକୁ ସନ୍ଥ ମହାପୁରୁଷଙ୍କ ଚରଣ କମଳକୁ ଯିବାପାଇଁ ଆକର୍ଷିତ କରିଥାଏ । ସେମାନେ ଆମକୁ ଧ୍ୟାନ ଅଭ୍ୟାସର ପଦ୍ଧତି ଶିଖେଇଥାନ୍ତି । ଯେଉଁଥିରୁ ଆମ ଆତ୍ମାକୁ ଉଦ୍ଧାର ମିଳିଥାଏ । ତାଙ୍କ ମାର୍ଗଦର୍ଶନ ଅନୁସାରେ ଆମେ ଯେତେବେଳେ ଧ୍ୟାନଭ୍ୟାସ କରିଥାଉଁ । ସେତେବେଳେ ଆମେ ପ୍ରଭୁପ୍ରେମରେ ବୁଡ଼ିଯାଉଁ । ଏହା ଆମର ଧ୍ୟାନାଭ୍ୟାସକୁ ଦୀର୍ଘସମୟ ପର୍ଯ୍ୟନ୍ତ ଏକାଗ୍ର ରଖିଥାଏ। ଯେଉଁଥିରୁ ଆମେ ଆଧ୍ୟାତ୍ମିକ ଚେତନାର ଅଧିକାର ହୋଇଥାଉଁ ।

ସାଂସାରିକ ଉପଲବ୍ଧିର ଇଚ୍ଛାଠୁଁ ମଧ୍ୟ ଆହୁରି ଅନେକ କିଛି ଜିନିଷ ରହିଛି । ଯଦି ଆମ ଅନ୍ତରରେ ପ୍ରଭୁପ୍ରାପ୍ତି ପାଇଁ ଦୃଢ଼ ନିଶ୍ଚୟ ରହିଛି ତା'ହେଲେ ଏହା ଆମକୁ ପ୍ରଭୁଙ୍କ ନିକଟକୁ ନେଇକି ଯିବ । ଏଇ ଦୃଢ଼ ନିଶ୍ଚୟକୁ ପୁରା କରିବାକୁ ହେଲେ ଆମକୁ ପ୍ରତିଦିନ ଧ୍ୟାନଅଭ୍ୟାସରେ ସମୟ ଦେବାକୁ ହେବ ଯାହାଦ୍ୱାରା ଆମେ ଆମ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ପ୍ରାପ୍ତି ଯାହା ହେଉଛି 'ନିଜେ ନିଜକୁ ଜାଣିବା ଓ ପିତାପରମେଶ୍ୱରଙ୍କୁ ପାଇବା' । ଏହା ପୁରା କରିପାରିବା ।

# ତ୍ୟାଗ ଓ ଧର୍ମ ରକ୍ଷାର ଆଦର୍ଶାବତାର ଶ୍ରୀରାମ



ଉମା ଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ : ୬୩୭୦୬ ୭୫୫୬୨

ଆଧ୍ୟାତ୍ମିକ ଜ୍ଞାନର ଗନ୍ତାଘରଭାବେ ଭାରତ ଭୂମିକୁ ସମଗ୍ର ବିଶ୍ୱ ମାନୁଅଛି। ଏହି ଭାରତକୁ ଯଦି ବିଶ୍ୱର ବୀଜପୁଞ୍ଜି କୁହାଯାଏ, ତେବେ କୌଣସି ଭୂଲ୍ ହେବ ନାହିଁ। କାରଣ ସମସ୍ତ ସଭ୍ୟତା, ସଂସ୍କୃତି, ଭାବ, ଭାଷା, ବ୍ୟବହାର, ରିତ୍-ରିବାଜ, ଚାଲି-ଚଳଣ ଭାରତରେ ପୂର୍ଣ୍ଣ ସୌନ୍ଦର୍ଯ୍ୟତାର ସହ ପ୍ରସ୍ଫୁଟିତ ଓ ପଲ୍ଲବିତ ହୋଇଥାଏ। ତେଣୁ ଭାରତବର୍ଷ ମାତ୍ର ଏକ ଭୂଖଣ୍ଡ ନୁହେଁ ପରନ୍ତୁ ଏହା ବୈଷୟିକ ଚେତନାର ଭାବଖଣ୍ଡ ମଧ୍ୟ ଅଟେ। ସନାତନ ଧର୍ମର ଉଦ୍‌ଘୋଷକମାନେ ଏହି ପବିତ୍ର ଭାରତଭୂମିରେ ଶୈବ, ବୈଷ୍ଣବ ଓ ଶାକ୍ତ ଇତ୍ୟାଦି ମାର୍ଗର ମାର୍ଗଦର୍ଶନ କରିଥାନ୍ତି। ଏହି ପବିତ୍ର ଭାରତଭୂଖଣ୍ଡରେ ହରଙ୍କ ନିର୍ମାଣ, ହରିଙ୍କ କଥା ଓ ଶକ୍ତିର ସାଧନାକୁ ଗୋଟିଏ ଯଜ୍ଞରେ ସମାହିତ କରି ସନାତନ ଧର୍ମର ବିଭିନ୍ନ ଧାରାର ଅମୃତ ଯୋଗର ଅନୁପମ ଉଦାହରଣ ପ୍ରସ୍ତୁତ ହୋଇଅଛି। ଏହି ପବିତ୍ର ଭାରତଭୂମିରେ ଜନ୍ମଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତିର କଣ୍ଠ, କାନ, ନେତ୍ର ଓ ମନ ଶ୍ରୀରାମଙ୍କ ଜୀବନାଚରିତ ସହିତ ଭଲଭାବେ ପରିଚିତ। କାରଣ 'ରାମାୟଣ' ଓ 'ରାମଚରିତ ମାନସ' ଭଳି କାଳଜୟୀ ଗ୍ରନ୍ଥର ପଠନ-ପାଠନ-ଶ୍ରବଣଦ୍ୱାରା ଶ୍ରୀରାମ ଆମର ଚିତ, ଚରିତ୍ର, ଚିନ୍ତନର ଅବିଚ୍ଛେଦ ଅଙ୍ଗଭାବେ ପରିଚିତ। ଏ ପୃଥିବୀର ହଜାର ହଜାର ବର୍ଷ ଧରି ମନୁଷ୍ୟ ନିଜର ଜୀବନକୁ ସୂଚାରୁରୂପେ ସଞ୍ଚାଳିତ କରିବା ପାଇଁ ବିଭିନ୍ନ ଶାସନ ବ୍ୟବସ୍ଥାର ନିର୍ମାଣ କରିଛି। ଏହି ସମଗ୍ର ବିଶ୍ୱରେ ସେହି ପରମଚେତନା 'ରାମ' ଜଗତର ଉତ୍‌ଥାନ ଓ କଲ୍ୟାଣ ପାଇଁ ମନୁଷ୍ୟ ରୂପରେ ଜନ୍ମ ନେଇଥାନ୍ତି। ଏ ସଂସାରରେ କେତେ ସଭ୍ୟତାର ଉତ୍‌ଥାନ, ପତନ ଘଟିଚାଲିଛି। କେତେ ପ୍ରକାରର ଶାସନ, ପ୍ରଶାସନ ପ୍ରଣାଳୀ ତିଆରି ହେଉଛି ଓ ପରିସମାପ୍ତି ମଧ୍ୟ ଘଟୁଛି। ଏ ସମସ୍ତ ସ୍ମୃତି କାଳର ଅନନ୍ତ ଗର୍ଭରେ ଲୀନ ମଧ୍ୟ ହୋଇଯାଉଛି। କିନ୍ତୁ ରାମରାଜ୍ୟରୂପୀ ବ୍ୟବସ୍ଥା ଯାହା ମର୍ଯ୍ୟାଦାପୁରୁଷୋତମ ଶ୍ରୀରାମଙ୍କଦ୍ୱାରା ସ୍ଥାପିତ କରାଯାଇଛ। ତାହା ଆଜି ମଧ୍ୟ ଏକ ଆଦର୍ଶ ବ୍ୟବସ୍ଥାଭାବେ ଆମମାନଙ୍କର ଭାବଭୂମିରେ ବର୍ତ୍ତମାନ ମଧ୍ୟ ବଞ୍ଚିରହିଛି। ଆଜି ଜନତାଠାରୁ ନେତା ପର୍ଯ୍ୟନ୍ତ ସମସ୍ତେ ଯେତେବେଳେ ଏକ ବ୍ୟବସ୍ଥିତ, କଲ୍ୟାଣକାରୀ ବ୍ୟବସ୍ଥାର କଳ୍ପନା କରିଥାଉ, ତେବେ ପ୍ରଥମ ଥର ଆମର ମାନସ ପଟ୍ଟରେ ରାମରାଜ୍ୟର ପରିକଳ୍ପନା ଉଙ୍କି ମାରିଥାଏ। ତେଣୁ ରାମରାଜ୍ୟର ପରିକଳ୍ପନା କରିବାକୁ ଯାଇ ଗୋସ୍ୱାମୀ ରାମରାଜ୍ୟ ସମ୍ବନ୍ଧରେ ଲେଖିଛନ୍ତି 'ଦୈହିକ, ଜୈବିକ, ଭୌତିକ ତାପା, ରାମରାଜ ନାହିଁ କାହୁହି ବ୍ୟାପା; ସବନର କରଇ ପରସ୍ପର ପ୍ରୀତି, ଚଲହିଁ ସ୍ୱଧର୍ମ ନିରତ ସ୍ମୃତିନୀତି।" ରାମ ରାଜ୍ୟରେ ଦୈହିକ, ଦୈବିକ ଓ ଭୌତିକ ଏହି ତ୍ରିତାପ ଦେଖାଯାଏ ନାହିଁ। ଯଦିଓ ଏହା ଅବଶ୍ୟମ୍ଭାବୀ ତଥାପି ଏହାର ଦୁଷ୍ପ୍ରଭାବରୁ ମନୁଷ୍ୟମାନେ ମୁକ୍ତ ରହନ୍ତି। ପ୍ରତ୍ୟେକ ମନୁଷ୍ୟ ପରସ୍ପରକୁ ପ୍ରେମ କରିଥାନ୍ତି ଏବଂ ବେଦର ଉପଦେଶମାନ ନିଜର ଜୀବନ ପରିଚାଳିତ କରିଥାନ୍ତି।

ଯିଏ ଭାବରେ ଭରପୁର ରତ-ସେ ଭରତ। ରାମରାଜ୍ୟରେ ମା'ର ଆଜ୍ଞା ସର୍ବୋପରି। ଉଚିତ ଅନୁଚିତ ବିଚାର କରିବା ମା'ର ହୋଇଥାଏ। ମା'ର ସଙ୍କଳ୍ପ ଇଚ୍ଛା ଆଦେଶକୁ ପୂର୍ଣ୍ଣ କରିବା ସନ୍ତାନର କର୍ତ୍ତବ୍ୟ। ମା' ସନ୍ତାନର ପ୍ରଥମ ଗୁରୁ। ଯାହା ଆଜିର ସମାଜରେ ଅଭାବ। ମା' ସନ୍ତାନର ପ୍ରଥମ ଗୁରୁ ହୋଇଥିବା ଯୋଗୁଁ ମାତାର ବତାଇବା ମାର୍ଗକୁ ତଥା ଆଦେଶକୁ ପାଳନ କରିବା ସନ୍ତାନରୂପୀ ଶିଷ୍ୟର ପ୍ରଥମ କର୍ତ୍ତବ୍ୟ। ମାତା କୈକେୟୀ ପୁତ୍ରମାନଙ୍କୁ ଶର ସନ୍ଧାନର ଶିକ୍ଷା ଦେଉଥିବା ସମୟରେ ଭରତ ଏକ ଖେଳନା କପୋତକୁ ଦେଖି ମାତାଙ୍କ ଆଦେଶ ଉଲ୍ଲଂଘନ କରିଥିବା ଯୋଗୁ କ୍ଷମା ମାଗିଥିଲେ। ମାତ୍ର ମାତାଙ୍କ ଆଦେଶକୁ ସର୍ବୋପରି ମାନି ପ୍ରଭୁ ରାମ ତୁରନ୍ତ କପୋତକୁ ଶରବିଦ୍ଧ କରିଥିଲେ। କୈକେୟୀ କହିଥିଲେ ହେ ପୁତ୍ର! ମୁଁ ତୁମର ମା' ତୁମକୁ ବାଣର ସନ୍ଧାନ ତଥା ଲକ୍ଷଭେଦ ଶିଖାଉଛି। ମାତ୍ର ବଧ କରିବାର ବିଧାନ ଶିଖାଉନି। ମାତ୍ର ସ୍ମରଣ ରଖିବା କଥା ଯାହା ଆଖିକୁ ଦୃଶ୍ୟମାନ ହୋଇଥାଏ। ସେ ସବୁ ବାସ୍ତବିକତା, ଏହା ମଧ୍ୟ ସତ୍ୟ ଯାହା ବାସ୍ତବିକତା ତାହା ଦୃଶ୍ୟମାନ ହୋଇଥାଏ।

ଅସାରରେ ସାରକୁ ଖୋଜିବା ଏବଂ ସାରରୁ ଅସାରକୁ ଅଲଗା କରିବା ହିଁ ସଂସାର ଅଟେ। ଅସାରରେ ସାରକୁ ଦେଖିବା ପ୍ରେମ ଦୃଷ୍ଟି। ସାରରୁ ଅସାରକୁ ଅଲଗା କରିବା ଜ୍ଞାନଦୃଷ୍ଟି। ହେ ଭରତ ! ତୁମର ପ୍ରେମର ହୃଦୟ ତେଣୁ ତୁମକୁ ମୃଣ୍ମୟ ଚିନ୍ମୟ ଦେଖାଗଲା। ଭ୍ରାତା ରାମର ହୃଦୟ ଜ୍ଞାନର ହୃଦୟ ତେଣୁ ତାଙ୍କୁ ଚିନ୍ମୟରେ ଲୁଚି ରହିଥିବା ମୃଣ୍ମୟ ସ୍ପଷ୍ଟ ଦେଖାଗଲା। ରାମଙ୍କୁ ମାତା କୈକେୟୀ ପଚାରିଥିଲେ ? ପ୍ରେମ ଓ ଜ୍ଞାନଭିତରେ ଅନ୍ତର କ'ଣ ? ବିନମ୍ର ଭାବରେ ରାମ କହିଥିଲେ ପୁଷ୍ପ କଢ଼ ଭିତରେ ଥିବା ଅନ୍ତର। ଅବିକସିତ ଜ୍ଞାନ ପ୍ରେମ ସଦୃଶ, ପୂର୍ଣ୍ଣ ବିକଶିତ ପ୍ରେମ ଜ୍ଞାନ ସଦୃଶ।

ଆଜିର ସମାଜରେ ସନ୍ତାନ ନଷ୍ଟ ହେବାର ପ୍ରଥମ କାରଣ ତା'ର ମା'ର ଶିକ୍ଷା, ଯାହା ନ କହିବା ଭଲ। ଧାରଣ, କାରଣ ଓ ତାରଣ ମା'ର ହୋଇଥାଏ। ଆଜି ସମାଜରେ ପ୍ରଥମଟିକୁ ଛାଡିଦେଲେ ଆଉ ଅନ୍ୟ ଦୁଇଟି ଗୁଣ ମାତା ପାଖରେ ଦେଖିବାକୁ ମିଳୁନି। ଯେଉଁ ମାତା ପାଖରେ ଏ ତିନୋଟି ଗୁଣ ପରିସ୍ଫୁଟ ତା'ର ସନ୍ତାନ ଯୋଗ୍ୟ ହୋଇ ସମାଜର, ଦେଶର ଅନେକ କଲ୍ୟାଣ ସାଧିତ କରିଥାଏ।

ରାମରାଜ୍ୟରେ ଧର୍ମର ଚାରୀଚରଣ ଯାହା ସତ୍ୟ, ଶୌଚ, ଦୟା ଓ ଦାନ। ଯାହା ଶରୀର ଓ ମନର ବାହ୍ୟ ଓ ଅନ୍ତରର ପବିତ୍ରତାରେ ଥାଏ। ରାମରାଜ୍ୟରେ ସ୍ୱପ୍ନରେ ସୁଦ୍ଧା ପାପ ହୁଏ ନାହିଁ। ସ୍ତ୍ରୀ ଓ ପୁରୁଷ ସମସ୍ତେ ରାମଭକ୍ତିରେ ରତ ହୋଇଥାନ୍ତି। ପ୍ରତ୍ୟେକଙ୍କ ରୋମ ରୋମରେ ରାମ ଭାବ ବିକଶିତ ହୋଇ ସମସ୍ତଙ୍କୁ ପରମଗତି ପ୍ରାପ୍ତି ହୋଇଥାଏ। ରାମ ରାଜ୍ୟରେ କେହି ଦରିଦ୍ର ନା ଦୁଃଖି ନା ଦୀନ ହୋଇଥାଏ। ପ୍ରତ୍ୟେକ ମନୁଷ୍ୟ ଅହଙ୍କାର ରହିତ ହେବାସହ ଧର୍ମପରାୟଣ ଓ ପୂଣ୍ୟାତ୍ମା ହୋଇଥାନ୍ତି। କାହାର ହୃଦୟକୁ କପଟତା, ଧୂର୍ତ୍ତତା ସ୍ପର୍ଶ କରିପାରେନି। ଏହି ଅନୁପମ କଲ୍ୟାଣକାରୀ ସର୍ବଜନ ହିତାୟ, ସର୍ବଜନ ସୁଖାୟଭଳି ବ୍ୟବସ୍ଥା କୌଣସି ରାଷ୍ଟ୍ରକୁ ମିଳି ନ ଥାଏ। ଯାହା ପୂଣ୍ୟ ଭାରତ ଭୂଖଣ୍ଡରେ ପ୍ରାପ୍ତି ହୋଇଥାଏ। ରାମଙ୍କ ଭଳି ପୁତ୍ର, ମିତ୍ର, ଭ୍ରାତା, ପତି, ପିତା, ସେବକ ଓ ରାମଙ୍କ ଭଳି ରାଜା ଏପରିକି ରାମଙ୍କ ଭଳି ମର୍ଯ୍ୟାଦା ସମ୍ପର୍ଣ୍ଣ ଶତ୍ରୁ ମଧ୍ୟ ମିଳିବା ଦୁର୍ଲ୍ଲଭ। ତେଣୁ ଭାରତ ଭୂଖଣ୍ଡର ପ୍ରତ୍ୟେକ ଶାସକ ରାମରାଜ୍ୟ ପ୍ରତିଷ୍ଠା କରିବା ଆଗରୁ ନିଜର ଚିନ୍ତା, ଚୈତନ୍ୟ, ଆଚାର, ବ୍ୟବହାର, ଶୁଚିତା, ଶୁଦ୍ଧତାକୁ ବଢାଇବା ସହ ଅହଙ୍କାର ରହିତ ହୋଇ ସର୍ବଜନ ହିତାୟଭାବ ପ୍ରଦର୍ଶନ କରି ରାମଙ୍କ ଭଳି ଆଦର୍ଶ ମର୍ଯ୍ୟାଦା ସମ୍ପର୍ଣ୍ଣ ଶାସକ ହୋଇପାରିଲେ ସମାଜରେ ଆପେ ଆପେ ରାମରାଜ୍ୟର ଅମଳିନ ପଦ୍ମ ପ୍ରସ୍ଫୁଟିତ ହେବ, ଏଥିରେ ସନ୍ଦେହ ନାହିଁ।



ବୈଶିଙ୍ଗା(ଭାସ୍କର ନ୍ୟୁଜ୍) : ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ଗୋଟି ପଞ୍ଚାୟତବାସୀ ବେତନଟୀ ବ୍ଲକ ଅଧିନରେ ଥିବା ବେଳେ ପୁରୁଣିଆ, ଚାଞ୍ଚିପଦା, ଅଁଳା ଭଳି ପଞ୍ଚାୟତର ଦୂରତ୍ୱ ୨୮ରୁ ୩୦ କିଲୋମିଟର ଦୂର ହୋଇଥିଲେ ମଧ ବିଭିନ୍ନ ପ୍ରକଳ୍ପର ହିତାଧିକାରୀ ମାନେ ଅର୍ଥ ଶ୍ରାଦ୍ଧ କରି ବ୍ଲକକୁ ଦୌଡି ଆସନ୍ତି ନିଜର ପ୍ରାପ୍ୟ ପାଇବା ତଥା ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେବା ସଂପର୍କରେ ଅଭିଯୋଗ କରିବା ପାଇଁ। ମାତ୍ର ମଙ୍ଗଳବାର ବହୁ ହିତାଧିକାରୀ ଦିବା ୧୦ ଘଟିକା ଠାରୁ ଅପରାହ୍ନ ପର୍ଯ୍ୟନ୍ତ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବସିରହିଥିଲେ ମଧ କୌଣସି କର୍ମଚାରୀ କିମ୍ବା ବିଡିଓ ମହାଶୟା କିଛି କାର୍ଯ୍ୟ ନକରି ଅନ୍ୟତ୍ର ବୁଲା ବୁଲି କରୁଥିବାର ଦେଖିବାକୁ ମିଳିଥିଲା। ଘଟଣା ଜାଣିବା ପାଇଁ ଏହି ହିତାଧିକାରୀ ମାନେ ବୁଝାବୁଝି କରିବାରୁ ଜଣା ପଡିଲା ଯେ ବିଡିଓ ଏବଂ ଜେଇ ନହଣ୍ଡାଶୋଳ ସମିତି ସଭ୍ୟାଙ୍କୁ ଗାଳିଗୁଲଜ କରିବାପରେ ସଭ୍ୟା ଜଣଙ୍କ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ ଏବଂ ୫ଟି ସଚିବଙ୍କୁ ଫେରାଦ କରିଥିଲେ। ଏହି ଘଟଣା ପାଇଁ ଜିଲ୍ଲାପାଳଙ୍କ ତରଫରୁ ବିଡିଓଙ୍କୁ ତାଗିଦ୍ ହୋଇଥିବାରୁ ଏଭଳି ଘଟଣା ଘଟିଥିଲା।ଏଥିରେ ନିରାଶ ହୋଇ ହିତାଧିକାରୀ ମାନେ ଫେରିଆସି ଏହି ଘଟଣା ଆମ୍ଭ ପ୍ରତିନିଧିଙ୍କ ନିକଟରେ ସମସ୍ତ ଘଟଣା ପ୍ରକାଶ କରିଥିଲେ।



# ଅଜଣା ପୋକଙ୍କ ପ୍ରାଦୁର୍ଭାବ: ଗାଁରେ ଆତଙ୍କ

ବୈଶିଙ୍ଗା (ଭାସ୍କର ନ୍ୟୁଜ୍) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତର ଖଣ୍ଡଦେଉଳା ଗ୍ରାମରେ ୪ ଦିନ ଧରି ଦେଖାଦେଇଛି ଅଜଣା ପୋକଙ୍କ ପ୍ରାଦୁର୍ଭାବ। ଏହି ପୋକଙ୍କ ପ୍ରଭାବରେ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ପୋକ ଗୁଡ଼ିକ ଘରେ, ବାହାରେ, ବିଛଣାରେ, ପାଣି ରହିବା ସ୍ଥାନରେ, ଖାଦ୍ୟପଦାର୍ଥରେ, ଦେହରେ ଲାଗି ରହୁଥିବା ଜଣାପଡିଛି। ଏହି ପୋକ ଦେହରେ ଲାଗିଲେ କୁଣ୍ଡାଇ ହୋଇ ଫଳି ଯିବା ସହ ଛିଙ୍କ ହେଉଥିବାର ଜଣାଯାଇଛି। ଏ ବାବଦରେ ସୋମବାର ଦିନ ଜିଲ୍ଲାପାଳ ଓ ଜିଲ୍ଲା ଜରୁରୀ ଅଧିକାରୀଙ୍କୁ ଗ୍ରାମବାସୀ ଯୋଗାଯୋଗ କରିଥିଲେ ମଧ ଆଜି ସୁଦ୍ଧା ଏହି ସମସ୍ୟାର କୌଣସି ସମାଧାନ ହୋଇ ପାରିନାହିଁ।



ଡାକ୍ତରୀଦଳ ଓ ଭେଟନାରୀ ଅଧିକାରୀ ଆସିବାର ଆବଶ୍ୟକତା ଥିବା ବେଳେ କେହି ପହଞ୍ଚି ନଥିବା ଗ୍ରାମବାସୀ କହିଛନ୍ତି। ଏ ବାବଦରେ ଉକ୍ତ ଗ୍ରାମର ତପନ କୁମାର ପତି କୃଷି ଜିଲ୍ଲା ଅଧିକାରୀଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇବା ପରେ କୃଷି ବିଜ୍ଞାନ କେନ୍ଦ୍ର-୧ ବାରିପଦାର ପରାମର୍ଶକ୍ରମେ ସ୍ଥାନୀୟ କୃଷି ବିଭାଗର ଅଧିକାରୀମାନେ ମଙ୍ଗଳବାର ଅପରାହ୍ନରେ ଉକ୍ତ ଗ୍ରାମରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗ୍ରାମର ଲୋକମାନଙ୍କୁ ସଚେତନ ରହିବା ପାଇଁ କହିବା ସହିତ ଏହି ପୋକ ଦେହରେ ଲାଗିଲେ କୁଣ୍ଡାଇ ହେବା ସହ ଛିଙ୍କ ହେବ ବୋଲି କହିଥିଲେ। ଗରମ ପାଣି, ସୋଡା ଓ ସର୍ଫ ପକାଇଲେ ଏହା ନଷ୍ଟ ହୋଇଯିବେ ବୋଲି କହିଥିଲେ। ଏହି ପରିଦର୍ଶନରେ ବେତନଟୀ କୃଷି ଜିଲ୍ଲା ଅଧିକାରୀ ରବିନାରାୟଣ ପଣ୍ଡା, ବ୍ଲକ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଗ୍ରାମ୍ୟ କୃଷି କର୍ମୀ ଦେବାଶିଷ ନାୟକ ପ୍ରମୁଖ ଥିଲେ। ସେମ୍ପୁଲ ପରୀକ୍ଷଣ ପାଇଁ କିଛି ପୋକକୁ ନେଇଛନ୍ତି ଏହି କୃଷି ଅଧିକାରୀ। ଏହି ଅଧିକାରୀ ଗଣ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି-୨ ସମେତ ଭଗବାନ ବେହେରା, ତ୍ରିଲୋଚନ ବେହେରା, ଅନିରୁଦ୍ଧ ପତି,ରମାନାଥ ବେହେରା ପ୍ରମୁଖଙ୍କ ଘରକୁ ଯାଇ ଦେଖିଥିଲେ।

## ମହିଳାଙ୍କ ପରଲୋକ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଆଁ ପଞ୍ଚାୟତ ବାହାଦଲପୁର ଗ୍ରାମର ନୀତିନିଷ୍ଠ ମହିଳା ବସନ୍ତ ପଣ୍ଡା (୭୩)ଙ୍କର ଗତ ୨୬ ତାରିଖ ପ୍ରତ୍ୟୁଷରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବସନ୍ତ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ହୋଇ ଶଯ୍ୟାସାୟୀ ହୋଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକେ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଗିରିଶ ପଣ୍ଡା ମୁଖାଗ୍ନି ଦେଇଥିଲେ। ଜଣେ ନୀତିନିଷ୍ଠ ମହିଳା ଭାବେ ତାଙ୍କର ପରିଚିତି ରହିଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଅଦିନିଆ ବର୍ଷାରେ ପନିପରିବା ଚାଷ କ୍ଷତି

ତିହିଡି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଏକ ସପ୍ତାହ ଧରି ଅଦିନିଆ ବର୍ଷା ଓ ପବନ ଲାଗି ରହିଥିବାରୁ ବିଭିନ୍ନ ଅଞ୍ଚଳରେ ପନିପରିବା ଚାଷ ବ୍ୟାପକ କ୍ଷତି ଘଟିଥିବା ଜଣା ପଡ଼ିଛି। ବ୍ଲକରେ ଚଳିତ ବର୍ଷ ୧୩୨୦ ହେକ୍ଟର ଜମିରେ ଆଳୁ, ପିଆଜ, ରସୁଣ, ଲଙ୍କା, ଧଣିଆ ଓ ଅନ୍ୟାନ୍ୟ ପନିପରିବା ଚାଷ କରାଯାଇଥିଲା। ଏହି ଅଦିନିଆ ବର୍ଷା ଯୋଗୁ, ପନିପରିବା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଇଛି। ତେବେ ପ୍ରବଳ ବର୍ଷାରେ ପନିପରିବା ଚାଷ ଜମିରେ ପାଣି ଜମି ରହିଥିବାରୁ ପନିପରିବା ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଚାଷୀମାନେ ପନିପରିବା ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ସେହିପରି ଚାଷୀମାନେ ଋଣ ଓ କରଜ କରି ବିହନ ଓ ଚାରା କିଣି ପନିପରିବା ଚାଷ କରିଥାନ୍ତି। ଅଦିନିଆ ବର୍ଷା ଫଳରେ ପନିପରିବା ଫସଲ ଉଜୁଡ଼ି ନିଶ୍ଚିତ ଆଶା କରାଯାଉଥିବାରୁ ଚାଷୀ ହତାସ ହୋଇ ପଡ଼ିଛି। ତେବେ କୃଷି ବିଭାଗ କ୍ଷୟ କ୍ଷତିର ଆକଳନ କରି ପରିବା ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।



# ଧାମନଗର ମେଡ଼ିକାଲ ପରିଦର୍ଶନ କଲେ ଜିଲ୍ଲାପାଳ




ଧାମନଗର (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟକୁ ୫- ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟାଳୟକୁ ରୂପାନ୍ତକରଣ କରା ଯାଉଥିବା ବେଳେ ଏବେ ବିଭିନ୍ନ ମେଡ଼ିକାଲକୁ ରୂପାନ୍ତର କରିବା ପାଇ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଥିବା ବେଳେ ଭଦ୍ରକ ଜିଲ୍ଲା ର ଧାମନଗର ମେଡ଼ିକାଲ କୁ ମୋ ଡାକ୍ତରଖାନା ଅଭିଯାନ ରେ ଅନ୍ତର୍ଭୂକ୍ତ କରାଯାଇ ୫- ଟି ଯୋଜନା ରୂପାନ୍ତର କରା ଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ଧାମନଗର ମେଡ଼ିକାଲ ଆସି ସମୀକ୍ଷା କରିଥିଲେ। ମେଡ଼ିକାଲର ଆଲୋକିକରଣ, ରୋଗୀମାନଙ୍କ ପାଇଁ ଅତ୍ୟାଧୁନିକ ସେବା, ଥଣ୍ଡା ପାନୀୟଜଳ ବବ୍ୟସ୍ଥା, ପାଚେରୀ ନିର୍ମାଣ, ବିଭିନ୍ନ ଗୃହର ମରାମତି ଓ ସୌନ୍ଦର୍ଯ୍ୟକରଣ କରାଯିବ। ତେବେ ଏହି ସମସ୍ତ କାର୍ଯ୍ୟ ପାଇଁ ୨ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ତେବେ ସମ୍ପୂର୍ଣ୍ଣ ଭାବେ ଅତ୍ୟାଧୁନିକ ଭାବେ ଉକ୍ତ ଡାକ୍ତର ଖାନାଟି ହେବ ଏବଂ ଏପ୍ରିଲ ମାସ କାମ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୁଚନା ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଜନସାଧାରଣ ମାନେ ଜିଲ୍ଲାପାଳଙ୍କୁ ଭେଟି ଡାକ୍ତରଖାନାର ଡାକ୍ତର ଅଭାବ ଓ ରାତ୍ରି କାଳୀନ ସେବା ସମ୍ପର୍କରେ ଅଭିଯୋଗ କରିଥିଲେ।ଖୁବ୍ ଶିଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଏହି ସମୀକ୍ଷାରେ ବିଡ଼ିଓ ବନବିହାରୀ ଦିନ୍ଦା, ଏବିଡ଼ିଓ ଶର୍ମିଷ୍ଠା ମଲିକ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପତି, ମେଡ଼ିକାଲ ଅଫିସର ମନ୍ମୟ କୁମାର ସାମନ୍ତସିଂହାର, ବିପିଏମ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୀରହାଟରେ ମା' ବାସନ୍ତୀ ଦୁର୍ଗା ପୂଜା

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ପୀରହାଟ ବାସନ୍ତୀ ପଡ଼ିଆରେ ୬୫ ବର୍ଷର ମା' ବାସନ୍ତୀ ଦୁର୍ଗାପୂଜା ମହାସମାରୋହରେ ପାଳିତ ହେଉଛି। ମଙ୍ଗଳବାର ସପ୍ତମୀ ପୂଜା ଆରମ୍ଭ ହୋଇଥିବା ବେଳେ ଏହା ୫ଦିନ ଧରି ଚାଲିବ। ୧୯୪୮ ମସିହାରେ ସ୍ୱର୍ଗତ ରାଧାକାନ୍ତ ଦାସ, ଭାସ୍କର ଚନ୍ଦ୍ର ବଳ, ଯଦୁନାଥ ପାଣି ଓ ପୁରୁଷୋତ୍ତମ ପାଣି ମା' ବାସନ୍ତୀ ଦୁର୍ଗାପୂଜା ଆରମ୍ଭ କରିଥିଲେ। ସେତେବେଳେ ଚାଳଛପର ଓ ପରେ ଟାଇଲ ଛପରଘରେ ମା'ଙ୍କ ପୂଜା କରାଯାଉଥିଲା। ପରବର୍ତ୍ତୀ ସମୟରେ ମା'ଙ୍କର ମନ୍ଦିର ନିର୍ମାଣ ହୋଇଥିଲା। ପୀରହାଟରେ ବାସନ୍ତୀ ଦୁର୍ଗା ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଚଳିତବର୍ଷ ପୂଜା ପାଇଁ ସୁସଜ୍ଜିତ ତୋରଣ ସହିତ ଆଲୋକମାଳା ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରୁଛି। ବାସନ୍ତୀ ପଡ଼ିଆରେ ଦୁର୍ଗାପୂଜା ଉପଲକ୍ଷେ ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମା'ଙ୍କ ପୂଜା ପାଇଁ କର୍ତ୍ତା ଭାବରେ ପ୍ରଦୀପ ପାଣିଗ୍ରାହୀ ଓ ପତ୍ନୀ ବାସନ୍ତୀ ପାଣିଗ୍ରାହୀ ଦାୟିତ୍ୱ ତୁଲାଉଥିବା ବେଳେ ମୁଖ୍ୟ ପୁରୋହିତ ଗୋବର୍ଦ୍ଧନ ମିଶ୍ର, ଗଣେଶ ମିଶ୍ର, ବିଜୟ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ନନ୍ଦକିଶୋର ମିଶ୍ର, ଅଚ୍ୟୁତାନନ୍ଦ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି। ପୂଜା କମିଟିର ସଭାପତି ଗଣେଶ ଚନ୍ଦ୍ର ବଳ, ସମ୍ପାଦକ ନିରଂଜନ ମହାନ୍ତି, କୋଷାଧକ୍ଷ କୈଳାସ ଚନ୍ଦ୍ର ବଳ, ସରପଞ୍ଚ ପ୍ରଭାତ ମିଶ୍ର, ସମିତିସଭ୍ୟ ପ୍ରତିନିଧି ଗୋପବନ୍ଧୁ ସେନାପତି, ସଦସ୍ୟ ବଂଶୀଧର ବେହେରା, ଉମାକାନ୍ତ ବଳ, ବୈଲୋଚନ ନାୟକ, ହିମାଦ୍ରି ମିଶ୍ର, ପ୍ରହଲ୍ଲାଦ ବାରିକ, ମହେଶ୍ୱର ବେହେରା ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

## କଲେଜ କର୍ମଚାରୀ ସମ୍ମାନିତ

ସାଲେପୁର (ଭାସ୍କର ନ୍ୟୁଜ୍) : ସାଲେପୁର ଫାର୍ମାସୀ କଲେଜର ପ୍ରତିଷ୍ଠାତା ଦିବଂଗତ ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ୨୫ତମ ଶ୍ରାଦ୍ଧବାର୍ଷିକ ସ୍ମୃତି ସମାରୋହ ସ୍ମୃତି ସଂସଦର ସଭାପତି ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସହିଦ ଭବନରେ ଏହି ସ୍ମୃତି ଚାରଣ ସଭାରେ କଲେଜ ପରିଚାଳନା କମିଟିର ସଂପାଦକ ରବିନ୍ଦ୍ରନାଥ କର, ଫାର୍ମାସୀ କଲେଜର ଅଧକ୍ଷ ପ୍ରଫେସର ଡ଼ଃ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଜଷ୍ଟିସ ମହାନ୍ତିଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଓ ପରୋପକାର ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଫାର୍ମାସୀ କଲେଜର ବରିଷ୍ଠ କର୍ମଚାରୀ ଉପେନ୍ଦ୍ରନାଥ ପ୍ରଧାନଙ୍କୁ ମାନପତ୍ର, ଅଙ୍ଗାଭରଣ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୟୁକୋ ବ୍ୟାଙ୍କରେ ଅଗ୍ନିକାଣ୍ଡ



ବାଲିପାଟଣା (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ବନମାଳୀପୁର ୟୁକୋ ବ୍ୟାଙ୍କରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । ବ୍ୟାଙ୍କ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ ବିପଦରୁ ରକ୍ଷା ହୋଇଯାଇଥିଲା। ନିଆଁକୁ ସେମାନେ ଆୟତ୍ତ କରିପାରିଥିୟଲେ। ସୂଚନା ଅନୁସାରେ ଆଜି ମଧାହ୍ନ ପ୍ରାୟ ସାଢେ ୧୨ଟା ବେଳେ ୟୁକୋ ବ୍ୟାଙ୍କରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିଲା। ସେ ସମୟରେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକ ଭିତରେ ଥିଲେ । ନିଆଁ ଲାଗିବାରୁ ବ୍ୟାଙ୍କ ଭିତର ଧୂଆଁମୟ ହୋଇ ଯାଇଥିଲା । ଲୋକେ ବାହାରକୁ ବାହାରି ଆସିଥିଲେ । ବ୍ୟାଙ୍କ କର୍ମଚାରୀ ଲାଇନ ମ୍ୟାନଙ୍କୁ ସୂଚନା ଦେବା ପରେ ସେ ଅଞ୍ଚଳରେ ଲାଇନ କଟା ଯାଇଥିଲା । ବ୍ୟାଙ୍କରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ । ଫଳରେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ସାଧାରଣରେ ଆଲୋଚନା ହେଉଛି । ବିଶେଷ କ୍ଷତି ହୋଇ ନଥିବା ଜଣାପଡିଛି । ନିଆଁ ଲାଗିବା ଯୋଗୁଁ ଆଜି ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ବନ୍ଦ ରହିଥିଲା ।

## ସବୁଜ ପତ୍ରିକା ମହାସଂଘର ବୈଠକ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ ସୁନାହର ଗ୍ରାମରେ ମଙ୍ଗଳବାର ଓଡିଶା ସବୁଜ ପତ୍ରିକା ମହାସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜିକା ତପସ୍ୱିନୀ ପରିଡାଙ୍କ ଅଧକ୍ଷତାରେ ଓ ସଂଯୋଜକ ତାପସ କୁମାର ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ଲକର ସଭାପତି ଯୋଗଦେଇ ଗତ ଫେବୃୟାରୀ ମାସରେ ସରକାରଙ୍କ ସହ ମହାସଂଘର ହୋଇଥିବା ସକାରାତ୍ମକ ଆଲୋଚନାକୁ କାର୍ଯ୍ୟକାରୀ କରାଯିବା ଉପରେ ଆଲୋକପାତ କରାଯାଇଥିଲା। ମହାସଂଘର ପ୍ରତ୍ୟେକ ସଦସ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ ପାଇଁ ସରକାରଙ୍କ ନିଷ୍ପତ୍ତିକୁ ବୈଠକରେ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିତା ନାୟକ, ବାସନ୍ତି ଘଡେଇ, ପ୍ରତିଭା ମହାପାତ୍ର, ବାସନ୍ତି ରାଉତ, ଛବିରାଣୀ ବିଶ୍ୱାଳ, ସସ୍ମିତା ସାହୁ, ଲକ୍ଷ୍ମୀ ସାହୁ, ସ୍ନେହଲତା ମିଶ୍ର, ଗୀତାଞ୍ଜଳୀ ଖଣ୍ଡାଇ ପ୍ରମୁଖ ଶତାଧିକ ସୁବ୍ରତପତ୍ରିକାଧାରୀ ମହିଳାମାନେ ଅଂଶଗ୍ରହଣ କରିଥିଲେ।

## ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା : ବିନା ସୁଧରେ ଚାଷୀଙ୍କୁ ଋଣ ଦେବାକୁ ଆହ୍ୱାନ

# ୬ ସମିତିର ଗୋଦାମ ଗୃହ ପାଇଁ ଦେଢ କୋଟି ଟଙ୍କା ମଞ୍ଜୁର

ଭୁବନ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମଠକରଗୋଳା ସେବା ସମବାୟ ସମିତି ପରିସରରେ ସମିତି ସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଆୟୋଜିତ ହୋଇଯାଇଛି । ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ଯେ, ଚାଷୀ ଭାଇ ମାନେ ହେଉଛନ୍ତି ସମାଜର ମେରୁଦଣ୍ଡ। ଚାଷୀଙ୍କ ଉନ୍ନତି ନହେଲେ ଦେଶର



ଉନ୍ନତି ଅସମ୍ଭବ। ଚାଷ ଓ ଚାଷୀ ଭାଇ ମାନଙ୍କ ଉନ୍ନତି ସକାଶେ ରାଜ୍ୟ ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରିଛନ୍ତି। ଆପଣମାନେ ଏହି ସୁବିଧାର ଫଇଦା ନେବାକୁ ଆହ୍ୱାନ କରିଥିଲେ । ମଠକରଗୋଳା ସେବା ସମବାୟ ସମିତି ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ୧୨ ନମ୍ବର ଜୋନ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଯୋଗଦେଇ ଭୁବନ, ବାରୁଆଁ, ସୁରପ୍ରତାପପୁର, ବାଲିବୋ, ମହୁଲପାଳ ଏବଂ ମାର୍ଥାପୁର ସମିତିର ଗୋଦାମ ଗୃହ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଇଥିବା ସଂପର୍କରେ ସୂଚନା ଦେଇଥିଲେ ଏବଂ ଖୁବ ଶୀଘ୍ର ଏଟିଏମ୍ ମଧ ଖୋଲିବ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଡିଆରସିଏସ ଶ୍ରୀମତୀ ସରୋଜିନୀ ଜେନା, ଭୁବନ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, ଏୟୁସିସି ବ୍ୟାଙ୍କ, ଭୁବନ ଶାଖା ପରିଚାଳକ ଗଣେଶ୍ୱର ଖଟୁଆ, ବ୍ୟାଙ୍କ ସୁପରଭାଇଜର କ୍ଷୀରୋଦ ଚନ୍ଦ୍ର ପାତ୍ର,ଏଜିଏମ ଅକ୍ଷୟ ମୁଦୁଲି, ଏଆରସିଏସ ଇନ୍ସପେକ୍ଟର ବିମଳ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷିଭିତ୍ତିକ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ସମିତିର ସମସ୍ତ ଡାଇରେକ୍ଟରଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ଅନୁରୂପଭାବେ ଭୁବନ ବ୍ଲକର ଜିରାଳ, ସୁରପ୍ରତାପପୁର, ଭୂଷଳ, ବାଲିବୋ ଏବଂ ଭୁବନରେ ମଧ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

## ଘରେ ବୁଲାଇଲେ କଳାକନା : ଲୁଟି ନେଲେ ସୁନା ଅଳଙ୍କାର

ନିମାପଡା (ଭାସ୍କର ନ୍ୟୁଜ୍) : ନିମାପଡା ଝିଅ ବାହାଘର ପାଇଁ ରହିଥିବା ସୁନାକୁ ଲୁଟିନେଲେ ଡକାୟତ। ଘରେ କଳାକନା ବୁଲାଇଥିବା ବେଳେ ଗୃହକର୍ତ୍ତା ଏ ସଂପର୍କରେ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ବଳଙ୍ଗା ଥାନା ବେରୁହାଁ ଶାସନ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ଜେନା ନିଜ ବଡଝିଅର ବିବାହ କରିବା ପାଇଁ ଭୁବନେଶ୍ୱର ଏକ ସୁନା ସୋ ରୁମରୁ ଝିଅ ପାଇଁ ଓ ଘର ପାଇଁ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଗହଣା କିଣି ନିଜ ଗଡରେଜ ଲକର ଭିତରେ ରଖିଥିଲେ। ଭାସ୍କର ତାଙ୍କ ପତ୍ନୀଙ୍କ ସୁନା ଗହଣା ମଧ ସେଠାରେ ରହିଥିଲା। ଗତ ସୋମବାର ରାତ୍ରରେ ଭାସ୍କରଙ୍କ ପୁଅ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରେ ଭାସ୍କର ତାଙ୍କର ପତ୍ନୀ ଓ ଦୁଇ ଝିଅ ଘରେ ରହିଥିଲେ। କୌଣସି ଡକାୟତ ଛାତ ଉପରେ ଚଢି ସିଡିଘର ଗ୍ରୀଲ କାଟି ଘର ଭିତରେ ପଶି ଭାସ୍କରଙ୍କ ଝିଅ ଶୋଇଥିବା ରୁମରୁ ଚାବି ନେଇ ଷ୍ଟୋର ରୁମ ଖୋଲି ଗଡରେଜ ଲକର ଭିତରୁ ସୁନା ଗହଣା ସହ ନଗଦ ଏକ ଲକ୍ଷ ପଚାଶ ହଜାର ଟଙ୍କା ଲୁଟି ନେଇଛନ୍ତି। ସୁନା ଗହଣାର ମୂଲ୍ୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଭାସ୍କର ଥାନାରେ ଅଭିଯୋଗ କରିଛନ୍ତି। ବଳଙ୍ଗା ଥାନା ପୋଲିସ ତାଙ୍କ ଗ୍ରାମରେ ସାଇଣ୍ଟିଫିକ ଟିମ ସହିତ ପହଞ୍ଚି ତଦନ୍ତ କରି ଫେରିଛି। ଏ ସଂପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚୋରକୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢଉ ଜାରି ରହିଛି।

## ଭାଗବତ ପାରାୟଣ ଓ ନାମଯଜ୍ଞ

ସାଲେପୁର, (ଭାସ୍କର ନ୍ୟୁଜ୍) : ସାଲେପୁର ବ୍ଲକ୍ ଅନ୍ତର୍ଗତ କୁସମ୍ବୀ ସ୍ଥିତ ମା' ବୁଢ଼ୀଗାଗୁଳେଇଙ୍କ ପୀଠରେ ଭାଗବତ ପାରାୟଣ ଓ ଚତୁର୍ଥ ପ୍ରହରୀ ନାମଯଜ୍ଞ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟ ଦିବସ ବ୍ୟାପୀ ଉତ୍ସବରେ ଭାଗବତ ପାରାୟଣ, ନାମସଂକୀର୍ତ୍ତନ, ବିଭିନ୍ନ ଦେବାଦେବୀଙ୍କ ପୂଜାର୍ଚ୍ଚନା ହେବା ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଚତୁର୍ଥ ପ୍ରହରୀ ନାମଯଜ୍ଞ ହୋଇ ପୂର୍ଣ୍ଣାହୂତୀ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶହଶହ ଜନସାଧାରଣ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜକ ହେମନ୍ତ କୁମାର ମିଶ୍ର ଓ ନାରାୟଣ ଶତପଥୀ ବିଧିବିଧାନ ରିତିନିତୀରେ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାକର୍ତ୍ତୀ ଭାବେ ମହେନ୍ଦ୍ର କୁମାର ସାହୁ ଓ ତାଙ୍କ ଧର୍ମପତ୍ନି ସବିତା ସାହୁ ଯୋଗଦେଇଥିବା ବେଳେ ଶ୍ରୋତା ଭାବେ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ । ରାମଚନ୍ଦ୍ର ରାଉତରାୟଙ୍କ ସଂଯୋଜନାରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା ।

# ଅଖଣ୍ଡ ମୟୁରଭଞ୍ଜ ଓ ପେସା ଆଇନ୍‌କୁ କାର୍ଯ୍ୟକାରୀ କରିବା ଦାବିରେ ବିଶାଳ ଶୋଭାଯାତ୍ରା

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଜିଲ୍ଲା ପେସାଗ୍ରାମ ସଭା ସଂଯୋଜନା କମିଟି ଦ୍ୱାରା ସୋମୋବାର ଦିନ କରଞ୍ଜିଆ ଠାରେ ସଦସ୍ୟମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଏକ ୧୭ ଦଫା ଦାବିପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କୁ ପ୍ରଦାନ କରିଥିଲେ। କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ ଓ ସମ୍ପାଦକ ନାନୁରାମ ହେମ୍ବ୍ରମଙ୍କ ନେତୃତ୍ୱରେ ଶହଶହ ଆଦିବାସୀ ପାରମ୍ପରିକ ପୋଷାକ ପରିଧାନ କରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚି ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି



ଦାବୀପତ୍ର ଦେବା ସମୟରେ କମିଟି ର ସଭାପତି, ସମ୍ପାଦକ ଙ୍କ ସହିତ ଅଶୋକ କୁମାର ସିଂ, କୁମାର ବାସ୍କେ, ଜୁଲାରାମ ମୁର୍ମୁ, ପଞ୍ଚୁ ଟୁଡୁ, ବୁଢାନ ମୁର୍ମୁ, ପିଥ ହେମ୍ବ୍ରମ, ବୁଢାରମ ସୋରେନ, ଖାଲକା ହାଁସଦା, ରବୀନ୍ଦ୍ର ହାଁସଦା, ସୁହାଗ, ସୁରଜ ମୁର୍ମୁ ପ୍ରମୁଖ ଉପସ୍ଥିତଥିଲେ।

# ରାଶିଫଳ

ବୁଧବାର, ୨୯ ମାର୍ଚ୍ଚ ୨୦୨୩



***ମେଷ:*** ଆଜି ଅତ୍ୟଧିକ କୌଣସି ବିଷୟକୁ ନେଇ ଆଲୋଚନା କରନ୍ତୁ ନାହିଁ। ଆକସ୍ମିକ ଧନ ଲାଭ ହୋଇପାରେ। ବନ୍ଧୁମାନେ ସନ୍ଧ୍ୟା ସମୟରେ କୌଣସି ଯୋଜନା କରି ପାରନ୍ତି। କାମ କାର୍ଯ୍ୟରେ ସଫଳ ନ ହେବା କାରଣରୁ ମନ ଅଶାନ୍ତି ରହିବ। ପରିବାରର ସୁଖମୟ ରହିବ। ଶତ୍ରୁଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରି ପାରନ୍ତି।



***ବୃଷ:*** କୌଣସି ମହିଳା ସହ ସାକ୍ଷାତ ହୋଇପାରେ। ଯାହା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ। କୋର୍ଟ କଚେରୀ ମାମଲା ଆଗକୁ ବଢିବ ନାହିଁ। କାମର ଚିନ୍ତା ଆପଣଙ୍କ ମୁଣ୍ଡରେ ରହିବ। ଯେଉଁ କାରଣରୁ ପରିବାର ଓ ବନ୍ଧୁମାନଙ୍କ ପାଇଁ ସମୟ ବାହାର କରି ପାରିବେ ନାହିଁ। ଦାମ୍ପତ୍ୟ ଜୀବନରେ ସୁଖମୟ ପରିସ୍ଥିତି ରହିବ।



***ମିଥୁନ:*** ସ୍ଥାୟୀ ସମ୍ପତ୍ତିରୁ ଲାଭଦାୟକ ରହିବ। କାରୋବାରରେ ବୃଦ୍ଧି ହେବ। ରୋଜଗାରରେ ବୃଦ୍ଧି ହେବ। ପାର୍ଟନର ସହଯୋଗ ମିଳିବ। ଅଟକିଥିବା କାର୍ଯ୍ୟ ପୁରା ହେବ। ଆପଣଙ୍କ ଆଦର ସମ୍ମାନ ହେବ। ଆଜି ଆପଣ ରୋମାଞ୍ଚକ କାର୍ଯ୍ୟ କରିବେ। ଅଧିକ ଟଙ୍କା ଖର୍ଚ୍ଚ କରିବେ।



***କର୍କଟ:*** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ଆସିପାରେ। ଯାତ୍ରା ପାଇଁ ସମୟ ଉପଯୁକ୍ତ ନୁହେଁ। ବ୍ୟାପାର କିମ୍ବା ଚାକିରିରେ ଯେତିକି ପରିଶ୍ରମ କରିବେ ସେଥିରେ ସେତିକି ଲାଭ ମିଳିବ। ଜୀବନର ଭରପୁର ଲାଭ ଉଠାନ୍ତୁ। ବନ୍ଧୁର ସାହାର୍ଯ୍ୟ ନିଅନ୍ତୁ। ସଙ୍ଗୀତ ଇତ୍ୟାଦି ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ। ମାତା ପିତାଙ୍କ ସାହାର୍ଯ୍ୟ ଦ୍ୱାରା ଆର୍ଥିକ ଅସୁବିଧାରୁ ମୁକ୍ତି ପାଇ ପାରିବେ।



***ସିଂହ:*** କାର୍ଯ୍ୟ କ୍ଷତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ସାମାଜିକ କାର୍ଯ୍ୟ କଳାପରେ ଜଡିତ ରହିବେ। କୌଣସି ମହିଳା ମିତ୍ରର ସହଯୋଗ କରି ପାରନ୍ତି। ମାତା ପିତାଙ୍କ ସହ ନିଜର ଖୁସିକୁ ଶେୟାର କରନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିବ। କାମରେ ରୁଚି ବଢିବ ନାହିଁ। ବାଣୀରେ ସଂଯମତା ରଖନ୍ତୁ। ପାରବାରିକ ସହଯୋଗ ମିଳିବ।



***କନ୍ୟା:*** ସମାଜ ସେବା କାର୍ଯ୍ୟରେ କାମ କରିବା ପାଇଁ ପ୍ରେରଣା ମିଳିବ। ମାନ ସମ୍ମାନ ମିଳିବ। ପୂର୍ବରୁ କରିଥିବା ପରିଶ୍ରମର ଫଳ ଆଜି ମିଳିବ। ବ୍ୟବସାୟରେ ପରିସ୍ଥିତି ଅନୁକୂଳ ରହିବ। ଭାଗ୍ୟର ସାଥ ମିଳିବ। ନିଜକୁ ନେଇ ଦୁଖୀ ରହିବା ଦ୍ୱାରା କିଛି ବି ହାସଲ ହେବ ନାହିଁ। ପରିବାର ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ କିଛି ହାନିର ଯୋଗ ଅଛି।



***ତୁଳା:*** ମିତ୍ରଙ୍କ ଠାରୁ ସହଯୋଗ ମିଳିବ ନାହିଁ। ଶତ୍ରୁ ପକ୍ଷ ହାବି ରହିବେ। ନ ପଢି କୌଣସି ବି କାଗଜପତ୍ର ଉପରେ ହସ୍ତାକ୍ଷର କରନ୍ତୁ ନାହିଁ। ଘରେ ଚିନ୍ତାର ପରିବେଶ ରହିବ। ଶାରିରୀ ସମସ୍ୟା ରହିପାରେ। ଖରାପ ସମୟ ଅଛି। ଖର୍ଚ୍ଚ ଉପରେ କାବୁ ରଖିବାକୁ ଚେଷ୍ଟା କରନ୍ତୁ। ଜରୁରୀ ଜିନିଷ କିଣନ୍ତୁ।



***ବିଛା:*** ପରିବାର ସହିତ ସମୟ ବ୍ୟତୀତ କରିବାର ଅବସର ମିଳିବ। ବୟସ୍କ ଲୋକମାନଙ୍କ ପ୍ରେମ ଓ ଆଶୀର୍ବାଦ ମିଳିବ। କୌଣସି ପ୍ରଭାବଶାଳି ବ୍ୟକ୍ତିଙ୍କ ମାର୍ଗଦର୍ଶନ ଓ ସହଯୋଗ ପ୍ରାପ୍ତ ହେବ। ବୁଦ୍ଧିମାନର ସହ ନିବେଶ କରନ୍ତୁ। ସନ୍ତାନ ତରଫରୁ ଶୁଭ ସମାଚାର ମିଳିବ। ନିବେଶ ଇତ୍ୟାଦିରେ ଲାଭ ମିଳିବ। ପ୍ରାପ୍ତ ହୋଇଥିବା ଟଙ୍କା ଆପଣଙ୍କ ଆଶା ଅନୁସାରେ ହେବ ନାହିଁ।



***ଧନୁ:*** କାର୍ଯ୍ୟ କ୍ଷତ୍ରରେ ଆସୁଥିବା ସମସ୍ତ ବାଧା ଦୂର ହେବ। ପତ୍ନୀ ଓ ପିଲାଙ୍କ ସହିତ ସମସ୍ତ ସମସ୍ୟା ବିଷୟରେ କଥାବାର୍ତ୍ତା କରନ୍ତୁ। ଚାକିରିରେ ଅଧିକାରୀ ବର୍ଗଙ୍କ ଅପେକ୍ଷା କରିବେ। ପୁରୁଣା ରୋଗରୁ ମୁକ୍ତି ପାଇ ପାରିବେ। କୁ ସଂଗତିରୁ ଦୂରେଇ ରୁହନ୍ତୁ। ଫାଲତୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଭଲ ଜିନିଷକୁ ହିଁ ଗ୍ରହଣ କରନ୍ତୁ। କରଜ ନିଅନ୍ତୁ ନାହିଁ। କୌଣସି ବିବାଦରେ ବିଜୟ ମିଳିବ। ବ୍ୟବସାୟ ଭଲ ହୋଇପାରେ। କିଛି କାମ ଅଧିକ ବ୍ୟୟ ପ୍ରମାଣିତ ହେବ।



***ମକର:*** ଡୁବି ଯାଇ ଥିବା ଟଙ୍କା ମିଳିବାର କମ ସମ୍ଭାବନା ଅଛି। ଭାଗ୍ୟର ସାଥ ମିଳିବ ନାହିଁ। କାହା ସହିତ ବି ଝଗଡା କରନ୍ତୁ ନାହିଁ। କିନ୍ତୁ ଶତ୍ରୁ ପରାସ୍ତ ହେବେ। ନୂଆ କାର୍ଯ୍ୟ ମିଳିବ। ଭରପୁର ପ୍ରୟାସ ଦ୍ୱାରା ନିଶ୍ଚିତ ରୂପରେ ସଫଳ ହେବେ। ବ୍ୟାପାର ଆପଣ କୌଣସି ଭୁଲ ନିଷ୍ପତି ନେବା ଦ୍ୱାରା ଆପଣଙ୍କୁ ଆର୍ଥିକ କ୍ଷତି ହୋଇପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟର ଚିନ୍ତା ରହିବ। ସବୁଦିନ ବ୍ୟାୟମ କରନ୍ତୁ।



***କୁମ୍ଭ:*** କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ରଖିବେ। ବ୍ୟାପାରରେ ନୂଆ ଯୋଜନା ଦ୍ୱାରା ବ୍ୟାପାର କରିବେ। ମିତ୍ରଙ୍କଠାରୁ କିମ୍ବା ଭାଇ ଭଉଣୀଙ୍କଠାରୁ ସହଯୋଗ ମିଳିପାରେ। ଯଦି ଆପଣଙ୍କ ଯୋଜନା ବାହାର ବୁଲିବାର ହୋଇଥାଏ ତେବ ତାହା ବିଫଳ ହୋଇଯିବ। ନିଜର ଆୟ ଉପରେ ଧାନ ଦିଅନ୍ତୁ। ଉତ୍ସାହରେ ବୃଦ୍ଧି ଆସିପାରେ। ପାରିବାରିକ ସୁଖ ଶାନ୍ତି ମିଳିବ।



***ମୀନ:*** ନିଜର ମାତା ପିତାଙ୍କୁ ଖୁସି କରିବାରେ ସଫଳ ହେବେ। ଜୀବନସାଥିଙ୍କ ସହିତ ଆରାମଦାୟକ ସାମୀ ବିତାଇବେ। ଘର ଓ ବାହାରରେ ପ୍ରସନ୍ନତା କା ୱାତାୱରଣ ରହିବ। କୌଣସି ବି କାର୍ଯ୍ୟ କରିବା ପୂର୍ବରୁ ତାହା ବିଷୟରେ ବୁଝି ନିଅନ୍ତୁ। ଆବଶ୍ୟକ ଜିନିଷ ହଜି ପାରେ। ଚିନ୍ତାରେ ରହିବେ। ପାରିବ ବ୍ୟବପାରରେ ଲାଭ ମିଳିବ। ବାହାର କାମରେ ସଫଳତା ମିଳିପାରେ।



ଗ୍ରହଚକ୍ର ନୀତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବାଙ୍କୋଇସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୁଲ୍ୟରେ ବରିଷ୍ଠ ଶିକ୍ଷକ ଶିଶିର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଦିନ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ସଦସ୍ୟା ମାନଙ୍କର ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଦ୍ଦୁଲ ହାସନ ଖାଁ ,ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସସ୍ମିତା ବଳିୟାରସିଂହ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ସାଧନକର୍ମୀ ଭାବେ ଶିକ୍ଷୟିତ୍ରୀ ମଞ୍ଜୁବାଳା ରାୟଗୁରୁ ଓ ଶିକ୍ଷକ ସରୋଜ କୁମାର ସାମନ୍ତସିଂହାର ଯୋଗଦେଇ ଥିଲେ। ଶିକ୍ଷା କ୍ଷାଣ୍ଡି କମିଟିର ଗଠନ ଓ ଭୂମିକା, ପିତାମାତା ଶିକ୍ଷକ ସଂଘର ଗଠନ ଓ ଭୂମିକା, ବିଦ୍ୟାଳୟ ପରିଚାଳନା କମିଟିର ରୂପ ରେଖ ଓ ଗଠନ ପ୍ରକ୍ରିୟା, କାର୍ଯ୍ୟ, ଶୈକ୍ଷିକ ବାତାବରଣ ଓ ତଦାରଖ ବ୍ୟବସ୍ଥା, ଶିକ୍ଷା ଅଧିନିୟମ ଓ ଶିଶୁ ଅଧିକାର ଓ ବିଦ୍ୟାଳୟ ବିକାଶ ଯୋଜନା ଓ କାର୍ଯ୍ୟକାରିତା ବିଷୟରେ ସାଧନକର୍ମୀ ସରୋଜ କୁମାର ସାମନ୍ତସିଂହାର ଓ ମଞ୍ଜୁବାଳା ରାୟଗୁରୁ ଉପସ୍ଥିତ ଥିବା ସମସ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ଦାସ, ଶୁଭେନ୍ଦୁ କୁମାର ସ୍ୱାଇଁ, ଜୀବନ ସଂଗ୍ରାମ ସାହୁ ଓ ଶିକ୍ଷୟିତ୍ରୀ ନିଳୀମା ରାଣୀ ସେଠୀ, ମାନସୀ ବେହେରା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଆଁର ଚତର ଗ୍ରାମରେ ମଧୁଗଣେଶ ପୂଜା

ତିହିଡି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କୁଆଁର ଚତର ଗ୍ରାମରେ ୭୭ ବର୍ଷ ଧରି ଶ୍ରୀଶ୍ରୀ ମଧୁଗଣେଶ ପୂଜା ପାଳିତ ହୋଇ ଆସୁଛି। ଚଳିତ ବର୍ଷ ମଧ ଗ୍ରାମରେ ମହା ସମାରୋହରେ ମଧୁଗଣେଶ ପୂଜା ପାଳିତ ହେଉଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ମଧୁଗଣେଶ ପୂଜା ଆରମ୍ଭ ହୋଇ ତିନିଦିନ ଧରି ମହା ଆଡ଼ମ୍ବରରେ ପାଳନ କରାଯାଇଛି। ଏହି ପୂଜାରେ ଆଖପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁ ଆସି ଶ୍ରୀ ମଧୁଗଣେଶଙ୍କୁ ଦର୍ଶନ କରି ଭୋଗ ଲଗାଇ ବିଭୂକୃପା ଲାଭ କରିଥାନ୍ତି। ଏହି ଉପଲକ୍ଷେ ମଧୁଗଣେଶ ପଡ଼ିଆରେ ୫ଦିନ ଧରି ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜା ପାଇଁ ବିଭିନ୍ନ ଦୋକାନ ବଜାର ବସିଥିବା ବେଳେ ସୁସଜ୍ଜିତ ଆଲୋକମାଳା ଭକ୍ତମାନଙ୍କୁ ଆକୃଷ୍ଟ କରୁଛି। ତେବେ ବୟାଙ୍ଗ ଅଞ୍ଚଳରେ ଶ୍ରୀଶ୍ରୀ ମଧୁଗଣେଶ ପୂଜା ସମସ୍ତଙ୍କୁ ଯୋଡ଼ି ରଖିବାର ଏକ ମାଧ୍ୟମ ବୋଲି କୁହାଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ସୁକାନ୍ତ ମହାନ୍ତି ଓ ପତ୍ନୀ ସୁଷମା ମହାନ୍ତି ପୂଜା କାର୍ଯ୍ୟ କରିଥିବା ବେଳେ ପୂଜକ ଭାବେ ଜଗନ୍ନାଥ ମିଶ୍ର ଓ ନିଲୁ ପଣ୍ଡା ପୂଜାକାର୍ଯ୍ୟ ସମ୍ପନ୍ନ କରୁଛନ୍ତି। ପୂଜା କମିଟିର ସଭାପତି କେଶବ ଚନ୍ଦ୍ର ନାୟକ, ସମ୍ପାଦକ ରମଣ ମହାନ୍ତିଙ୍କ ନେତୃତ୍ୱରେ କମିଟିର ସକ୍ରିୟ ସଦସ୍ୟ ମାନସ ନାୟକ, ସୁବ୍ରତ ମହାନ୍ତି, ହୃଷିକେଶ ପରିଡ଼ା, ପ୍ରଫୁଲ୍ଲ ମହାନ୍ତି, ସଂଗ୍ରାମ ନାୟକ, ଦିଲୀପ ମହାନ୍ତି ଓ ସମସ୍ତ ଗ୍ରାମବାସୀମାନେ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଉନ୍ନୟନମୂଳକ...

ସମୀକ୍ଷା କରିବା ସହ ମାଥିଲିସ୍ଥିତ ଶିବସାଗର ପରିଦର୍ଶନ କରି ଏହାର ଉନ୍ନତିକରଣ ନିମନ୍ତେ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ଖଇରପୁଟ ବ୍ଲକ ବଣ୍ଡା ଘାଟିର ସୀତାକୁଣ୍ଡ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଥିଲେ । ଏହି ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହିତ ବଣ୍ଡା ଜନଜାତି ପୁରୁଷ ଓ ମହିଳାଙ୍କୁ ସେମାନଙ୍କ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ । ଅପରାହ୍ନରେ ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ତଥା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ହନ୍ତାଳଗୁଡ଼ା ଯାଇ ଆକର୍ଷଣୀୟ ଭ୍ୟୁ ପଏଣ୍ଟ ପରିଦର୍ଶନ କରିଥିଲେ । ଏହାକୁ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ତଥା ଏହାର ଉନ୍ନତିକରଣ ସଂପର୍କରେ ସେ ଆଲୋଚନା କରିଥିଲେ । ଶହଶହ ଆଦିବାସୀ ମହିଳା ଓ ପୁରୁଷ ଶ୍ରୀ ପାଣ୍ଡିଆନଙ୍କୁ ସ୍ୱାଗତ କରିଥିଲେ । ସନ୍ଧ୍ୟାରେ ଶ୍ରୀ ପାଣ୍ଡିଆନ ବଡ଼ପଡ଼ାରେ ପହଞ୍ଚି ଲୋକଙ୍କ ସମସ୍ୟା ସଂପର୍କରେ ଅବଗତ ହେବା ସହ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ମାଲକାନଗିରି ଜିଲ୍ଲାପାଳ, ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ବ୍ଲକର ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଏସ୍‌ସିବି ଆଇସିୟୁରେ...

ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ମଧ୍ୟ ଅନୁରୂପ ଭାବେ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡ଼ିକାଲ କଲେଜଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରତ୍ୟେକ ମେଡ଼ିକାଲ କଲେଜରେ ୨୦ଟି କୋଭିଡ ବେଡ୍ ଓ ୨ଟି ଆଇସିୟୁ, ଜିଲ୍ଲା ଚିକିତ୍ସାଳୟରେ ୧୦ଟି ବେଡ୍, ପ୍ରତ୍ୟେକ ସିଏଚ୍‌ସିରେ ୬ଟି ବେଡ୍ ପ୍ରସ୍ତୁତ ରଖିବା ସହ ଚିକିତ୍ସାଳୟରେ ଥିବା ମାନବସମ୍ବଳଙ୍କୁ ବିନିଯୋଗ କରି ଏହି କୋଭିଡ ପରିସ୍ଥିତିର ମୁକାବିଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସମସ୍ତ ଚିକିତ୍ସାଳୟରେ ଫିଭର କ୍ଲିନିକ ଖୋଲିବା ପାଇଁ ପରାମର୍ଶ ଦିଆଯାଇଛି । ଅକ୍ସିଜେନ କନସେନଟ୍ରେଟର, ଅକ୍ସିଜେନ ସିଲିଣ୍ଡର, ଏଲଏମ୍‌ଓ ଏବଂ ପିଏସ୍‌ଏକୁ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୧୦ ଓ ୧୧ ତାରିଖ ଦୁଇଦିନ ରାଜ୍ୟର ସମସ୍ତ ହସ୍ପିଟାଲରେ ମକଡ୍ରିଲ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଚିକିତ୍ସାଳୟ ଓ ହସ୍ପିଟାଲକୁ ପରାମର୍ଶ ଦିଆଯାଇଛି ।

### ୬ ନକଲି...

ଯାଞ୍ଚ ପାଇଁ ଡକାଯାଇଥିଲା । ଯାଞ୍ଚ ସମୟରେ ଏହା ନକଲି ବୋଲି ସନ୍ଦେହ ହେବାରୁ ଛାତ୍ରୀଜଣଙ୍କୁ ପଚରା ଯାଇଥିଲା । ତେବେ ଏହା ନକଲି ବୋଲି ସେ ସ୍ୱୀକାର କରିଥିଲେ । ଏହାପରେ ସମସ୍ତ କାଗଜପତ୍ର ଛାଡ଼ି ଚାଲି ଯାଇଥିଲେ । ଏ ନେଇ ଟାଉନଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ ଚଳାଇଛି ।

### ୧୨ ଉତ୍ତର ଖାତା...

ଅନ୍ୟ କୌଣସି ଉଦ୍ଦେଶ୍ୟରେ ପରୀକ୍ଷା ଖାତାଗୁଡ଼ିକ ଖୋଲା ଯାଇଥିଲା କି ? ଏପରି ଅନେକ ପ୍ରଶ୍ନ ଉଙ୍କି ମାରୁଛି । ଏମପିସି ଜୁନିୟର କଲେଜର ହବ୍ ହେଡ୍ ଶୁଭଙ୍କର ସାହୁ କହିଛନ୍ତି ଯେ ପରୀକ୍ଷା ଖାତାଗୁଡ଼ିକ ପ୍ୟାକେଟରେ ସିଲ ହୋଇ ଆମ ପାଖକୁ ଆସିଥିଲା। ଆମେ ସେଗୁଡ଼ିକୁ ପୋଷ୍ଟାଲ ମାଧ୍ୟମରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଇ ଦେଇଥିଲୁ । ତେଣୁ ପ୍ୟାକେଟରେ ଖାତା ନଥିବା ସଂପର୍କରେ ଆମେ କିଛି ଜାଣିନାହୁଁ । ଯଦି ଖାତା ଭୁଲରେ ଅନ୍ୟ କେଉଁଠାକୁ ଚାଲି ଯାଇଥିବ ତାହାହେଲେ ପରେ ନିଶ୍ଚିତ ମିଳିବ ବୋଲି ସେ କହିଥିଲେ।

### ଆଇଏନ୍‌ଏସ୍...

୪ ମାସ ତାଲିମ ନେବାପରେ ୨୫୯୭ ଅଗ୍ନିବୀର ନୌସେନାରେ ଯୋଗଦେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୭୩ଜଣ ମହିଳା ସାମିଲ ରହିଛନ୍ତି। ଏହି ପାସିଂଆଉଟ୍ ଉତ୍ସବରେ ଭାରତୀୟ ଅଲିମ୍ପିକ୍ସ ସଂଘ ସଭାପତି ପି.ଟି.ଉଷା ମଧ୍ୟ ଉପସ୍ଥିତ ରହିଥିଲେ। ଏହି ସମସ୍ତ ନୌସେନା ଅଗ୍ନିବୀରଙ୍କୁ ନୌସେନାର ବିଭିନ୍ନ ପଦପଦବୀରେ ନିଯୁକ୍ତି ଦିଆଯିବ । ସୂଚନାଯୋଗ୍ୟ ଯେ ସେନାରେ ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ ଅଗ୍ନିବୀର ଯୋଜନାରେ ସାଢେ ୧୭ ବର୍ଷରୁ ୨୩ ବର୍ଷ ପର୍ଯ୍ୟନ୍ତ ଯୁବକ ଓ ଯୁବତୀମାନେ ସେନାରେ ଯୋଗ ଦେବାପାଇଁ ଆବେଦନ କରିପାରିବେ । ଏହା ଆଧାରରେ ଅଗ୍ନିବୀର ଯବାନମାନେ ୪ ବର୍ଷ କାମ କରିପାରିବେ । କେନ୍ଦ୍ର ସରକାର ମଧ୍ୟ ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ଅଗ୍ନିବୀରଙ୍କ ନିଯୁକ୍ତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଦେଶର ଅନେକ ଅଞ୍ଚଳରେ ରାଲିମାନ ଆୟୋଜନ କରୁଛନ୍ତି। ଅଗ୍ନିବୀର ଯୋଜନାରେ ଯୋଗ ଦେବାପାଇଁ ମଧ୍ୟ ବହୁ ଯୁବକ ଯୁବତୀ ଆବେଦନ କରୁଥିବା ଦେଖିବାକୁ ମିଳିଛି ।


**OFFICE OF THE PANCHAYAT SAMITI, PURUSHOTTAMPUR**
**Email.ID-ori-purusottampur@nic.in**
**Telephone No:- 0680-278323**
**Letter No. 1146/Dev** **Date: 27.03.2023**

**DETAIL TENDER CALL NOTICE-03/2022-23 OF BDO PURUSHOTTAMAPUR**

The Block Development Officer, Purushottamapur invites sealed percentage rate tenders in single cover system on behalf of Governor of Odisha from registered eligible class of civil contractor of the state PWD(R&B)/Water Resource/Rural Works/M.I/C.P.W.D for the following works eventually to be drawn up in the PWD F-2 form in conformity with the detail tender call notice.

| Sl No | Name of the work | Value of Work (In Rs.) | Bid Security @ 1 % (In Rs.) | Cost of bid Document (InRs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day Care Sub Centre -cum-Health Centre at Ranajhali under Purushottamapur Block | 33,30,921.00 | 33,309.00 | Rs.6,000.00/- (Rupees Six Thousand) | Class- 'B'. & 'C' | 9(Nine) Calendar Month |
| 2 | Construction of Day Care Sub Centre -cum-Health Centre at Jhadabai under Purushottamapur Block | 33,47,809.00 | 33,478.00 | Rs.6,000.00/- (Rupees Six Thousand) | Class- 'B'. & 'C' | 9(Nine) Calendar Month |

**Term & Conditions:**

1. Cost of Tender paper: The tenders specification can be obtained from the office of the Block Development Officer, ***Purushottamapur*** on payment towards the cost of tender paper as mentioned above.(Non-Refundable) in shape of bank draft or Demand draft (No other modes will be entertained) drawn in favour of Block Development Officer, ***Purushottamapur*** in any nationalized bank having its branch at ***Purushottamapur*** block area on any working day from 20.02.2023 to 03.03.2023 for the above works.
2. Sale of Tender Papers: The tender document will be sold from 20.02.2023 to 03.03.2023 at Block Office ***Purushottamapur*** between 10:00 AM to 5:30 PM on working days only.
3. Date of receipt & Mode of submission of tender papers: The bidders have to submit the sealed tender papers in complete shape through Registered Post/Speed Post/Tender Box (Available at Block Office) to by directly sending it to the Block Development Officer, ***Purushottamapur***. The last date of receipt of tender paper 03.03.2023 up to 05:30 PM. The undersigned will not be responsible for postal delay if any or non receipt of papers in time. **The tender must super scribe the name of the work/project on the sealed envelope.**
4. Date of opening of tender papers: The tender paper shall be opened on 04.03.2023 at 11:00 AM in the presence of bidders or their authorized representative having written authorization for the purpose & the members of the tender committee.
5. Earnest Money Deposit: 1 % (One Percent) of the bid value in shape of NSC / Postal saving pass book / Post Office Time Deposit / Kishan Vikash Patra/Deposit receipt in schedule bank only, duly pledged in favour of Block Development Officer, ***Purushottamapur***. The tender papers without required amount of E.M.D will not be considered & transfer or adjustment of E.M.D is also inadmissible.
6. Documents to be attached: The following document should be furnished with the tender papers failing which the tender will be liable to rejection.
   (a) E.M.D pledged in favour of the Block Development Officer, ***Purushottamapur*** .
   (b) Attested copy of contractor registration certificate.
   (c) Attested copy of PAN Card & Certificate of GSTIN.
   (d) Original money receipt/Demand Draft granted by BDO, ***Purushottamapur*** towards cost of tender paper.
   (e) Attested copy of Caste certificate issued by competent authority in case of SC/ST Contractor desirous of availing preference.
   (f) The bidders have to produce an original affidavit in support of the authenticity of documents including EMD, etc attached with the tender papers.
   (g) Affidavit as regards the facts of availing award of the work without submission of EMD/ISD during the current financial year in case of Engineer contractors desirous of availing exemption of EMD otherwise their tender paper will be liable for rejection.
   (h) Joint venture consortium agreements are not allowed to participate in tender.
7. Shortfall of any required document(s) & EMD, the tender paper will be liable for rejection.
8. Additional Performance Security Deposit: The affidavit in lieu of APS will be submitted by the successful bidder for the cost of less quoted percentage of the amount put to tender before the signing of the agreement of the contract. (Vide Works Department letter No. 4559 date-05.04.2021, Govt. of Odisha. Works Department)
9. Forfeiture: The EMD amount will be forfeited, if the bidders backs out from the offer acceptance of tender by the competent authority.
10. Submission of more than one tender paper by a bidder for a single work will be liable for rejection of all such tender papers.
11. The Block Development Officer, Purushottamapur reserves the right to reject any or all the tenders without assigning any reasons thereof.

Other details can be seen in the bidding document.

**Sd/- Block Dev.Officer, Purushottamapur**


# ପଶ୍ଚିମା ଝଡ଼ ପ୍ରଭାବରେ ସାରା ରାଜ୍ୟରେ ବର୍ଷା

# ୨୦ ଜିଲ୍ଲାକୁ ୟେଲୋ ଆଲର୍ଟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ପଶ୍ଚିମା ଝଡ଼ର ପ୍ରଭାବ ଅନୁଭୂତ ହୋଇଛି। ଉପାନ୍ତରୁ ଉପକୂଳ ସବୁ ବର୍ଷାରେ ଭିଜୁଛି। କେଉଁଠି କୁଆପଥର ମାଡ଼ ହେଉଛି ତ ଆଉ କେଉଁଠି ବିଜୁଳି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଛି। ତେବେ ବିଜୁଳି ଘଡ଼ଘଡ଼ି ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୦ଟି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ୧୦ଟି ଜିଲ୍ଲାକୁ ସତର୍କ ରହିବା ପାଇଁ ମଧ ସୂଚନା ଦିଆଯାଇଛି। ଆସନ୍ତା ୩୦ ତାରିଖରେ ୧୪ଟି ଜିଲ୍ଲାରେ ବର୍ଷା ପବନ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିବା ସହ ସତର୍କ ରହିବା ପାଇଁ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ମଙ୍ଗଳବାର ସକାଳେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଘନ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିଥିଲା। କୁହୁଡ଼ି ଯୋଗୁ ଯାନବାହାନ ଚଳାଚଳରେ ଅସୁବିଧା ସୃଷ୍ଟି ହୋଇଥିଲା। ବୁଧବାରଠାରୁ ପୁଣି ଏକ୍ ପଶ୍ଚିମା ଝଡ଼ ଆସୁଥିବା ବେଳେ ଏହାର ପ୍ରଭାବରେ ଉତ୍ତର, ଆଭ୍ୟନ୍ତରିଣ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ପ୍ରଭାବିତ ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ଚଳିତ ମାସ ଦ୍ୱିତୀୟ ସପ୍ତାହରୁ ରାଜ୍ୟର ବର୍ଷାର ପ୍ରଭାବ ଲାଗି ରହିଛି। ଏହି ବର୍ଷା ସହ ପବନ ହେବାରୁ ଚାଷୀଙ୍କ ସମେତ ଲୋକମାନଙ୍କର ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଲରେ ପାଣି ପଶି ଯାଇଥିବାରୁ ଚାଷୀମାନେ ଠିକ୍ ସମୟରେ ଧାନ ଅମଳ କରିବାରେ ସମର୍ଥ ହୋଇ ପାରିନାହାନ୍ତି। ସେହିପରି ପନିପରିବା ଜମିରେ ପାଣି ପଶିଯାଇଥିବାରୁ ସେଗୁଡ଼ିକ ପଚି ସଢି ଯାଇଛି। ବହୁ ସ୍ଥାନରେ ଘରଦ୍ୱାର ଭାଙ୍ଗିବା ସହ ବଡ଼ବଡ଼ ଗଛ ମଧ ଉପୁଡ଼ି ପଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାର ସୂଚନା ମିଳିଥିଲା। ତେବେ ପୁଣି ଆଉ ଏକ ଝଡ଼ ଆସୁଥିବାରୁ ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି।

## ଟାଟା ଟିଆଗୋ ସହ ୨ କ୍ୱିଣ୍ଟାଲ ଗଞ୍ଜେଇ, ପିସ୍ତଲ ଜବତ

# ପୁରୀ ସହରର ୨ ମାଫିଆ ଗିରଫ

ବୌଦ୍ଧ, (ଭାସ୍କର ନ୍ୟୁଜ): ଗତକାଲି ବିଳମ୍ବିତ ରାତିରେ କଣ୍ଟାମାଳ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ବିପୁଳ ପରିମାଣର ଗଞ୍ଜେଇ ସହ ଚୋରା ଚାଲାଣରେ ବ୍ୟବହୃତ ଏକ ଟାଟା ଟିଆଗୋ କାର ଓ ଗୁଳି ଲୋଡ଼ ହୋଇଥିବା ପିସ୍ତଲ ଜବତକୁ ଜବତ କରିବା ସହିତ ୨ ଜଣ ମାଫିଆଙ୍କୁ ଗିରଫ କରିଛି କଣ୍ଟାମାଳ ପୋଲିସ। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ କଣ୍ଟାମାଳ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଖୁଣ୍ଟିଗୋରା ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଓଡି୦୨ ବିଏକ୍ସ ୨୮୭୨ ନମ୍ବର ଥିବା ଏକ ଟାଟା ଟିଆଗୋ ଗାଡିକୁ ଅଟକାଇଥିଲା ।ପୋଲିସ କାର ଭିତରେ ତଲାସୀ ନେବାବେଳେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଦେଖିବାକୁ ପାଇ ଜବତ କରି ଓଜନ କଲାପରେ ତାହା ୨ କ୍ୱିଣ୍ଟାଲ ୭ ଶହ ଗ୍ରାମ ହୋଇଥିଲା। ଗିରଫ ଗାଡିରେ ଥିବା ୨ ମାଫିଆ ମାନେ ହେଲେ ପୁରୀ ସହରର ଶୀବପ୍ରସାଦ ଜେନା ଓ ହାପି ପ୍ରଧାନଙ୍କୁ ବୋଲି ଜଣାଯାଇଛି ।ଗିରଫ ସମୟରେ ସେମାନଙ୍କ ଠାରୁ ଏକ ଗୁଳି ଲୋଡ଼ ହୋଇଥିବା ପିସ୍ତଲ ଏବଂ ୨ ଟି ମୋବାଇଲ ଜବତ କରିଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ୬୮/୨୦୨୩ରେ ଏକ ମାମଲା ରୁଜୁକରି କାହା ପାଖରୁ କେଉଁଠାକୁ ଏହି ଗଞ୍ଜେଇ ଯାଉଥିଲା ତାହାର ତଦନ୍ତ ଚାଲିଥିବା କଣ୍ଟାମାଳ ଥାନାଧିକାରୀ ଶ୍ରୀଯୁକ୍ତ ନଳିନୀକାନ୍ତ ଦାସ ସୂଚନା ଦେଇଛନ୍ତି।


Mail ID : - sepwdbalangir@gmail.com

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE: BALANGIR**
**e - Procurement Notice**
**BID IDENTIFICATION No: CCE(R&B) BGR / 19/ 2022-23**

**B-1400**

Letter No- 1631 // Dtd. 24.03.2023

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **A** Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building work
3. No. of tender : Building works -1 no.
4. Tender Cost : Rs.10, 000/-
5. Class of Contractor : **A Class.**
6. Date & Time of sale & Receipt of Bids : From Dt. 04.04.2023, 10.00 A.M. to Dt.19.04.2023 up to 05.00 P.M.
7. Date of opening Bid : Dt.20.04.2023 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**OIPR 34131/11/0027/2223**

Sd/- Chief Construction Engineer, Balangir (R&B) Circle, Balangir



**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVA RAIPUR, ATAL NAGAR**
**(CENTRAL TENDER CELL) E-Procurement Tender Notice**
**Main Portal: https: // eproc.cgstate.gov.in**

**Tenders are invited for the Following works:-**

| S. N0. | System Tender No. / Date | Name of Work | PAC Amount (Rupees in lacs) |
|---|---|---|---|
| 1 | 128158 Second Call 17.03.2023 | CONSTRUCTION OF KEWARA MAIN ROAD TO MAHUWAPARA LENGTH 2.00 Km. DISTT. SURAJPUR (C.G). (Work code – W22421) | 229.85 |
| 2 | 128163 Second Call 17.03.2023 | Construction of Damapur to Fastarpur Road Length 4.60 K.M. I/c Bridges & Culverts At Distt.- Kawardha (C.G.) | 692.32 |
| 3 | 128461 First Call 20.03.2023 | CONSTRUCTION OF BADANJI TO KUMHALI ROAD (BADANJI -TARAIBHANTA- KHASPARA ROAD) LENGTH = 2.50 KM. | 214.86 |
| 4 | 128401 First Call 20.03.2023 | CONSTRUCTION OF COURT ROOM AT SITAPUR i/c ELECTRIFICATION DISTT- SURGUJA (C.G.) ( Work code W25659). | 878.52 |
| 5 | 128469 Second Call 21.03.2023 | Construction Of High Level Bridge and Approach Road Across Ranpa River on Ghaghra to Lawahori Road. | 443.67 |
| 6 | 128475 Third Call 21.03.2023 | Construction of Motimpur (Amartapu) Temple on Both Sides Approach Road Length 1.70 Km. | 383.25 |
| 7 | 128478 Second Call 21.03.2023 | CONSTRUCTION OF JAIL APPROACH ROAD AT BALRAMPUR RAMANUJGANJ LENGTH 2.00 Km. DISTT. BALRAMPUR -RAMANUJGANJ (C.G). (Work code – W24647) | 258.84 |
| 8 | 128482 Fourth Call 21.03.2023 | CONSTRUCTION OF HIGH LEVEL BRIDGE ACROSS KODAR NALLA ON GOPALPUR-MUSKI ROAD. | 654.54 |
| 9 | 128479 Fourth Call 22.03.2023 | Widening of Bridge at Motimpur(Amartapu) Temple Approach Road. | 212.15 |
| 10 | 128471 Fourth Call 22.03.2023 | UPGRADATION & STRENGTHENING WORK OF KUSMI SAMRI ROAD LENGTH 01 TO 17/6 = 16.60 Km (C.G.) (Work code – W24192) (UNDER CRF SCHEME.) | 2815.47 |
| 11 | 128633 First Call 22.03.2023 | Construction Of Engineering Park To Ekta Nagar Muktidham Road Length = 2.50 Km, I/C Bridges & Culverts At Distt. Durg (C.G.) (CGRIDCL) . | 711.04 |

**Last Date of Tender Downloading For S.No. 03, S.No. 04 date 11.04.2023, S.No. 05 , S.No. 07 date 10.04.2023 , S.NO. 11 date 12.04.2023. Other Tenders Date are Schedule as date 03.04.2023. For more details on the tender and bidding process please visit the above mentioned portal.**

G-99629/ 7

**Sd/- Chief Engineer**
**(Central Tender Cell)**
**Office Of Engineer In Chief**
**P.W.D. Nava Raipur Atal Nagar**


## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କମୁଛି ରାସ୍ତା

# ଓଡ଼ିଶାକୁ ମିଳିଛି ମାତ୍ର ୬୩୬ ରାସ୍ତା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଓଡ଼ିଶାକୁ ମିଳୁଥିବା ରାସ୍ତା ସଂଖ୍ୟାରେ କେନ୍ଦ୍ର ସରକାର ହ୍ରାସ ଘଟାଇ ଚାଲିଛନ୍ତି। ଏହି ଯୋଜନାରେ ଓଡ଼ିଶାକୁ ୫୮ ହଜାର ୫୬୬ କି.ମି ବିଶିଷ୍ଟ ୧୫ ହଜାର ୮୨୬ ରାସ୍ତା ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ହ୍ରାସ କରାଗଲା। ଏବେ ଏହା ୩ ହଜାର ୬୪୮ କି.ମି ବିଶିଷ୍ଟ ୬୩୬ କି.ମି ରାସ୍ତାକୁ ଖସି ଆସିଛି। ଯାହା ୪ ଭାଗରୁ ଭାଗେ ବି ନୁହେଁ। ମଙ୍ଗଳବାର ବିଧାନସଭାରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଉଦ୍‌ବେଗ ପ୍ରକାଶ କରିବା ପରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ ଯେ ନୂଆ ପଦ୍ଧତିରେ କାମ କରିବା ସମୟ ଆସିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ବିଜୁ ସେତୁ ଯୋଜନା ପରି ଯୋଜନା ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବ୍ୟବସ୍ଥା କରୁଛନ୍ତି। ଏଥିରେ ଗୋଷ୍ଠୀ ଅଂଶଗ୍ରହଣକୁ ମଧ ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ସବୁ ଗାଁକୁ ଭଲ ରାସ୍ତା ଯୋଗାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ଶୂନ୍ୟ କାଳରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ପ୍ରଶ୍ନ ଉଠାଇଥିଲେ ବିଜେଡି ବିଧାୟକ ଅରୁଣ ସାହୁ। ସେ କହିଥିଲେ କଟକରୁ ସମ୍ବଲପୁର ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁଁ ଦୁଇ ବର୍ଷରେ ୪୦୦ ଦୁର୍ଘଟଣା ଘଟିଛି। ଏଥିରେ ୨୦୦ ଜଣଙ୍କର ମୃତ୍ୟୁ ହୋଇଛି। କେନ୍ଦ୍ର ସରକାର ତୁରନ୍ତ କାମ ସାରିବାକୁ ସେ ଦାବି କରିଥିଲେ। ଅନ୍ୟପକ୍ଷରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଥିଲେ ଯେ ୨୦୨୩-୨୪ ଏପ୍ରିଲ ଶେଷ ସୁଦ୍ଧା ସବୁ ଗ୍ରାମୀଣ ରାସ୍ତାର ମରାମତି ଶେଷ ହେବ। ଏଥିପାଇଁ ୧୧୫୮ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ଅର୍ଥ ବିଭାଗ ଅନୁମୋଦନ ପରେ ଏହି କାମ ଆରମ୍ଭ ହେବ। ଟିଟିଲାଗଡ଼ର ତୁରେଇକେଲା, ଗଙ୍ଗମୁଣ୍ଡା, ମୁରିବାହାଲ ବ୍ଲକ୍‌ର ଖରାପ ରାସ୍ତା ଗୁଡ଼ିକ ସମ୍ବଳ ଅନୁସାରେ ଅନ୍ତର୍ଭୁକ୍ତ କରାଯାଇ ମରାମତି ପାଇଁ ଅଗ୍ରାଧିକାର ଦିଆଯିବ। ଏଥିପାଇଁ ଖରାପ ରାସ୍ତାଗୁଡ଼ିକ ଚିହ୍ନଟ କରାଯାଉଛି। ସେହିପରି ରାସ୍ତାର ଗୁଣବତ୍ତା ଓ ଅଞ୍ଚଳର ଜନ ସଂଖ୍ୟକ ନେଇ ବାର୍ଷିକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହେଉଥିବା ସେ କହିଥିଲେ।


**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-202 / Date : **CAD-5321**

**e-TENDER CALL NOTICE NO. HHEP-18/2023**

Unit Head, HHEP, Burla invites percentage rate e-tender in single cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No | Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Availability of bids online | Last date and time of receipt of bid online | Date & time of opening of tender | Class of contractor |
|---|---|---|---|---|---|---|---|---|
| 1 | AMC of non-residential buildings of HHEP, Burla | 852391/- | Rs. 4720/- (Rs. 4000 /- + GST 18%) | 8524/- | 31.03.2023 (11:00AM) to 13.04.2023 (11:30AM) | 13.04.2023 upto (11:30AM) | 13.04.2023 at 12:00 Noon | 'D' & 'C' |

- The bidders shall have to participate in online only in the portal https://tendersodisha.gov.in
- Further details can be seen from the e-procurement portal https://tendersodisha.gov.in www.ohpcltd.com

**OIPR 04007/11/0043/2223**

Sd/-
Unit Head, HHEP, Burla



**OFFICE OF THE MUNICIPAL COUNCIL : RAYAGADA**

No 1263 Date 27.03.2023

**Quotation Call Notice** **C-2770**

Executive Officer, on behalf of Rayagada Municipality, Rayagada, Dist-Rayagada invites sealed quotation in plane paper from Registered/Experienced/Company/Firm having valid PAN,Udyam Certificate and GST Registration Certificates for the firm.

**1. Annual Maintenance Contract (AMC) for Triffic Management System at Different location i.e ITDA Chawak, Koraput Chawak, Kapilash Chawak, Railway Station Chawak and FCI Godown Chawak.**

**2. The firm must have adequate knowledge and 2 years experience in Traffic management system.**

**3. The quotationer should furnish the photo copy similar type of work.**

**4. The Firm must have 2 years profit/Loss Statement**

The quotation paper along with all documents shall be received in the office of the Executive Officer, Rayagada Municipality through Regd. post/Speed post on or before date. 12.04.2023 up to 11.30 P.M and the same will be opened on dtd. 12.04.2023 at 5.00 P.M. in the presence of the quotationer or their authorized representative. The quotation received beyond the schedule date and time will not be considered at all.

The undersigned reserves the rights to accept/cancel/reject any or all the quotations without assigning any reason thereof.

**OIPR 13150/11/0065/2223**

Sd/- Executive Officer
Rayagada Municipality



**OFFICE OF THE PANCHAYAT SAMITI,NUAGAON**
**Dist-Sundargarh** **i-552**

Letter No- 532 Date- 27.03.2023

Tender Call Notice No 6 /2022-23

Sealed Tenders are invited from the interested bidder for the civil work under BDO, Nuagaonof Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be Cor B class contractor. They have to submit the bid document to the undersigned in the address of office of the the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha)through Registered Post / Speed Post only on or before 21/04/2023,upto01:00 PM. The sale of tender paper will be from dated 28/03/2023 todated19/04/2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 24.04.2023 at 10.00 AM in the office of theundersigned in the presence of the bidders or his/her authorized representatives.

Sd/-Block Development Officer,
Nuagaon

**OIPR 19231/11/0003/2223**



**ODISHA CONSTRUCTION CORPORATION LIMITED** **CAD-5302**
(A Govt. of Odisha Undertaking)
UNIT-VIII, BHUBANESWAR
e-mail:theoccltd@odishaconstruction.com
GSTIN- 21AAACO2571K2ZM
**e-Procurement Notice No. 66/OCCL/2022-23 (on-line)**

Type of Work :- Supply of cement (PSC/OPC) to Project sites of OCCL in different districts of Odisha.
No of Bids : - 02 Nos.
Period of Supply : - 15.04.2023 to 31.10.2023

| Bid Identification No. | Type of Cement | Cost of Bid Document (Non-refundable, incld. GST) (through on-line transfer) (in Rs.) | Availability of Bid documents (On-line) | Submission of Tender (On-line) |
|---|---|---|---|---|
| OCC-Monitoring/03/ 2022-23 | PSC | 2,360/- | 31.03.2023, 03.30 P.M to 10.04.2023, 1.30 P.M | 31.03.2023, 03.30 P.M to 10.04.2023, 1.30 P.M |
| OCC-Monitoring/04/ 2022-23 | OPC | 2,360/- | 31.03.2023, 03.30 P. M to 10.04.2023, 1.30 P.M | 31.03.2023, 03.30 P. M to 10.04.2023, 1.30 P.M |

Procurement Officer- Managing Director, OCC Ltd, Bhubaneswar
Date of opening of the Technical Bid: **10.04.2023, 03.30 PM.**
Further detail can be seen from the Govt. website ( www .tendersodisha.gov.in)

**OIPR 34120/11/0059/2223**

Managing Director



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଟାଙ୍ଗୀ ପୋଲିସ ଦ୍ୱାରା ଧରାପଡିଲେ ୨ ଜଣ ବ୍ରାଉନ୍ ସୁଗାର ବ୍ୟବସାୟୀ। ନଗଦ ୬୧ ହଜାର ଟଙ୍କା ସହିତ ପ୍ରାୟ ୨ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ କରିଛି ଟାଙ୍ଗୀ ପୋଲିସ। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୋଟିଲା ଛକ ଜାତୀୟ ରାଜପଥ ରେ ଏହି ଧରପଗଡ ହୋଇଛି। ଲୁଚାଛପା ଭାବେ ଅତି ଚତୁରତାର ସହିତ ଦୀର୍ଘଦିନ ହେଲା ଗିରଫ ଅଭିଯୁକ୍ତ ଦୁହେଁ ଏହି ବ୍ରାଉନ୍-ସୁଗାର ବ୍ୟବସାୟ କରି ଆସୁଥିଲେ। ହେଲେ ଧରା ପଡୁନଥିଲେ। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ଦୀକ୍ଷିତୀପଡା ଗ୍ରାମ ମୁସଲିମ ବସ୍ତିର ଝଳ ଇଶ୍ତକ୍ତବଳ ଏବଂ ସୋରଣ-ମାନସିଂହପୁର ଗ୍ରାମର କୁନା ବେହେରା ଏକ ପଲସର୍ ବାଇକ୍ ଯୋଗେ ବ୍ରାଉନ୍-ସୁଗାର ଧରି ବ୍ୟବସାୟ କରିବା ପାଇଁ ଯାଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଗଠିତ ଟାଙ୍ଗୀ ପୋଲିସର କୁଇକ୍ ଆକ୍ସନ ଟିମ୍ ଅତର୍କିତ ଚଢ଼ାଉ କରି ଧରପଗଡ କରିଛନ୍ତି। ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଙ୍କ ନିର୍ଦ୍ଦେଶ ଏବଂ ବାଲୁଗାଁ ଝଉଚଡ ମାନସ ରଞ୍ଜନ ବାରିକ ଓ ଟାଙ୍ଗୀ ଥାନା ନିରୀକ୍ଷକ ଦୀଗବିଜୟ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରସନ୍ନ କୁମାର ଜେନା , ପୁଷ୍ପଲତା ଲେଙ୍କା, ଗୁପ୍ତ ପ୍ରସାଦ ମହାନ୍ତି, ବସନ୍ତ ବେହେରା, ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଅଫିସର ଙ୍କୁ ଗଠିତ କୁଇକ୍ ଆକ୍ସନ ଟିମ୍ ଅତର୍କିତ ଚଢ଼ାଉ କରି ଏହି ଧରପଗଡ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ସହିତ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରହିଛି ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି।

# ବେଆଇନ୍ ପଥର ବ୍ଲାଷ୍ଟିଂ: ଜଣେ ଶ୍ରମିକ ମୃତ

ଆସିକା, (ଭାସ୍କର ନ୍ୟୁଜ୍): ଲିଜ ଦିଆଯାଇ ନଥିବା ମାଲଗୁଡିଆ ଏବଂ ଭାଟଖାହି ମଧ୍ୟରେ ଥିବା ସର୍ବସାଧାରଣ ରାସ୍ତାର ନିକଟତମ ପାହାଡରୁ ବେଆଇନ ପଥର ଫୁଟା ହୋଇଥିବା ବେଳେ ଜୈନନିୟିକ ଶ୍ରମିକଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଛି। ଖବରରୁ ପ୍ରକାଶ ଅନୁପ ସାହୁ ନାମକ ଦୈନୟିକ ପାହାଡ ଲିଜଧାରି ଖୋର୍ଦ୍ଧା ଜିଲ୍ଲା ଆଡପଡାର ପ୍ରମୋଦ ଶାଶମଲ୍ଲ ବୟସ୪୫ଙ୍କୁ ପଥର ଫୁଟାଇବା କାମରେ ନିୟୋଜିତ କରିଥିଲେ। ଉପରକ୍ତ ପାହାଡରେ ଉକ୍ତ ଶ୍ରମିକ ସେହି ପାହାଡର ଏକ ପଥରକୁ ଫୁଟାଇବା ପାଇଁ ପଥରରେ ଗର୍ତ୍ତ କରୁଥିବା ବେଳେ ଅଚାନକ ଗୋଡ ଖସିଯିବାରୁ ପ୍ରାୟ ୨୦୦ମିଟର ତଳକୁ ଖସି ପଡିବା ପରେ ଉକ୍ତ ପଥରଟି ମଧ୍ୟ ଖସି ଶ୍ରମିକଙ୍କ ଉପରେ ପଡିଥିଲା। ଯାହା ଦ୍ୱାରା ଗୁରୁତର ଆହାତ ହୋଇଥିଲେ। ଏହି ଘଟଣା ଅପରାହ୍ନ ଚାରିଘଣ୍ଟା ତିରିଶି ମିନଟ ସମୟରେ ଘଟିଥିବା ବେଳେ ସନ୍ଧ୍ୟା ଛଅ ଘଣ୍ଟ ପର୍ଯ୍ୟନ୍ତ କାହାରିକୁ ସୂଚନା ଦିଆଯାଇନଥିଲା। ଯଦିଓ ପାହାଡ ଗୋତାଦାର ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ସନ୍ଧ୍ୟା ଛଅଟା ବେଳେ ତାକୁ ଆସିକା ଡାକ୍ତର ଖାନାକୁ ନିଆଯାଇଥିଲା ସେତେବେଳେ ଶ୍ରମିକ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିସାରିଥିଲେ। ଏସମ୍ପର୍କରେ କବିସୂର୍ଯ୍ୟନଗର ଥାନା ଅର୍ନ୍ତଗତ ବାଲିଛାୟି ଫାଣ୍ଡି ଅଧିକାରୀ ସୁଜିତ କୁମାର ରାଉତ କହିଲେଯେ ଏଥିନେଇ ଏକ ମକଦମା ରୁଜୁ ହୋଇଛି ଏବଂ ତଦନ୍ତ ଜାରିଅଛି। ପକ୍ଷାନ୍ତରେ ଏସମ୍ପର୍କରେ ପୋଲସରା ତହସିଲଦାର ଭାସ୍କର ଚନ୍ଦ୍ର ସାହୁଙ୍କୁ ପ୍ରଶ୍ନ କରିବାରୁ ସେ କହିଲେ ଯେ, ଉକ୍ତ ପାହାଡକୁ ନିଲାମ କରାଯାଇ ନାହିଁ ଏବଂ ଜଦି ଯିଏ



ବେଆଇନ ଭାବେ ପଥର ଭାଙ୍ଗୁଛି ଆମ୍ଭେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ।

ଏସମ୍ପର୍କରେ ପୋଲସରା ବନ ବିଭାଗକୁ ପଚାରିବାରୁ ଉକ୍ତ ଅଞ୍ଚଳ ଆମର ନାହିଁ ଆସିକା ଅଞ୍ଚଳର। ଆସିକା ବନ ବିଭାଗକୁ ପଚାରିବାରୁ କହିଲେ ପୋଲସରା ବନାଞ୍ଚଳର। ଏଠାରେ ପ୍ରଶ୍ନ ଉଠେ ନିଲାମି ଦିଆ ଯାଇନଥିବା ପାହାଡକୁ କେଉଁ ଭଳି ଭାବେ ଶ୍ରୀ ସାହୁ ଧାରାବାହିକ ଭାବେ ଭାଙ୍ଗୁଥିବା ବେଳେ ରାଜସ୍ୱ ବିଭାଗ କିପରି ଯାଣିପାରିଲା ନାହିଁ ଏବଂ ପୋଲସରା ବନବିଭାଗ ଉକ୍ତ ଅଞ୍ଚଳ ଆସିକା ବନଞ୍ଚଳ ବୋଲି କହୁଥିବା ବେଳେ ଆସିକା ରାଜସ୍ୱ ବିଭାଗ ତାହା ଆମର ନାହିଁ କହୁଥିବା ଘଟଣାର ରହସ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ ପୂର୍ବକ ନିର୍ଣ୍ଣୟ କରନ୍ତୁ। ଏତଦ ବ୍ୟତୀତ ଉକ୍ତ ଶ୍ରମିକ ସୋମବାର ଅପରାହ୍ନ ସାଢେ ଚାରିଟା ବେଳେ ପଥର ମାଡି ମୃତ୍ୟୁ ବରଣ କରିଥିବା ବେଳେ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ କାହିଁକି ଡାକ୍ତର ଖାନାକୁ ନିଆଗଲା ନାହିଁ ଏବଂ ମୃତ ଶ୍ରମିକର ପରିବାର ବର୍ଗ ଘଟଣା ସ୍ଥଳକୁ ଆସିଥିବା ବେଳେ ଏବଂ ଆଜି ଅର୍ଥାତ ମଙ୍ଗଳବାର ଆସିକା ଡାକ୍ତର ଖାନାରେ ବେବଛେଦ ହୋଇଥିବା ଶବକୁ ନେଇଥିବା ବେଳେ ଥାନାରେ କିପରି ଏତଲା ଦେଲେ ନାହିଁ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାପାଇଁ ଜନମତ ପ୍ରକାଶ ପାଉଛି। ପକ୍ଷାନ୍ତରେ ଉକ୍ତ ପାହାଡରେ ପଥର ଫୁଟାଇବା କାମ ଧାରାବାହିକ ଭାବେ ଚାଲୁଥିବା ଏବଂ ଏଥିନେଇ ମାଲଗୁଡିଆ ମନ୍ଦାର ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିବା ଏବଂ ବାରମ୍ବାର ଦୁର୍ଘଟଣା ହେଉଥିବା ଏବଂ ଫୁଟା ଯାଉଥିବା ପଥର ଆଖପାଖ ଘରେ ପଶୁଥିବା ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୈଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ କାହିଁକି, ପ୍ରଶାସନ ଉତ୍ତର ଦିଅନ୍ତୁ।

### ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା

## ସିଂହବାହିନୀ ବେଶରେ ଦର୍ଶନ ଦେଲେ

କାକଟପୁର, (ଭାସ୍କର ନ୍ୟୁଜ୍): ପବିତ୍ର ଚୈତ୍ରମାସର ତୃତୀୟ ମଙ୍ଗଳବାର। ପାରମ୍ପରିକ ପ୍ରଥାନୁସାରେ ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଛି ତୃତୀୟ ପାଳିଯାତ୍ରା। ପ୍ରାତଃ ୩ଟାରେ ମନ୍ଦିର ଖୋଲାଯାଇ ମା ଙ୍କ ପୂଜା ନୀତି ଅନୁଷ୍ଠିତ ହେବାପରେ ମା ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ସାହାଣ ମେଲା କରାଯାଇଥିଲା। ମାତୃଭକ୍ତ ମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ଭକ୍ତ ମାନଙ୍କୁ ବ୍ୟାରିକେଡ଼ ମଧ୍ୟରେ ମନ୍ଦିରର ପୂର୍ବ ଦ୍ୱାର ଦେଇ ପ୍ରବେଶ କରାଯାଇ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରାଯାଇଥିଲା। ମନ୍ଦିର ଭିତରେ ଓ ବାହାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଧାଡ଼ିରେ ଯାଇ ମାଙ୍କୁ ଦର୍ଶନ କରିଥିଲେ। ମା ଙ୍କ ବାସନ୍ତିକ ଦୁର୍ଗା ପୂଜା ପାଇଁ ସକାଳ ଆଠଟାରେ ମନ୍ଦିର ପହୁଡ଼ ପକାଯାଇ ମାଙ୍କ ପୂଜା ନୀତି କରାଯାଇଥିଲା। ସପ୍ତମୀ ତିଥି ହୋଇଥିବାରୁ ମାଙ୍କୁ ପ୍ରସିଦ୍ଧ ସିଂହ ବାହିନୀ ବେଶ ରେ ସଜ୍ଜିତ କରାଯାଇ ଦିନ ପ୍ରାୟ ୩ଟାରେ ମନ୍ଦିର ପହୁଡ଼ ଫିଟା ଯାଇଥିଲା। ଝଙ୍କଡରୁ ଆସିଥିବା ପାଟୁଆ ସ୍ଥାନୀୟ ପାଟୁଆ ଙ୍କ ସହିତ ଏକ ବିରାଟ ଶୋଭାଯାତ୍ରାରେ ପ୍ରାଚୀ ନଦୀର ଘଣ୍ଟତୋଳା



ତୁଠକୁ ଯାଇ ଦଣ୍ଡପୂଜା ଓ ଘଟସ୍ଥାପନ କରି ମନ୍ଦିର କୁ ଆସିଥିଲେ। ଝଙ୍କଡ ରୁ ଆସିଥିବା ପାଟୁଆ ମନ୍ଦିର ବେଢାରେ ଓ ସ୍ଥାନୀୟ ଅଞ୍ଚଳର ପାଟୁଆ ମାନେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ପାଟୁଆ ନୃତ୍ୟ ପ୍ରଦର୍ଶନ କରିଥିଲେ। ମା ଙ୍କ ସିଂହ ବାହିନୀ ବେଶ ଓ ପାଟୁଆ ଙ୍କ ନୃତ୍ୟ ଦେଖି ଭକ୍ତମାନେ ବିମୋହିତ ହୋଇ ପଡ଼ିଥିଲେ।ଆଜି ଅନୁଷ୍ଠିତ ତୃତୀୟ ପାଳି ଯାତ୍ରା ରେ ତପନ କୁମାର ଦାଶ ପାଳିଆ ସେବକ ଭାବେ ଓ ସୁବାସ ଚନ୍ଦ୍ର ପାଢ଼ୀ ପୂଜାପଣ୍ଡା ଭାବେ କାର୍ଯ୍ୟ କରିଥିଲେ। ତୃତୀୟ ପାଳିଯାତ୍ରା ପାଇଁ ମା ମଙ୍ଗଳାଙ୍କ ମନ୍ଦିର ସହିତ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଥିଲା।

### ପଶ୍ଚିମା ଝଡ଼ର ତାଣ୍ଡବ

## ଜଣେ ମୃତ, ୩ ଗୁରୁତର

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ପାଣିପାଗ ବିଭାଗ ତରଫରୁ ପଶ୍ଚିମା ଝଡ଼ର ଆଗୁଆ ସୂଚନା ଦେଇଥିଲେ ବି ସୋମବାର ଦିନ ୪ଟା ସମୟରେ ନିଆଳି କଣ୍ଟାପଡ଼ା ଅଞ୍ଚଳରେ ୧ଘଣ୍ଟା ଧରି ପ୍ରବଳ ବର୍ଷା, ଘଡ଼ଘଡ଼ି ଓ ପବନ ବହିଥିଲା। ପବନରେ ବହୁ ଦୋକାନ ଘର କଦଳୀ ଗଛଠୁ ଆରମ୍ଭ କରି ଋକୁଣ୍ଡା ଗଛ ପର୍ଯ୍ୟନ୍ତ ଭାଙ୍ଗିଥିଲା। ଋଷୀମାନଙ୍କର ଭାଡ଼ି ଫସଲ ମଧ୍ୟ ନଷ୍ଟ ହୋଇଯାଇଥିଲା। ଜଣେ ଶ୍ରମିକ ଉପରେ ଘଡ଼ଘଡ଼ି ପଡ଼ିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣଙ୍କ ଉପରେ ଗଛଡାହି ପଡ଼ିବାରୁ ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଅଛନ୍ତି। ବହୁ ସମୟ ଧରି ବିଜୁଳି ବ୍ୟବସ୍ଥା ମଧ୍ୟ ବ୍ୟାହାତ ହୋଇଥିଲା। ଏପରିକି ରାସ୍ତା ଉପରେ ଗଛ ପଡ଼ିଯିବାରୁ ଯାତାୟତ ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା।

**ଭାଙ୍ଗିଲା ଅନେକ ଘର, ଗଛପଡ଼ି ରାସ୍ତା ଅବରୋଧ**

## ମୋବାଇଲ୍ ଚୋର ଗିରଫ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ପୌରପରିଷଦ ଗୋପୀନାଥ ପାଟଣା ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘରୁ ଏକ ଦାମୀ ମୋବାଇଲ ସେହି ଗ୍ରାମର ଜଣେ ଚୋର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ମୋବାଇଲ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନମଂଜୁର ହେବାରୁ ସଂପୃକ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗୋପୀନାଥ ପାଟଣା ଗ୍ରାମର ନବୀନ ସାହୁ ଏକ ଘରେ ସେହି ଗ୍ରାମର ଜୟ ପୌଦାର ନାମକ ଯୁବକ ରାତ୍ର ସମୟରେ ଛାତ ପଟେ ଘରେ ପ୍ରବେଶ କରି କୁଲର ଉପରେ ଥୁଆ ହୋଇଥିବା ରିଅଲ ମି ମୋବାଇଲ ଚୋରି କରି ନେଇଯାଇଥିବା ଜାଣିପାରି ସଂପୃକ୍ତ ଚୋରକୁ ନବୀନ ପଚାରିବାରୁ ଚୋର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲା । ନବୀନଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପସି ଧାରା ୪୪୮/୩୮୦/୨୯୪/୫୦୬ରେ ମାମଲା ରୁଜୁ କରି ଗୋପୀନାଥ ପାଟଣା ଗ୍ରାମରେ ଚଢଉ କରି ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚୋରି ଅଭିଯୋଗରେ ଜଣେ ଗିରଫ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ଓଲଟ୍‌ପୁର ଥାନା ଅଧିନସ୍ଥ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସରକାରୀ କ୍ୱାଟରରେ ବ୍ରାହ୍ମଣସାଇଲେ ଅଞ୍ଚଳର ଅଶୋକ ଭୋଇ(୪୮) ରହି ବିଭିନ୍ନ ଋେରି କାର୍ଯ୍ୟରେ ଲିପ୍ତ ରହୁଥିଲା। ସୂଚନା ଅନୁସାରେ ଚିକିତ୍ସିତ ହେଉଥିବା ଜଣେ ରୋଗୀର ସଂପର୍କୀୟ ପଦ୍ମାଳୟା କର ନାମକ ମହିଳାଙ୍କ ଆକାଉଣ୍ଟରୁ ୯୦୦୦ଟଙ୍କା ନେଇଯାଇଥିଲା। ପଦ୍ମାଳୟା ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ୍ ୩୩/ ୨୦୨୩ରେ ମାମଲା ରୁଜୁ କରିଥିଲା। ଗତକାଲି ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସରକାରୀ କ୍ୱାଟରରୁ ଓଲଟ୍‌ପୁର ପୋଲିସ୍ ସିସିଟିଭିକୁ ଆଧାରକରି ଅଶୋକ କୁମାର ଭୋଇଙ୍କୁ ଗିରଫ କରି ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି। ଏଠାରେ ପ୍ରଶ୍ନ ଉଠୁଛି ଅଶୋକ କିଭଳି ଭାବରେ ନିଜ ପରିବାର ସହିତ ସରକାରୀ କ୍ୱାଟରରେ ରହୁଥିଲେ। କିଏ ତାଙ୍କୁ ଏଠାରେ ରଖିଥିଲା ଏବଂ କାହା ଛତ୍ରଛାୟା ତଳେ ରହି ଅଶୋକ ଏପରି କାର୍ଯ୍ୟ କରୁଥିଲା ? ଏ ନେଇ ଅଡ଼ଶପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ୍ୟ ଆଶିଷ କୁମାର ପୃଷ୍ଟିଙ୍କୁ ପଋରିବାରୁ ସେ ଏବିଷୟରେ ଅବଗତ ନଥିବା କଥା କହିଛନ୍ତି।

## ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବଧୂହତ୍ୟା ଅଭିଯୋଗରେ ପ୍ରମାଣ ଅଭାବରୁ ଅଭିଯୁକ୍ତକୁ ନିର୍ଦ୍ଦେଶରେ ଖଲାସ କଲେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ ଦେବଦତ୍ତ ପଟ୍ଟନାୟକ ବଧୂହତ୍ୟା ଅଭିଯୋଗରେ ଅଭିଯୁକ୍ତକୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଗତବର୍ଷ ଜୁଲାଇ ମାସ ୨୬ ତାରିଖ ଦିନ ବୁଗୁଡ଼ା ଥାନା ଅଧୀନ ବାଲିପଦର ଠାରେ ଯୌତୁକ ଜନିତ ହତ୍ୟା ହୋଇଥିବ ନେଇ ମୃତ ରାଧାରାଣୀ ମହାରଣାଙ୍କ ବାପା ସନ୍ୟାସୀ ମହରାଣା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଆସିକା ଅଞ୍ଚଳରେ ରହୁଥିବା ରାଧାରାଣୀଙ୍କ ସ୍ୱାମୀ ବିରୁପାକ୍ଷ ମହାରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିରୁପାକ୍ଷ ବିରୋଧରେ ମାମଲା ରୁଜୁ କରିବା ସହ ଦଫା ୪୯୮ ଏ,୩୦୪ ବି,୩୦୬,୪୦୬ ଏବଂ ୪ ରେ ମୋଟ ୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ପ୍ରମାଣ ଆଧାରରେ ବିରୁପାକ୍ଷକୁ ନିର୍ଦ୍ଦେଶରେ ଖଲାସ କରିଥିବା ମୁଦାଲା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରବିନ୍ଦ୍ର ନାଥ ଦାସ ଓ ହୃଷିକେଶ ପ୍ରଧାନ ସୂଚନା ଦେଇଛନ୍ତି।

# ପୁଣି ଭୋଟ ପାଇଁ ସଜବାଜ ତାଳଦା ପଞ୍ଚାୟତ

**ଅନୁକମ୍ପା ଭୋଟ ହାତେଇବାକୁ ଉଦ୍ୟମ କରୁଛି ଶାସକ ଦଳ**

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଘୋଷଣା ହେଲା ତାରିଖ। ଆରମ୍ଭ ହେଲା ଅଙ୍କକସା। ଶାସକ ଦଳ ସହ ଅସନ୍ତୁଷ୍ଟ ବିଜେଡି, କଂଗ୍ରେସ, ମିଳିତ ମେଣ୍ଟ ପ୍ରାଥୀ ଚୟନ ନେଇ ମାନସମନ୍ଥନ। ଗତ ଜାନୁୟାରୀ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତର ସମିତି ସଭ୍ୟ ଗିରିଧାରୀ ସେଠୀଙ୍କ ପରଲୋକ ପରେ ଖାଲି ପଡିଛି ତାଳଦା ସମିତିସଭ୍ୟ ପଦବୀ। ଏହି ପଂଚାୟତରେ ସମିତି ସଭ୍ୟ ନିର୍ବାଚନର ଉପନିର୍ବାଚନ ପାଇଁ ଛକାପଞ୍ଝା ଭିତରେ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ତାରିଖ ଘୋଷଣା କରାଯାଇଛି। ମେ ୨ରେ ସମିତି ସଭ୍ୟ ପାଇଁ ଭୋଟ ଗ୍ରହଣ କରାଯିବ। ମେ ୪ରେ ହେବ ଭୋଟ ଗଣତି। ଏପ୍ରିଲ ୪ରେ ଫର୍ମ ଇସୁ, ଏପ୍ରିଲ୬ ରେ ନୋମିନେସନ, ଏପ୍ରିଲ ୧୦ରେ ପ୍ରାଥୀପତ୍ର ଯାଞ୍ଚ ଓ ନାମାଙ୍କନ ତାଲିକା ପ୍ରକାଶ, ଏପ୍ରିଲ୧୨ରେ ପ୍ରତ୍ୟାହାର ସମେତ ଚୂଡାନ୍ତ ପ୍ରାଥୀ ତାଲିକା। ତାଳଦା ସମିତି ସଭ୍ୟ ପାଇଁ ବିଭିନ୍ନ ଦଳ ପ୍ରାଥୀ ନାମ ଘୋଷଣା କରିନାହାନ୍ତି। ଗତ ନିର୍ବାଚନରେ ତାଳଦା ପଂଚାୟତରେ ୩୨୦୮ଖଣ୍ଡ ଭୋଟ ହୋଇଥିବା ଶାସକ ଦଳ ସମର୍ଥିତ ଗିରିଧାରୀ ସେଠୀ ୧୭୧୭ଖଣ୍ଡ ଭୋଟ ପାଇଥିବା ବେଳେ ମିଳିତ ମେଣ୍ଟ ସମର୍ଥିତ ପ୍ରାଥୀ ଶିବ ଚରଣ ଭୋଇ ୧୪୫୬ଖଣ୍ଡ ଭୋଟ ପାଇଥିଲେ। ୩୫ଖଣ୍ଡ ଭୋଟ ନାକଚ ହୋଇଥିଲା। ଶାସକ ବିଜେଡି ନିଜ ବିଜୟ ଅଭିଯାନକୁ ଜାରି ରଖିବାକୁ ଚେଷ୍ଟା କରୁଥିବା ବେଳେ ତାଳଦା ସମିତି ସଭ୍ୟ ଅକ୍ତିଆର କରିବାକୁ ଅସନ୍ତୁଷ୍ଟ ବିଜେଡି, କଂଗ୍ରେସର ମିଳିତ ମେଣ୍ଟ ପ୍ରୟାସ ଜାରି ରଖିଛି। କିଏ କେଉଁ ଦଳରୁ ସମର୍ଥିତ ପ୍ରାଥୀ ହେଉଛି ଆଗାମୀ ଦିନରେ ଜଣାପଡିବ।

### ରାମନବମୀ ପଦଯାତ୍ରାକୁ ଶୃଙ୍ଖଳିତ କରିବାକୁ ଉଦ୍ୟମ

## ସମ୍ବେଦନଶୀଳ ଅଞ୍ଚଳ ପରିଦର୍ଶନ କଲେ ଏସ୍‌ପି, ଆଇଜି

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ରାମନବମୀ ଅବସରରେ ଆସନ୍ତା ୩୦ ତାରିଖରେ ବାଲେଶ୍ୱର ସହର ସମେତ ରେମୁଣା, ସୋର ପ୍ରଭୃତି ଅଞ୍ଚଳରେ ହେବାକୁ ଯାଉଥିବା ବିଶାଳ ପଦଯାତ୍ରାକୁ ଶାନ୍ତିପୂର୍ଣ୍ଣ ତଥା ଶୃଙ୍ଖଳିତ କରିବା ଉପରେ ସବୁ ମହଲରୁ ଉଦ୍ୟମ ଜାରି ରହିଛି। ଏନେଇ ପୁଲିସ ପ୍ରଶାନସ ପକ୍ଷରୁ ତିନି ସହରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାଞ୍ଚଳ ଜୋନ ପୁଲିସ ଆଇଜି ହିମାଂଶୁ ଲାଲ ଏବଂ ବାଲେଶ୍ୱର ଏସପି ସାଗରିକା ନାଥ ମିଳିତ ଭାବେ ବାଲେଶ୍ୱର ସହରର ପରମିଟ ପଡ଼ିଆ, ଗୋଲା ପୋଖରୀ ନିକଟବର୍ତ୍ତୀ ଦରଘା ମୈଦାନ, ଟାଉନ ଥାନା ଛକ, ସୁଏଲପୁର ଏଡିଏମ ଛକ, ଟାଉନହଲ ଛକ, ଫାଣ୍ଡିଛକ, ଷ୍ଟେସନ ଛକ, ଆଇଟିଆଇ ଛକ, ବସ ଷ୍ଟାଣ୍ଡ ଛକ ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। କେଉଁ କେଉଁ ସ୍ଥାନରେ କେତେ ପରିମାଣର ପୁଲିସ ଫୋର୍ସ ଓ କେତେଗୋଟି ମୋବାଇଲ ପାର୍ଟି ମୁତୟନ ହେବେ। ର୍ୟାପିଡ଼ ଆକ୍ସନ ଫୋର୍ସ କେଉଁ କେଉଁ ସମ୍ବେଦନଶୀଳ ଅଞ୍ଚଳରେ ପ୍ରହରା ଦେବେ। ସେ ସମ୍ପର୍କରେ ଦୁଇ ଅଧିକାରୀ ଅନ୍ୟାନ୍ୟ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଡିଏସପି ଓ ଆଇଆଇସିଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଏସପି ଓ ଆଇଜି ପରାମର୍ଶ ଦେଇଛନ୍ତି। ବାଲେଶ୍ୱର ସହରର ବିଭିନ୍ନ ସେକ୍ଟରରେ ର୍ୟାପିଡ଼ ଆକ୍ସନ ଫୋର୍ସ ଓ ପୁଲିସର ମୋଟ ୧୫ ପ୍ଲାଟୁନ ଏବଂ ସୋର ଓ ରେମୁଣା ଥାନା ଅଂଚଳର ବିଭିନ୍ନ ସ୍ଥାନରେ ମୋଟ ୯ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି।ଏଥି ସହିତ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପଦଯାତ୍ରା ଆୟୋଜନ ସମ୍ପର୍କରେ ଶ୍ରୀରାମ ଚେତନା ଜାଗରଣ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିବା ସେ ପ୍ରକାଶ କରିଛନ୍ତି।

## ବେଆଇନ୍ ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୩୦ ଗୋରୁ ଉଦ୍ଧାର

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ନିକଟରୁ ୩ଟି ପିକଭ୍ୟାନରୁ ପ୍ରାୟ ୩୦ରୁ ଅଧିକ ଗୋରୁ ଉଦ୍ଧାର ହୋଇଛନ୍ତି। କିଛି ଦିନହେବ ଅନୁଗୋଳ ଅଂଚଳରୁ ନିୟମିତ ଗୋରୁ ଚାଲାଣ ହେଉଥିବା ବେଳେ ପୋଲିସ୍ ପକ୍ଷରୁ ଚଢ଼ାଉ କରି ଅନେକ ଗୋ ଚାଲାଣ କାଢ଼ି ଧରୁଥିଲେ ମଧ୍ୟ ଗୋରୁ ମାଫିଆ ଗୋଚାଲାଣ ବ୍ୟବସାୟରୁ ଓହରୁ ନାହାନ୍ତି। ଗତକାଲି ବିଳମ୍ବିତ ରାତ୍ରୀରେ ବିଭିନ୍ନ ଅଂଚଳରୁ ଜାତୀୟ ରାଜପଥଦେଇ ବହ୍ଲଣ ଛକ ଦେଇ ଯାଉଥିବା ୩ଟି ବେଆଇନ୍ ଗୋରୁ ବୋଝେଇ ପିକପଭ୍ୟାନ ସନ୍ଥପଡ଼ା ନିକଟରୁ ସ୍ଥାନୀୟ କିଛି ଯୁବକମାନେ ଏହା ଜାଣିପାରି ସରପଂଚ ସହଦେବ ସାହୁଙ୍କୁ ଜଣାଇଥିଲେ। ତଦଅନୁସାରେ ସରପଂଚ ଶ୍ରୀ ସାହୁ ତାଳଚେର ଥାନାକୁ ଅବଗତ କରାଇବା ପରେ ଘଟଣା ସ୍ଥଳରେ ପୋଲସ ପଂହଚିବା ସହିତ ବଜ୍ରରଙ୍ଗି କର୍ମୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ପିକପଭ୍ୟାନକୁ ଧରିବାରେ ସଫଳ ହୋଇଥିଲେ । ମାତ୍ର ଚତୁରତା ସହ ସମ୍ପୃକ୍ତ ଚାଳକ ପୋଲସକୁ ଚକମାଦେଖାଇ ସେଠାରୁ ଚତୁରତା ସହ ଫେରାର୍ ହୋଇଯାଇଥିଲେ। ଏଥିରେ ଥିବା ପ୍ରାୟ ୩୦ଟି ଗୋରୁଗାଈଙ୍କୁ ଉଦ୍ଧାର କରିଥିଲେ। ଏହି ଶହଶହ ବେଆଇନ ଗୋ ଚାଲାଣକୁ ହିନ୍ଦୁ ସମ୍ପ୍ରଦାୟର ଲୋକ ଦୃଢ଼ ନିନ୍ଦା କରିବା ସହ ଗୋ' ଚାଲାଣକୁ ରୋକିବା ପାଇଁ ପୋଲିସ ଓ ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ଦାବି ହେଉଛି।

# ଥାନାରୁ ମିଳିଲାନି ନ୍ୟାୟ, ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଯବାନ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବିଂଝାରପୁର ଥାନା ରୁ ନ୍ୟାୟ ନପାଇ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ପହଁଚିଲେ ଯବାନଙ୍କ ସୟଦପୁର ପଞ୍ଚାୟତ ଅନ୍ତର୍ଗତ ଆଖୁନ୍ଦମହଲା ଗ୍ରାମର ଜଣେ ଯବାନଙ୍କ ପରିବାର ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ଆଜକୁ ୧୬ ଦିନ ବିତିଯାଇଥିଲେ ମଧ୍ୟ ହାତବାନ୍ଧି ବସିଛି ପୁଲିସ ବିଂଝାରପୁର ପୁଲିସ। ଏନେଇ ପୀଡ଼ିତ ପରିବାର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ରେ ଅଭିଯୋଗ କରି ନିରାଶ ହେବା ପରେ ଶେଷରେ ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ମୁତାବକ ଗତ ୧୨ ତାରିଖ ଦିନ ଆଖୁନ୍ଦମହଲା ଗ୍ରାମର ସେକ ସରିଫ ବାଲି ପକାଇବାକୁ ନେଇ ସେହି ଗ୍ରାମର ସେକ ସମଦ ଙ୍କୁ ପ୍ରବଳ ମାଡ଼ ମାରି ସମଦଙ୍କ ଗୋଡହାତ ଭାଙ୍ଗି ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସମଦ ଗୁରୁତର ଭାବେ ଆହତ ହୋଇ ମେଡିକାଲ ରେ ଚିକିତ୍ସିତ ହେଉଥିବା ବେଳେ ସମଦ ଙ୍କ ପତ୍ନୀ ବିଂଝାରପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ବିଂଝାରପୁର ପୁଲିସ ଅଭିଯୁକ୍ତ ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ପରେ ଭାରତୀୟ ସେନା ରେ ଯବାନ ଭାବେ କାର୍ଯ୍ୟ କରୁଥିବା ସମଦ ଙ୍କ ଭାଇ ସେକ ଉମର ଙ୍କ ସହ ପରିବାର ଲୋକେ ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ମଧ୍ୟ ଘଟଣାର ତଦନ୍ତ କରି ଯଥାଶୀଘ୍ର ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଙ୍କ ପାଖରେ ପହଞ୍ଚି ପାରୁନି ପୁଲିସ। ପୁଲିସ ପକ୍ଷରୁ ଅଭିଯୁକ୍ତ ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଆଜି ପୁନଶ୍ଚ ସେକ ସୟଦ ଙ୍କ ପରିବାର ଲୋକେ ଏବଂ ସମ୍ପର୍କୀୟ ମାନେ ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି। ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରୀ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଗ୍ରୱାଲ ଆସନ୍ତା ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



## ଟ୍ରାକ୍ଟର ଧକ୍କାରେ ଜଣେ ଗୁରୁତର

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଟ୍ରାକ୍ଟର ଧକାରେ ବଳଭଦ୍ରପୁର ଗ୍ରାମର ମନୋଜ ମହାରଣା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି। ମଧୁବନ ଛକରୁ ମନୋଜ ସାମଗ୍ରୀ କିଣି ସ୍କୁଟିରେ ଘରକୁ ଫେରୁଥିଲେ। ବଳଭଦ୍ରପୁର ରୁ ଗାରେଡିପାଞ୍ଚଣ ଛକ ଅଭିମୁଖେ ଆସୁଥିବା ଗୋଡି ବୋଝେଇ ଟ୍ରାକ୍ଟର ତାଙ୍କୁ ସାମ୍ନା ପଟୁ ଧକା ଦେଇଥିଲେ। ଦୁର୍ଘଟଣାରେ ମନୋଜ ରାସ୍ତାରେ ଛିଟିକି ପଡିଥିଲେ ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଦୁର୍ଘଟଣା ଘଟାଇ ଥିବା ନମ୍ବର ବିହୀନ ଟ୍ରାକ୍ଟରକୁ ପୁଲିସ ଜବତ କରିଥିବା ଜଣାପଡିଛି।

## ବ୍ୟାଙ୍କିଂ ଓ ଋଣ କର୍ମଶାଳା

କୁଜଙ୍ଗ, (ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ସନ୍ତରା ସେବା ସମବାୟ ସମିତି ଲିଃ ପକ୍ଷରୁ ବ୍ୟାକିଂ ସୁବିଧା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଙ୍ଗରାଜପୁର ସମିତିର ସଭାପତି ପଙ୍କଜ କୁମାର ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୁଜିତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଚାଷୀମାନେ କିପରି ବ୍ୟାକିଂ ସେବା ପାଇପାରିବେ ସେନେଇ ଆଲୋକପାତ କରିଥିଲେ। ମଙ୍ଗରାଜପୁର ସମିତିର ସମ୍ପାଦକ କୁଳମଣି ମହାପାତ୍ର, ସହ ସମ୍ପାଦକ ପ୍ରତିମା ମଲ୍ଲ, ଡିଓ ଲିପା ସାହୁ ପ୍ରମୁଖ ଉପସ୍ଥିତ ରହିବା ସହ ବ୍ୟାଙ୍କିଂ ଓ ଋଣ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ଷ୍ଟେଟ୍ ବ୍ୟାଙ୍କ୍ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ତ୍ରି-ବାର୍ଷିକ ଅଧିବେଶନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଷ୍ଟେଟ ବ୍ୟାଙ୍କ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ତ୍ରି-ବାର୍ଷିକ ଅଧିବେଶନ ତା ୨୬ ମାର୍ଚ୍ଚ ୨୦୨୩ ଦିନ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ପରିଷଦର ସଭାପତି ସୌରଭ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଶର୍ମା ଏହି ଅବସରରେ ସଂଗଠନର ଅନ୍ତର୍ନିହିତ ଶକ୍ତି ବିଷୟରେ ଆଲୋକପାତ କରିଥିଲେ। ସେ ବ୍ୟାଙ୍କ ଦ୍ୱାରା ସମସ୍ତ କର୍ମଚାରୀଙ୍କ ସର୍ବାଙ୍ଗୀନ କଲ୍ୟାଣମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ତଥା ଉନ୍ନତ ଗ୍ରାହକ ସଂଯୋଗ ଦ୍ୱାରା ଓଡିଶାରେ ଷ୍ଟେଟ ବ୍ୟାଙ୍କକୁ ସଫଳତାର ନୂଆ ଶୀର୍ଷକୁ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ନେଟୱର୍କ ୧ ମହାପ୍ରବନ୍ଧକ ଶ୍ରୀ ପୋନ୍ନମବଲମ ମୁରୁଗନ, ଭୁବନେଶ୍ୱର ଜୋନର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟାତିତ ଭାରତର ୮ ଟି ରାଜ୍ୟରୁ ସାଧାରଣ ସମ୍ପାଦକ ଓ ସଭାପତିମାନେ ଯୋଗ ଦେଇଥିଲେ। ସଂଘର ମୁଖ୍ୟ ପରମର୍ଶଦାତା ତଥା ଅନୁସୂଚିତ ଜାତି ଓ ଜନଜାତି ପରିଷଦର ପୂର୍ବତନ ସାଧାରଣ ସମ୍ପାଦକ ବଂଶୀଧର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ ଉତ୍ତମ ବ୍ୟକ୍ତିଗତ ପ୍ରଦର୍ଶନ ପାଇଁ ପ୍ରତିବଦ୍ଧତା ଜଣାଇଥିଲେ।




# ଜୀବିକା ଛାଡ଼ିବାକୁ ବସିଲେଣି ଖଦୀ କାରିଗର

ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ପିଟୁକୁଳି, ଚମ୍ପାଇଲୋ, ସାନପଦର, ସଂପୁର, ପଞ୍ଚୁକୋଟ, ଧଳାପଥର, ବନ୍ଧିପାଟଣା ଓ ବୋଲଗଡ ଗ୍ରାମ ସମେତ ୨୭ ଗୋଟି ଗ୍ରାମରେ ଖଦୀ କାରିଗରୀମାନେ ସୂତା କାଟି ଜୀବିକା ନିର୍ବାହ କରୁଅଛନ୍ତି। ବୋଲଗଡ ବ୍ଲକରେ କ୍ଷୁଦ୍ର ହସ୍ତଶିଳ୍ପରେ ଏଠାର ଲୋକେମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇ ପରିବାର ପୋଷଣ କରୁଥିଲେ। ଖଦୀ କାର୍ଯ୍ୟକୁ ବିକାଶ କରିବା ପାଇଁ ସର୍ବପ୍ରଥମେ ୧୯୨୧ ମସିହା ବୋଲଗଡ ଠାରେ ଅଖିଳ ଭାରତ ଚରକ ସଙ୍ଘର ଏକ ଶାଖା ଗଠନ କରାଯାଇଥିଲା। ଏହି କ୍ରମରେ ସ୍ୱାଧୀନତା ପୂର୍ବରୁ ମହାତ୍ମା




ଗାନ୍ଧୀଙ୍କ ଆଗମନରେ କୁଟି ଖାଅ ଓ କାଟି ପିନ୍ଧ ନାର ଦେଇ ୩ ଦିନ ବୋଲଗଡରେ ଅବସ୍ଥାନ କରିଥିଲେ।ଫଳରେ ସେବେ ଠାରୁ ଖଦୀ କାରିଗରମାନେ ହାତ ତିଆରି ଖଦୀ କପଡାକୁ ଅନ୍ତଜିଲ୍ଲା ତଥା ରାଜ୍ୟ ବାହାରକୁ ରପ୍ତାନି କରୁଥିଲେ। ସେତେବେଳ ଖଦୀ କାରିଗରମାନଙ୍କ ବିକାଶ ପାଇଁ ଚମ୍ପାଇଲୋ, ରାଜସୁନାଖଳା ଓ ବୋଲଗଡରେ ଖଦୀ କେନ୍ଦ୍ର ସ୍ଥାପନ କରାଯାଇଥିଲା। ସମୟକ୍ରମେ ସରକାରୀ ଆନ୍ତରିକତା ଅଭାବରୁ ବୋଲଗଡ ବ୍ଲକ ଅଞ୍ଚଳରେ ଲୋପ ପାଇବାକୁ ବସିଲାଣି ଖଦୀ ସାମଗ୍ରୀ ଉତ୍ପାଦନ। ଖଦୀ କାରିଗର ମାନକ କମ୍ ପାରିଶ୍ରମିକ ଯୋଗୁଁ ଜୀବିକା ଛାଡ଼ିବାକୁ ବସିଲେଣି ଖଦୀ କାରିଗର। ବୋଲଗଡର ବାମନ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଖଦୀ କେନ୍ଦ୍ର ଆଜି ଏହାର ମୂକ ସାକ୍ଷୀ ପାଲଟିଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଶ୍ରମିକ ମାନଙ୍କୁ ସ୍ୱତନ୍ତ୍ର ସରକାରୀ ସହାୟତା ଯୋଗାଉଥିବା ବେଳେ ଖଦୀ କାରୀଗରମାନେ ଏଥିରୁ ନିରାଶ ହେବାକୁ ପଡ଼ିଛି ବୋଲି କାରିଗର ମାନେ ପ୍ରକାଶ କରିଅଛନ୍ତି। ତେଣୁ ରାଜ୍ୟ ସରକାର, ଖୋର୍ଦ୍ଧା ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଖଦୀ କାରୀଗରମାନେ ଅନୁରୋଧ କରିଛନ୍ତି।

# ଜାତୀୟ ଓ ଅନ୍ତର୍ଜାତୀୟ



ମୁମ୍ବାଇ: ଗୋଟିଏ ମାନହାନୀ କେସ୍‌ରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ତାଙ୍କ ପୁଅ ଆଦିତ୍ୟ ଠାକରେ ଓ ରାଜ୍ୟସଭା ସାଂସଦ ସଞ୍ଜୟ ରାଉତଙ୍କୁ ଦିଲ୍ଲୀର ଗୋଟିଏ କୋର୍ଟ ସମନ କରିଛନ୍ତି। ଚିର ପ୍ରତିଦ୍ୱନ୍ଦ୍ୱୀ ଏକନାଥ ସିନ୍ଦେଙ୍କ ଶିବସେନା ଗୋଷ୍ଠୀର ସାଂସଦ ରମେଶ ଶେୱାଲେ କରିଥିବା ଅଭିଯୋଗ ଉପରେ ସମସ୍ତଙ୍କୁ ଏପ୍ରିଲ ୧୭ରେ ହାଜର ହେବାକୁ କୁହାଯାଇଛି। ଠାକରେ କ୍ୟାମ୍ପର ସଞ୍ଜୟ ରାଉତ ଓ ଅନ୍ୟନେତାମାନେ ଦାବି କରିଥିଲେ ଯେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ସିନ୍ଦେ ଓ ତାଙ୍କୁ ସମର୍ଥନ କରୁଥିବା ନେତାମାନେ ୨ ହଜାର କୋଟି ଟଙ୍କା ଦେଇ ଶିବସେନାର ଦଳୀୟ ଚିହ୍ନ ଧନୁ ଓ ତୀର କିଣିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ରମେଶ ଶେୱାଲେ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଠାକ୍‌ରେ କ୍ୟାମ୍ପର କୌଣସି ନେତା ଯେମିତି ଭବିଷ୍ୟତରେ ଏମିତି ବୟାନ ନ ଦେବେ, ତା' ଉପରେ ରୋକ ଲଗାଇବାକୁ ନିବେଦନ କରିଥିଲେ।

## 'ମଜବୁତ ଲଢେଇ ପାଇଁ ପ୍ରସ୍ତୁତ ରୁହ'



ନୂଆଦିଲ୍ଲୀ: ଆଗାମୀ ଦିନରେ ମଜବୁତ ଲଢେଇ ହେବାକୁ ଯାଉଛି ଓ ଏଥିପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ବିଜେପି ସଂସଦୀୟ ଦଳ ବୈଠକରେ ଦଳୀୟ ସାଂସଦଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ କହିଥିଲେ କି ପାର୍ଟି ଯେତେ ସଫଳତାର ପାହାଚ ଚଢିବ ବିରୋଧୀମାନେ ସେତେ ଆକ୍ରମଣର ଗତି ତୀବ୍ର କରିବେ। ସଂସଦ ପରିସରରେ ଆୟୋଜିତ ଏହି ବୈଠକରେ ପ୍ରଥମେ ୩ଟି ରାଜ୍ୟରେ ବିଜେପିର ବିଜୟ ପାଇଁ ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଦଳର ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ ସରକାରଙ୍କ ଦ୍ୱାରା କରାଯାଉଥିବା ଜନହିତକର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଂଚାଇବାକୁ ସାଂସଦମାନେ ଲୋକଙ୍କ ପାଖକୁ ଯିବା ଆବଶ୍ୟକ ବୋଲି କହିଛନ୍ତି। ଏହାସହ ମେ'୧୫ ତାରିଖରୁ ଜୁନ୍ ୧୫ ତାରିଖ ମଧ୍ୟରେ ସମସ୍ତ ସାଂସଦ ନିଜ ନିଜ ସଂସଦୀୟ କ୍ଷେତ୍ରକୁ ଯାଇ ଲୋକଙ୍କ ସହ ମିଶିବାକୁ ପରାମର୍ଶ ଦେଇଛନ୍ତି। ସୂଚନା ଥାଉକି ଲୋକସଭା ନିର୍ବାଚନକୁ ଆଉ ଗୋଟିଏ ବର୍ଷ ବାକି ରହିଛି। ଏହି କ୍ରମରେ ଏବେ ବିରୋଧୀଦଳମାନେ ସରକାରଙ୍କ ଉପରେ ଚାପ ପକାଇବାକୁ ବସିଥିବା ବେଳେ ବିଜେପି ଜନତାଙ୍କ ନିକଟରେ ସରକାରଙ୍କ ଦ୍ୱାରା କରାଯାଉଥିବା କାମକୁ ନେଇ ପହଂଚାଇବାକୁ ପ୍ରୟାସ ଆରମ୍ଭ କରିଛି।

## ରାଜ୍ୟର ସବୁ ଜିଲ୍ଲାରେ ବିତରଣ ହେବ ଫୋର୍ଟିଫାଏଡ୍ ଚାଉଳ

ରାୟପୁର: ଛତିଶଗଡ଼ରେ ମହିଳା ଓ ଶିଶୁଙ୍କ କୁପୋଷଣ ଓ ଏନିମିଆ ସ୍ଥିତି ଦୂର କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରଦେଶର ସମସ୍ତ ଜିଲ୍ଲାରେ ଥିବା ସରକାରୀ ଦୋକାନଗୁଡ଼ିକୁ ଫୋର୍ଟିଫାଏଡ୍ ଚାଉଳ ବିତରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ରାଜ୍ୟର ସମସ୍ତ ଜିଲ୍ଲାରେ ଆସନ୍ତା ମାସ ଏପ୍ରିଲ୍ ୧ରୁ ଫୋର୍ଟିଫାଏଡ୍ ଚାଉଳ ବିତରଣ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ସାର୍ବଭୌମ ପିଡିଏସ୍ ଅନୁଯାୟୀ ଖାଦ୍ୟ ସୁରକ୍ଷା ସହ ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ତଥା ଏମିନିଆ ଏବଂ ଅନ୍ୟ ପୋଷକ ତତ୍ତ୍ୱକୁ ହ୍ରାସ କରିବା ଲକ୍ଷ୍ୟ ନେଇ ୨୦୨୦ରୁ କୋଣ୍ଡାଗାଓଁ ଜିଲ୍ଲାରେ ଫୋର୍ଟିଫାଏଡ୍ ଚାଉଳ ବିତରଣ ଶୁଭାରମ୍ଭ କରାଯାଇଥିଲା। ଏବେ ମଧ୍ୟାହ୍ନ ଭୋଜନ ଯୋଜନା ତଥା ପୂରକ ପୋଷଣ ଆହାର ଯୋଜନାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଉକ୍ତ ଚାଉଳ ବିତରଣ କରାଯାଉଛି। ଫୋର୍ଟିଫାଏଡ୍ ଏକ ପୋଷକ ତଥା ସ୍ୱାସ୍ଥ୍ୟବର୍ଦ୍ଧକ ଚାଉଳ ଅଟେ। ଏଥିରେ ଆଇରନ, ଫୋଲିକ୍ ଏସିଡ୍, ଭିଟାମିନ୍ ବି, ବି-୧୨ ଆଦି ସାମିଲ ରହିଛି।




## କଂଗ୍ରେସର ମଶାଲ ଶୋଭାଯାତ୍ରାକୁ ବାଧା ଦେଲା ପୋଲିସ

## ଅନେକ ସାଂସଦ ଓ ବରିଷ୍ଠ ନେତା ଅଟକ

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ନିକଟରେ ବିକ୍ଷୋଭ କରୁଥିବା କଂଗ୍ରେସ କର୍ମୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ପୋଲିସ୍। ରାହୁଲ ଗାନ୍ଧିଙ୍କ ସଦସ୍ୟତା ପଦ ରଦ୍ଦ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ



ମଙ୍ଗଳବାର ସନ୍ଧ୍ୟାରେ ଲାଲକିଲ୍ଲା ନିକଟରେ ମଶାଲ ଶୋଭାଯାତ୍ରା କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଦିଲ୍ଲୀ ପୋଲିସ୍ ବିକ୍ଷୋଭକାରୀଙ୍କୁ ସେଠାରୁ ହଟାଇବା ସହ ଅନେକ ସାଂସଦ ଓ ବରିଷ୍ଠ ନେତାଙ୍କୁ ଉଠାଇ ନେଇ ଅଟକ ରଖିଛି। ଏମାନଙ୍କ ମଧ୍ୟରେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ ମଧ୍ୟ ରହିଛନ୍ତି। ସାମ୍ନାକୁ ଆସିଥିବା ଭିଡିଓରେ କଂଗ୍ରେସ କର୍ମୀମାନେ ବିଭିନ୍ନ ପ୍ରକାରର ସରକାରୀ ବିରୋଧୀ ନାରା ଦେଉଥିବା ବେଳେ ପୁଲିସ୍ ସେମାନଙ୍କୁ ଭ୍ୟାନ ମଧ୍ୟକୁ ଭିଡି ନେଉଥିବା ଦେଖିବାକୁ ମିଳିଛି। ପୋଲିସ୍ ଲାଲକିଲ୍ଲା ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ କଂଗ୍ରେସ ନେତାମାନଙ୍କୁ ଅନୁମତି ଦେଇନଥିଲା। ଏହା ସତ୍ତ୍ୱେ ସମସ୍ତେ ଏକାଠି ହେବାରୁ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅପରାଧିକ ମାନହାନୀ ମାମଲାରେ ରାହୁଲ ଗାନ୍ଧି ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ଲୋକସଭା ସଦସ୍ୟତା ପଦ ରଦ୍ଦ କରି ଦିଆଯାଇଛି। ଏହା ବିରୋଧରେ କଂଗ୍ରେସ ଗୋଟିଏ ମାସ ଧରି ଆନ୍ଦୋଳନ କରିବ ବୋଲି ଘୋଷଣା କରିଛି। ଏହିକ୍ରମରେ ଲାଲକିଲ୍ଲାରେ ମଧ୍ୟ ବିକ୍ଷୋଭ କରିବାକୁ ଦଳୀୟ କର୍ମୀ ଓ ନେତା ଏକାଠି ହୋଇଥିଲେ। କିନ୍ତୁ ପୋଲିସ୍ ସେମାନଙ୍କୁ ବଳପୂର୍ବକ ଉଠାଇ ନେଇଛି। କଂଗ୍ରେସର ଦିଲ୍ଲୀ ରାଜ୍ୟ ସଭାପତି ଅନିଲ ଚୌଧୁରୀ କହିଛନ୍ତି ଯେ ଏହା ଏକଛତ୍ରବାଦୀ ଶାସନର ଦୃଶ୍ୟ। ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଲୋକମାନେ ସ୍ୱର ଉତ୍ତୋଳନ କରିପାରିବେ ନାହିଁ, ଶାନ୍ତି ପଦଯାତ୍ରା କରିପାରିବେ ନାହିଁ। ପୋଲିସ ମଧ୍ୟ ସେମାନଙ୍କର। ସେମାନଙ୍କୁ ରାଜଘାଟକୁ ଯିବାକୁ ଅନୁମତି ନାହିଁ, ସେମାନଙ୍କୁ ସଂସଦରେ କହିବାକୁ ଅନୁମତି ନାହିଁ। ବିରୋଧୀ କୁଆଡେ ଯିବେ?

## ଆତିଫ୍ ଅହମ୍ମଦ ସମେତ ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଲକ୍ଷ୍ନୌ: ଉମେଶ ପାଲ ଅପହରଣ ଓ ହତ୍ୟା ମାମଲାରେ ଆତିକ୍ ଅହମ୍ମଦ ସମେତ ୩ ଅଭିଯୁକ୍ତ ହନିଫ ଓ ଦିନେଶ ପାସିଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ କୋର୍ଟ ୩ ଜଣଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଁଏ ଜରିମାନା ଲଗାଇଛନ୍ତି। ୧୭ ବର୍ଷ ତଳର ପୁରୁଣା ମାମଲାରେ ପ୍ରୟାଗରାଜ ଏମପି-ଏମଏଲଏ କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାରେ ୧୧ଜଣ ଅଭିଯୁକ୍ତ ଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇସାରିଛି। ବାକି ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ବାକି ୭ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରାଯାଇଛି। ସେମାନଙ୍କ ମଧ୍ୟରେ ଆତିକ୍‌ଙ୍କ ଭାଇ ଅସରଫ ଅହମ୍ମଦ ମଧ୍ୟ ରହିଥିଲେ। ଶୁଣାଣି ପାଇଁ କୋର୍ଟରେ ଅତିକ୍ ଅହମ୍ମଦ ଓ ତାର ଭାଇ ଖଲିଦ ଅହମ୍ମଦ ଓରଫ ଅସରିଫ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉଭୟେ



ଅଲଗା ଅଲଗା ଜେଲରେ ଥିବା ବେଳେ ଏଥିପାଇଁ ଉଭୟ କୋର୍ଟ ଓ ଜେଲ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨୦୦୫ରେ ବହୁଜନ ସମାଜବାଦୀ ପାର୍ଟିର ତତ୍କାଳୀନ ବିଧାୟକ ରାଜୁ ପାଲଙ୍କୁ ହତ୍ୟା କରାଯାଇଥିଲା, ଯାହାର ସାକ୍ଷୀ ଥିଲେ ଉମେଶ ପାଲ। ୨୦୦୬ ଫେବୃୟାରୀ ୨୪ ତାରିଖରେ ଉମେଶ ପାଲ ଓ ତାଙ୍କ ସୁରକ୍ଷାରେ ନିୟୋଜିତ ୨ଜଣ ପୋଲିସ କର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହା ପରେ ଉମେଶ ପାଲଙ୍କ ପତ୍ନୀ ଜୟାଙ୍କ ଅଭିଯୋଗ ଆଧାରରେ ମାଫିଆ ଅତିକ ଅହମ୍ମଦ, ତାର ଭାଇ ଅସରଫଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ନିକଟରେ ଉମେଶ ପାଲଙ୍କୁ ମଧ୍ୟ ଦିନ ଦ୍ୱିପହରରେ ଗୁଳି କରି ହତ୍ୟା କରାଯାଇଥିଲା। ଯାହା ଉପରେ ୟୁପି ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଦୁଇ ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରିଥିଲା।

## ୧୮ ଫାର୍ମା କମ୍ପାନୀର ଲାଇସେନ୍ସ ବାତିଲ

### ୨୬ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍

ନୂଆଦିଲ୍ଲୀ: ନକଲି ଓ ଖରାପ ମାନର ଔଷଧ ତିଆରି କରୁଥିବା ୧୮ଟି ଫାର୍ମା କମ୍ପାନୀର ଲାଇସେନ୍ସକୁ ବାତିଲ କରାଯାଇଛି। ସେମାନଙ୍କୁ ଔଷଧ ତିଆରି କରିବାକୁ ବାରଣ କରାଯାଇଛି। ସେହିପରି ଆଉ ୨୬ଟି ଫାର୍ମା କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଯଦି ସେମାନେ ଉପଯୁକ୍ତ ଜବାବ ଦେଇ ନ ପାରିବେ, ତା'ହେଲେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଭାରତରୁ ବିଭିନ୍ନ ପ୍ରକାରର ଔଷଧ ବାହାରକୁ ଯାଇଥାଏ। କିନ୍ତୁ ବିଦେଶରେ ଖରାପ ମାନ ଓ ନକଲି ଔଷଧ ବିକ୍ରି କରାଯାଉଥିବା ଅଭିଯୋଗ ହେବା ପରେ ସରକାର ଫାର୍ମା କମ୍ପାନୀ ଗୁଡ଼ିକର ଯାଞ୍ଚ ଆରମ୍ଭ କରିଥିଲେ। ଯାଞ୍ଚ ପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନକଲି ଓ ଖରାପ ମାନର ଔଷଧ ସମ୍ପର୍କରେ ଅଭିଯୋଗ ଆସିବା ପରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ ଇଣ୍ଡିଆ(ଡିସିଜିଆଇ) ପକ୍ଷରୁ ୭୬ଟି ଫାର୍ମାସ୍ୟୁଟିକାଲ କମ୍ପାନୀରେ ଯାଞ୍ଚ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିମ ପକ୍ଷରୁ ଅତର୍କିତ ଚଢ଼ଉ କରି ଔଷଧର ମାନ ପରୀକ୍ଷା କରାଯାଇଥିଲା। ଶେଷରେ ୨୦ଟି ରାଜ୍ୟରେ ଥିବା ବିଭିନ୍ନ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୀର୍ଘ ୧୫ ଦିନ ଧରି ସମଗ୍ର ଦେଶରେ ଡିସିଜିଆଇ ପକ୍ଷରୁ ଚଢ଼ଉ ଅଭିଯାନ ଜାରି ରହିଥିଲା। ବିଭିନ୍ନ ଦେଶରେ ଭାରତ ନିର୍ମିତ ବିଭିନ୍ନ ସିରପ ଓ ଔଷଧ ଖାଇ ଛୋଟ ପିଲାଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତମାସରେ ଗୁଜରାଟ ଭିତ୍ତିକ ଫାର୍ମା କମ୍ପାନୀ ଜୟଡସ ଲାଇସାଇନ୍ସ ପକ୍ଷରୁ ୫୫ ହଜାର ବୋତଲ ଜେନେରିକ ମେଡିସିନ ଆମେରିକା ମାର୍କେଟରୁ ପ୍ରତ୍ୟାହାର କରିଥିଲେ। ଏହି ଔଷଧଗୁଡ଼ିକର ମାନ ଖରାପ ଥିବା ଅଭିଯୋଗ ହୋଇଥିଲା। ସେହିପରି ଗତବର୍ଷ ଉଜବେକିସ୍ତାନରେ ୧୮ ଜଣ ଶିଶୁ ଭାରତରୁ ଯାଇଥିବା କଫ ସିରପ ଖାଇ ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ଏଥିପାଇଁ ନୋଏଡାରେ ଥିବା ଫାର୍ମାସିଟ୍ୟୁକାଲ କମ୍ପାନୀର ୩ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ନକଲି ଓ ଖରାପ ମାନର ଔଷଧ ଉତ୍ପାଦନ ଏବଂ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ମାରିଅନ ବାୟୋଟେକ ପ୍ରଡକ୍ଟସର ବିଭିନ୍ନ ଔଷଧର ନମୁନା ପରୀକ୍ଷା କରିଥିଲା। ଏହି ସମୟରେ ୨୨ଟି ଔଷଧ ଖରାପ ମାନର ଥିବା ସ୍ପଷ୍ଟ ହୋଇଥିଲା।

# ବାଣିଜ୍ୟ



ମୁମ୍ବାଇ : ସୋନି ଇଣ୍ଡିଆ ଗ୍ରାହକ ମାନଙ୍କ ପାଇଁ ନିଜର ନୂତନ ଡବ୍ଲ୍ୟୁଏଚ୍-ସିଏଚ୍୭୨୦ଏନ୍ ହେଡ୍‌ଫୋନ୍ ଲଞ୍ଚ କରିଛି। ଯେପରି ଗ୍ରାହକ ମାନେ ଏକ ମଧୁର ସଂଗୀତର ଆନନ୍ଦ ନେଇ ପାରିବେ। ଏଥିରେ ୫୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟାଟେରୀ ଲାଇଫ୍ ଅଛି ଯାହା ଗ୍ରାହକଙ୍କୁ ବିନା ବାଧାରେ ସଂଗୀତ ଶୁଣିବାର ସମୟ ମିଳିବ। ଏହି ହେଡଫୋନ୍ ୧୯୨ ଗ୍ରାମ ବିଶିଷ୍ଟ ଯାହାଦ୍ୱାରା ମୁଣ୍ଡ ଉପରେ କୌଣସି ଓଜନର ଅନୁଭବ ହୋଇନଥାଏ। ଡବ୍ଲ୍ୟୁଏଚ୍-ସିଏଚ୍୭୨୦ଏନ୍ ସୋନିର ରିଟେଲ୍‌ଷ୍ଟୋର (ସୋନି ସେଣ୍ଟର ଏବଂ ସୋନି ଏକ୍ସକ୍ଲୁସିଭ୍), ପ୍ରମୁଖ ଇଲେକ୍ଟ୍ରୋନିକ୍ ଷ୍ଟୋର, ଇ-କମର୍ସ ୱେବସାଇଟ୍, ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ସପଆଟ୍‌ଏସ୍‌ସି.କମ୍ ପୋର୍ଟାଲ୍‌ରେ ୧୬ ମାର୍ଚ୍ଚ ୨୦୨୩ରୁ ଉପଲବ୍ଧ। ଯାହାର ବଜାର ମୂଲ୍ୟ ମାତ୍ର ୯,୯୯୦/- ଟଙ୍କା।

## ହିତାଧିକାରୀଙ୍କ ସୁଧହାର ୮.୧୫% ବୃଦ୍ଧି ପାଇଁ ସୁପାରିସ

ନୂଆଦିଲ୍ଲୀ: ଇପିଏଫ୍ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ୨୩୩ ତମ ବୈଠକ ଆଜି (୨୮-୦୩-୨୦୨୩) କେନ୍ଦ୍ର ଶ୍ରମ ଓ ନିୟୋଜନ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉପାଧ୍ୟକ୍ଷ ତଥା କେନ୍ଦ୍ର ଶ୍ରମ, ନିୟୋଜନ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି, ସହ ଉପାଧ୍ୟକ୍ଷ ତଥା ଶ୍ରମ ଓ ନିୟୋଜନ ସଚିବ ଆରତୀ ଆହୁଜା, ସଦସ୍ୟ ସଚିବ ନିଲମ ଶାମୀ ରାଓ, କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ




ବୋର୍ଡ ଇପିଏଫ୍ ସଦସ୍ୟମାନଙ୍କ ଖାତାରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ବାର୍ଷିକ ୮.୧୫ ପ୍ରତିଶତ ସୁଧ ଜମା କରିବାକୁ ସୁପାରିସ କରିଛନ୍ତି। ସୁଧହାର ନେଇ ସରକାରୀ ବିଜ୍ଞପ୍ତି ଗେଜେଟରେ ପ୍ରକାଶ ପାଇବ ଓ ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପରେ ଇପିଏଫଓ ହିତାଧିକାରୀ ଖାତାଧାରୀଙ୍କ ଖାତାରେ ସୁଧହାର ବାବଦ ଅର୍ଥ ଜମା କରିବେ। ସିବିଟି ବଳକା ଓ ବୃଦ୍ଧି ପାଇଥିବା ଅର୍ଥର ସନ୍ତୁଳନ ରକ୍ଷା ସହ ସୁରକ୍ଷା ନେଇ ମଧ୍ୟ ସୁପାରିସ କରିଛି। ସୁପାରିସ କରାଯାଇଥିବା ଶତକଡ଼ା ୮.୧୫ ଭାଗ ସୁଧହାର ସଦସ୍ୟମାନଙ୍କ ବଳକା ଓ ଗ୍ୟାରେଣ୍ଟିଯୁକ୍ତ ବୃଦ୍ଧି ହୋଇଥିବା ଆୟକୁ ସୁରକ୍ଷିତ ରଖିବ। ବାସ୍ତବିକ ଶତକଡ଼ା ୮.୧୫ ସୁଧହାର ଓ ବଳକା ୬୬୩.୯୧ କୋଟି ଟଙ୍କା ଗତ ବର୍ଷର ମୋଟ ଅର୍ଥ ତୁଳନାରେ ମଧ୍ୟ ଅଧିକ। ବୋର୍ଡର ସୁପାରିସ ମଧ୍ୟରେ ସଦସ୍ୟମାନଙ୍କ ଖାତାରେ ୯୦ ହଜାର କୋଟି ଟଙ୍କାରୁ ଅଧିକ ବଣ୍ଟାହେବ ଓ ତାହା ମୂଳଧନ ବାବଦ ଅର୍ଥ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା ସହିତ ରହିବ। ଏହା ୨୦୨୧-୨୨ ଆର୍ଥିକ ବର୍ଷରେ ୭୭,୪୨୪.୮୪ କୋଟି ଓ ୯.୫୬ ଲକ୍ଷ କୋଟି ଟଙ୍କା ଥିଲା। ସୁପାରିସ କରାଇଥିବା ମୋଟ ଆୟର ଆବଣ୍ଟନ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଜଣାପଡ଼ିଛି। ଗତ ଆର୍ଥିକ ବର୍ଷ ୨୦୨୧-୨୨ ତୁଳନାରେ ଆୟ ଅର୍ଥ ଓ ମୂଳଧନ ଯଥାକ୍ରମେ ଶତକଡ଼ା ୧୬ ପ୍ରତିଶତ ଓ ୧୫ ପ୍ରତିଶତ ଜଣାପଡ଼ିଛି। ଇପିଏଫଓ ଗତ କେତବର୍ଷ ଧରି ବିଭିନ୍ନ ଆର୍ଥିକ ଚକ୍ର ଜରିଆରେ ନଗଣ୍ୟ କ୍ରେଡିଟ ରିସ୍କ ନେଇ ଏହାର ସଦସ୍ୟମାନଙ୍କୁ ଅଧିକ ଆୟ ବଣ୍ଟନ କରିଆସୁଛି। କ୍ରେଡିଟ ପ୍ରୋଫାଇଲ ନିବେଶ ଦୃଷ୍ଟିରୁ ବିଚାର କଲେ ଇପିଏଫଓ ସୁଧ ହାର ହିତାଧିକାରୀଙ୍କ ଅନ୍ୟାନ୍ୟ ନିବେଶ ମାଧ୍ୟମଗୁଡ଼ିକ ତୁଳନାରେ ମଧ୍ୟ ଅଧିକ। ଇପିଏଫଓ ନିରବଚ୍ଛିନ୍ନ ଭାବେ ଏକ ଦୂରଦର୍ଶୀ ଓ ସନ୍ତୁଳିତ ମନୋଭାବ ନିବେଶ ନୀତି ରଖି ମୂଳଧନର ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବା ସହ ସତର୍କତା ଓ ଅଭିବୃଦ୍ଧି ଉପରେ ମଧ୍ୟ ନଜର ରଖି ଆସୁଛି।

## ଜଳବାୟୁ ପରିବର୍ତ୍ତନ ଉପରେ ୟାକୁସ୍କରେ ଗବେଷଣା ଓ ତାଲିମ ସମ୍ମିଳନୀ

ନୂଆଦିଲ୍ଲୀ: ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାୟୀ ତୁଷାରାବୃତ ଅଞ୍ଚଳ (ପର୍ମାଫ୍ରଷ୍ଟ) ତରଳିବା ପ୍ରସଙ୍ଗରେ ୟାକୁସ୍କଠାରେ ୨୦୨୩ ମାର୍ଚ୍ଚ ୨୨ରୁ ୨୪ ପର୍ଯ୍ୟନ୍ତ ଗବେଷଣା ଓ ତାଲିମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେଥିରେ ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ ପର୍ମାଫ୍ରଷ୍ଟର ପ୍ରାକୃତିକ ଏବଂ ବୈଷୟିକ ବ୍ୟବସ୍ଥାର ଦୀର୍ଘସ୍ଥାୟିତ୍ୱ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରୁଷ୍ ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ୨୦୨୧ରୁ ୨୦୨୩ ପର୍ଯ୍ୟ' ଦାୟିତ୍ୱ ନିର୍ବାହ କରୁଥିବାବେଳେ ଏହା ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା




ଏବଂ ଏହାକୁ ରୋସ୍‌କଂଗ୍ରେସ ଫାଉଣ୍ଡେସନ ପରିଚାଳନା କରିଥିଲା। ରୁଷ୍‌ର ଉପପ୍ରଧାନମନ୍ତ୍ରୀ ତଥା ସୁଦୂର ପ୍ରାଚ୍ୟ ସଂଘୀୟ ଜିଲ୍ଲାରେ ରୁଷ୍ ରାଷ୍ଟ୍ରପତିଙ୍କର ପ୍ରତିନିଧି ୟୁରି ଟ୍ରୁଟନେଭ କହିଥିଲେ, ଜଟିଳ ଭୌଗୋଳିକ ପରିବେଶ ସତ୍ତ୍ୱେ ଜଳବାୟୁ, ଓଜୋନ୍ ସ୍ତର ଏବଂ ସ୍ଥାୟୀ ତୁଷାରାବୃତ ଅଞ୍ଚଳର ସ୍ଥିତିକୁ ଭୁଲି ହେବନାହିଁ। କାରଣ ଏଗୁଡିକ ବୈଶ୍ୱିକ ଏବଂ ଅଗ୍ରାଧିକାର ରାଜନୈତିକ ପ୍ରସଙ୍ଗ ଯାହାକୁ କେବଳ ୟାକୁତିଆ ଏବଂ ରୁଷ୍‌ର ସୁଦୂର ପ୍ରାଚ୍ୟର ଅର୍ଥନୈତିକ ବିକାଶ ନିମନ୍ତେ ନୁହେଁ, ବରଂ ମୋଟାମୋଟି ଭାବରେ ପୃଥିବୀ ପରିସ୍ଥିତି ବିଚାରକୁ ନେଇ ସମାଧାନ କରିବାକୁ ହେବ। ସ୍ଥାୟୀ ତୁଷାରାବୃତ ଅଞ୍ଚଳ (ପର୍ମାଫ୍ରଷ୍ଟ)ର ଅବକ୍ଷୟ ଏବଂ ଅଧିକ ପରିମାଣର ଗ୍ରୀନ୍‌ହାଉସ ଗ୍ୟାସ୍ ଠୁଳ ହେବା ଦ୍ୱାରା ତାପମାତ୍ରା ବୃଦ୍ଧି ସହିତ ସମୁଦ୍ରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମୃତ୍ତିକାର ସ୍ଥିତି ମଧ୍ୟ ବଦଳୁଛି ଏବଂ ତାହା ଉତ୍ତରାଞ୍ଚଳର ଏକାଧିକ ସ୍ଥାନରେ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି। ଏଭଳି ପରିସ୍ଥିତିର ସମାଧାନ ନିମନ୍ତେ ମଣିଷ ଏବଂ ପ୍ରକୃତି ମଧ୍ୟରେ ଉପଯୁକ୍ତ ତାଳମେଳ ବଜାୟ ରଖି କାମ କରିବାକୁ ହେବ। ଏହି ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ସହିତ ଅର୍ଥନୀତିକୁ ଖାପଖୁଆଇବା ନିମନ୍ତେ ଉଭୟ ବାସ୍ତବ ଏବଂ ବିଜ୍ଞାନସମ୍ମତ ସମାଧାନ ବ୍ୟବସ୍ଥା କରିବାକୁ ଏହି ସମ୍ମିଳନୀ ଆୟୋଜନର ଲକ୍ଷ୍ୟ ଥିଲା। ଆଲୋଚନାରେ ରୁଷ୍, କାଜାଖସ୍ତାନ, କିରଗିଜସ୍ତାନ, ମଙ୍ଗୋଲିଆ, ଚୀନ, ବ୍ରାଜିଲ, ଆମେରିକା ଏବଂ ଜାପାନରୁ ବିଜ୍ଞାନ ଓ ଶିକ୍ଷା ପ୍ରତିଷ୍ଠାନଗୁଡିକରୁ ୫୦୦ରୁ ଅଧିକ ବିଶାରଦ ଏବଂ ଅଗ୍ରଣୀ ବିଶେଷଜ୍ଞ ଯୋଗଦେଇଥିଲେ।

## ଷ୍ଟାର୍ଟଅପ୍ ମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ସମାଧାନ କରିବ ବ୍ୟାଙ୍କ ଅଫ୍ ବରୋଦା

ମୁମ୍ବାଇ: ବ୍ୟାଙ୍କ ଅଫ୍ ବରୋଦା, ଭାରତର ଏକ ଅଗ୍ରଣୀ ପବ୍ଲିକ ସେକ୍ଟର ବ୍ୟାଙ୍କ ଓ ଭାରତର ଇଂଟରନାସନାଲ୍ ବ୍ୟାଙ୍କ, ଭାରତୀୟ ଷ୍ଟାର୍ଟଅପ୍ ମାନଙ୍କର ବ୍ୟାପକ ଶ୍ରେଣୀୟ ସ୍ୱତନ୍ତ୍ର ଆବଶ୍ୟକତାର ସମାଧାନ ପ୍ରଦାନ କରିବା ସମ୍ପର୍କରେ ଘୋଷଣା କରିଛି। ଏହି ସେବାଗୁଡ଼ିକୁ ଭାରତରେ ଥିବା ବ୍ୟାପକ ନେଟୱର୍କରେ ଏହାର ଆଇଏଫଏସସି ଶାଖାରେ ଗିଫ୍‌ଟ ସିଟିରେ ପ୍ରଦାନ କରାଯିବ। ଏଥିରେ ୧୬ ଟି ସମର୍ପିତ ଷ୍ଟାର୍ଟଅପ୍ ଶାଖା ଓ ୧୭ ଟି ଦେଶରେ ଦୃଢ଼ ଆ'ର୍ଜାତିକ ଉପସ୍ଥିତି ରହିଛି। ବ୍ୟାଙ୍କ ଅଫ୍ ବରୋଦା ହେଉଛି ଏକ ଅଗ୍ରଣୀ ବ୍ୟାଙ୍କ ଯାହାକି ଗିଫ୍‌ଟ ସିଟିରେ ଏହାର ଅପରେସନର ସ୍ଥାପନା କରିଛି। ବ୍ୟାଙ୍କର ଆଇଏଫଏସସି ବ୍ୟାଙ୍କିଂ ୟୁନିଟ୍ ଷ୍ଟାର୍ଟଅପ୍ ଗୁଡ଼ିକୁ ଅନେକ ଗୁଡ଼ିଏ ଗ୍ଲୋବାଲ୍ ବ୍ୟାଙ୍କିଂ ସମାଧାନ ସ୍ଥାନୀୟ ଭାବରେ ପ୍ରଦାନ କରିଥାଏ ଯଥା ଫରେନ୍ କରେନ୍ସି କରେଂଟ ଓ ସେଭିଂସ ଆକାଉଂଟ, ଫରେନ୍ କରେନ୍ସିରେ ଲୋନ୍/ ସିଣ୍ଡିକେସନ ଲୋନ୍ ଓ ଟ୍ରାନ୍‌ଜାକ୍‌ସନ ଭିତିକ ଇଂଟରନେଟ୍ ବ୍ୟାଙ୍କିଂ ସୁବିଧା। ବ୍ୟାଙ୍କ ମଧ୍ୟ ଏନଆରଇ/ ଏଫସିଏନଆର ଜମା ଉପରେ ଲୋନ୍ ଓ ଆଇବିୟୁରେ ଜମା ବିପକ୍ଷରେ ଲୋନ୍ ପ୍ରଦାନ କରୁଛି। ଗିଫ୍‌ଟ ସିଟିରେ ବ୍ୟାଙ୍କର ଆଇଏଫଏସସି ବ୍ୟାଙ୍କିଂ ୟୁନିଟ୍ ହେଉଛି ପ୍ରଥମ ଓ ଏକ ମାତ୍ର ବ୍ୟାଙ୍କ ଯାହାକି ଟ୍ରାନଜାକସନ ଭିତିକ ଇଂଟରନେଟ୍ ବ୍ୟାଙ୍କିଂ ସୁବଧା ଏହାର ରିଟେଲ ଓ କର୍ପୋରେଟ୍ ଗ୍ରାହକମାନଙ୍କୁ ପ୍ରଦାନ କରୁଛି ଯେଉଁଥିରେ ରହିଛି ଷ୍ଟାର୍ଟଅପ୍ ଓ ତିନିଟି ପ୍ରମୁଖ ବୈଦେଶିକ ମୁଦ୍ରା ଯଥା ୟୁଏସ୍ ଡଲାର, ୟୁରୋ ଓ ବ୍ରିଟିଶ୍ ପାଉଣ୍ଡ ଷ୍ଟର୍ଲିଂ। ଏହି ସୁବିଧା ଷ୍ଟାର୍ଟଅପକୁ ତାଙ୍କର ଆକାଉଂଟକୁ ଆକ୍ସେସ କରିବାର ୨୪/୭ ସୁବିଧା ଓ ନମନୀୟତା ପ୍ରଦାନ କରେ। ଏହାଦ୍ୱାରା ବ୍ୟାଙ୍କିଂ ଟ୍ରାନ୍‌ଜାକ୍‌ସନ ଓ ଫଣ୍ଡ ଟ୍ରାନ୍‌ସଫର ସହଜରେ ଓ ସୁରକ୍ଷିତ ଭାବରେ କରାଯାଇପାରିଥାଏ। ଏହା ସହିତ, ବ୍ୟାଙ୍କ ମଧ୍ୟ 'ବବ୍ ୱାର୍ଲଡ୍ ଷ୍ଟାର୍ଟଅପ୍' ର ଉପସ୍ଥାପନା କରିଛି। ଏହା ହେଉଛି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯାହାକି ଭାରତୀୟ ଷ୍ଟାର୍ଟଅପ୍ ମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଏ। ବ୍ୟାଙ୍କ ୧୬ ଟି ସମର୍ପିତ ଷ୍ଟାର୍ଟଅପ୍ ଶାଖା ଦେଶର ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ମାନଙ୍କରେ ସ୍ଥାପିତ କରିଛି ଯଥା ଗୁରୁଗ୍ରାମ, ଦିଲ୍ଲୀ, ନଏଡ଼ା, ବେଙ୍ଗାଲୁରୁ, ଚେନ୍ନାଇ, ମୁମ୍ବାଇ, ଜୟପୁର, ଅହମ୍ମଦାବାଦ, ପୁନେ, ହାଇଦ୍ରବାଦ, ଚଣ୍ଡିଗଡ଼, ଲକ୍ଷ୍ନୌ, କୋଲକାତା, ଇନ୍ଦୋର, କୋଚି ଓ ରାଜକୋଟ୍। ଏହା ମାଧ୍ୟମରେ ପର୍ସୋନାଲାଇଜଡ ସେବାକୁ ସ୍ୱତନ୍ତ୍ର ରିଲେସନସିପ୍ ମ୍ୟାନେଜରଙ୍କ ମାଧ୍ୟମରେ ପ୍ରଦାନ କରାଯାଇପାରିବ। ଏହି ପ୍ରୋଗ୍ରାମର ଏକ ଅଂଶ ଭାବରେ, ଷ୍ଟାର୍ଟଅପ୍ ଗୁଡ଼ିକ ବ୍ୟାପକ ଶ୍ରେଣୀୟ ଉତ୍ପାଦ ଓ ସେବାକୁ ବାଛିପାରିବେ ଯେଉଁଥିରେ ରହିଛି।

## ବଡ଼ ନେଟୱର୍କ ଆଉଟେଜ୍ ସମ୍ପର୍କରେ ସୂଚନା ଦେବାକୁ ଟ୍ରାଇର ନିର୍ଦ୍ଦେଶ

ନୂଆଦିଲ୍ଲୀ: ବୈଷୟିକ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଦୂରସଞ୍ଚାର ନେଟୱର୍କର ପ୍ରମୁଖ ଦୂରସଞ୍ଚାର ନେଟୱର୍କର ସଂଯୋଗ ବିଚ୍ଛିନ୍ନ ହେବା (ଆଉଟେଜ୍) ସମ୍ପର୍କରେ ଦୂରସଞ୍ଚାର ସେବା ପ୍ରଦାନକାରୀମାନେ ଭାରତୀୟ ଟେଲିଫୋନ ନିୟାମକ ପ୍ରାଧିକରଣ (ଟ୍ରାଇ)କୁ ସୂଚନା ଦେଉନଥିବା ଦେଖିବାକୁ ମିଳୁଛି। ଦୀର୍ଘ ସମୟ ଧରି ନେଟୱର୍କ ସଂଯୋଗ ବିଚ୍ଛିନ୍ନ ହେବାର ପ୍ରତିକୂଳ ପ୍ରଭାବ ବିଶେଷ କରି ସୀମାବର୍ତ୍ତୀ କ୍ଷେତ୍ର ଓ ପାର୍ବତ୍ୟାଞ୍ଚଳ ଉପରେ ପଡ଼ିଥାଏ। ଏହାଦ୍ୱାରା ପ୍ରଭାବିତ କ୍ଷେତ୍ରରେ ଦୂରସଞ୍ଚାର ସେବାର ଗୁଣବତ୍ତା ବାଧାପ୍ରାପ୍ତ ହୋଇଥାଏ। ପ୍ରମୁଖ ନେଟୱର୍କ ସଂଯୋଗ ବିଚ୍ଛିନ୍ନ ହେବାର ମୂଳ କାରଣକୁ ବୁଝିବା ଓ ଆବଶ୍ୟକତା ପଡ଼ିବା କ୍ଷେତ୍ରରେ ସେବା ପ୍ରଦାନକାରୀମାନଙ୍କୁ ସ୍ଥାନୀୟ ଅଧିକାରୀମାନଙ୍କ ଠାରୁ ଉପଯୁକ୍ତ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରାଧିକରଣ ପକ୍ଷରୁ ଜିଲ୍ଲା ସ୍ତରରେ ଏଭଳି କୌଣସି ଆଉଟେଜ୍ ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛି। ଉପରୋକ୍ତ କାରଣକୁ ଦୃଷ୍ଟିରେ ରଖି ଦୂରସଞ୍ଚାର ଆକ୍ସେସ ସେବା ପ୍ରଦାନକାରୀଙ୍କୁ ନିମ୍ନଲିଖିତ ରିପୋର୍ଟ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି : କୌଣସି ଜିଲ୍ଲା (କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା




ପରିଭାଷିତ ରାଜସ୍ୱ ଜିଲ୍ଲା)ର ସମସ୍ତ ଉପଭୋକ୍ତାମାନଙ୍କୁ ନିରନ୍ତର ଚାରି ଘଣ୍ଟାରୁ ଅଧିକ ସମୟ ପାଇଁ ଦୂରସଞ୍ଚାର ସେବାକୁ ପ୍ରଭାବିତ କରୁଥିବା ପ୍ରମୁଖ ନେଟୱର୍କ ସଂଯୋଗ ବିଚ୍ଛିନ୍ନ ହେବାର ସମସ୍ତ ଘଟଣା ସମ୍ପର୍କରେ ୨୪ ଘଣ୍ଟା ମଧ୍ୟରେ ସୂଚନା ଦେବେ।

## ନୂଆ ଜିଓଫାଇବର ବ୍ରଡ୍‌ବ୍ୟାଣ୍ଡ ବ୍ୟାକ୍‌ଅପ୍ ପ୍ଲାନ୍ ଘୋଷଣା

ମୁମ୍ବାଇ: ରିଲାଏନ୍ସ ଜିଓ ପକ୍ଷରୁ ଫିକ୍ସଡ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା କ୍ଷେତ୍ର ଲାଗି ସୁଲଭ ମୂଲ୍ୟର ନୂଆ 'ବ୍ରଡ୍‌ବ୍ୟାଣ୍ଡ୍ ବ୍ୟାକ୍ ଅପ୍ ପ୍ଲାନ୍ ଘୋଷଣା କରାଯାଇଛି। ମାସିକ ମାତ୍ର ୧୯୮ ଟଙ୍କା ରହିଥିବା ଏହି ପ୍ଲାନ୍‌ରେ ସେକେଣ୍ଡ୍ ପିଛା ୧୦ ମେଗାବିଟ୍‌ର ଇଂଟରନେଟ୍ ସ୍ପିଡ୍ ମିଳିବ। ଏଥିରେ ଗ୍ରାହକମାନଙ୍କ ଲାଗି ଇଂଟରନେଟ୍ ସ୍ପିଡ୍‌କୁ ୧୦ ଏମ୍‌ବିପିଏସ୍‌ରୁ ୩୦ ଏମ୍‌ବିପିଏସ୍ କିମ୍ବା ୧୦୦ ଏମ୍‌ବିପିଏସ୍ ପର୍ଯ୍ୟ' ବଢ଼ାଇବାର ସୁଯୋଗ ମିଳିବ। ଦରକାର ସମୟରେ ସେମାନେ ୧, ୨ ଓ ୭ ଦିନିଆ ଅବଧି ପାଇଁ ଇଂଟରନେଟ୍ ସ୍ପିଡ୍ ବଢ଼ାଇପାରିବେ। ଏହି ପ୍ଲାନ୍‌ରେ ଗ୍ରାହକମାନେ ୨୪ ଘଂଟା ନିରବଚ୍ଛିନ୍ନ ଇଂଟରନେଟ୍ ସଂଯୋଗ ପାଇପାରିବେ। ସଂଯୋଗ ପହଂଚିନଥିବା ଘରଗୁଡ଼ିକୁ ଏହି ପ୍ଲାନ୍ ଜରିଆରେ ପାଠପଢ଼ା, କାର୍ଯ୍ୟ, ମନୋରଂଜନ ଆଦିକୁ ନେଇ ବାଧାମୁକ୍ତ ଅନୁଭୂତି ପାଇପାରିବେ। ଏହି ପ୍ଲାନ୍ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି ଯେ, 'ଭାରତର ସର୍ବବୃହତ ଗୃହ ବ୍ରଡ୍‌ବ୍ୟାଣ୍ଡ୍ ସେବା ପ୍ରଦାନକାରୀ ଭାବେ ଜିଓରେ ଆମେ ଏହା ଭଲ ଭାବେ ବୁଝୁଛୁ ଯେ ଗ୍ରାହକମାନେ ଘରେ ଚବିଶ ଘଂଟା ଭରସାଯୋଗ୍ୟ ବ୍ରଡ୍‌ବ୍ୟାଣ୍ଡ୍ ଚାହୁଁଛନ୍ତି। ଜିଓଫାଇବର୍ ବ୍ୟାକ୍‌ଅପ୍ ପ୍ଲାନ୍ ଜରିଆରେ ଆମେ ସେମାନଙ୍କ ଘରେ ବିକଳ୍ପ ଭରସାଯୋଗ୍ୟ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗ ପହଂଚାଇବାକୁ ଚାହୁଁଛୁ। ବ୍ୟାକ୍ ଅପ୍ କନେକ୍ସନର ଏହି ନୂଆ ଚିଂଧାରା ଘରଗୁଡ଼ିକୁ ସୁଲଭ ମୂଲ୍ୟରେ ନିଶ୍ଚିତ ଡାଟା ଯୋଗାଣର ଏକ ବିକଳ୍ପ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗ ପ୍ରଦାନ କରୁଛି। ଏହି ସଂଯୋଗର ଉଲ୍ଲେଖନୀୟ ଲାଭଗୁଡ଼ିକୁ ଜାଣିବା ପରେ ଗ୍ରାହକମାନେ ଇଚ୍ଛାକଲେ ନିରବଚ୍ଛିନ୍ନ ଭାବେ ହାଇ ସ୍ପିଡ୍‌କୁ ଅପ୍‌ଗ୍ରେଡ୍ ହୋଇପାରିବେ।



ନୂଆଦିଲ୍ଲୀ: ଇନ୍ଦୋର ଟେଷ୍ଟ ମ୍ୟାଚ୍‌ରେ ଭାରତ ଶୋଚନୀୟ ପରାଜୟ ଭୋଗିଥିଲା। ଅଢେଇ ଦିନରୁ କମ ସମୟରେ ହିଁ ମ୍ୟାଚ୍ ସମାପ୍ତ ହୋଇଥିଲା। ପିଚ୍‌କୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଏପରିକି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ଇନ୍ଦୋର ପିଚ୍‌କୁ ନିମ୍ନମାନର ଦର୍ଶାଇ ନକରାତ୍ମକ ପଏଣ୍ଟ ମଧ ଦେଇଥିଲା। ଆଉ କାଳବିଳମ୍ବ ନକରି ଆଇସିସିର ଏହି ନିଷ୍ପତ୍ତିକୁ ବିରୋଧ କରିଥିଲା ବିସିସିଆଇ। ଏହାପରେ ନିଜର ନିଷ୍ପତ୍ତି ବଦଳାଇ ଦେଇଛି ଆଇସିସି। ବର୍ତ୍ତମାନ ଇନ୍ଦୋର ପିଚ୍‌କୁ ନିମ୍ନମାନର ବର୍ଗରୁ ହଟାଇ ମଧ୍ୟମ ନିମ୍ନବର୍ଗ ବର୍ଗରେ ରଖିଛି ଆଇସିସି। ଆଇସିସିର ଇନ୍ଦୋର ପିଚ୍‌ର ରେଟିଂ ପରିବର୍ତ୍ତନ ନେଇ ଅଷ୍ଟ୍ରେଲିଆ ଗଣମାଧ୍ୟମ ଏବଂ ସେଠାକାର ପ୍ରସାରଣକର୍ତ୍ତା ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଇସିସିର ନିଷ୍ପତ୍ତିକୁ ସେମାନେ ହାସ୍ୟାସ୍ପଦ ବୋଲି କହିଛନ୍ତି। ପିଚ୍ ରେଟିଂକୁ ବଦଳାଇବା ଆଇସିସିର ଏହି ନିଷ୍ପତ୍ତି ଆଶ୍ଚର୍ଯ୍ୟକର ଲାଗୁଛି। ସୂଚନାଯୋଗ୍ୟ, ଇନ୍ଦୋର ଟେଷ୍ଟ ମ୍ୟାଚ୍‌ରେ କ୍ରିସ୍ ବ୍ରଡ ମ୍ୟାଚ୍ ରେଫରୀ ଥିଲେ। ମ୍ୟାଚ୍ ସରିବା ପରେ ସେ ଖୋଦ୍ କହିଥିଲେ ଯେ, ପ୍ରଥମ ଦିନରୁ ହିଁ ପିଚ୍ ସ୍ପିନରଙ୍କୁ ଅପ୍ରତ୍ୟାଶିତ ଅଧିକ ସୁହାଉଥିଲା। ବଲ୍ ଏବଂ ବ୍ୟାଟ୍ ମଧ୍ୟରେ ସନ୍ତୁଳନ ରହୁନଥିଲା। ଏହାପରେ ଆଇସିସି ଇନ୍ଦୋର ପିଚ୍‌କୁ ନିମ୍ନମାନର ଦର୍ଶାଇ ୩ ନକରାତ୍ମକ ପଏଣ୍ଟ ଦେଇଥିଲା। ଏଥିରେ ଷ୍ଟାଡିୟମ ଉପରେ କଟକଣା ଲାଗିବାର ବିପଦ ରହିଥିଲା।

### ଆଇପିଏଲ୍ ପ୍ରଥମ ଲଢ଼େଇ ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ

## ଦୁଇ ଉତ୍ତମ ବନ୍ଧୁଙ୍କ ମଧ୍ୟରେ ହେବ କଡା ଟକ୍କର

ନୂଆଦିଲ୍ଲୀ: ଆସନ୍ତା ୩୧ ତାରିଖ ଦିନ ଗୁଜରାଟର ଅହମ୍ମଦାବାଦରେ ଚଳିତ ବର୍ଷ ଆଇପିଏଲର ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗସ ଓ ଗୁଜରାଟ ଟାଇଟେନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପୂର୍ବରୁ ଏକ ସ୍ୱତନ୍ତ୍ର ଉଦଘାଟନୀ ଉତ୍ସବ ଆୟୋଜିତ ହେବ। ତେବେ ଦୁଇ ଶକ୍ତିଶାଳୀ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମୁକାବିଲାକୁ ଉପଭୋଗ କରିବା ପାଇଁ ଅଗଣିତ କ୍ରିକେଟ ପ୍ରେମୀ ଅପେକ୍ଷା କରି ରହିଛନ୍ତି। ଚାରିଥର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗସ ଓ ଗତ ବର୍ଷ ପ୍ରଥମ ପଦାର୍ପଣରେ ଚାମ୍ପିଅନ ହୋଇଥିବା ଗୁଜରାଟ ଟାଇଟେନ୍ସ ଦଳରେ ଏକାଧିକ ଶୀର୍ଷ ମାନ୍ୟତା ପ୍ରାପ୍ତ ଖେଳାଳି ଅଛନ୍ତି। ଅଧିନାୟକ ଧୋନିଙ୍କ ସହିତ ଇଂଲଣ୍ଡ ଅଲରାଉଣ୍ଡର ବେନ ଷ୍ଟୋକ୍ସ,ରବିନ୍ଦ୍ର ଜାଡେଜା, ଡେଭନ କନୱେ ,ଡ୍ୱାନେ ପ୍ରିଟୋରିୟସ, ମିଚେଲ ସାଣ୍ଟନେର, ମୋଇନ ଅଲି ଓ ସଫଳ ଓପନର ରୁତୁରାଜ ଗାଏକ୍ୱାଡଙ୍କୁ ନେଇ ଚେନ୍ନାଇ ସୁପର କିଙ୍ଗସ ବେଶ ଶକ୍ତିଶାଳୀ। ସେହିପରି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ପରିଚାଳିତ ଗୁଜରାଟ ଜିଆଣ୍ଟସ ଗତ ବର୍ଷ ଚାମ୍ପିଅନ ହୋଇ ଥିଲା। ଶୁବମନ ଗିଲ, ଡେଭିଡ ମିଲର ,କେନ ୱିଲିୟମସନ ଓ ମାଥ୍ୟୁ ୱାଦେଙ୍କ ସହିତ ଅନେକ ଦକ୍ଷ ଖେଳାଳି ଅଛନ୍ତି। ଗତ ବର୍ଷ ଆଇପିଏଲରେ ଉଭୟ ଦଳ ପରସ୍ପରକୁ ଦୁଇ ଥର ଭେଟିଥିଲେ।



ଏଥିରେ ଗୁଜରାଟ ଜିଆଣ୍ଟସ ବାଜିମାତ କରି ଥିବା ବେଳେ ଚେନ୍ନାଇ ବିଫଳ ହୋଇଥିଲା। ଅବଶ୍ୟ ଗତ ବର୍ଷ ଆଇପିଏଲର ପ୍ରଥମ ଭାଗରେ ଧୋନିଙ୍କ ସ୍ଥାନରେ ରବିନ୍ଦ୍ର ଜାଡେଜା ଚେନ୍ନାଇ ସୁପର କିଙ୍ଗସର ନେତୃତ୍ୱ ନେଇ ଥିବା ବେଳେ ଦଳକୁ ଠିକ ଭାବେ ପରିଚାଳନା କରି ପାରି ନ ଥିଲେ। ତେଣୁ ମୋଟାମୋଟି ପ୍ରଦର୍ଶନ ଭଲ ହୋଇ ପାରି ନ ଥିଲା। ଆଇପିଏଲ ଅଧାରୁ ଧୋନି ପୁଣି ଦଳର ନେତୃତ୍ୱ ନେଇ ଥିଲେ ହେଁ ଚେନ୍ନାଇ ଆଗକୁ ବଢ଼ି ପାରି ନ ଥିଲା। ତେବେ ଗୁଜରାଟ ଟାଇଟେନ୍ସ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଦମଦାର ପ୍ରଦର୍ଶନ କରି ଚାମ୍ପିଅନ ହୋଇ ଥିବା ବେଳେ ଚଳିତ ବର୍ଷ ପୁଣି ଗତ ବର୍ଷର ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛି। ଅଧିନାୟକ ପାଣ୍ଡ୍ୟା ୨୦୨୨ ଆଇପିଏଲରେ ୧୫ ମ୍ୟାଚ ଖେଳି ୪ ଅର୍ଦ୍ଧଶତକ ସହିତ ୪୮୭ ରନ, ଶୁବମନ ଗିଲ ୧୬ ମ୍ୟାଚରେ ୪ ଅର୍ଦ୍ଧଶତକ ବଳରେ ୪୮୩ ଓ ଦକ୍ଷିଣ ଆଫ୍ରିକା ଷ୍ଟାର ଡେଭିଡ ମିଲର ୧୬ ମ୍ୟାଚରେ ୨ ଅର୍ଦ୍ଧଶତକ ସହିତ ୪୮୧ ରନ କରି ଥିଲେ। ସେହିପରି ପେସ୍ ବୋଲର ମହମ୍ମଦ ସାମି ୧୬ ମ୍ୟାଚରେ ୨୦ ଓ ଆଫଗାନୀସ୍ତାନ ସ୍ପିନର ରସିଦ ଖାନ୍ ୧୯ ଓ ନ୍ୟୁଜିଲାଣ୍ଡ ପେସ୍ ବୋଲର ଲକି ଫର୍ଗୁସନ ୧୨ ୱିକେଟ ଅକ୍ତିଆର କରି ଥିଲେ। ତେଣୁ ଗତ ବର୍ଷର ସମସ୍ତ ସଫଳ ବ୍ୟାଟର ଓ ବୋଲର ଆଶାନୁରୂପ ପ୍ରଦର୍ଶନ କଲେ ଗୁଜରାଟ ଟାଇଟେନ୍ସ ପୁଣି ଚମକ ଦେଖାଇ ପାରିବ ବୋଲି ଅନୁମାନ। ଅନ୍ୟ ପକ୍ଷରେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଗତ ବର୍ଷ ଓପନର ରୁତୁରାଜ ଗାଏକ୍ୱାଡ ୧୪ ମ୍ୟାଚରେ ୩୬୮ ,ଶିଭମ ଦୁବେ ୨୮୯ ଓ ଅମ୍ବାଟି ରାଇଡୁ ୨୭୪ ରନ କରି ଥିବା ବେଳେ ଡ୍ୱାନେ ବ୍ରାଭୋ ୧୬,ମୁକେଶ ଚୌଧୁରୀ ୧୬ ଓ ମହେଶ ଥିକଶାନା ୧୨ ୱିକେଟ ହାସଲ କରିଥିଲେ। ତେଣୁ ଉଭୟ ଦଳ ପ୍ରଥମ ମ୍ୟାଚ ଜିତିବା ପାଇଁ ନିଶ୍ଚିତ ପ୍ରୟାସ କରିବେ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ କ୍ରିକେଟ ଫିଲ୍ଡରେ ଧୋନି ଓ ପାଣ୍ଡ୍ୟା ଉତ୍ତମ ବନ୍ଧୁ। ସେହିପରି ଧୋନିଙ୍କ ନେତୃତ୍ୱ ଆଦର୍ଶକୁ ପାଣ୍ଡ୍ୟା ସବୁବେଳେ ଅନୁସରଣ ଓ ପ୍ରଶଂସା କରିଥାନ୍ତି। ତେବେ ଏହି ଲଢ଼େଇରେ କିଏ ଜିତାପଟ ମାରିବ ତାହା ଅପେକ୍ଷାର ବିଷୟ। ପ୍ରଥମ ମ୍ୟାଚ ପୂର୍ବରୁ ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରଶମିକା ମାନ୍ଦାନା ଓ ତମନ୍ନା ଭାଟିଆଙ୍କ ସହିତ ବଲିଉଡ ଅଭିନେତ୍ରୀ କାଟ୍ରିନା କୈଫ,ଟାଗର ଶ୍ରଫ୍ ଓ ଅରିଜିତ ସିଂ ପ୍ରମୁଖ ଧମାକା ଦେଖାଇବେ।

### ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ବର୍ଷା ଯୋଗୁଁ ବାତିଲ

## ଶ୍ରୀଲଙ୍କାକୁ ବଡ ଝଟ୍‌କା

ଖ୍ରୀଷ୍ଟଚର୍ଚ୍ଚ(ନ୍ୟୁଜିଲାଣ୍ଡ): ସ୍ଥାନୀୟ ହେଗଲେ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ନ୍ୟୁଜିଲାଣ୍ଡ- ଶ୍ରୀଲଙ୍କା ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇ ଯାଇଛି। ତେବେ ଏହା ଦ୍ୱାରା ଶ୍ରୀଲଙ୍କା ବଡ କ୍ଷତି ସହିବାକୁ ପଡିଲା। କାରଣ ଶ୍ରୀଲଙ୍କା ଏହି ମ୍ୟାଚ ଜିତିବା ଲକ୍ଷ୍ୟ ରଖିଥିଲା। ଏଥିରେ ସଫଳ ହୋଇଥିଲେ ଶ୍ରୀଲଙ୍କା ୧୦ ପଏଣ୍ଟ ସଂଗ୍ରହ କରିବା ସହିତ ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ଭାଗ ନେବା ପାଇଁ ସିଧା ସଳଖ ଯୋଗ୍ୟତା ହାସଲ କରିବା ସୁଯୋଗ ସୃଷ୍ଟି କରି ପାରିଥାନ୍ତା। ମାତ୍ର ମ୍ୟାଚ ବାତିଲ ହେବା ଫଳରେ ଶ୍ରୀଲଙ୍କାକୁ ମିଳିଲା ୫ ପଏଣ୍ଟ। ତେଣୁ ଆସନ୍ତା ଜୁନ-ଜୁଲାଇ ମାସରେ ଜିମ୍ବାୱେରେ ୧୦ ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଶ୍ରୀଲଙ୍କା ଲଢ଼େଇ କରିବାକୁ ପଡିବ। କାରଣ ଏଥିରେ ଭାଗ ନେବାକୁ ଥିବା ୧୦ ଦଳ ମଧ୍ୟରୁ ଦୁଇ ଦଳ ଆଇସିସି ଦିନିକିଆ ମାନ୍ୟତାର ଶ୍ରେଷ୍ଠ ୮ ଦଳ ସହିତ ସାମିଲ ହେବେ। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ଅକ୍ଟୋବର- ନଭେମ୍ବରରେ ଭାରତ ଆଗାମୀ ଦିନିକିଆ ବିଶ୍ୱକପ ଆୟୋଜନ କରିବ। ତେଣୁ ଭାରତ ସହିତ ଆଇସିସି ମାନ୍ୟତାର ଅନ୍ୟ ୭ ଶୀର୍ଷ ମାନ୍ୟତା ପ୍ରାପ୍ତ ଦଳ ଦିନିକିଆ ବିଶ୍ୱକପ ପାଇଁ ସିଧା ସଳଖ ଯୋଗ୍ୟତା ହାସଲ କରିବେ। ତେଣୁ ଶ୍ରୀଲଙ୍କା ପୁଣି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାଗ୍ୟ ପରୀକ୍ଷା କରିବାକୁ ପଡିବ। ସୂଚନା ଯୋଗ୍ୟ ଯେ ଚଳିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୯୮ ରନରେ ଶ୍ରୀଲଙ୍କାକୁ ହରାଇ ୧-୦ରେ ସିରିଜ ଅଗ୍ରଣୀ ହୋଇଛି।

### ତ୍ରିରାଷ୍ଟ୍ରୀୟ ଫୁଟବଲ

## ଭାରତ ଜିତିଲା ଟାଇଟଲ

ଖୁମାନ(କିର୍ଜିଗିଜସ୍ତାନ): ଏଠାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଲା ଭାରତ। ଗତ ୨୨ ତାରିଖ ଦିନ ପ୍ରଥମ ମ୍ୟାଚରେ ମିଆଁମାରକୁ ହରାଇଥିବା ଭାରତ ମଙ୍ଗଳବାର ସ୍ଥାନୀୟ ଖୁମାନ ଲାମ୍ପାକ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କିର୍ଜିଗିଜସ୍ତାନକୁ ୨-୦ରେ ହରାଇଛି। ଅଧିନାୟକ ସୁନିଲ ଛେତ୍ରୀ ଓ ସନ୍ଦିପ ଝିଙ୍ଗନ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଥିବା ବେଳେ ପ୍ରତିପକ୍ଷ ଦଳ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖି ଥିଲେ ହେଁ ଗୋଟିଏ ଗୋଲ ମଧ୍ୟ ପରିଶୋଧ କରି ପାରିଲା ନାହିଁ। ପ୍ରଥମାର୍ଦ୍ଧରେ ଝିଙ୍ଗନ ପ୍ରଥମ ଗୋଲ ଓ ପରେ ଛେତ୍ରୀ ଦ୍ୱିତୀୟାର୍ଦ୍ଧରେ ଏକ ପେନାଲଟି ସୁଯୋଗକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ପ୍ରତିପକ୍ଷ ଦଳ ପାଲଟା ଆକ୍ରମଣ କରି ଥିଲେ ହେଁ ଭାରତୀୟ ଦଳର ପ୍ରତିରକ୍ଷା ବ୍ୟୁହକୁ ଅତିକ୍ରମ କରିବାରେ ବିଫଳ ହୋଇ ଥିଲା।

## କେବଳ ବ୍ୟାଟର ଭାବେ ଖେଳିବେ ବେନ ଷ୍ଟୋକ୍ସ



ଚେନ୍ନାଇ: ଇଂଲଣ୍ଡ ଟେଷ୍ଟ କ୍ରିକେଟ ଦଳ ଅଧିନାୟକ ତଥା ଅଲରାଉଣ୍ଡର ବେନ ଷ୍ଟୋକ୍ସ ଚଳିତ ବର୍ଷର ଆଇପିଏଲରେ କେବଳ ଜଣେ ବ୍ୟାଟର ଭାବେ ଖେଳିବେ। କାରଣ ତାଙ୍କ ବାମ ଗୋଡ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି। ଇଂଲଣ୍ଡ କ୍ରିକେଟ ବୋର୍ଡ ମେଡିକାଲ ଷ୍ଟାଫ୍ ନିୟମିତ ଷ୍ଟୋକ୍ସଙ୍କ ଏହି ସମସ୍ୟା ଉପରେ ନଜର ରଖିଛି। ତେଣୁ ଆଗକୁ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ଟେଷ୍ଟ ସିରିଜ ଖେଳିବା ପାଇଁ ଥିବାରୁ ଆଇପିଏଲରେ ଷ୍ଟୋକ୍ସଙ୍କ ୱାର୍କ ଲୋଡ ଉପରେ ଅଧିକ ଧ୍ୟାନ ଦେବା ପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ଚେନ୍ନାଇ କାଉଣ୍ଟରପାର୍ଟ୍‌ସକୁ ପରାମର୍ଶ ଦେଇଛି। ନିକଟରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଷ୍ଟୋକ୍ସ ବୋଲିଂ କରିବା ପାଇଁ ସମର୍ଥ ହୋଇ ନ ଥିଲେ। ୱେଲିଂଟନରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡର ନାଟକୀୟ ୧ ରନ ବ୍ୟବଧାନ ପରାଜୟ ସ୍ୱିକାର କରିଥିବା ବେଳେ ଷ୍ଟୋକ୍ସ କେବଳ ଦୁଇ ଓଭର ବୋଲିଂ କରିଥିଲେ। କାରଣ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିବାକରୁ ସେ ଅଧିକ ଓଭର ବୋଲିଂ କରି ପାରି ନ ଥିଲେ। ଗତ ନଭେମ୍ବରରେ ଅନୁଷ୍ଠିତଟି- ୨୦ ବିଶ୍ୱକପରେ ବିଜୟୀ ଇଂଲଣ୍ଡ ଦଳ ସହିତ କାର୍ଯ୍ୟ କରି ଥିବା ଚେନ୍ନାଇ ସୁପର କିଙ୍ଗସ କୋଚିଂ ଷ୍ଟାଫର ଅନ୍ୟତମ ସଦସ୍ୟ ତଥା ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ୪୭ ବର୍ଷୀୟ ମାଇକ ହସି କହିଛନ୍ତି ଯେ ଷ୍ଟୋକ୍ସଙ୍କ ଆହତ ଜନିତ ସମସ୍ୟା ଉପରେ ଆମେ ତୀକ୍ଷ୍ଣ ଦୃଷ୍ଟି ରଖିଛୁ। ଚେନ୍ନାଇ ସୁପର କିଙ୍ଗସ ଓ ଇଂଲଣ୍ଡ କ୍ରିକେଟ ବୋର୍ଡର ଫିଜିଓ ମଧ୍ୟ ଷ୍ଟୋକ୍ସଙ୍କ ଚିକିତ୍ସା ଜାରି ରଖିଛନ୍ତି। ବ୍ରିଟେନର ପିଏ ନ୍ୟୁଜ ଏଜେନ୍ସି ଓ ଇଏସପିଏନ କ୍ରିକଇନଫୋକୁ ଏକ ସାକ୍ଷାତକାର ଦେଇ ମାଇକ ହସି ଏହି ସୂଚନା ଦେଇଛନ୍ତି। ଷ୍ଟୋକ୍ସ ଆଣ୍ଠୁରେ ଇଞ୍ଜେକସନ ନେଉ ଥିବାରୁ ତାଙ୍କ ଉପରେ ବୋଲିଂ ବୋଝ ଲଦି ଦେବାକୁ ଚାହୁଁନା। କେବଳ ବିଶେଷ ଆବଶ୍ୟକ ପଡିଲେ ସେ ବୋଲିଂ କରି ପାରନ୍ତି। ଅନ୍ୟ ପକ୍ଷରେ ଷ୍ଟୋକ୍ସ ମଧ୍ୟ କହିଛନ୍ତି ଯେ ସେ ବୋଲିଂ କରିବା ପାଇଁ ।ତ ପ୍ରତିଶତ ଫିଟ୍ ନାହାନ୍ତି। ତେଣୁ ଷ୍ଟୋକ୍ସ ଯେପରି ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ଇଂଲଣ୍ଡ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବେ ,ସେଥି ପ୍ରତି ଆମେ ଅଧିକ ଗୁରୁତ୍ୱ ଦେଉଛୁ ବୋଲି ହସି କହିଛନ୍ତି।

## ଅନ୍ତର୍ଜାତୀୟ କ୍ରୀଡାକୁ ଫେରିବେ ଋଷିଆ ଓ ବେଲାଋଷ

ନୂଆଦିଲ୍ଲୀ : ଋଷିଆ ଓ ବେଲାଋଷ ଆନ୍ତର୍ଜାତୀକ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବା ପାଇଁ ମିଳିଲା ସୁଯୋଗ। ୟୁକ୍ରେନ୍ ଉପରେ ଋଷର ଆକ୍ରମଣ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଓ ୟୁରୋପୀୟ ରାଷ୍ଟ୍ର ସମୂହ ପ୍ରବଳ ପ୍ରତିବାଦ କରିବା ଯୋଗୁଁ ଋଷ ଓ ଏହା ସହଯୋଗୀ ରାଷ୍ଟ୍ର ବେଲାଋଷ ଅନ୍ତର୍ଜାତୀୟ କ୍ରୀଡାରେ ଭାଗ ନେବା ନେଇ ଆଶଙ୍କା ଦେଖାଦେଇଥିଲା। ମାତ୍ର ମଙ୍ଗଳବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଏହି ଦୁଇ ଦେଶକୁ ଅର୍ନ୍ତଜାତୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁପାରିଶ କରିଛି। ତେବେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଋଷ ଓ ବେଲାଋଷ ପ୍ରତିନିଧିତ୍ୱ କରିବା ନେଇ ପରବର୍ତ୍ତି ସମୟରେ ବିଚାର ବିମର୍ଶ କରାଯିବ ବୋଲି କହିଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ଥୋମାସ୍ ବାକ୍। ତେବେ ଏହି ଦୁଇ ଦେଶ ଯଦି ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେବା ପାଇଁ ଅନୁମତି ମିଳିବ ତେବେ ୟୁକ୍ରେନ୍ ଏହାକୁ ବର୍ଜନ କରିବ ବୋଲି ସୂଚନା ଦେଇଛି। ଏହି ପ୍ରସଙ୍ଗ ଉପରେ ଆଗାମୀ ସମୟରେ ବଡ ତର୍କବିତର୍କ ହେବା ନିଶ୍ଚିତ।ତେବେ ଋଷ ଓ ବେଲାଋଷକୁ ଅନ୍ତର୍ଜାତୀୟ କ୍ରୀଡାରେ ଭାଗ ନେବା ସୁଯୋଗ ନିଷ୍ପତ୍ତି ନେଇ ଏକାଧିକ ଦେଶ ମଧ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଶ୍ରେଷ୍ଠ ୧୦ ଖେଳାଳି ତାଲିକାରେ ସିନ୍ଧୁ ବାଦ୍

ନୂଆଦିଲ୍ଲୀ : ଭାରତର ଡବଲ ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ୬ବର୍ଷ ପରେ ପ୍ରଥମ ଥର ପାଇଁ ବିଶ୍ୱ ମାନ୍ୟତାର ପ୍ରଥମ ୧୦ ଖେଳାଳିଙ୍କ ମଧରେ ସ୍ଥାନ ପାଇଲେ ନାହିଁ। ଆଘାତ ଜନିତ ସମସ୍ୟାରୁ ମୁକୁଳି ପୁଣି ପ୍ରତିଦ୍ୱନ୍ଦିତାପୂର୍ଣ୍ଣ



ମୈଦାନକୁ ଓହ୍ଲାଇଥିବା ସିନ୍ଧୁ ବହୁଦିନ ଧରି କୌଣସି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଜିତି ପାରୁନାହାନ୍ତି। ତେଣୁ ତାଙ୍କ ମାନ୍ୟତାରେ ଯଥେଷ୍ଟ ହ୍ରାସ ପାଇବା ସଂଗେସଂଗେ ବର୍ତ୍ତମାନ ୧୧ତମ ସ୍ଥାନରେ ପହଞ୍ଚିଛନ୍ତି।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କିକ୍ ବକ୍ସିଂ

## ରୋସନୀଙ୍କୁ ବ୍ରୋଞ୍ଜ ପଦକ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡର ଜନତା ମହାବିଦ୍ୟାଳୟ +୩ (ପ୍ରଥମ ବର୍ଷ କଳା) ଛାତ୍ରୀ ରୋସନୀ ବେଗମ ଚଳିତ ବର୍ଷ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ମହିଳା ପ୍ରତିଯୋଗିତାରେ ୬୦ କେଜି ବର୍ଗରେ ବ୍ରୋଞ୍ଜ ପଦକ (ତୃତୀୟ ସ୍ଥାନ) ହାସଲ କରିଥିବାରୁ ଢେଙ୍କାନାଳ ଜିଲା ପ୍ରଶାସନ ତରଫରୁ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ପୁଷ୍ପଗୁଚ୍ଛ ସହ ପଦକ ପ୍ରଦାନ କରିଥିଲେ। ଏହି ସଫଳତା ନିମନ୍ତେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି । ଏହି ପ୍ରତିଯୋଗିତା ଉତ୍ତର ପ୍ରଦେଶର ଭି.ଭି.ଏସ୍ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୋନପୁରଠାରେ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ହି ପ୍ରତିଯୋଗିତାରୁ ଢେଙ୍କାନାଳ ଜିଲାରୁ ଦୁଇ ଜଣ ପ୍ରତିଯୋଗୀ (ମହିଳା) ଏବଂ ୨ ଜଣ (ପୁରୁଷ) ଅଂଶ ଗ୍ରହଣ କରିଥିଲେ ।

### ଏପ୍ରିଲ୍ ୧ ରୁ ଜାତୀୟ ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା

## ୧୫ଜଣିଆ ଓଡିଶା ଦଳର କେରଳ ଯାତ୍ରା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେରଳର କୋଝିକୋଡେ ଠାରେ ଆସନ୍ତା ଏପ୍ରିଲ ୧ ରୁ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗୀତା ନିମନ୍ତେ ଓଡିଶା ଶକ୍ତିଉତ୍ତୋଳନ ସଂଘ ଦ୍ୱାରା ମନୋନୀତ ହୋଇ ଏକ୧୫ ଜଣିଆ ଖେଳାଳି ଓ ଦୁଇଜଣ କର୍ମକର୍ତ୍ତାଙ୍କ ସହ କେରଳ ଯାତ୍ରା କରିଛନ୍ତି। ଗତ ରାଜ୍ୟ ପ୍ରତିଯୋଗିତାରେ ଫଳାଫଳ ଓ ପ୍ରଶିକ୍ଷଣ ଶିବିରରେ ପ୍ରର୍ଦଶନକୁ ଆଧାର କରି ଏହି ୧୫ଜଣିଆ ପ୍ରତିଯୋଗୀ ଦଳକୁ ଚୟନ କରାଯାଇଛି। ଦଳରେ ପୁରୁଷ ବିଭାଗରେ ପ୍ରଦୀପ ପାତ୍ର, ରାକେଶ ଶତପଥୀ, ଜାଭେଦ ଅର୍ଶଦ, ଦେବାଶିଷ ମହାନ୍ତି, ଦୀପକ କୁମାର, ମହେନ୍ଦ୍ର ରାଉତ, ରଞ୍ଜନ ହଂସଦା ଓ ଅଭିଷେକ ମହନ୍ତ ମହିଳା ବିଭାଗରେ ତନୟା ପଣ୍ଡା, ପ୍ରଭାତି ସିଂ, ଦେବୀ ସିଂ, ଦିବ୍ୟ ଲେଖା ମିଶ୍ର, ନଗମା ଆରା ବେଗମ୍,



ଅନିତା ବେହେରା, ସ୍ୱାଗତିକା ଖଡେଇମାନେ ସ୍ଥାନ ପାଇଛନ୍ତି। ଦଳ ସହ ପ୍ରବନ୍ଧକ ଶକ୍ତି ପ୍ରସାଦ ବାରିକ ଓ କୋଚ ଲଳିତ ସାହୁ ଗସ୍ତ କରିଛନ୍ତି। ଓଡ଼ିଶା ଦଳକୁ ସଫଳା ନିମନ୍ତେ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତ୍ତ ରଞ୍ଜନ ସ୍ୱାଇଁ, ଡ.ଗୌରୀ ମହାନ୍ତି, ସମରେନ୍ଦ୍ର ରାଉତରାୟ ଓ ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗୀ ଓ ସହାୟକ ମାନଙ୍କର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କର କ୍ରୀଡା ବିଭାଗ ବହନ କରିଥିବାରୁ ରାଜ୍ୟ ସଂଘର ସମସ୍ତ ସଦସ୍ୟ ଓ ପ୍ରତିଯୋଗୀମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।


## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ

(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର)

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୧୬ (ପୁରୁଣା ଏନ୍‌ଏଚ୍-୫)ର ଖୋର୍ଦ୍ଧା ଜିଲ୍ଲାରେ ୨୮୬.୦୧୦ କି.ମି.ରୁ ୩୬୨.୦୦୦ କି.ମି. ପର୍ଯ୍ୟନ୍ତ ସୁନାଖଳା ଠାରୁ ଭୁବନେଶ୍ୱର ସେକ୍ସନ ପାଇଁ ୩୨୩.୬୦୦ କି.ମି.ଠାରେ **ଗୁଡ଼ିପଡ଼ା ଟୋଲ୍ ପ୍ଲାଜାର** ୟୁଜର୍ ଫି ସଂଶୋଧିତ ହୋଇଛି, ଯାହାକି ୦୧.୦୪.୨୦୨୩ (୦୦:୦୦ ଘଟିକା)ଠାରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ନିମ୍ନଲିଖିତ ଦର ଅନୁସାରେ ଲାଗୁ ହେବ।

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ (ଟଙ୍କା) | ୨୪ଘଣ୍ଟା ଭିତରେ ଫେରିବା ଦେୟ (ଟଙ୍କା) | ମାସିକ ପାସ୍ ପାଇଁ ଦେୟ (ଟଙ୍କା) | ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ (ଟଙ୍କା) |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୧୧୦ | ୧୬୫ | ୩୭୧୦ | ୫୫ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୮୦ | ୨୭୦ | ୫୯୯୦ | ୯୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ) | ୩୭୫ | ୫୬୫ | ୧୨୫୫୦ | ୧୯୦ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୪୧୦ | ୬୧୫ | ୧୩୬୯୫ | ୨୦୫ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ) | ୫୯୦ | ୮୮୫ | ୧୯୬୮୫ | ୨୯୫ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୭୨୦ | ୧୦୮୦ | ୨୩୯୬୫ | ୩୬୦ |

ଦ୍ରଷ୍ଟବ୍ୟ : ୨୦୨୩-୨୪ ଆର୍ଥିକବର୍ଷ ପାଇଁ ସ୍ଥାନୀୟ ବ୍ୟକ୍ତିଗତ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ଟ.୩୩୦/- ହେବ।

ପିଆଇୟୁ-ବ୍ରହ୍ମପୁର, ଏନ୍‌ଏଚ୍‌ଏଆଇ, ଇମେଲ୍: piuberhampur@nhai.org ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ କରୁଛୁ


## ଶ୍ୟାମ ଷ୍ଟିଲ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜିଆଣ୍ଟସ୍‌ର ପ୍ରମୁଖ ପ୍ରାୟୋଜକ

କୋଲକାତା / ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପ୍ରାଇମେରୀ ଟିଏମ୍‌ଟି ବାର୍‌ର ଅନ୍ୟତମ ଅଗ୍ରଣୀ ଉତ୍ପାଦନକାରୀ ତଥା ବିନିର୍ମାଣକାରୀ ଶ୍ୟାମ ଷ୍ଟିଲ ଆଇପିଏଲ ଫ୍ରାଞ୍ଚାଇଜି ଲକ୍ଷ୍ନୌ ସୁପର ଜାଏଣ୍ଟସ ସହିତ ଏହାର ପ୍ରମୁଖ ପ୍ରାୟୋଜକ ଭାବରେ ନିଜର ସହଯୋଗିତା ସମ୍ପର୍କରେ ଘୋଷଣା କରିଛି। ଏହି ସହଯୋଗିତା ଶ୍ୟାମ ଷ୍ଟିଲ୍‌କୁ ସମୁଦାୟ ଏଚଏସଏମ ବଜାର ଏବଂ ଜାତୀୟ ସ୍ତରରେ ନିଜର ବ୍ରାଣ୍ଡ ଏବଂ ବ୍ୟବସାୟିକ ଉପସ୍ଥିତିରେ ବୃଦ୍ଧି ଘଟାଇବାରେ ସହାୟକ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଷୋଡଶ ସଂସ୍କରଣ ୨୦୨୩ ମାର୍ଚ୍ଚ ୩୧ରୁ ନରେନ୍ଦ୍ର ମୋଦୀ ଷ୍ଟାଡିୟମ, ଅହମ୍ମଦାବାଦରେ ଆରମ୍ଭ ହେବାକୁ ଯାଉଛି। ଏହି ସହଯୋଗିତା ଆଧାରରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌ର ଖେଳାଳି ଏବଂ ଅଫିସିଆଲ୍ ସଦସ୍ୟଗଣ ଅଫିସିଆଲ ମ୍ୟାଚ ଦିବସ ଜର୍ସି ପଛରେ ଶ୍ୟାମ ଷ୍ଟିଲ୍ ଲୋଗୋ ପରିଧାନ କରିବେ। ଏହି ଲୋଗୋ ମଧ ଫ୍ରାଞ୍ଚାଇଜିର ପଡିଆରେ ଖେଳ ସମୟରେ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରାଯିବ। ଏହି ବ୍ରାଣ୍ଡ ତାହାର ଆଭଞ୍ଜନ୍ତରୀଣ ବ୍ୟବହାର ଏବଂ ପ୍ରୋତ୍ସାହନମୂଳକ ଉଦ୍ଦେଶ୍ୟରେ ଖେଳାଳିଙ୍କ ଛବି ବ୍ୟବହାର କରିବା ଅଧିକାର ହାସଲ କରିବ। ଏହି ସହଯୋଗିତା ମଧ ବହୁବିଧ ଛପା, ଆଉଟଡୋର, ଟେଲିଭିଜନ, ଡିଜିଟାଲ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡିକରେ ପ୍ରସାରିତ ହେବ ଯାହା ଟୁର୍ଣ୍ଣାମେଣ୍ଟର ସମୁଦାୟ ଅବଧିରେ ଚାଲିବ। ସହଯୋଗିତା ତିନିବର୍ଷ ପାଇଁ ବଳବତ୍ତର ରହିବ। ଏହି ସହଯୋଗିତା ସମ୍ପର୍କରେ ମତ ଦେଇ ଲଳିତ ବେରିୱାଲା, ଡାଇରେକ୍ଟର, ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଛନ୍ତି, 'ଅନ୍ୟତମ ସର୍ବାଧିକ ଲୋକପ୍ରିୟ ଫ୍ରାଞ୍ଚାଇଜି ଲକ୍ଷ୍ନୌ ସୁପର ଜାଏଣ୍ଟସ ସହିତ ସହଯୋଗିତା କରିବା ନେଇ ଆମେ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ। ଏହି ଟିମ୍ ପ୍ରତିଭା, ଅଭିଜ୍ଞତା ଏବଂ ଉତ୍ସାହର ସଠିକ ସମ୍ମିଶ୍ରଣ ହୋଇଛି। ଭାରତ ଏକ କ୍ରିକେଟ ପାଗଳ ଦେଶ ଏବଂ ଏହି ସହଯୋଗିତା ଆମକୁ ଆମର ଧାର୍ଯ୍ୟ ଲକ୍ଷ୍ୟ ଦର୍ଶକଙ୍କ ମଧରେ ଜାତୀୟ ସ୍ତରରେ ଏକ ଉଚ୍ଚତର ବ୍ରାଣ୍ଡ ସ୍ମରଣରେ ସହାୟକ ହେବ। ଉତ୍ତର ପ୍ରଦେଶ ଆମ ପାଇଁ ଏକ ମୁଖ୍ୟ ବଜାର ଭାବରେ ବିବେଚିତ ହେଉଛି ଏବଂ ଉତ୍ତର ଭାରତ ବଜାର ପାଇଁ ଏହା ଆମ ସକାଶେ ପ୍ରବେଶଦ୍ୱାର ହୋଇଛି। ଆମେ ଆଶା କରୁଛୁ ଯେ, ଏହି ସହଯୋଗିତା ଉକ୍ତ ଅଞ୍ଚଳରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ। ଉଭୟ ବ୍ରାଣ୍ଡ ନିମନ୍ତେ ଆମେ ଆଗକୁ ଏକ ଅତ୍ୟନ୍ତ ସଫଳ




ସିଜନ କାମନା କରୁଛୁ।' କର୍ଣ୍ଣେଲ ବିନୋଦ ବିଷ୍ଟ, ସିଇଓ ଆରପିଏସଜି ସ୍ପୋର୍ଟସ କହିଥିଲେ, 'ଶ୍ୟାମ ଷ୍ଟିଲ ଭଳି ଏକ ପ୍ରଶଂସନୀୟ ବ୍ରାଣ୍ଡ ସହିତ ଏକ ଦୀର୍ଘକାଳୀନ ସହଯୋଗିତା ଚୁକ୍ତି କରି ଆମେ ବାସ୍ତବିକ ଅତ୍ୟନ୍ତ ଆନନ୍ଦିତ। ଏହି ସହଯୋଗିତା ଶ୍ୟାମ ଷ୍ଟିଲକୁ ଏହାର ବ୍ରାଣ୍ଡ ପ୍ରତି ସଚେତନତା ବୃଦ୍ଧି, ଆସ୍ଥାଭାବ ନିର୍ମାଣ ଏବଂ ବୃହତ୍ତର ଦର୍ଶକଙ୍କ ସହିତ ନିୟୋଜିତ ହେବାର ଫାଇଦା ପ୍ରଦାନ କରିବ। ଲକ୍ଷ୍ନୌ ସୁପର ଜାଏଣ୍ଟସ ସହିତ ସହଯୋଗିତା ବ୍ରାଣ୍ଡ ଶ୍ୟାମ ଷ୍ଟିଲକୁ ସମଗ୍ର ଭାରତ ଓ ବିଦେଶରେ ଟୁର୍ଣ୍ଣାମେଣ୍ଟ ଉପଭୋଗ କରୁଥିବା କୋଟି କୋଟି ଦର୍ଶକଙ୍କ ସହିତ ତତ୍‌କ୍ଷଣାତ ଯୋଡିହେବାରେ ସହାୟତା କରିବ। ଏହି ବ୍ରାଣ୍ଡ ମଧ ଅଂଶୀଦାରମାନଙ୍କର ନିୟୋଜନତାରେ ବୃଦ୍ଧି ସହିତ ବ୍ରାଣ୍ଡ ସମ୍ପର୍କରେ ସ୍ମରଣ କରାଇଦେବାକୁ ସମସ୍ତ ଡିଜିଟାଲ ଓ ପାରମ୍ପରିକ ପ୍ଲାଟଫର୍ମଗୁଡିକରେ ଏକାଧିକ କାର୍ଯ୍ୟକ୍ରମ ଯୋଜନା କରିଛି। ଶ୍ୟାମ ଷ୍ଟିଲର ବାର୍ଷିକ କାରବାର ୫୦୦୦ କୋଟି ଟଙ୍କା ରହିଥିବାବେଳେ ଏହା କୋଭିଡ-୧୯ ମହାମାରୀ ଜନିତ ବ୍ୟାଘାତ ପରିସ୍ଥିତିର ସାମ୍ନା କରି ସମ୍ପ୍ରତି ସମ୍ପ୍ରସାରଣ ପଥରେ ଅଗ୍ରସର ହେଉଛି। ନୂତନ ଭାରତ ଗଠନରେ ଏକ ଅବିଚ୍ଛେଦ ଅଙ୍ଗ ପାଲଟିଥିବା ଏହି କମ୍ପାନୀ ୨୦୩୦-୩୧ ସୁଦ୍ଧା ୩୦୦ ନିୟୁତ ଟନ ଇସ୍ପାତ ଉତ୍ପାଦନ ସକାଶେ ରଖାଯାଇଥିବା ଲକ୍ଷ୍ୟ ହାସଲ ଦିଗରେ ନିଜର ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ପ୍ରତିବଦ୍ଧ ରହିଛି। ଏହି ବ୍ରାଣ୍ଡ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ସହିତ କମ୍ପାନୀର ପରିଚିତି ଭାବରେ ସହବନ୍ଧନ କରିଥିବାବେଳେ ନିଜର ବ୍ରାଣ୍ଡ ଆମ୍ବାସାଡର ଭାବରେ ସୋନୁ ସୁଦଙ୍କ ସହ ସହବନ୍ଧନ କରିଛି। ଶ୍ୟାମ ଷ୍ଟିଲ ମଧ ନିକଟରେ ବିଜୟ ଦେବରକୋଣ୍ଡାଙ୍କୁ ଏହାର ବିଶିଷ୍ଟ ପ୍ରଚାରକମଣ୍ଡଳୀରେ ଯୋଗ କରିଛି।


## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ

(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର)

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୧୬ (ପୁରୁଣା ଏନ୍‌ଏଚ୍-୫)ର ଗଞ୍ଜାମ ଜିଲ୍ଲାରେ ୩୬୨.୦୦୦ କି.ମି.ରୁ ୪୧୯.୬୦୦ କି.ମି. ପର୍ଯ୍ୟନ୍ତ ସୁନାଖଳା ଠାରୁ ପୁଇଁତୋଳା ସେକ୍ସନ ପାଇଁ ୩୮୯.୬୦୯ କି.ମି.ଠାରେ **ଗୁରାପଲି ଟୋଲ୍ ପ୍ଲାଜାର** ୟୁଜର୍ ଫି ସଂଶୋଧିତ ହୋଇଛି, ଯାହାକି ୦୧.୦୪.୨୦୨୩ (୦୦:୦୦ ଘଟିକା)ଠାରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ନିମ୍ନଲିଖିତ ଦର ଅନୁସାରେ ଲାଗୁ ହେବ।

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ (ଟଙ୍କା) | ୨୪ଘଣ୍ଟା ଭିତରେ ଫେରିବା ଦେୟ (ଟଙ୍କା) | ମାସିକ ପାସ୍ ପାଇଁ ଦେୟ (ଟଙ୍କା) | ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ (ଟଙ୍କା) |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୧୦୦ | ୧୫୦ | ୩୩୦୫ | ୫୦ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୬୦ | ୨୪୦ | ୫୩୩୫ | ୮୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ) | ୩୩୫ | ୫୦୫ | ୧୧୧୮୦ | ୧୭୦ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୩୬୫ | ୫୫୦ | ୧୨୧୯୫ | ୧୮୫ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ) | ୫୨୫ | ୭୯୦ | ୧୭୫୩୦ | ୨୬୫ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୬୪୦ | ୯୬୦ | ୨୧୩୪୦ | ୩୨୦ |

ଦ୍ରଷ୍ଟବ୍ୟ : ୨୦୨୩-୨୪ ଆର୍ଥିକବର୍ଷ ପାଇଁ ସ୍ଥାନୀୟ ବ୍ୟକ୍ତିଗତ ଯାନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର ଟ.୩୩୦/- ହେବ।

ପିଆଇୟୁ-ବ୍ରହ୍ମପୁର, ଏନ୍‌ଏଚ୍‌ଏଆଇ, ଇମେଲ୍: piuberhampur@nhai.org ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ କରୁଛୁ



କିଛି ଲୋକ ଖାଦ୍ୟ ଖାଇବା ସମୟରେ ପାଣି ପିଇଥାନ୍ତି। ଏବଂ ଯାହା ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ସମସ୍ୟାର କାରଣ ହୋଇପାରେ। ଖାଦ୍ୟ ଖାଇବାର ଏକ ଘଣ୍ଟା ପୂର୍ବରୁ ପାଣି ପିଇନେବା ଉଚିତ୍ ବୋଲି ଆପଣ ନିଶ୍ଚୟ ଶୁଣିଥିବେ। ଖାଦ୍ୟ ଖାଇବା ସମୟରେ କିମ୍ବା ଖାଦ୍ୟ ଖାଇବା ସଙ୍ଗେ ସଙ୍ଗେ ପାଣି ପିଇବା ଉଚିତ୍ ନୁହେଁ ବୋଲି କୁହାଯାଇଛି। ଖାଦ୍ୟ ପାଟିରେ ପ୍ରବେଶ କରିବା ମାତ୍ରେ ଆମେ ଏହାକୁ ଚୋବାଇବା ଆରମ୍ଭ କରିଦେଇଥାଉ ଫଳରେ ଗ୍ରନ୍ଥିଗୁଡ଼ିକ ଲାଳ ଉତ୍ପାଦନ ହେବା ସହ ଏନଜାଇମ୍ ପେଟରେ ଥିବା ଅମ୍ଳୀୟ ଗ୍ୟାଷ୍ଟ୍ରିକ୍ ରସ ସହିତ ମିଶି ଏକ ଘନ ତରଳ ସୃଷ୍ଟି କରିଥାଏ। ଏହି ତରଳ ପ୍ରଥମେ ଛୋଟ ଅନ୍ତନଳୀ ଦେଇ ଯାଇ ପୁଷ୍ଟିକର ଖାଦ୍ୟ ଗ୍ରହଣ କରେ। ଅତ୍ୟଧିକ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ ଏବଂ ଯାହାଦ୍ୱାରା ଶରୀର ହାଇଡ୍ରେଟ ମଧ୍ୟ ହୋଇଥାଏ। କିନ୍ତୁ ଖାଇବା ମଝିରେ କିମ୍ବା ଖାଇବା ସଙ୍ଗେ ସଙ୍ଗେ ପାଣି ପିଇବା ଦ୍ୱାରା ସାଲାଇବା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ନଥାଏ ଯାହା ଫଳରେ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଅନେକ ଲୋକ ଭାବନ୍ତି ଯେ, ପାଣି ପିଇବା ଦ୍ୱାରା ପେଟ ଏସିଡ୍ ଏବଂ ହଜମକାରୀ ଏନଜାଇମ୍ ମିଶ୍ରିତ ହୁଏ ଏବଂ ପରେ ସଠିକ୍ ଭାବରେ ହଜମ ହୁଏ। କିନ୍ତୁ ଏହା ସଂପୂର୍ଣ୍ଣ ରୂପେ ଭୁଲ ଅଟେ। କାରଣ ଖାଦ୍ୟ ଖାଇବା ସମୟରେ ପାଣି ପିଇବା ଦ୍ୱାରା ଖାଦ୍ୟ ହଜମ ହେବା ଉପରେ ଏହାର ସମ୍ପୂର୍ଣ୍ଣ ପ୍ରଭାବ ପଡିଥାଏ। ଏହାସହ ଶରୀର ଧୀରେ ଧୀରେ ମୋଟା ହେବା ଆରମ୍ଭ ହୋଇଯାଏ ଓ ଶରୀରର ଆକୃତି ମଧ୍ୟ ଖରାପ ହୋଇଯାଏ।





## ଅତ୍ୟଧିକ ମାଂସ ଖାଇଲେ ହାଡ଼ ହେବ ଦୁର୍ବଳ!

ମାଂସରେ ପ୍ରୋଟିନ୍ ପ୍ରଚୁର ପରିମାଣରେ ରହିଥାଏ। ଲୋକଙ୍କର ଏକ ବିଶ୍ୱାସ ରହିଛି ଯେ ସେମାନେ ଯେତେ ଅଧିକ ମାଂସ ଖାଆନ୍ତି, ସେତେ ଅଧିକ ପ୍ରୋଟିନ୍ ପାଇବେ, କିନ୍ତୁ ପ୍ରୋଟିନ୍ ପାଇଁ କେବଳ ମାଂସ ଉପରେ ନିର୍ଭର କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଖାସ୍ କରି ଏନିମାଲ୍ ପ୍ରୋଟିନ୍ ହାଡକୁ ଦୁର୍ବଳ କରିପାରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ପଶୁ ଭିତ୍ତିକ ପ୍ରୋଟିନ୍ ଉଦ୍ଭିଦ ଭିତ୍ତିକ ପ୍ରୋଟିନ୍ ଅପେକ୍ଷା ହାଡକୁ ଦୁର୍ବଳ କରିଥାଏ।ଅନେକ ଗବେଷଣା ଅନୁଯାୟୀ, ଯେଉଁମାନେ ଅଧିକ ମାଂସ ଖାଉଛନ୍ତି, ସେମାନଙ୍କ ଠାରେ ଅଷ୍ଟିଓପୋରୋସିସ୍ ଏବଂ ହାଡ଼ ଭଙ୍ଗା ହେବାର ସମ୍ଭାବନା ଅଧିକ ଥାଏ। ଉଚ୍ଚ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଆମ ହାଡର ସ୍ୱାସ୍ଥ୍ୟ ଏବଂ କ୍ୟାଲସିୟମ୍ ଅବଶୋଷଣ ଉପରେ ପ୍ରଭାବ ପକାଇପାରେ। ଅଭାବ ମଧ୍ୟ ଏହାର କାରଣ ହୋଇପାରେ। ହାଡର ସ୍ୱାସ୍ଥ୍ୟ ପାଇଁ ପ୍ରୋଟିନ୍ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଅତ୍ୟଧିକ ପ୍ରାଣୀ ପ୍ରୋଟିନ୍, ବିଶେଷତଃ ଲାଲ୍ ମାଂସ, ପ୍ରକୃତରେ ଆପଣଙ୍କର ହାଡକୁ ନଷ୍ଟ କରିପାରେ। ହାଡ ସ୍ୱାସ୍ଥ୍ୟ ପାଇଁ ପ୍ରୋଟିନ୍ ଜରୁରୀ, କିନ୍ତୁ ଯଦି ଏହାର ପରିମାଣର ଯତ୍ନ ନିଆଯାଏ ନାହିଁ, ତେବେ ଏହା ମଧ୍ୟ ନକାରାତ୍ମକ ପ୍ରଭାବ ପକାଇପାରେ। ପ୍ରୋଟିନ୍ ଗ୍ରହଣ ପାଇଁ କେବଳ ଲାଲ୍ ମାଂସ ଉପରେ ନିର୍ଭର କରିବା ଉଚିତ୍ ନୁହେଁ, ବରଂ ସେମାନଙ୍କ ଖାଦ୍ୟରେ ଦୁଗ୍ଧଜାତ ଦ୍ରବ୍ୟ, ମାଛ, ଚିକେନ୍ ଏବଂ ଉଦ୍ଭିଦ ଭିତ୍ତିକ ପ୍ରୋଟିନ୍ ଉତ୍ସ ମଧ୍ୟ ଅନ୍ତର୍ଭୁକ୍ତ କରିବା ଉଚିତ୍। ମୁଖ୍ୟତଃ ମଣିଷକୁ ପ୍ରୋଟିନ୍ ଗ୍ରହଣରେ ପ୍ରଚୁର ଫଳ, ପନିପରିବା ଏବଂ ପୁରା ଶସ୍ୟର ମିଶ୍ରଣ ଖାଇବା ଉଚିତ। ପୁଷ୍ଟିକର ବିଶେଷଜ୍ଞଙ୍କ ଅନୁଯାୟୀ, ମାଂସରେ ଫସଫରସ୍-ଟୁ-କ୍ୟାଲସିୟମ୍ ଅନୁପାତ ଅଧିକ, ଯାହା କ୍ୟାଲସିୟମ୍ ନିର୍ଗମନ ଏବଂ ହାଡର ଡିମିନେରାଇଜେସନ୍ ବଢ଼ାଇଥାଏ। ସୂଚନାମୁତାବକ ଲାଲ ମାଂସ ଖାଇବା ଦ୍ୱାରା ରକ୍ତ ଅମ୍ଳୀୟ ହୋଇପାରେ, ଯାହା ହାଡରେ ଥିବା କ୍ୟାଲସିୟମର ସ୍ତରକୁ ବାହାର କରିଥାଏ ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ରେ ପ୍ରକାଶିତ ୨୦୧୪ ଅଧ୍ୟୟନରେ କୁହାଯାଇଛି ଯେ ଯେତେବେଳେ ଆପଣ ସଠିକ୍ ପରିମାଣର କ୍ୟାଲସିୟମ୍ ଖାଇବେ, ପ୍ରୋଟିନ୍ ମଧ୍ୟ ଆପଣଙ୍କର ହାଡ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଏଥି ସହିତ ଅନେକ ରିସର୍ଚ୍ଚରୁ ଏହା ମଧ୍ୟ ଜଣାପଡିଛି ଯେ ଉଦ୍ଭିଦ ଭିତ୍ତିକ ଖାଦ୍ୟର ବୃଦ୍ଧି ଏବଂ ପଶୁ ଭିତ୍ତିକ ଖାଦ୍ୟର ବ୍ୟବହାର ହ୍ରାସ ହେବା ଦ୍ୱାରା ହୃଦଘାତ, ଟାଇପ୍-୨ ମଧୁମେହ ଏବଂ ଅନେକ ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା କମିଯାଏ। ହାଡ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ୟାଲସିୟମ ଏବଂ ଭିଟାମିନ୍ ଡି। ଉଭୟ ଉଦ୍ଭିଦ ଭିତ୍ତିକ ଏବଂ ପଶୁ ଭିତ୍ତିକ ପ୍ରୋଟିନର ଭିନ୍ନ ଭିନ୍ନ ଆମିନୋ ଏସିଡ୍ ଗଠନ ଥାଏ ଏବଂ ସେଥିପାଇଁ ପରସ୍ପର ଦ୍ୱାରା ସଂପୂର୍ଣ୍ଣ ରୂପେ ବଦଳାଯାଇପାରିବ ନାହିଁ କିନ୍ତୁ ସେମାନଙ୍କ ମଧ୍ୟରେ ଏକ ସନ୍ତୁଳନ ସୃଷ୍ଟି ହୋଇପାରେ। ରିସର୍ଚ୍ଚରୁ ସୂଚନା ମିଳିଛି ଯେ ଅତ୍ୟଧିକ ଲାଲ ମାଂସ ଖାଇବା ଦ୍ୱାରା ମଧୁମେହ, ହୃଦରୋଗ ଏବଂ କର୍କଟ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ବଢିଥାଏ। ଏମିତିରେ ଆପଣଙ୍କ ଖାଦ୍ୟରେ କୌଣସି ବଡ଼ ପରିବର୍ତ୍ତନ କରିବା ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉତ୍ତମ ହେବ।



## ଖୁବ୍‌ଶୀଘ୍ର ହୋଇପାରେ ବିବାହ

ଅଭିନେତା ଆଦିତ୍ୟ ରୟ କପୁରଙ୍କ ବିବାହକୁ ନେଇ ପ୍ରଶଂସକଙ୍କ ମନରେ ଅନେକ ପ୍ରଶ୍ନ। ଫିଲ୍ମ 'ଆସିକ୍-୨'ରେ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ସହ ଅଗଣତି ପ୍ରଶଂସକଙ୍କ ଭଲପାଇବା ପାଇବା ପରେ ଆଦିତ୍ୟ ତାଙ୍କ ବାସ୍ତବ ଜୀବନରେ କାହାକୁ ନିଜର ନାୟିକା କରିବେ ସେ ନେଇ ସଭିଙ୍କ ମନରେ ଏକ ପ୍ରଶ୍ନ ରହିଥିଲା। ଏବେ ଖବର ରହିଛି ଯେ ଆଦିତ୍ୟ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ବିବାହ କରିବାକୁ ଯାଉଛନ୍ତି। ଅବଶ୍ୟ ଏହି ଦୁଇ ଅଭିନେତା-ଅଭିନେତ୍ରୀ ପ୍ରେମ ସଂପର୍କରେ ଥିବା ନେଇ ଅନେକ ଦିନରୁ ଚର୍ଚ୍ଚା ହେଉଛି। ମାତ୍ର ସେମାନେ ବିବାହ କରିବା ନେଇ କେବେ କୌଣସି ସ୍ଥାନରେ ଆଗରୁ ମୁହଁ ଖୋଲିନାହାନ୍ତି। ନିକଟରେ ଏକ ବିଶେଷ ସୂତ୍ରରୁ ମିଳିଥିବା ଖବରରୁ ଜାଣିବାକୁ ମିଳିଛି ଯେ ସେ ଦୁହେଁ ପରସ୍ପରଙ୍କୁ ପ୍ରେମ କରନ୍ତି ଓ ବିବାହ କରିବାକୁ ଚାହାନ୍ତି। ସବୁଠାରୁ ଭଲ ଖବର ହେଉଛି ସେ ଦୁହିଁଙ୍କ ବିବାହକୁ କୁଆଡ଼େ ଦୁଇ ପରିବାରଙ୍କ ପକ୍ଷରୁ ସମ୍ମତି ମିଳିଛି। ରିପୋର୍ଟରୁ ଜାଣିବାକୁ ମିଳିଛି ଯେ ଅନନ୍ୟା ଓ ଆଦିତ୍ୟଙ୍କ ପରିବାର ଲୋକ କହୁଛନ୍ତି କି ଯଦି ସେ ଦୁହେଁ ପରସ୍ପରଙ୍କୁ ନେଇ ସିରିୟସ୍ ଅଛନ୍ତି ତ ସେମାନଙ୍କୁ ଭବିଷ୍ୟତ ଯୋଜନା କରିବା ଉଚିତ। ହେଲେ ଆଦିତ୍ୟ ଓ ଅନନ୍ୟା ନିଜ ସଂପର୍କକୁ ନେଇ କୌଣସି ପ୍ରକାରର ତରବରିଆ ନିଷ୍ପତ୍ତି ନେବାକୁ ଚାହାନ୍ତିନି। ଦୁହେଁ ଧୀରେ ଧୀରେ ଆଗକୁ ବଢ଼ିବାକୁ ଚାହାନ୍ତି। ତେବେ ଅନୁମାନ କରାଯାଉଛି ଯେ ଦୁହେଁ ଖୁବ୍ ଶୀଘ୍ର ସେମାନଙ୍କ ସଂପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିପାରନ୍ତି।



## ମସ୍ତିଷ୍କ ଓ ପେଟଜନିତ ସମସ୍ୟାକୁ ଦୂର କରେ ହଳଦୀ

ହଳଦୀରେ ବହୁ ମାତ୍ରାରେ ଔଷଧୀୟ ଗୁଣ ଭରି ରହିଛି। ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଇବା ଦ୍ୱାରା ଶରୀରର ଅତିରିକ୍ତ ଚର୍ବି କମ୍ ହୋଇଥାଏ। ଯଦି ଆପଣ ଏହି ଉଷୁମ ପାଣି, ଲେମ୍ବୁ ମିଶ୍ରଣ ସହିତ ଟିକେ ହଳଦୀ ମିଶାଇ ପିଇବା ଆରମ୍ଭ କରିବେ, ତେବେ ଆପଣଙ୍କ ଶରୀରରେ ରହିଥିବା ଅନେକ ବଡ଼ ବଡ଼ ସମସ୍ୟାର ସମାଧାନ ଖୁବ୍ ସହଜରେ ଦୂର ହୋଇଯିବ। ହଳଦୀ ମସ୍ତିଷ୍କ ପାଇଁ ଲାଭଦାୟକ ହୋଇଥାଏ। ଯଦି ସକାଳୁ ଉଠି ଆପଣମାନେ ହଳଦୀ, ଲେମ୍ବୁ ଏବଂ ମହୁକୁ ଉଷୁମ ପାଣିରେ ମିଶାଇ ପିଉଛନ୍ତି, ତେବେ ଅପଣଙ୍କ ମସ୍ତିଷ୍କ ଶାନ୍ତ ଏବଂ ସକ୍ରିୟ ହୋଇ ଯାଇଥାଏ । ଯଦି ଆପଣଙ୍କର ସ୍ମରଣ ଶକ୍ତି ହ୍ରାସ ସମସ୍ୟା ରହିଛି, ତେବେ ଏହି ମିଶ୍ରଣକୁ ପିଇବା ଆରମ୍ଭ କରନ୍ତୁ। ଏହି ମିଶ୍ରଣକୁ ପିଇବା ଦ୍ୱାରା ଯକୃତ ସୁସ୍ଥ ମଧ୍ୟ ରହିଥାଏ । ନିୟମିତ ଭାବରେ ଏହି ମିଶ୍ରଣକୁ ସେବନ କରିବା ଦ୍ୱାରା ପେଟଜନିତ ସମସ୍ୟା ଦୂର ହେବା ସହ ପାଚନକ୍ରିୟା ସୁସ୍ଥ ରହିଥାଏ। ହଳଦୀରେ କରକ୍ୟୁରିନ୍ ନାମକ କେମିକାଲ ରହିଥାଏ, ଯାହା କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡ଼ିକ ସହ ଲଢ଼ିଥାଏ।

## ପାକିସ୍ତାନର ବାଲୁକା ଶିଳ୍ପୀ ଶାହାରୁଖ୍‌ଙ୍କୁ ଦେଲେ ବଡ଼ ସରପ୍ରାଇଜ୍

ବଲିଉଡର କିଙ୍ଗ ଖାନ୍ ଶାହରୁଖ ଖାନ। ତାଙ୍କର ପ୍ରଶଂସକ କେବଳ ଭାରତରେ ନୁହେଁ ସାରା ଦେଶରେ ରହିଛନ୍ତି। ପାକିସ୍ତାନରେ ଶାହରୁଖଙ୍କ ଚଳଚ୍ଚିତ୍ର ନିଷେଧ ହୋଇଥିଲେ ମଧ୍ୟ ତାଙ୍କ ପ୍ରଶଂସକଙ୍କ ଭଲ ପାଇବା କମି ନାହିଁ। କିଛି କଳାକାର ପାକିସ୍ତାନରେ ବି ଅଛନ୍ତି। ଯିଏ ଶାହରୁଖଙ୍କ ପାଇଁ ଦିୱାନା। ପାକିସ୍ତାନର ଏକ ବେଳାଭୂମିରେ ତାଙ୍କ ପ୍ରତି ନିଜର ପ୍ରେମ ବ୍ୟକ୍ତ କରିଛନ୍ତି। ବାଲୁଚିସ୍ତାନର ଏହି କଳାକାରମାନଙ୍କ ଦ୍ୱାରା ହୋଇଥିବା ଏହି ବାଲି କଳାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଫଟୋ ସେୟାର କରିବାବେଳେ ସମୀର ଶୌକତ ନାମକ ଏହି ବାଲୁକା କଳାକାର ଲେଖିଛନ୍ତି– ଶାହାରୁଖ ଖାନଙ୍କ ସବୁଠୁ ବଡ ସ୍କେଚ୍ ମୋ ଟିମ୍ ଦ୍ୱାରା ପ୍ରସ୍ତୁତ ହୋଇ ଶାହାରୁଖଙ୍କୁ ଉପହାର ଦିଆଯାଇଛି। ସମୁଦ୍ର କୂଳରେ ନିର୍ମିତ ଏହି ବିଶାଳ ବାଲି କଳା ଫଟୋରେ ଦେଖିବାକୁ ମିଳେ, ଲୋକମାନେ ଠିଆ ହୋଇଥିବା ବେଳେ ଆଉ କିଛି ବାଲିରେ ଥିବା ନଜର ଆସିଛନ୍ତି। ଯାହାକୁ ଡ୍ରୋନ୍ ସାହାଯ୍ୟରେ ଫଟୋ କ୍ଲିକ୍ କରାଯାଇଛି। ଏହି କଳାକାରମାନେ ସେମାନଙ୍କର ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି। ଯେଉଁଥିରେ ସେମାନେ ଏହି ସ୍କେଚ୍ ତିଆରି କରୁଥିବା ଦେଖିବାକୁ ମିଳିଛି। ଏହାପୂର୍ବରୁ ମଧ୍ୟ ଏହି କଳାକାରମାନେ ବାଲି କଳା ତିଆରି କରି ଅନେକ ସେଲିବ୍ରିଟିଙ୍କ ଫଟୋ ପୋଷ୍ଟ କରୁଛନ୍ତି। ଏଥି ସହିତ କିଛି ଲୋକ ତାଙ୍କୁ ଟ୍ରୋଲ କରିବାକୁ ଚେଷ୍ଟା ମଧ୍ୟ କରିଛନ୍ତି। ସୋସିଆଲ ମିଡିଆରେ ଶାହାରୁଖଙ୍କ ପୋଷ୍ଟକୁ ଖୁବ୍ ଜୋରରେ ସେୟାର କରାଯାଉଛି।






## ପୋଷାକ ଓ ଗହଣାକୁ ନେଇ ଚର୍ଚ୍ଚାରେ ସମନ୍ଥା

ସାଉଥ ସୁପରଷ୍ଟାର ସାମନ୍ଥା ରୁଥ୍ ପ୍ରଭୁ ଏବେ ନିଜର ଆଗାମୀ ଫିଲ୍ମ 'ଶକୁନ୍ତଲମ୍'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ଶକୁନ୍ତଳା ଓ ରାଜା ଦୁଷ୍ୟନ୍ତଙ୍କ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ସାମନ୍ଥା ଶକୁନ୍ତଳାଙ୍କ ଭୂମିକାରେ ଦେଖାଦେବେ। ଦେବ ମୋହନ ଦୁଷ୍ୟନ୍ତଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ଜଣାପଡ଼ିଛି। କୁହାଯାଉଛି ଯେ ଶକୁନ୍ତଳା ଚରିତ୍ରକୁ ଜୀବିତ କରିବା ପାଇଁ ଫିଲ୍ମ ନିର୍ମାତା ଯଥେଷ୍ଟ ଚେଷ୍ଟା କରିଛନ୍ତି। ସାମନ୍ଥାଙ୍କ ପୋଷାକ ପରିଧାନ ସହିତ ସେ ପିନ୍ଧିଥିବା ଗହଣା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି। ଜଣାଶୁଣା ଫ୍ୟାଶନ୍ ଡିଜାଇନର୍ ନୀତା ଲୁଲ୍ଲା, ସାମନ୍ଥାଙ୍କ ପୋଷାକ ସହ ସେ ପିନ୍ଧିଥିବା ଗହଣା ଡିଜାଇନ କରିଛନ୍ତି। ସିଆସତ୍ ଡେଲି ଅନୁଯାୟୀ ସାମନ୍ଥା ଫିଲ୍ମରେ ସୁନା ଓ ହୀରାର ଗହଣା ପିନ୍ଧିଛନ୍ତି, ଯାହାର ମୂଲ୍ୟ ପ୍ରାୟ ୧୪କୋଟି ହେବ। ୨୦୨୧ ଶେଷ ଆଡ଼କୁ ବିବାହ ବିଚ୍ଛେଦ ହେବା ପରେ ଗତ ବର୍ଷ ସେ ଏକ ବିରଳ ରୋଗର ଶିକାର ହୋଇଥିଲେ। ରୋଗ କାରଣରୁ ସେ ସାମାଜିକ ଗଣମାଧ୍ୟମରେ ହଠାତ୍ ନିଷ୍କ୍ରିୟ ହୋଇଯିବା ଆମେ ଦେଖିଥିଲୁ। ପରେ ସେ ଘୋଷଣା କରିଥିଲେ ଯେ ତାଙ୍କୁ ଡେର୍ମାଟୋମାୟୋସାଇଟିସ୍ ନାମକ ରୋଗ ହୋଇଛି। ଅସୁସ୍ଥତା କାରଣରୁ ସେ ପୂର୍ବ ଚଳଚ୍ଚିତ୍ର 'ଯଶୋଦା'ର ପ୍ରଚାର କରିପାରିନଥିଲେ। ଏବେ କିନ୍ତୁ ସାମନ୍ଥା ସଂପୂର୍ଣ୍ଣ ଆରୋଗ୍ୟଲାଭ କରି ୨୦୨୩ ମସିହାକୁ ଏକ ସଫଳ ବର୍ଷରେ ପରିଣତ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ 'ଶକୁନ୍ତଲମ୍' ହିନ୍ଦୀ ସମେତ ତାମିଲ, ମାଲୟାଲମ ଓ କନ୍ନଡ଼ ଭାଷାରେ ରିଲିଜ୍ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ସାମନ୍ଥା ତାଙ୍କର ପ୍ରଥମ ଇଂରେଜୀ ଚଳଚ୍ଚିତ୍ର 'ଆରେଞ୍ଜମେଣ୍ଟ୍ସ ଅଫ୍ ଲଭ୍'ର ସୁଟିଂ ଆରମ୍ଭ କରିବେ। ଏହା ସାଙ୍ଗକୁ ତାଙ୍କ ହାତରେ ଅଛି ତେଲୁଗୁ ଚଳଚ୍ଚିତ୍ର 'କୁସି' ସହିତ 'ସିଟାଡେଲ୍' ନାମକ ବହୁପ୍ରତୀକ୍ଷିତ ଧାରାବାହିକ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ତାଳଚେର (ଭାସ୍କର ନ୍ୟୁଜ) : ତାଳଚେର ବ୍ଲକ ଧରମପୁର ପଞ୍ଚାୟତ ଠାରେ ନାରୀ ସୁରକ୍ଷା ପରିଷଦ ପକ୍ଷରୁ ଗ୍ରାମର ମହିଳା ସଂଗଠନ ମାନଙ୍କୁ ନେଇ ମହିଳା ଦିବସ ପାଳିତ ହୋଇଯାଇଛି । ମହିଳାଙ୍କ ସମ୍ମାନ ସୁରକ୍ଷା ଓ ସ୍ୱାବଲମ୍ବି କିଭଳି ହୋଇପାରିବେ ତା ଉପରେ ଆଲୋଚନା ହୋଇଥିଲା । ଏଥିରେ ସଭାପତି ଭାବେ ପଂଚାୟତର ସରପଂଚ ପାଟରାଣୀ ଭୂତିଆ ଓ ଗ୍ରାମ ସଭାପତି ଶ୍ରୀବତ୍ସ ମହାପାତ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମହିଳା କଲେଜର ପୂର୍ବତନ ଅଧକ୍ଷା ଶୋଭାଗିନୀ ଦେବୀ ଯୋଗଦେଇ ନାରୀ ମାନଙ୍କର ଶିକ୍ଷା, ନିଯୁକ୍ତି କିଭଳି ଉନ୍ନତି ହୋଇ ପାରିବ ସେ ବିଷୟରେ ନାରୀ ମାନଙ୍କୁ ଉପଦେଶ ଦେଇଥିଲେ । ନାରୀ ସୁରକ୍ଷା ପରିଷଦର ସଭାନେତ୍ରୀ ସବିତା ସିଂ ଯୋଗଦେଇ ନାରୀ ଜାଗରଣ ଉପରେ ଆଲୋଚନା କରିଥିଲେ । ଶେଷରେ ସଂକୀର୍ତନ ମଣ୍ଡଳୀର ସଭାନେତ୍ରୀ କୁନ୍ତଳା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ନାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ମହିଳା ମାନଙ୍କ ପକ୍ଷରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା ।



# ତାଳଚେର ମେଡ଼ିକାଲ କଲେଜ ପ୍ରସଙ୍ଗ : ବିଧାନସଭାରେ ପ୍ରଶ୍ନ ଉଠାଇଲେ ଜଟଣୀ ବିଧାୟକ

ତାଳଚେର(ଭାସ୍କର ନ୍ୟୁଜ୍) : ଦୀର୍ଘ ୪୦ବର୍ଷ ହେବ ତାଳଚେରରେ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାପାଇଁ ଏକ ନୂତନ ମେଡ଼ିକାଲ କଲେଜ ଖୋଲାଯିବା ନେଇ ଦାବି ହୋଇ ଆସୁଥିଲା । ତାଳଚେର ଶିଳ୍ପାଚଂଳ ହୋଇଥିବାରୁ ବିଭିନ୍ନ ମାରାତ୍ମକ ରୋଗ ସମେତ ଦୁର୍ଘଟଣ ଜନିତ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ଏଠାରେ ମେଡ଼ିକାଲ କଲେଜ ନଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ପରିପ୍ରେକ୍ଷୀରେ ଏମସିଏଲ ପକ୍ଷରୁ ପ୍ରାୟ ୫ଶହକୋଟି ଟଙ୍କା ବିନିମୟରେ ଘଂଟପଡ଼ା ଠାରେ ନୂତନ ମେଡ଼ିକାଲ କଲେଜ ପାଇଁ ଜମି ସମେତ ଆବଶ୍ୟକ କୋଠରୀ ନିର୍ମାଣ କାର୍ଯ୍ୟ ଶେଷହୋଇ ଦୀର୍ଘ ପ୍ରାୟ ୩ବର୍ଷରୁ ଉର୍ଦ୍ଧ୍ୱ ହେବ ଭୂତିକୋଠିରେ ପରିଣତ ହୋଇଛି । ଏବଂ ଏହାକୁ କାର୍ଯ୍ୟକ୍ଷମ କରିବାନେଇ ବିଭିନ୍ନ ସଂଗଠନ ପକ୍ଷରୁ ଓ ତାଳଚେର ସର୍ବସାଧାରଣଙ୍କ ପକ୍ଷରୁ ଦାବି ହୋଇ



ଆସୁଥିଲେ ମଧ୍ୟ ବହୁ ବିଳମ୍ବରେ ରାଜ୍ୟ ସରକାର ଏହାକୁ ଚଳାଇବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଉଛି । ଏହି ମେଡ଼ିକାଲ କଲେଜ ଆରମ୍ଭ କରିବାକୁ ଏକ କମିଟି ମଧ୍ୟ ଗଠନ କରାଯାଇଛି । କମିଟିର ଚେୟାରମ୍ୟାନ ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ରାଜ୍ୟ ସରକାର ତାଙ୍କୁ ଦାୟୀତ୍ୱ ପ୍ରଦାନ କରିଛନ୍ତି । ମାତ୍ର ବର୍ତମାନ ସୁଦ୍ଧା କାର୍ଯ୍ୟ ନହେବାରୁ ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅପ୍ରେଲ ୧ ତାରିଖ ଦିନ ତାଳଚେର ବନ୍ଦ ଡ଼ାକରା ଦିଆଯାଇଛି । ତେବେ ଏନେଇ ଜଟଣୀ ବିଧାୟକ ସୁରେଶ ରାଉତରାଏ ବିଧାନସଭାରେ ଅଣତାରକା ପ୍ରଶ୍ନ ନମ୍ବର ୩୪୪୯ ତା ୨୭/୦୩/୨୦୨୩ ତାଳଚେର ଠାରେ ଏମସିଏଲ ପକ୍ଷରୁ ନିର୍ମିତ ମେଡ଼ିକାଲ କଲେଜକୁ ସରକାର ପରିଚାଳନା ଦାୟୀତ୍ୱନେଇ କେବେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଉଠାଇଥିଲେ ପ୍ରଶ୍ନ । ଏହାର ଉତରରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଳଚେର ଠାରେ ଏମସିଏଲ ପକ୍ଷରୁ ନିର୍ମିତ ମେଡ଼ିକାଲ କଲେଜକୁ ସରକାର ପରିଚାଳନା ଦାୟିତ୍ୱ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ନିତିଗତ ନିଷ୍ପତି ହୋଇଛି । ୩୩୦ ଶଯ୍ୟା ବିଶିଷ୍ଟ ଡ଼ାକ୍ତରଖାନା କାର୍ଯ୍ୟକ୍ଷମ ହେବାପରେ ରାଷ୍ଟ୍ରିୟ ଚିକିତ୍ସାଆୟୋଗ (ଏନଏମସି)ଙ୍କ ଅନୁମତି ନିଆଯାଇ ମେଡ଼ିକାଲ କଲେଜ ସ୍ଥ ?ାପନ କରାଯିବ ବୋଲି ପ୍ରକାଶ କରିଥିଲେ । ତେବେ ମେଡ଼ିକାଲ କଲେଜ ଖୋଲିବାକୁ ନେଇ ଏମସିଏଲର କାଳକ୍ଷେପଣ ନୀତିକୁ ପୂର୍ବତନ ପାଲହଡ଼ା ବିଧାୟକ ବିଭୂନ୍ଦେ ପ୍ରତାପ ଦାସ ତୀବ୍ର ନିନ୍ଦା କରିବା ସହିତ ଏହାକୁ ତୁରନ୍ତ ଚଳାଇବାକୁ ଦାବି କରିଛନ୍ତି ।

# ମାଆ ଦୁର୍ଗାଙ୍କ ମହାସପ୍ତମୀ ପୂଜା ଆରମ୍ଭ

ବାଲେଶ୍ୱର (ବାଲେଶ୍ୱର) : ପବିତ୍ର ବାସନ୍ତିକ ଦୂର୍ଗୋତ୍ସବରେ ମଙ୍ଗଳବାର ଆରମ୍ଭ ହୋଇଛି ମହାସପ୍ତମୀ ପୂଜା। ବିଲ୍ୱାଧିବାସ ପରେ ବିଧିପୂର୍ବକ ମହାସପ୍ତମୀରେ ଘଟ ସ୍ଥାପନ ସହ ସବୁଠି ଚାଲିଛି ମାଆଙ୍କର ଆରଧନା। ବିଭିନ୍ନ ଶକ୍ତିପୀଠ ସମେତ ସାର୍ବଜନୀନ ପୂଜା ମଣ୍ଡପରେ ଆରମ୍ଭ ହୋଇଛି ମାଆଙ୍କ ଷୋଡ଼ଶ ଉପଚାର ପୂଜା। ମାଆଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ରଙ୍ଗୀନ ଆଲୋକ ସଜ୍ଜାରେ ଝଲସି ଉଠୁଛି ପୂଜା ମଣ୍ଡପ। ବାଲେଶ୍ୱର ସହରର ନିଉ ମାର୍କେଟ କମ୍ପ୍ଲେକ୍ସ, ମାକଲପୁର, ଆଜିମାବାଦ, ନୂଆସାହି, ସହର ଉପକଣ୍ଠ ଈଶାଣୀ ପ୍ରଭୃତି ପ୍ରମୁଖ ମଣ୍ଡପମାନଙ୍କରେ ମାଆ ଦୂର୍ଗାଙ୍କର ପୂଜା ଚାଲିଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣଙ୍କ ବେଦମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ହୋମଯଜ୍ଞରେ ସମଗ୍ର ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସହରର ଫାଣ୍ଡିଛକ ସ୍ଥିତ ନିୟୁ ମାର୍କେଟ କମ୍ପ୍ଲେକ୍ସ ସାର୍ବଜନୀନ ବାସନ୍ତୀ ପୂଜା କମିଟି ପକ୍ଷରୁ ମଧ ମା'ଙ୍କର ଚଳିତବର୍ଷ ପୂଜା ବେଶ ଧୁମଧାମରେ ହେଉଥିବା ଲକ୍ଷ୍ୟ କରାଯାଇଛି। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମାଆଙ୍କ ପୂଜା ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯାଇଛି। ମଙ୍ଗଳବାର ଦିନ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣ ପୁଷ୍କରିଣୀରୁ ଘଟତ୍ତୋଳନ ସହ ମଣ୍ଡପରେ ସ୍ଥାପନ ପରେ ରୀତିନୀତିରେ ମା'ଙ୍କ ମହାସପ୍ତମୀ ପୂଜା ଆରମ୍ଭ ହୋଇଛି। ବୁଧବାର ଦିନ ମହାଷ୍ଟମୀ ପୂଜା,ଗୁରୁବାର ପ୍ରାତଃ କାଳରେ ସନ୍ଧିପୂଜା ଏବଂ ତତ୍‌ପରେ ମହାନବମୀ ପୂଜା ଅନୁଷ୍ଠିତ ହେବ ବୋଲି ପୂଜକ କହିଛନ୍ତି। ପ୍ରତ୍ୟେକ ବର୍ଷ ନିୟୁ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ବାସନ୍ତୀ ପୂଜା କରାଯାଇଥାଏ । ଏଠାକାର ବିଭିନ୍ନ ବର୍ଗର ବ୍ୟବସାୟୀମାନେ ପରସ୍ପର ମଧ୍ୟରେ ଭାଇଚାରା ଭାବ ବଜାୟ ରଖି ବାସନ୍ତୀ ପୂଜାରେ ସହଯୋଗ କରିଆ'ନ୍ତି। ଦୀର୍ଘ ୩୫ବର୍ଷ ଧରି ଆନନ୍ଦ ଉଲାସର ସହିତ ଏହି ପୂଜା ହୋଇଆସୁଛି।

# ୨୭ରେ ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଜି ୨୦ର ସମୂହ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ଅଧ୍ୟକ୍ଷତାରେ ଜି-୨୦ ଦେଶ ମାନଙ୍କର ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଶିକ୍ଷା କ୍ଷେତ୍ରର କାର୍ଯ୍ୟ ସମୂହର ବୈଠକ ଆଗାମୀ ୨୭ରୁ ୨୯ ଯାଏ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଏଥିରେ ବିଦେଶରୁ ପ୍ରତିନିଧି ମାନେ ଅଂଶଗ୍ରହଣ କରିବେ । ତେବେ ଏହା ପୂର୍ବରୁ ରାଜ୍ୟରେ ଜନଭାଗିଦାରୀ ବଢାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗାମୀ ଏପ୍ରିଲ ପହିଲା ବା ଉତ୍କଳ ଦିବସରୁ ସମସ୍ତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯିବ । ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ନିତା ପ୍ରସାଦ ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ସୋନାଲ ମିଶ୍ର, ଦକ୍ଷତା ବିକାଶ ମନ୍ତ୍ରଣାଳୟ ଯୁଗ୍ମ ସଚିବ, ଭାରତ ସରକାର ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ ଜି ୨୦କୁ ନେଇ ସବୁ ଜିଲ୍ଲାରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯିବ । ସେଠାରେ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ପରବର୍ତୀ ସମୟରେ ଭୁବନେଶ୍ୱରରେ ସମ୍ମାନିତ କରାଯିବ । ସେହିପରି ୨୩ ଏପ୍ରିଲରୁ ୨୬ ଏପ୍ରିଲ ଯାଏ ଭୁବନେଶ୍ୱରରେ ଚର୍ଚ୍ଚା- ଆଲୋଚନା ଓ ପ୍ରଦର୍ଶନୀ ଆୟୋଜନ କରାଯିବ । ଏଥିରେ ବିଶେଷଜ୍ଞ, ଏକାଡେମିଆ ତଥା ଅନ୍ୟ ମାନେ ସାମିଲ ହେବେ ।

## ସିଏମ୍‌ସିରେ ବସ୍ତି ଉନ୍ନୟନ ଥଇଥାନ କମିଟି ବୈଠକ

# ରାଜସ୍ୱ ଅଧିକାରୀଙ୍କ ଯାଞ୍ଚକୁ ନେଇ ସମୀକ୍ଷା

କଟକ(ଭାସ୍କର ନ୍ୟୁଜ୍): ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗାଇଦେବାକୁ ଜାରି ରହିଥିବା ଜାଗା ମିଶନ ଯୋଜନା ଅ'ର୍ଗତ ବସ୍ତି ଉନ୍ନୟନ ଥଇଥାନ କମିଟି (ଏସ୍‌ଡିଆରସି) ପକ୍ଷରୁ ମଙ୍ଗଳବାର ବିଜୁ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ହିତାଧିକାରୀମାନଙ୍କୁ ସ୍ଥାୟୀ ପଟ୍ଟା ଦେବାକୁ ରାଜସ୍ୱ ଅଧିକାରୀଙ୍କ ପକ୍ଷରୁ ଯାଞ୍ଚ କାର୍ଯ୍ୟ ଶେଷ କରାଯାଇଥିବା ସମ୍ପର୍କରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସିଏମସି କମିଶନର ନିଖିଲ ପବ୍ୱନ କଲ୍ୟାଣଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ ବୈଠକ ପରିଚାଳନା କରିଥିଲେ। କଟକ ସଦର ତହସିଲଦାର ବୈଠକରେ ଉପସ୍ଥିତ ରହି ଭୂମି ଅଧିକାର ପ୍ରମାଣପତ୍ର ସମ୍ପର୍କିତ ତାଲିକାର ତର୍ଜମା କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ପକ୍ଷରୁ ଯାଂଚ କାର୍ଯ୍ୟ ସମାପନ କରାଯାଇଥିବା ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଖୁବ ଶୀଘ୍ର ହିତାଧିକାରୀମାନଙ୍କର ତାଲିକା ପ୍ରସ୍ତୁତ କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଜାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାମାନଙ୍କୁ ଭୂମି ଅଧିକାର ଯୋଗାଇଦେବାକୁ ପ୍ରଥମ ପର୍ଯ୍ୟାୟରେ ଘର ଘର ବୁଲି ଗଣନାକାରୀଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ କରାଯାଇଥିଲା। ତା' ପୂର୍ବରୁ ଡ୍ରୋନ ମାଧ୍ୟମରେ ଏରିଏଲ ସର୍ଭେ କାର୍ଯ୍ୟ କରାଯାଇ ସର୍ଭେ କାର୍ଯ୍ୟକୁ ଆହୁରି ସରଳ କରାଯାଇଥିଲା। ଯାହାଫଳରେ ୨୬୩ଟି ବସ୍ତିରେ ଥିବା ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ସହଜରେ ଯୋଗାଇ ଦିଆଯିବାର ବାଟ ସରଳ ହୋଇଥିଲା। ଜାଗା ମିଶନ ଯୋଜନା ଜରିଆରେ ଭୂମିହୀନମାନଙ୍କୁ ଭୂମି ପ୍ରମାଣ ପତ୍ର ଯୋଗାଇ ଦିଆଯିବା ପରେ ବସ୍ତିଗୁଡିକରେ ମୌଳିକ ଭିତ୍ତିଭୂମିର ବିକାଶ ଓ ସେବା ଯୋଗାଣକୁ ଉନ୍ନତ ମାନର କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ପୁନଶ୍ଚ ରାସ୍ତା, ରାସ୍ତାକଡ ଆଲୋକ ବ୍ୟବସ୍ଥାରୁ ଆରମ୍ଭ କରି କମ୍ୟୁନିଟି ହଲ ପରି ମୋଟ ୯ଟି ମୌଳିକ ତଥା ସହରୀ ସୁବିଧା ସେମାନଙ୍କୁ ଯୋଗାଇ ଦିଆଯିବ। ଭୂମିହୀନ ଗରିବଙ୍କୁ ମାଗଣାରେ ୩୦ ବର୍ଗମିଟରରୁ ୪୫ ବର୍ଗମିଟର ଜମି ଯୋଗାଇ ଦିଆଯିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ କମିଟି ସଦସ୍ୟଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଧାନସଭାରେ ଉଠିଲା ଜାଲ ସାର୍ଟିଫିକେଟ ରାକେଟ୍ ପ୍ରସଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଲାଙ୍ଗୀରରେ ଜାଲ ସାର୍ଟିଫିକେଟ ରାକେଟ ମାମଲା ମଙ୍ଗଳବାର ବିଧାନସଭାରେ ଉଠିଛି । ଏହି ପ୍ରସଙ୍ଗରେ ବିଜେଡି ନେତା ସାମିଲ ଥିବାରୁ ରାଜ୍ୟ ସରକାରଙ୍କ କାଠଗଡାରେ ଠିଆ କରାଇଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା । ସେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଏନଏସଏ ଲଗାଇବାକୁ ଦାବି କରିଛନ୍ତି । ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାର ରାଜ୍ୟରେ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରୁଛନ୍ତି । ବଲାଙ୍ଗୀରରେ ଜାଲ ସାର୍ଟିଫିକେଟ ରାକେଟ ଧରା ପଡିଛି । ଏଥିରେ ବିଜେଡି ଆଇଟି ସେଲର ମୁଖ୍ୟ ଧରା ପଡିଛନ୍ତି । ସେମାନେ ବର୍ଷ ବର୍ଷ ଧରି ଏହି କାମ କରୁଥିଲେ । ଏହି ସାର୍ଟିଫିକେଟ ଜରିଆରେ ଶହ ଶହ ପିଲା ସରକାରୀ ଓ ବେସରକାରୀ ଚାକିରୀ କରୁଛନ୍ତି । ସେ କହିଛନ୍ତି ଯେ ସାରା ରାଜ୍ୟରେ ଚାଲିଥିବା ଏଭଳି ଜାଲ ସାର୍ଟିଫିକେଟ ରାକେଟ କୁ ଧରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ । ଏମାନଙ୍କ ବିରୁଦ୍ଧରେ କଠୋର କାର୍ଯାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି ।

# ପୃଥକ୍ ସ୍ଥାନରେ ଚଢ଼ଉ : ବିପୁଳ ଗଞ୍ଜେଇ ଜବତ, ମାଫିଆ ଛୁ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ଆଦର୍ଶ ଥାନା ପୋଲିସ ପକ୍ଷରୁ ଆମ୍ବଝରି ବନଦୁର୍ଗା ମନ୍ଦିର ଏବଂ ବରପଦର ନିକଟରେ ଭିନ୍ନ ଭିନ୍ନ ୨ଟି ଚଢାଉ କରାଯାଇ ୧୫ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ପ୍ରାପ୍ତ ସୂଚନା ମତେ ମଙ୍ଗଳବାର କୌଣସି ଏକ ଗୋପନୀୟ ସୂତ୍ରରୁ ଆମ୍ବଝରି ବନଦୁର୍ଗା ମନ୍ଦିର ନିକଟରେ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ବୌଦ୍ଧ ଏସ ପି ବୌଦ୍ଧ ଆଦର୍ଶ ଥାନା ଅଧିକାରୀଙ୍କୁ ସେଠାରେ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ସ୍ଥଳ ଆଡକୁ ପୋଲିସ ଗାଡି ଆସୁଥିବା ଦେଖି ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ମାଫିଆ ମାନେ ସେଠାରୁ ଛତ୍ରଭଙ୍ଗ ଦେଇ ଛୁ ମାରିଥିଲେ ।ପୋଲିସ ସେଠାରୁ ୧୦କୁଇଣ୍ଟାଲ ଗଞ୍ଜେଇ ଜବତ କରି ଜବତ ଗଞ୍ଜେଇକୁ ଥାନାକୁ ଆଣିଥିବା ଜଣାଯାଇଛି ।ଅନ୍ୟପଟେ ଏ ନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ମାଧବାନନ୍ଦ ନାଏକ ସୂଚନା ଦେଇଛନ୍ତି । ସେହିପରି ଅନ୍ୟଏକ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ବୌଦ୍ଧ ଆଦର୍ଶ ଥାନା ପୋଲିସ ବରପଦର ଗ୍ରାମ ନିକଟରେ ଚଢାଉ




କରି ୫କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ସୂଚନା ମତେ ବୌଦ୍ଧ ଜିଲ୍ଲା ଟିକରପଡା ପଞ୍ଚାୟତ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକ ଏବଂ ସବଇନ୍ସପେକ୍ଟର ସନ୍ତୋଷ କୁମାର ପାତ୍ରଙ୍କ ନେତୃତ୍ୱ ରେ ଏକ ଟିମ ସେଠାକୁ ଯାଇ ଚଢାଉ କରିଥିଲା ।ମାତ୍ର ଦୁର୍ଯୋଗକୁ ସେଠାରେ ମଧ ପୋଲିସକୁ ଦେଖି ଗଞ୍ଜାଇ ମାଫିଆ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ପୋଲିସ ସେଠାରେ ଚାଲାଣ ପାଇଁ ପ୍ରସ୍ତୁତି କରାଯାଇଥିବା ୫କୁଇଣ୍ଟାଲ ଗଞ୍ଜାଇ ଜବତ କରି ଥାନାକୁ ଆଣିଛି ।ଏନେଇ ଥାନାରେ ଆଉ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ଜଣାଯାଇଛି ।ତେବେ ଦୈନନ୍ଦିନ ପୋଲିସ ପକ୍ଷରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହେବା ସତ୍ତ୍ୱେ ଚାଲାଣକାରୀ ମାଫିଆ ମାନେ ଲେଶମାତ୍ର ମାତ୍ର ଭୟ କିମ୍ୱା ପରବାୟ ନକରି ଓଲଟି ପୋଲିସକୁ ଚ୍ୟାଲେଞ୍ଜ ଦେଲାଭଳି ଆହୁରି ଆହୁରି ଚାଲାଣ କରୁଥିବାରୁ ସାଧରଣରେ ବିସ୍ମୟ ପ୍ରକାଶ ପାଉଛି ।ଅନ୍ୟପଟେ ପୋଲିସ ଅଧିକାଂଶ ଜାଗାରେ ଚଢାଉ କରି ଗଞ୍ଜେଇ ଜବତ କରୁଥିଲେ ମଧ୍ୟ ଅଭିଯୁକ୍ତ ମାଫିଆ ମାନେ ପୋଲିସକୁ ସହଜରେ ଚକମା ଦେଇ ପଳାୟନ କରିବାରେ ସକ୍ଷମ ହେବା ପଛରେ ପ୍ରକୃତ କାରଣ କଣ ରହିଛି ତାହା ଉପରେ ଅଧିକ ନଜର ଦେଇ ବିକଳ୍ପ ନୀତି ନ ଆପଣେଇଲେ ପୋଲିସର ଗ୍ରୀନ ହଣ୍ଟ ଅପରେସନ ମୂଳପୋଛ ହେବା କେବେ ସମ୍ଭବପର ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ମାଡଖାଇ ଜେଲ ଗଲେ ଉପଭୋକ୍ତା

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଗତ ୨୪ ତାରିଖ ଦିନ ମାଧ୍ୟାହ୍ନ ରେ ବୈତରଣୀ ରୋଡ ବଜାର ରେ ବିଦ୍ୟୁତ୍ ବିଲ ଆଦାୟ ବେଳେ ଟାଟା ପୱାର କର୍ମଚାରୀ ଓ ବିଦ୍ୟୁତ୍ ଉପୋଭୋକ୍ତା ଙ୍କ ମଧ୍ୟରେ ହୋଇଥିବା ଝଗଡା କୁ କେନ୍ଦ୍ର କରି କୋରେଇ ଥାନା ରେ ଉଭୟ ପକ୍ଷ ରୁ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଥିଲା ।ଘଟଣା ଟି ବୈତରଣୀ ବଜାର ରେ ହୋଇଥିବାରୁ ଘଟଣା ଘଟିବା ସମୟ ରେ ଅନେକ ପ୍ରତ୍ୟକ୍ଷଦର୍ଶୀ ଥିଲେ, ସେମାନଙ୍କ କହିବା କଥା ଟାଟା ପାୱାର ର କର୍ମ କର୍ତ୍ତା ଆଗେ ଉପଭୋକ୍ତା ଙ୍କୁ ଧକ୍କା ମାରିଥିଲେ, ତା ପରେ ଉଭୟ ଉଭୟଙ୍କୁ ପେଲା ଠେଲା କରିଥିଲେ ।ପରେ ବଜାର କମିଟି ର ସଦସ୍ୟ ମାନେ ଆସି ବାରୁ ଟାଟା ପାୱାର ର କର୍ମ କର୍ତ୍ତା ମାନେ ସ୍ଥାନ ଛାଡି ଚାଲି ଯାଇଥିଲେ ।ଏ ନେଇ ହୋଇଥିବା ଦୁଇଟି ମାମଲା ରୁ ପୋଲିସ ଟାଟା ପାୱାର କରିଥିବା ମାମଲା ର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ଉପଭୋକ୍ତା ଙ୍କୁ ଉଠେଇ ନେଇଥିବା ବେଳେ ଉପଭୋକ୍ତା ଙ୍କ ସହିତ ବଜାର କମିଟି ଦେଇଥିବା ଅଭିଯୋଗ ର କାର୍ଯ୍ୟାନୁଷ୍ଠାନ ଶୂନ କୁ ଦେଖି ଏହା ପୋଲିସ ର କମ୍ପାନୀ ପ୍ରୀତି ବୋଲି ଜନସାଧାରଣ କୁହା କୁହି ହେଉଛନ୍ତି ।ସୂଚନା ଥାଉକି କମ୍ପାନୀ ଅନୁନ୍ୟ ୧୫ ଦିନ ନୋଟିସ ଦେଇ ଉପଭୋକ୍ତା ଙ୍କ ଲାଇନ କାଟିବାର ବ୍ୟବସ୍ଥା ଥିବା ବେଳେ ତାହା ସେ ପାଳନ କରୁନଥିବା ଦେଖିବାକୁ ମିଳୁଛି ।କମ୍ପାନୀ ର କର୍ମଚାରୀ ମାନେ ପୁରୁଷ ଘରେ ନଥିବା ଘରେ ପଶି ମହିଳା ଙ୍କୁ ଖରାପ ବ୍ୟବହାର କରୁଥିବା ର ନିକଟରେ କୋରେଇ ଥାନା ରେ ଅଭିଯୋଗ ବି ହୋଇଥିବା ର ସୂଚନା ମିଳେ ।ଯଦି ଆଗାମୀ ଦିନରେ ଏହାର ସଠିକ ତଦନ୍ତ ନହୁଏ ତେବେ ଏକ ଜନଆନ୍ଦୋଳନ ହେବ ବୋଲି ଜନସାଧାରଣ ମଧ୍ୟରେ ଆଲୋଚନା ହେଉଛି।

# ଚୋରି ଘଟଣାକୁ ନେଇ ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ଗେଙ୍ଗୁଟିଆ ଗ୍ରାମର ନଳିନୀ ସାହାଣୀ ନାମକ ଜଣେ ମହିଳାଙ୍କ ଘରୁ ଚୋରି ହୋଇଥିବା ବିଷୟରେ ସଦର ଥାନାରେ ଅଭିଯୋଗ କରିଥିବା ସତ୍ୱେ ଥାନାରୁ କୌଣସି ପଦକ୍ଷେପ ନମିଳିବାରୁ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶଥାଉକି ଗତ ୨୬ ତାରିଖ ରାତି ୯ ଘଟିକା ସମୟରେ ସ୍ୱାମୀଙ୍କ ଅନୁପସ୍ଥିତିରେ ମହିଳାଙ୍କ ଘରେ ଆଦିତ୍ୟ ସାହାଣୀ ଓ ଅଭୟ ସାହାଣୀ ନାମକ ଦୁଇ ବ୍ୟକ୍ତି ଘରେ ପଶି ମହିଳାଙ୍କୁ ମାଡମାରି ତଳେ ପକାଇ ଅଚେତ ହେବା ପରେ ତାଙ୍କ ଆଟାଚ୍ ରେ ଥିବା ୧୨ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ କରିଛନ୍ତି । ଏହି ବିଷୟକୁ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନନେବାରୁ ଢେଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ଲିଖିତ ଅଭିଯୋଗ କରି ଆସାମୀକୁ ଦଣ୍ଡ ଦେବା ସହିତ ୧୨ ହଜାର ଟଙ୍କା ଫେରି ପାଇବା ପାଇଁ ଅନୁରୋଧ କରିଛନ୍ତି ।

# ମା'ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ଦଶ ଲକ୍ଷ ଟଙ୍କା

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ସୋମବାର ଦିନ ଖୋଲା ଯାଇଥିଲା । ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡ ସଦସ୍ୟ ସମେତ ଗୋପାଳପ୍ରସାଦ ଥାନାର ଏଏସ୍ ?ଆଇ ନେପାଳ ପଟ୍ଟା ଓ କନିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା । ଏଥିରୁ ମୋଟ ଦଶ ଲକ୍ଷ ଚାରି ହଜାର ସାତ ଶହ ଦଶ ଟଙ୍କା (୧୦,୦୪,୭୧୦ଟଙ୍କା ମାତ୍ର) ସଂଗୃହୀତ ହୋଇଥିଲା । ପଂଚାନନ ବେହେରା,ବିନୟ କୁମାର ଦେହୁରୀ,ଗୁଣନିଧି ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା, ରଞ୍ଜିତ କୁମାର ବେହେରା,ଟିକନ ସାମଲ, ରଘୁରାଜ ବାରିହା,ବାଦଲ ଦେହୁରୀ ଓ ପିଲୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମଠ ଭାଙ୍ଗିବା ନେଇ ବାବାଙ୍କ ଅଭିଯୋଗ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଦକ୍ଷିଣକାଳୀ ରୋଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିକଟରେ ଏକ ମଠ ବା ଆଶ୍ରମ ଗୃହକୁ ପୌରପରିଷଦ ତରଫରୁ ଭଙ୍ଗାଯାଇଥିବାରୁ ବାବା ଜୟକୃଷ୍ଣ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ପ୍ରକାଶଥାଉକି ଜୟକୃଷ୍ଣ ବାବା ପ୍ରାୟ ୩ବର୍ଷ ହେବ ଭିକ୍ଷା କରି ନିର୍ମାଣ କରିଥିବା ଏକ ମଠ ବା ଆଶ୍ରମକୁ ତାଙ୍କ ଅନୁପସ୍ଥିତିରେ ପୌରପରିଷଦ ପକ୍ଷରୁ ଭାଙ୍ଗି ମଠରେ ଥିବା ଆସବାବପତ୍ର ଓ ଚେରମୁଳି ଔଷଧ ଯାହାର ମୂଲ୍ୟ ୧୦ ହଜାର ଟଙ୍କା ରୁ ଅଧିକ ହେବ ଏବଂ ଭିକ୍ଷା କରି ରଖିଥିବା ପ୍ରାୟ ୧୨ ହଜାର ଟଙ୍କାକୁ ନେଇଯାଇଛନ୍ତି ବୋଲି ବାବ ଅଭିଯୋଗ କରିଛନ୍ତି । ମଠ ଭାଙ୍ଗିବା ପୂର୍ବରୁ ନୋଟିସ୍ ଦେଇଥିଲେ ଆଶ୍ରମରେ ଥିବା ଆସବାବ ପତ୍ର, ଚେରମୁଳି ଓ ଟଙ୍କା ସୁରକ୍ଷିତ ଭାବେ ରଖିଥାନ୍ତେ । କିନ୍ତୁ ତାଙ୍କ ଅନୁପସ୍ଥିତିରେ ଭାଙ୍ଗିଥିବାରୁ ଉକ୍ତ ଆସବାବ ପତ୍ର ଓ ଟଙ୍କାକୁ ପାଉନଥିବାରୁ ଢେଙ୍କାନାଳ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ଦରଖାସ୍ତ ପ୍ରଦାନ କରି କ୍ଷତି ହୋଇଥିବା ଆସବାବପତ୍ର, ଚୋରମୁଳି ଓ ୧୨ ହଜାର ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ ।

# ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଉତ୍କଳମଣ୍ଡପଠାରେ ଅପ୍ରେଲ ଏକ ତାରିଖ ସନ୍ଧ୍ୟାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଉଥିବାବେଳେ ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ବାପ ଘର ବେଲଗୁଣ୍ଠା କୋଳି ସାହିକୁ ଆସିବେ ମା' ବ୍ରାହ୍ମଣ ଦେବୀ

# ପରମ୍ପରା ଅନୁଯାୟୀ ଶୁଭ ଖୁଣ୍ଟି ସ୍ଥାପିତ

ବେଲଗୁଣ୍ଠା (ଭାସ୍କର ନ୍ୟୁଜ୍) : ଦୀର୍ଘ ବର୍ଷର ଅନ୍ତରରେ ବାପ ଘର ବେଲଗୁଣ୍ଠା କୋଳିସାହିକୁ ଆସିବେ ବେଲଗୁଣ୍ଠାର ଆରାଧ ଗ୍ରାମ୍ୟ ଦେବୀ ମା ବ୍ରାହ୍ମଣ ଦେବୀ । ଏଥିନେଇ ପୂର୍ବରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଦିନ କୋଳିସାହି ସାହି କମିଟି ତରଫରୁ ମାଙ୍କ ଆଗମନ ପୂର୍ବରୁ ଶୁଭଖୁଣ୍ଟି ବା ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି ।ରବିବାର ଦିନ ପୂର୍ବାହ୍ନରେ ଏକ ନିରାଡମ୍ବର ଶୋଭାଯାତ୍ରାରେ ରୋଷଣୀ ,ବାଜା ବାଜଣା ସହିତ କୋଳି ସାହି ବାସିନ୍ଦା ଏବଂ ଗ୍ରାମବାସୀ କୋଳି ସାହିରୁ ବାହାରି ମାଁ ଙ୍କ ପୀଠରେ ପହଞ୍ଚି ଶୁଭ ଖୁଣ୍ଟି ଚୟନ ପରେ ପୂଜାର୍ଚ୍ଚନା କରାଯାଇ ଛେଦନ ପରେ ବାଜା ବାଜଣା ଓ ଶଙ୍ଖ ଧ୍ୱନିର ଏକ ଆଧ୍ୟାତ୍ମିକ ପରିବେଶରେ ମାଁ ପୀଠରୁ କୋଳି ସାହି ମାଙ୍କ ସମ୍ଭାବ୍ୟ ଅସ୍ଥାୟୀ ପୀଠକୁ ଅଣାଯାଇଥିଲା । ଅସ୍ଥାୟୀ ପୀଠ ନିକଟରେ ଅପରାହ୍ନ ପ୍ରାୟ ୫ଘଣ୍ଟ



ସମୟରେ ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । କରୋନା କଟକଣା ଯୋଗୁଁ ୨୦୨୧ ମସିହାରେ ମା ବ୍ରାହ୍ମଣ ଦେବୀ ନିଜ ବାପ ଘରକୁ ଆସି ପାରି ନ ଥିଲେ ଏବଂ ଆପତତଃ ମାଙ୍କ ଯାତ୍ରା ବନ୍ଦ ରହିଥିଲା । ଏଣୁ ଚଳିତ ବର୍ଷର ମାଙ୍କ ଆଗମନକୁ ନେଇ କୋଳିସାହି ବାସିନ୍ଦା ଓ ସହରବାସୀଙ୍କ ମଧ୍ୟରେ ଅଦମ୍ୟ ଉତ୍ସାହ ଓ ଉତ୍କଣ୍ଠା ବେଶ ରହିଥିବା ରବିବାର ଦିନ ଅନୁଷ୍ଠିତ ଶୁଭ ଖୁଣ୍ଟି ସ୍ଥାପନ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା । ପରମ୍ପରା ଅନୁଯାୟୀ ପ୍ରତି ଗୋଟିଏ ବର୍ଷ ଅନ୍ତରରେ ମା ବ୍ରାହ୍ମଣ ଦେବୀ ଗ୍ରାମ ବାସୀଙ୍କ ଶୁଭ ମନାସି ନିଜ ବାପ ଘର କୋଳିସାହି ଦେଶୀ ବେହେରାଙ୍କ ଘରକୁ ବୁଲିବାକୁ ଆସିଥାନ୍ତି ଏବଂ ଗ୍ରାମବାସୀ ମାଙ୍କ ଅସ୍ଥାୟୀ ପୀଠରେ ମାଙ୍କୁ ପୂଜାର୍ଚ୍ଚନା ସହିତ ବୈଠକ ଯାତ୍ରା ସମ୍ପନ୍ନ କରିଥାନ୍ତି । ମା ସିଂହବାହିନୀ ବେଶରେ ନିର୍ଦ୍ଧାରିତ ଦିନରେ ନଗର ପରିକ୍ରମା କରିବା ପରମ୍ପରା ମଧ୍ୟ ରହିଛି । ଶୁଭ ଖୁଣ୍ଟି ଶୋଭାଯାତ୍ରାରେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ଏନଏସି ଉପାଧକ୍ଷା ଟି.ବବିତା କୁମାରୀ, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା,ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ,ଶିକ୍ଷାବିତ ମନୋରଞ୍ଜନ ପାଣିଗ୍ରାହୀ, କାଉନସିଲର ଦିଲ୍ଲୀପ କୁମାର ଆଚାରୀ, ଏସ.ଭାସ୍କର ପାତ୍ର, ଦିବ୍ୟରଞ୍ଜନ ଦାସ, ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଦଳାଇ,କୋଳିସାହି କମିଟି ସଭାପତି ଲୋକନାଥ ପାତ୍ର, ସମ୍ପାଦକ ବିଭୂତି ଭୂଷଣ ପାତ୍ର, ଉପସଭାପତି ରାଧାକୃଷ୍ଣ ସ୍ୱାଇଁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାତ୍ର, ବିଜୟ କୁମାର ସାମଲ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ଚୌଧୁରୀ, ବହୁ ପୂର୍ବତନ କାଉନସିଲର, ବହୁ ସଙ୍ଗଠକ ଓ କୋଳି ସାହି କମିଟିର ସମସ୍ତ ସଭ୍ୟ ,ସାହି ବାସିନ୍ଦା ଓ ଗ୍ରାମବାସୀ ସାମିଲ ହୋଇଥିଲେ । ଚଳିତ ବର୍ଷ ଆସନ୍ତା ଏପ୍ରିଲ ୨୩ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମା ନିଜ ବାପ ଘର କୋଳିସାହିକୁ ଆସିବାର କାର୍ଯ୍ୟକ୍ରମ ରହିଥିବା କୋଳି ସାହି କମିଟି ତରଫରୁ ସୂଚନା ଦିଆଯାଇଛି।

# ଶ୍ରମ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜଗତପୁରସ୍ଥିତ ଲକ୍ଷ୍ମଣପୁର ମଙ୍ଗଳା ବସ୍ତି ରେ ଶ୍ରମ ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସିଭିଲ ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଯୋଗଦେଇ ସାଧାରଣ ଲୋକଙ୍କ ବିଭିନ୍ନ ସାମ୍ବିଧାନିକ ଓ ଆଇନ ଗତ ମୌଳିକ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ବିଶେଷ କରି ଅଣ ସଂଗଠିତ ଶ୍ରମିକ ମାନଙ୍କର ବିଭିନ୍ନ ଅଧିକାର ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ସାମାଜିକ କର୍ମୀ ମାନସ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପିଏଲଭି ଲୋକନାଥ ଶତପଥୀ ଓ ଅକ୍ଷୟ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳା ବସ୍ତି ସଙ୍ଘର ସଭାପତି କୈଳାଶ ସାହୁ ଓ ସମ୍ପାଦକ ବଳରାମ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବସ୍ତି ମହାସଂଘ କର୍ମକର୍ତ୍ତା ଚିତରନ ମହାନ୍ତି ଧନ୍ୟବାଦ ଦେଇଥିଲେ।